# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




ବିଚ୍ଛିନ୍ନତାବାଦ କାଶ୍ମୀରରେ ଇତିହାସ ପାଲଟିଛି | ୬



ଧନଶ୍ରୀଙ୍କ ବଦଳରେ ସୁରଭିଙ୍କୁ ଟ୍ରୋଲ୍ | ୮


RNI Regd. No.ORI ORI 2004/12956 Postal Regd. No. BN/294/21-232 | Published Simultaneously from Bhubaneswar, Angul & Berhampur. | www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୫୪ | Vol. 21 No-354 | 26 MARCH 2025 WEDNESDAY BHUBANESWAR | ବୁଧବାର, ୨୬ ମାର୍ଚ୍ଚ ୨୦୨୫ | ପୃଷ୍ଠା-୮ | ମୂଲ୍ୟ: ୭.୦୦


## ବିଧାନସଭାରେ ବିଶୃଙ୍ଖଳା ନେଇ ବାଚସ୍ପତିଙ୍କ ବଡ଼ ପଦକ୍ଷେପ

# କଂଗ୍ରେସର ୧୨ ବିଧାୟକ ନିଲମ୍ବିତ

- ପ୍ରସ୍ତାବ ଆଣିଲେ ସରକାରୀ ଦଳ ମୁଖ୍ୟ ସଚେତକ
- ୭ ଦିନ ପାଇଁ ନିଲମ୍ବନ ନିର୍ଦ୍ଦେଶ ଦେଲେ ବାଚସ୍ପତି
- ନିଲମ୍ବନ ପରେ ଗୃହ ମଧ୍ୟଭାଗରେ ବିଧାୟକଙ୍କ ବିକ୍ଷୋଭ
- ଗଣତନ୍ତ୍ରର ହତ୍ୟା, ଇତିହାସ ହୋଇ ରହିବ: ତାରାପ୍ରସାଦ
- ମୁଖ୍ୟମନ୍ତ୍ରୀ ମୁହଁ ଖୋଲନ୍ତୁ: ବିରୋଧୀଦଳ ମୁଖ୍ୟ ସଚେତକ
- ନିଲମ୍ବନ ପରେ ୭ଥର ଗୃହ ମୁଲତବୀ



ଭୁବନେଶ୍ୱର, ୨୫।୩(ଭାସ୍କର ନ୍ୟୁଜ): ବିଧାନସଭାରେ ଚାଲିଛି କ'ଣ? ଲୋକଙ୍କ ସମସ୍ୟା ଆଲୋଚନା କରିବା ନା ହାତରେ ଘଣ୍ଟିଧରି ଡେଇଁବା? ବିନା ଇସ୍ୟୁକୁ ଇସ୍ୟୁ କରି ଫାଟକ ବାହାରେ ଆନ୍ଦୋଳନ କରିବା କେତେ ଠିକ୍? ବିରୋଧୀ କଂଗ୍ରେସ ଓ ବିଜେଡି ବିଧାୟକ ଲୋକଙ୍କ ସ୍ୱାର୍ଥକୁ ପଛରେ ପକାଇ ନିଜ ସ୍ୱାର୍ଥକୁ ନେଇ ଗୃହକୁ ବନ୍ଦ କରିବା କେତେଦୂର ଯୁକ୍ତିଯୁକ୍ତ ସେ ନେଇ ପ୍ରଶ୍ନ ଉଠାଇଛନ୍ତି ବିଜେପି ବିଧାୟକମାନେ। ମଙ୍ଗଳବାର ବିଧାନସଭାରେ ହାଇଡ୍ରାମା ଦେଖିବାକୁ ମିଳିଛି। ପ୍ରଶ୍ନକାଳ ଆରମ୍ଭରୁ ଆରମ୍ଭ ହୋଇଥିଲା ହଟଗୋଳ। ସପ୍ତାହରୁ ଅଧିକ ଦିନ ଧରି ଗୃହ ଚଳାଇ ଦେଉନାହାନ୍ତି ବିରୋଧୀ କଂଗ୍ରେସ ବିଧାୟକ। ବାଚସ୍ପତି ବାରମ୍ବାର ନିବେଦନ କଲେ, ଶେଷରେ ଉପବାଚସ୍ପତି ବି ରୁଲିଂ ଦେଲେ। ବାଚସ୍ପତିଙ୍କ ତାଗିଦ ସତ୍ତ୍ୱେ ଗୃହକାର୍ଯ୍ୟକୁ କଂଗ୍ରେସ ବିଧାୟକ ବାରମ୍ବାର ଅଚଳ କଲେ। ଫଳରେ ଗୃହରେ ବିଶୃଙ୍ଖଳିତ ଆଚରଣ ଲାଗି କଂଗ୍ରେସର ୧୨ ବିଧାୟକଙ୍କୁ ୭ଟି କାର୍ଯ୍ୟ ଦିବସ ପାଇଁ ନିଲମ୍ବିତ କରିଛନ୍ତି ବାଚସ୍ପତି ସୁରମା ପାଢ଼ୀ। ତେବେ ଏଥିରୁ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ଓ ରମେଶ ଜେନା ରକ୍ଷା ପାଇଯାଇଛନ୍ତି। କଂଗ୍ରେସର ମୋଟ ୧୪ଜଣ ବିଧାୟକଙ୍କ ମଧ୍ୟରୁ ଗୃହରେ ବିଶୃଙ୍ଖଳିତ ଆଚରଣ ଲାଗି ୧୨ ବିଧାୟକଙ୍କ ବିରୋଧରେ ବାଚସ୍ପତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସେମାନେ ହେଲେ ରାମଚନ୍ଦ୍ର କାଡାମ, ମଙ୍ଗୁ ଖିଲ, ପବିତ୍ର ସାଉଁତା, କାଦ୍ରାକା ଆପାଲା ସ୍ୱାମୀ, ସୋଫିଆ ଫିର୍ଦ୍ଦୋଷ, ନୀଳମାଧବ ହିକ୍କା, ସତ୍ୟଜିତ ଗମାଙ୍ଗ, ଅଶୋକ ଦାସ, ସାଗର ଦାସ, ପ୍ରଫୁଲ୍ଲ ପ୍ରଧାନ, ଦାଶରଥି ଗମାଙ୍ଗ ଓ ସି.ଏସ.ରାଜନ ଏକ୍କା। ଏହାପୂର୍ବରୁ ବିଶୃଙ୍ଖଳିତ ଆଚରଣ ଓ ମନ୍ତ୍ରୀ ଉତ୍ତର ଦେଉଥିବାବେଳେ ବାଧା ଦେବାରୁ ତାରା ବାହିନୀପତିଙ୍କୁ ବାଚସ୍ପତି ୭ ଦିନ ପାଇଁ ନିଲମ୍ବିତ • ପୃଷ୍ଠା ୫ ଦେଖନ୍ତୁ

## କଂଗ୍ରେସ ବିଧାୟକ- ସୁରକ୍ଷାକର୍ମୀ ମୁହାଁମୁହିଁ



ଭୁବନେଶ୍ୱର, ୨୫।୩(ଭାସ୍କର ନ୍ୟୁଜ): ବିଶୃଙ୍ଖଳା ଅଭିଯୋଗରେ ବିଧାନସଭାରୁ ନିଲମ୍ବିତ ହୋଇଥିବା କଂଗ୍ରେସର ୧୨ ବିଧାୟକ ବିଧାନସଭା ଭିତରେ ଅହୋରାତ୍ର ଧାରଣା ଦେବାପାଇଁ ନିଷ୍ପତ୍ତି ନେଇଥିବାବେଳେ ସେମାନଙ୍କ ସହ ସୁରକ୍ଷାକର୍ମୀଙ୍କ ଧସ୍ତାଧସ୍ତି ହୋଇଥିବା ସୂଚନା ମିଳିଛି। ସୁରକ୍ଷାକର୍ମୀ କଂଗ୍ରେସ ବିଧାୟକଙ୍କ ମୋବାଇଲ ଛଡ଼ାଇ ନେଇଥିବାର ଅଭିଯୋଗ ହୋଇଛି। ଧସ୍ତାଧସ୍ତି ସମୟରେ କଂଗ୍ରେସ ବିଧାୟକ ଦଳ ରାମଚନ୍ଦ୍ର କାଡାମଙ୍କ ହାତରେ ଆଘାତ ଲାଗିଥିବା ସୂଚନା ମିଳିଛି। ଏହାପରେ ବିଧାନସଭା ବାହାରେ କଂଗ୍ରେସ ନେତାମାନେ ଏକାଠି ହୋଇଛନ୍ତି। ପିସିସି ସଭାପତି ଭକ୍ତ ଚରଣ ଦାସ, ନରସିଂହ ମିଶ୍ର, ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନାଙ୍କ ସମେତ ବହୁ କଂଗ୍ରେସ କର୍ମୀ ବିଧାନସଭା ଆଗରେ ମେଳି କରିଛନ୍ତି। • ପୃଷ୍ଠା ୫ ଦେଖନ୍ତୁ

## ଓଡ଼ିଶାରେ ବଢ଼ି ଚାଲିଛି ଜଙ୍ଗଲ ନିଆଁ

# ୪ ବର୍ଷରେ ଜଳିଗଲା ୫୩ ହଜାର ହେକ୍ଟର



ଭୁବନେଶ୍ୱର, ୨୫।୩(ଭାସ୍କର ନ୍ୟୁଜ): ରାଜ୍ୟର ଜଙ୍ଗଲଗୁଡ଼ିକ ଏବେ ବିପଦରେ। ଓଡ଼ିଶାରେ ପ୍ରତିବର୍ଷ ବଢ଼ିଚାଲିଛି ଜଙ୍ଗଲ ନିଆଁ। ଗତ ୩ ମାସରେ ଜଳିଗଲାଣି ୩ ହଜାର ହେକ୍ଟର ଜଙ୍ଗଲ। ମଙ୍ଗଳବାର ବିଧାନସଭାରେ ଏଭଳି ଏକ ସାଂଘାତିକ ତଥ୍ୟ ଉପସ୍ଥାପନ କରିଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ। ବିଜେଡି ବିଧାୟକ ରମେଶ ବେହେରାଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଥିଲେ ଯେ ଓଡ଼ିଶାରେ ପ୍ରତିବର୍ଷ ବଢ଼ିଚାଲିଛି ଜଙ୍ଗଲ ନିଆଁ। ୨୦୨୧ରେ ୨୮ହଜାର ୫୬୯ ହେକ୍ଟର ଜଙ୍ଗଲ ପୋଡି ଯାଇଥିବାବେଳେ ୨୦୨୨ରେ ଏହି ସଂଖ୍ୟା ରହିଥିଲା ୮ହଜାର ୪୩୮ ହେକ୍ଟର। ସେହିପରି ୨୦୨୩ରେ ଏହି ସଂଖ୍ୟା ବୃଦ୍ଧି ପାଇ ୯ ହଜାର ୭୧୧ ହେକ୍ଟରରେ ପହଞ୍ଚିଛି। ତେବେ ଗତ ୪ ବର୍ଷରେ ସର୍ବମୋଟ ୫୩ହଜାର ୮୨୦ ହେକ୍ଟର ଜଙ୍ଗଲ ଜଳି ଯାଇଥିବା ମନ୍ତ୍ରୀ ସୂଚନା ଦେଇଥିଲେ। ନିଆଁ ଦାଉରୁ ଜଙ୍ଗଲଗୁଡ଼ିକୁ କିପରି ରକ୍ଷା କରାଯିବ ସେ ନେଇ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଉଥିବା ମନ୍ତ୍ରୀ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ ଯେ ରାଜ୍ୟର ବିଭିନ୍ନ ସ୍ଥାନରେ ଜଙ୍ଗଲରେ ନିଆଁ ଲାଗିବା ଯୋଗୁ ବହୁ ମୂଲ୍ୟବାନ ଔଷଧୀୟ ବୃକ୍ଷ • ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ଚାପିଦେଲା ହାଇୱା, ୩ ମୃତ

କାମାକ୍ଷାନଗର, ୨୫।୩(ଭାସ୍କର ନ୍ୟୁଜ): ପିକ୍ଅପ ଗାଡ଼ିକୁ ଚାପିଦେଲା ହାଇୱା। ଏଥିରେ ଥିବା ୩ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ହୋଇଛନ୍ତି। ଢେଙ୍କାନାଳ କାମାକ୍ଷାନଗର ଥାନା ରେକୁଲା ଗାଁ ନିକଟରେ ଏହି ଅଘଟଣ ଘଟିଛି। ଠିକା ସଂସ୍ଥାର ଅବହେଳା ଯୋଗୁ ଏପରି ହୋଇଥିବା ଅଭିଯୋଗ କରି ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଥିଲେ। ଫଳରେ ଢେଙ୍କାନାଳ-କାମାକ୍ଷାନଗର ମୁଖ୍ୟ ରାସ୍ତାରେ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ପୋଲିସ ସମସ୍ତ ମୃତଦେହ ଜବତ କରି ତଦନ୍ତ ଚଳାଇଛି।

### ଜଙ୍ଗଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବଲାଙ୍ଗୀର, ୨୫।୩(ଭାସ୍କର ନ୍ୟୁଜ): ବଲାଙ୍ଗୀର ସଦରଥାନା ଡୁମେରଝରନ୍ ଗାଁ ନିକଟ ଜଙ୍ଗଲରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ଯୁବକଙ୍କ ପରିଚୟ ମିଳିନାହିଁ। ତାଙ୍କ ଶରୀରରେ ଅନେକ କ୍ଷତଚିହ୍ନ ଥିବାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ଖବର ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଭିଜିଲାନ୍ସ ଜାଲରେ କାର୍ଯ୍ୟନିର୍ବାହୀ ଅଧିକାରୀ

ଖୋର୍ଦ୍ଧା, ୨୫।୩(ଭାସ୍କର ନ୍ୟୁଜ): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଜଟଣୀ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟ୍ଟଯୋଶୀ। ଭିଜିଲାନ୍ସର ୯ଟି ଟିମ୍ ତାଙ୍କର ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛନ୍ତି। ଚଢାଉ ସମୟରେ ଘରୁ ନଗଦ ୧୭ଲକ୍ଷ ଟଙ୍କା ଜବତ କରାଯିବା ସହ ଦେଢ଼ଶହ ଗ୍ରାମର ସୁନା ଅଳଙ୍କାର ଜବତ କରାଯାଇଛି। ଏହାଛଡ଼ା ତାଙ୍କର ତିନୋଟି ଫ୍ଲାଟ୍ ଓ ୧୧ଟି ପ୍ଲଟ ଥିବାର ଭିଜିଲାନ୍ସ ଜାଣିବାକୁ ପାଇଛି।

ସେନ୍‌ସେକ୍ସ: ୭୮,୦୧୭.୧୯
ସର୍ବାଧିକ: ୩୫.୨ ଡିଗ୍ରୀ
ସର୍ବନିମ୍ନ: ୨୩.୮ ଡିଗ୍ରୀ

**୨୫।୩।୨୦୨୫ ର ମତାମତ**

ଓଇଆରସି ନିଷ୍ପତ୍ତି ବିଦ୍ୟୁତ ଗ୍ରାହକଙ୍କ ପାଇଁ ଲାଭଦାୟକ ହେବ କି?




**ଆଜିର ପ୍ରସଙ୍ଗ**

ଶିମିଳିପାଳ ଅଭୟାରଣ୍ୟରେ ଶିକାରୀଙ୍କ ଦୌରାତ୍ମ୍ୟକୁ ରୋକିବା ସମ୍ଭବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## ଆଜି ଶପଥ ନେବେ ମୁଖ୍ୟ ବିଚାରପତି

# ପୁରୀ ଯାଇ ମହାପ୍ରଭୁଙ୍କୁ କଲେ ଦର୍ଶନ



ପୁରୀ/କଟକ, ୨୫।୩ (ଭାସ୍କର ନ୍ୟୁଜ): ବୁଧବାର ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଶପଥଗ୍ରହଣ କରିବେ ଜଷ୍ଟିସ ହରିଶ ଟଣ୍ଡନ। ଏଥିନେଇ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ବୁଧବାର ପୂର୍ବାହ୍ନ ୧୦ଟାରେ ହାଇକୋର୍ଟ ପରିସରରେ ଏହି ଶପଥଗ୍ରହଣ ସମାରୋହ ଅନୁଷ୍ଠିତ ହେବ। ରାଜ୍ୟପାଳ ହରିବାବୁ କମ୍ଭମପାଟି ଜଷ୍ଟିସ ଟଣ୍ଡନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇବେ। ଏଥିରେ ହାଇକୋର୍ଟର ଅନ୍ୟ ବିଚାରପତି, ବିଚାର ବିଭାଗୀୟ ଅଧିକାରୀ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳର ସଦସ୍ୟ ପ୍ରମୁଖ ସାମିଲ ହେବେ। ତେବେ ଶପଥଗ୍ରହଣ ପୂର୍ବରୁ ମଙ୍ଗଳବାର ଜଷ୍ଟିସ ଟଣ୍ଡନ ପୁରୀ ଯାଇ ମହାପ୍ରଭୁ • ପୃଷ୍ଠା ୫ ଦେଖନ୍ତୁ

## ସୌଗତ-ଏ-ମୋଦୀ ଅଭିଯାନ

# ଇଦ୍‌ରେ ଗରିବ ମୁସଲମାନଙ୍କୁ ବିଜେପି ଦେବ ଉପହାର



ନୂଆଦିଲ୍ଲୀ, ୨୫।୩: ଆସନ୍ତା ବିଧାନସଭା ନିର୍ବାଚନ ପାଇଁ ବିଜେପିର ବଡ଼ ପ୍ଲାନ୍। ସଂଖ୍ୟାଲଘୁଙ୍କୁ ଦଳପ୍ରତି ଆକର୍ଷିତ କରିବା ପାଇଁ ବିଜେପି ପକ୍ଷରୁ ଅଭିଯାନ ଆରମ୍ଭ ହୋଇଛି। ବିଜେପିର ସଂଖ୍ୟାଲଘୁ ମୋର୍ଚ୍ଚା ପକ୍ଷରୁ ସୌଗତ-ଏ-ମୋଦୀ ଅଭିଯାନ ଆରମ୍ଭ ହେବାକୁ ଯାଉଛି। ଯେଉଁଥିରେ ୩୨ଲକ୍ଷ ଗରିବ ମୁସଲମାନଙ୍କୁ ଇଦ୍ ଉପହାର ଦେବାକୁ ଯୋଜନା କରାଯାଇଛି। ବିଜେପିର ରାଷ୍ଟ୍ରୀୟ ସଭାପତି ଜେ.ପି.ନଡ୍ଡାଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାରଠାରୁ ଦିଲ୍ଲୀର ନିଜାମୁଦ୍ଦିନରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ଅଭିଯାନ ଅଧୀନରେ ଯେଉଁ କିଟ୍ ଯୋଗାଇ ଦିଆଯିବ ସେଥିରେ ପୋଷାକ ସହିତ ସିନ୍ଦୂର, ଖଜୁର ଏବଂ ଫଳ ଭଳି • ପୃଷ୍ଠା ୫ ଦେଖନ୍ତୁ

## ୫ ମାଓବାଦୀ ନିହତ

ମାଲକାନଗିରି, ୨୫।୩ (ଭାସ୍କର ନ୍ୟୁଜ): ଛତିଶଗଡ଼ର ବିଜାପୁରର ନକ୍ସଲ ବିରୋଧୀ ଅପରେସନରେ ସୁରକ୍ଷାକର୍ମୀଙ୍କୁ ସଫଳତା ମିଳିଛି। ଏନକାଉଣ୍ଟରରେ ୫ଜଣ ନକ୍ସଲ ନିହତ ହୋଇଛନ୍ତି। ନିହତଙ୍କ ମଧ୍ୟରେ ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ କମିଟି ସଦସ୍ୟ ସୁଧୀର ଓରଫ ସୁଧାକର ଓରଫ ମୁରଲୀ ଥିବା ଜଣାପଡ଼ିଛି। ସୁଧୀର ମୁଣ୍ଡପାଇଁ ୨୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ଏନକାଉଣ୍ଟର ସ୍ଥଳରୁ ଇନସାସ ରାଇଫଲ, ୩୦୩ ରାଇଫଲ, ୧୨ ବୋର୍ ବନ୍ଧୁକ ସମେତ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ କରାଯାଇଛି। ଏବେ ବି ଏହି ଅଞ୍ଚଳରେ ସୁରକ୍ଷାକର୍ମୀ ସର୍ଚ୍ଚ ଅପରେସନ ଜାରି ରଖିଛନ୍ତି। ଏହି ଏନକାଉଣ୍ଟର ଦାନ୍ତେୱାଡ଼ା ଓ ବିଜାପୁର ଜିଲ୍ଲାର ସୀମାରେ ଥିବା ଗିଦମ ଥାନା ଅଞ୍ଚଳର ଗିରସାପାରା, ନେଲଗୋଡ଼ା, ବୋଡ଼ଗା ଓ ଇକେଲି ଅଞ୍ଚଳରେ ହୋଇଥିବା ସୂଚନା • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଏଣିକି ଚାଲିବ ଗୃହ ଭଲଭାବେ
ହେବନାହିଁ ବିଶୃଙ୍ଖଳା,
କୁରୁଳି କୁରୁଳି ନିଆଁ ଜଳୁଥିଲା
ହେଇଗଲା ପାଣି ଢଳା।
ଭଲ ଥିଲା ବୋଲି ବେଳା,
ବିଜେଡ଼ିରୁ କେହି ଲିଷ୍ଟରେ ନାହାଁନ୍ତି
ଥାଇକି ଅଗରବଳା !!




ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





ଫୁଲନଖରା(ଭାସ୍କର ନ୍ୟୁଜ୍): କଟକ ସଦର ଥାନା ଅନ୍ତର୍ଗତ ଆମଣ ମୌଜା ହରିଜନ ସାହି ଭାଗବତ ଟୁଙ୍ଗି ପ୍ରାଙ୍ଗଣରେ ଜନ ସମାଜରେ ଆଧ୍ୟାତ୍ମିକ ଭାବ ଜାଗ୍ରତ କରିବା ଉଦ୍ଦେଶ୍ୟରେ ସବୁବର୍ଷ ପରି ଚଳିତବର୍ଷ ୬୯ତମ ବାର୍ଷିକ ଉତ୍ସବ ଓ ବ୍ରହ୍ମତତ୍ତ୍ୱ ଆଧ୍ୟାତ୍ମିକ ଭଜନ ସମାରୋହ ୨୪ ଓ ୨୫ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଶୁଭାଧିବାସ, ବ୍ରହ୍ମତତ୍ତ୍ୱ ଆଧ୍ୟାତ୍ମିକ ଭଜନ ସମାରୋହ, ପ୍ରସାଦ ସେବନର, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ଭଜନ ସମାରୋହରେ ଗାୟକ ସନ୍ତୋଷ କୁମାର ଦାସ ପାତ୍ରପଡା, ସନ୍ତୋଷ ସାମଲ, ଖୋର୍ଦ୍ଧା, ବିଜୟ କୁମାର ଦାସ, କାଳିଆଘାଇ, ଶ୍ରୀନାଥ ବେହେରା, ଖେରସ ପାଇଁ ଏବଂ ସେମାନଙ୍କର ସାଥିମାନେ ଯୋଗ ଦେଇ ଭାବପୂର୍ଣ୍ଣ ବ୍ରହ୍ମତତ୍ତ୍ୱ ଓ ଆଧ୍ୟାତ୍ମିକ ଭଜନ ପରିବେଷଣ କରିଥିଲେ। ଉକ୍ତ ଭଜନ ସମାରୋହକୁ ଦେଖିବା ପାଇଁ ଆମଣ ଗ୍ରାମ ସମେତ ଆଖପାଖ ଗ୍ରାମର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଉକ୍ତ ଆଧ୍ୟାତ୍ମିକ ଭଜନ ସମାରୋହକୁ ଆମଣ ଗ୍ରାମର ସମସ୍ତ ଗ୍ରାମବାସୀ ପରିଚାଳନା କରିଥିଲେ।

# ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଲୋକପର୍ବ ଦଣ୍ଡନାଚ ଆରମ୍ଭ



ପୁରୁଷୋତ୍ତମପୁର(ଭାସ୍କର ନ୍ୟୁଜ୍): ଦଣ୍ଡନାଚ ଓଡ଼ିଶାର ଏକ ପ୍ରାଚୀନ ଓ ପାରମ୍ପରିକ ନାଚ । ଏହା ଗଞ୍ଜାମ ଜିଲ୍ଲାରେ ଏକ ଲୋକପର୍ବ ଓ ଗ୍ରାମାଞ୍ଚଳରେ କାମନା ଦଣ୍ଡ ଭାବେ ପରିଚିତ । ରୋଗ ବୈରାଗୀ ନିବାରଣ, ପାରିବାରିକ କଷ୍ଟ ଦୂରୀକରଣ, କୃଷିର ଉନ୍ନତି ବା ମନୋକାମନା ପୂର୍ତ୍ତିର ଫଳ ସ୍ୱରୂପ ଭକ୍ତମାନେ ଶରୀରକୁ କଷ୍ଟ ଦେଇ ୧୩, ୧୮, ବା ୨୧ଦିନ ପର୍ଯ୍ୟନ୍ତ ମା ଦଣ୍ଡକାଳୀ ଓ ରୁଦ୍ର ମହାଦେବଙ୍କୁ ଧ୍ୟାନ କରି ଗାଁ ଗାଁ ବୁଲି ମାନସିକ ଧାରୀଙ୍କ ଦାଣ୍ଡରେ ଧୂଳି ଦଣ୍ଡ, ପାଣି ଦଣ୍ଡ ଓ ଅଗ୍ନିଦଣ୍ଡ ବା ରାତ୍ର ଦଣ୍ଡ ପରିବେଷଣ କରନ୍ତି ।

'ହେ ଋଷି ପୁତ୍ର -
ଅଇଲେ ହର, ଦେଇଗଲେ ବର
ଅନ୍ୟ ସେବା ଛାଡି ଏ ସେବା କର
ଏ ସେବା କଲେ କି ଫଳ ପାଏ
ଉଷୁନା ଧାନ ଗଜା ହୁଏ
ଶୁଖିଲା କାଠ କଞ୍ଚା ହୁଏ
ଭଜା ମୁଗ ଗଜା ହୁଏ
ଅପୁତ୍ରିକ ପୁତ୍ର ଦାନ ପାଏ
ଅନ୍ଧ ଚକ୍ଷୁ ଦାନ ପାଏ।'

ଜରାରୋଗ ଭଲ ହୁଏ। ବୋଲି ବୀଣାକାର ଗାଇ ଦଣ୍ଡନାଟ ଆରମ୍ଭ କରନ୍ତି। ଆଜି ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁରରେ ୨୧ ଦିନିଆ ଦଣ୍ଡ ନାଚ ବାହାରିଛନ୍ତି । ସହରରେ ୪ ଗୋଟି ଦଣ୍ଡ ଦଳ ବହାରିଥିବାରୁ ଢୋଲ, ମହୁରୀ,ଘଣ୍ଟ,ଶଙ୍ଖ ହୁଳହୁଳି ଶବ୍ଦ ସହ ତେରଭୁକ୍ତାମାନଙ୍କ କଳାରୁଦ୍ରମଣିକି ଭଜ ହେ , ଦଣ୍ଡକାଳିଙ୍କୁ ଭଜ ହେ ଧ୍ୱନିରେ ପ୍ରକମ୍ପିତ ହୋଇଛି ସାରା ସହର । ଦଣ୍ଡନାଚର ୨୧ ଦିନିଆ ପର୍ବ ଆଜିଠୁ ଆରମ୍ଭ ହୋଇଛି । ଆଗକୁ ଅନ୍ୟ ଦଣ୍ଡ ଦଳ ୧୮ଦିନିଆ ଓ ୧୩ ଦିନିଆ ଦଣ୍ଡଦଳ ବାହାରିବେ । ସାରା ଜିଲ୍ଲା ମା ଦଣ୍ଡ କାଳୀଙ୍କୁ ଭଜହେ ଧ୍ୱନିରେ ପ୍ରକମ୍ପିତ ହେବ ।

# ନିଖୋଜ ଛାତ୍ର ମୃତ୍ୟୁ ଘଟଣା: ୨ ଅଟକ



କେନ୍ଦ୍ରାପଡ(ଭାସ୍କର ନ୍ୟୁଜ୍): ନିଖୋଜ ଛାତ୍ର ମୃତ୍ୟୁ ଘଟଣାରେ ସଦର ଥାନା ପୋଲିସ ୨ଜଣଙ୍କୁ ଧରି ଆଣି ଥାନାରେ ଅଟକ ରଖିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ ଗତ ୨୦ତାରିଖରେ କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ବଳରାମପୁର ନିକଟ ଲୁଣା ନଦୀରେ ଜଣେ ଛାତ୍ରଙ୍କ ଶବ ଭାସୁଥିବା ଅବସ୍ଥାରେ ପୋଲିସ ଜବତ କରିଥିଲା। ମୃତ ଛାତ୍ର ଡେରାବିଶ ଥାନା ଅନ୍ତର୍ଗତ କୁରୁଜଙ୍ଗା ପଂଚାୟତ ମନ୍ତ୍ରୀପଡା ଗ୍ରାମର ଖଗେଶ୍ୱର ମହାନ୍ତିଙ୍କ ପୁଅ ଆୟୁଷ୍ମାନ ଓରଫ ଧନ (୧୪) ସଦର ଥାନା ଅନ୍ତର୍ଗତ ଭରତପୁର ଗ୍ରାମର ମାମୁଁଘରକୁ ଆସିଥିଲେ। ଗତ ବୁଧବାର ସକାଳ ୯ଟାରେ ନିଜଗ୍ରାମକୁ ଫେରି ଯାଇଥିବା ସମ୍ପର୍କରେ ତାଙ୍କ ବାପା ଖବର ପାଇଥିଲେ ସୁଦ୍ଧା ଆୟୁଷ୍ମାନ ଘରକୁ ରାତି ପର୍ଯ୍ୟନ୍ତ ଫେରିନଥିଲେ। ତାଙ୍କ ପରିବାର ପକ୍ଷରୁ ମାମୁଁଘର ଭରତପୁର ସମେତ ବିଭିନ୍ନ ସମ୍ପର୍କୀୟଙ୍କ ଘରେ ଖୋଜାଖୋଜି କରାଯିବା ପରେ ଶେଷରେ ପିତା ଖଗେଶ୍ୱର ସଦର ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ପକ୍ଷରୁ ଥାନାରେ ଏକ ନିଖୋଜ ମାମଲା ରୁଜୁ କରାଯାଇଥିଲା। କିନ୍ତୁ ଗୁରୁବାର ସକାଳେ ବଳରାମପୁର ନଦୀ ଘାଟରେ ଜଣେ ପିଲାର ମୃତ ଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ସଦର ଥାନା ପୋଲିସ ସେଠାରେ ପହଞ୍ଚି ଶବ ଜବତ କରିଥିଲା। ପୋଲିସ ଠାରୁ ଖବର ପାଇ ଖଗେଶ୍ୱର ଘଟଣା ସ୍ଥଳକୁ ଯାଇ ପୁଅକୁ ଚିହ୍ନଟ କରିବା ପରେ ପୋଲିସ ଆୟୁଷ୍ମାନର ମୃତ ଦେହକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଥିଲା। ପୋଲିସ ଆୟୁଷ୍ମାନର ମୋବାଇଲକୁ ଜବତ କରିବା ସହିତ ସେହି ମୋବାଇଲରେ ପଡିଥିବା ସଂପୃକ୍ତ ସିମ କମ୍ପାନୀକୁ କଲ ଡିଟେଲସ ମାଗିଥିଲା। ସୋମବାର ସିମ କମ୍ପାନୀରୁ ତାହା ମିଳିବା ପରେ ସଦର ଥାନା ପୋଲିସ ଆୟୁଷ୍ମାନ ସହିତ ସେହିଦିନ ବହୁ ସମୟଧରି କଥା ହୋଇଥିବା ଦୁଇଜଣଙ୍କୁ ଉଠାଇ ନେଇ ଥାନାରେ ଅଟକ ରଖିବା ସହ ପଚରାଉଚୁରା କରୁଥିବା ଜଣାପଡିଛି। ଏସମ୍ପର୍କରେ କେନ୍ଦ୍ରାପଡା ସଦର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁଙ୍କୁ ପଚାରିବାରେ ସେ କହିଲେ ତଦନ୍ତ ଜାରି ରହିଛି କିନ୍ତୁ ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଆୟୁଷ୍ମାନ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ।

# ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର



ବୋଲଗଡ଼ (ଭାସ୍କର ନ୍ୟୁଜ୍): ଏହି ବ୍ଲକ ଅନ୍ତର୍ଗତ ଗୋପାଳପୁର ଗ୍ରାମପଞ୍ଚାୟତର ଦେଉଳି ରଘୁନାଥ ମହାବିଦ୍ୟାଳୟ ଠାରେ ସରପଞ୍ଚ ପ୍ରଦୀପ କୁମାର ବାରିକଙ୍କ ଆୟୋଜନ କ୍ରମେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ତରଫରୁ ଏକ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ଅବସରରେ ମୋଟ ୧୮୦ଗୋଟି ଅଭିଯୋଗ ଜନଶୁଣାଣି ହୋଇଅଛି। ଏହି ଜନଶୁଣାଣିରେ ବ୍ୟକ୍ତିଗତ ଅଭିଯୋଗ ୧୨୯ ଗୋଟି ଥିବାବେଳେ ୪୮ଗୋଟି ସାମୂହିକ ଅଭିଯୋଗ ରହିଅଛି। ସେହିପରି ୩ ଗୋଟି ଅଭିଯୋଗକୁ ତ୍ୱରିତ ସମାଧାନ କରାଯାଇଥିଲା। ଏହା ସହ ଜଣେ ପୁରୁଷ ହିତାଧିକାରୀ ନୟାପଲ୍ଲୀର ଘନଶ୍ୟାମ ନାୟକ ଓ ମହିଳା ହିତାଧିକାରୀ ଗୋଡିପଟଣାର ବିନୋଦିନୀ ବେହେରାଙ୍କ ଠାରେ କୃତିମ ଗୋଡ଼ ଲାଗିଥିବାର ଦେଖିବାକୁ ମିଳିଥିଲା। ଏହି ଜନ ଶୁଣାଣି କାର୍ଯ୍ୟକ୍ରମ ଅବସରରେ ସ୍ଥାନୀୟ ବୋଲଗଡ଼ - ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା, ଜିଲ୍ଲା ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେହେରା, ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା , ଆରକ୍ଷୀ ଅଧିକାରିଣୀ ସାଗରିକା ନାଥ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ ଚନ୍ଦ୍ର ମଲ୍ଲିକ, ତହସିଲଦାର ବିଜୟ କୁମାର ସେଠୀ, ଏବିଡିଓ ରତିକାନ୍ତ ମିଶ୍ର, ବ୍ଲକ୍ ଅଧକ୍ଷା ହୁଲାଶ ପ୍ରଧାନ, ଉପାଧକ୍ଷ ରମେଶ ଚନ୍ଦ୍ର ସାହୁଙ୍କ ସମେତ , ବ୍ଲକର ସମସ୍ତ ବିଭାଗର ଅଧିକାରୀ ଓ ଅଧିକାରିଣୀ ମାନେ ଉପସ୍ଥିତ ଥିଲେ । ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ସଧାରଣ ଜନତାଙ୍କ ବିଭିନ୍ନ ଅଭିଯୋଗମାନ ଗ୍ରହଣ କରିଥିଲେ । ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ଓ ୧୯ ଗୋଟି ଗ୍ରାମ ପଂଚାୟତର ଜନ ପ୍ରତିନିଧି ମାନେ ଯୋଗ ଦେଇଥିଲେ। ଉଭୟ ବୋଲଗଡ ଥାନା ଓ ବେଗୁନିଆ ଥାନା ଅଧିକାରୀଣୀ ଓ ଅଧିକାରୀମାନେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ନିମନ୍ତେ ଉପସ୍ଥିତ ରହିଥିବା ବେଳେ ମହାବିଦ୍ୟାଳୟର କର୍ତ୍ତୃପକ୍ଷ ସହଯୋଗ କରିଥିଲେ।

# ଜଗନ୍ନାଥ ମହୋତ୍ସବ ପାଇଁ କଳସ ଯାତ୍ରା

ଫୁଲନଖରା(ଭାସ୍କର ନ୍ୟୁଜ୍): ନିଆଳି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୁରାଙ୍ଗଶାସନଠାରେ ଶ୍ରୀଜଗନ୍ନାଥ ମହୋତ୍ସବ ଆରମ୍ଭ ହୋଇଛି। ଏହା ୬ଦିନ ପର୍ଯ୍ୟନ୍ତ ଚାଲିବ। ଏହି ଉପଲକ୍ଷେ ଜଗନ୍ନାଥ ମନ୍ଦିର ନିକଟରେ ବ୍ୟାପକ ଆୟୋଜନ ହୋଇଛି। ସିଂହଦ୍ୱାର ଓ ଅରୁଣସ୍ତମ୍ଭର ପ୍ରତିକୃତି ସହିତ ଜଗନ୍ନାଥ ସଂସ୍କୃତି ସମ୍ପର୍କିତ ଅନେକ ଷ୍ଟଲ ଓ ମୀନାବଜାର ଆଦି ନିର୍ମାଣ ହୋଇଛି। ଏହି ଅବସରରେ ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ ଏକ କଳସ ଯାତ୍ରା ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଥିଲା। ୬ଶହରୁ ଅଧିକ ସଂଖ୍ୟକ ମହିଳା ନଡ଼ିଆଗୁରୁଡ଼ି ବଡ଼ପୋଖରୀରୁ ଜଳ କଳସ ଧାରଣ କରି ଏକ ବିରାଟ ଶୋଭାଯାତ୍ରାରେ ଯଜ୍ଞସ୍ଥଳକୁ ଯାଇଥିଲେ। ହରିବୋଲ, ହୁଳହୁଳି ଓ ନାମ ସଂକୀର୍ତ୍ତନ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଜଗନ୍ନାଥ ମହୋତ୍ସବ କମିଟି, ଯୁବ ଜାଗ୍ରତ ମଞ୍ଚ ଓ ଜଗନ୍ନାଥ ଆଧ୍ୟାତ୍ମିକ ଚେତନା ପରିଷଦ କାର୍ଯ୍ୟକର୍ତ୍ତା ଆଜିର ଉଦଘାଟନୀ ଉତ୍ସବ ପରିଚାଳନା କରିଥିଲେ।



# ବାବା ଚନ୍ଦ୍ରଶେଖରଙ୍କ ରନ୍ମୁଦ ମହୋତ୍ସବ



ପରଜଙ୍ଗ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ପଞ୍ଚାୟତ ଜହ୍ନପଡା ଗ୍ରାମରେ ଚଳିତ ଚୈତ୍ରମାସ କୃଷ୍ଣପକ୍ଷ ଦଶମୀ ତିଥିରେ ଶ୍ରୀ ଶ୍ରୀ ବାବା ଚନ୍ଦ୍ରଶେଖରଙ୍କ ନବ ନିର୍ମିତ ମନ୍ଦିରର ରନ୍ମୁଦ ମହୋତ୍ସବ ଦୁଇଦିନ ଧରି ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉତ୍ସବ ରବିବାର ଦିନରୁ ଆରମ୍ଭ ହୋଇ ନିକଟସ୍ଥ ଡମଳ ଗ୍ରାମ ବ୍ରାହ୍ମଣୀ ନଦୀ ଘାଟରୁ ପୂଜାର୍ଚ୍ଚନା କରି ଶତାଧିକ ମହିଳା ଓ ପୁରୁଷ କଳସରେ ପାଣି ଉଠାଇ ସଂକୀର୍ତ୍ତନରେ ଡମଳ ଗ୍ରାମ ପରିକ୍ରମା କରି ଜହ୍ନପଡା ମନ୍ଦିର ନିକଟରେ କଳସ ସ୍ଥାପନା ଓ ଶୁଭାଧିବାସ କରିଥିଲେ । କାର୍ଯ୍ୟକ୍ରମରେ ପୂଜକ ବାନାମ୍ବର ଚାନ୍ଦ, ପବିତ୍ରମୋହନ ଚାନ୍ଦ, ଗଣେଶ ପ୍ରସାଦ ଚାନ୍ଦ,ବିଷ୍ଣୁ ପ୍ରସାଦ ଚାନ୍ଦଙ୍କ ଦ୍ୱାରା ପୂଜାବିଧି ଓ ହୋମଯଜ୍ଞ କାର୍ଯ୍ୟ ନିର୍ବାହ ହୋଇଥିଲା ବେଳେ, କର୍ତ୍ତାଭାବେ ସର୍ବେଶ୍ୱର ସାହୁ ଓ ରୁନୁବାଳା ସାହୁ ନିର୍ବାହ କରିଥିଲେ । ମନ୍ଦିରର ପୂଜକ ଧ୍ରୁବ ଚରଣ ରଣା, ମଦନ ମୋହନ ତ୍ରିପାଠୀ,କୀର୍ତ୍ତନ ବିଶ୍ୱାଳ ପ୍ରମୁଖ ସହଯୋଗ ରଖିଥିଲେ। ମନ୍ଦିର ନିକଟରେ ଗ୍ରାମର ଓ ଅନ୍ୟ ଗ୍ରାମର ବହୁ ପୁରୁଷ ଓ ମହିଳା ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ଭିନ୍ନ ଭିନ୍ନ ସ୍ୱାଦର ନାମ ପରିବେଷଣ କରି ମନ୍ଦିର ପରିବେଶକୁ ଆଧ୍ୟାତ୍ମିକ ଭାବ ବିହ୍ୱଳରେ ଭରି ଦେଇଥିଲେ, ତତସହିତ ମନ୍ଦିର ମୁଣ୍ଡି ଭାଗରେ ଯାଇ ଧାତୁ ଓ ଶସ୍ୟ ଦେଇ ପୂର୍ଣ୍ଣାହୂତି କାର୍ଯ୍ୟ ସମାପନ ହୋଇଥିଲା । ସମସ୍ତ ଭକ୍ତଙ୍କ ନିମନ୍ତେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । ଏହି ମହୋତ୍ସବରେ ଆଞ୍ଚଳିକ ସଂକୀର୍ତ୍ତନ ମଣ୍ଡଳୀ ମହାସଂଘର କାର୍ଯ୍ୟକର୍ତ୍ତା ବୃନ୍ଦ,ମନ୍ଦିର ପରିଚାଳନା କମିଟି ସଭାପତି ଅଜୟ ନାୟକଙ୍କ ସହ ସମସ୍ତ କମିଟି ସଦସ୍ୟ, ଗ୍ରାମର ବୋଲବମ କମିଟି,ଗ୍ରାମ୍ୟ କମିଟି ତଥା ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗ ଦେଇ ପ୍ରଭୁଙ୍କ ଆଶୀର୍ବାଦ କୃପା ଲାଭ କରିଥିଲେ ।

# ବିଏସ୍ଏଫ୍‌ର ଜନସମ୍ପର୍କ ଶିବିର



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ସ୍ୱାଭିମାନ ଅଞ୍ଚଳରେ ଗୋରାସେତୁ ବିଏସଏଫ ବାଟାଲିୟନ ୧୭୭ କ୍ୟାମ୍ପ ପକ୍ଷରୁ ଯୋଡ଼ାଆମ୍ବ ଗ୍ରାମ ପଞ୍ଚାୟତ ସିନ୍ଧିପୁଟ ଗ୍ରାମରେ ଜନସମ୍ପର୍କ ଶିବିର ଓ ମୁକ୍ତ ମେଡିକାଲ କ୍ୟାମ୍ପର ଆୟୋଜନ କରାଯାଇଥିଲା। ଏହି ଜନସମ୍ପର୍କ ଶିବିରରେ ବେଜିଙ୍ଗ, ଡୁଡିଗୁମ୍ମା, ମୁକୁଟ ପଲ୍ଲୀ, ଜାମୁ ଗୁଡା, ଗୋରାସେତୁ , ମୁଣ୍ଡି ଗୁମ୍ମା ଏବଂ ଏହାର ଆଖପାଖ ଅଞ୍ଚଳରେ ବସବାସ କରୁଥିବା ପାଖାପାଖି ୪୫୦ ଜଣ ଗ୍ରାମବାସୀ ଏହି ଜନ ସମ୍ପର୍କ ଶିବିରରେ ଅଂଶ ଗ୍ରହଣ କରିଥିଲେ। ବିଏସଏଫ ବାଟାଲିୟନ ୧୭୭ ଟୁଆଇସି ସନ୍ତୋଷ କୁମାର ସିଂଙ୍କ ନିର୍ଦ୍ଦେଶକ୍ରମେ ଆସିଷ୍ଟାଣ୍ଡ କମାଣ୍ଡୋଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୌରଭ କୁମାର , ସନ୍ଦୀପ କୁମାର , ଇନ୍ସପେକ୍ଟର ରାକେଶ କୁମାରଙ୍କ ଉପସ୍ଥିତିରେ ଏହି ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଥିଲା। ବିଏସଏଫ ତରଫରୁ ଦୁଇଲକ୍ଷ ପଚାଶହଜାର ଟଙ୍କା ମୂଲ୍ୟର ବିଭିନ୍ନ ଘରୋପକରଣ ସାମଗ୍ରୀ ସହ ଖେଳ ସାମଗ୍ରୀ ଗ୍ରାମବାସୀଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ଯୁବକ ଯୁବତୀଙ୍କୁ ଫୁଟବଲ ,ଭଲିବଲ ସେଟ,କ୍ରିକେଟ ବ୍ୟାଟ, ସ୍କିପିଙ୍ଗ ରୋପ ଭଳି ବିଭିନ୍ନ ଖେଳ ସାମଗ୍ରୀ ପ୍ରଦାନ କରାଯାଇଥିବା ବେଳେ ଷ୍ଟିଲ ଟ୍ରେ, ଷ୍ଟିଲ ଗ୍ଲାସ, ସ୍କୁଲ ବ୍ୟାଗ,ପାଠ୍ୟ ଉପକରଣ ସେହିପରି ବରିଷ୍ଠ ଗ୍ରାମବାସୀଙ୍କୁ ଗ୍ଲାସ୍ , ଷ୍ଟିଲ ଥାଳି , ଛତା , ପ୍ଲାଷ୍ଟିକ ପାଇପ ଭଳି ବିଭିନ୍ନ ଘରୋପକରଣ ଏବଂ ଘରେ ଦୈନନ୍ଦିନ ବ୍ୟବହୃତ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଏଠାରେ ବିଏସଏଫ ପକ୍ଷରୁ ଏକ ମେଡିକାଲ କ୍ୟାମ୍ପର ଆୟୋଜନ କରାଯାଇଥିଲା ଏଥିରେ ଆସିଥିବା ଲୋକଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପରୀକ୍ଷା କରାଯାଇ ବାଇଶି ହଜାର ଟଙ୍କା ମୂଲ୍ୟର ଔଷଧ ଲୋକଙ୍କୁ ଦିଆଯାଇଥିଲା। ବିଏସଏଫ ବାଟାଲିୟନ ୧୭୭ ପକ୍ଷରୁ ସ୍ୱାଭିମାନ ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ବିଗତ କିଛି ବର୍ଷ ହେବ ପ୍ରତିବର୍ଷ ଏହିଭଳି ଜନସମ୍ପର୍କ ଶିବିର କରାଯାଉଛି। ଜନ ସମ୍ପର୍କ ଶିବିର ଦ୍ୱାରା ବିଏସଏଫ ସ୍ଥାନୀୟ ଅଞ୍ଚଳବାସୀଙ୍କ ହୃଦୟ ଜିଣିବା ସହ ତାଙ୍କର ନିକଟତର ହୋଇ ପାରିଛନ୍ତି। ଏହା ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ପ୍ରତିଷ୍ଠା କରିବାରେ ସହାୟକ ହୋଇଛି।

## କୃଷି ବିଭାଗର ଫାର୍ମ ପାଚେରୀ ଭାଙ୍ଗିବା ଘଟଣା

# ଥାନାରେ ଏତଲା ଦେଲେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ



କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ପରିସରରେ ଥିବା ଫାର୍ମ ପାଚେରୀ ଭାଙ୍ଗିବା ଘଟଣାରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପର୍ଶୁରାମ ବେହେରା ଟାଉନ ଥାନାରେ ଲିଖିତ ଭାବେ ଜଣାଇ ପଦକ୍ଷେପ ନେବାକୁ ଜଣାଇଛନ୍ତି । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ ଅଭିଯୋଗ ଆଧାରରେ ଟାଉନ ପୋଲିସର ଏକ ଟିମ ଘଟଣାସ୍ଥଳ ପରିଦର୍ଶନ କରି କିଏ ଏବଂ କାହିଁକି ଫାର୍ମ ପାଚେରୀ ଭାଙ୍ଗିଛନ୍ତି ତାହାର ତଦନ୍ତ କରିଛନ୍ତି । କିଛି ଜମି ମାଫିଆ ଫାର୍ମ ପଛପଟେ ଥିବା ଚାଷ ଜମିକୁ ବିକ୍ରୀ କରିବା ଉଦ୍ଦେଶ୍ୟରେ ପାଚେରୀ ଭାଙ୍ଗିଥିବା ଅନୁମାନ କରାଯାଉଛି । ଫାର୍ମ ପାଚେରୀ ଭାଙ୍ଗିବା ପରେ ଫାର୍ମ ଅସୁରକ୍ଷିତ ହୋଇପଡିଛି । ଫାର୍ମ ପରିସର ଦେଇ ସର୍ବସାଧାରଣ ଲୋକ ଯାତାୟତ କରୁଛନ୍ତି । କେତେକ ଜମି ମାଫିଆ ଫାର୍ମ ପଛପଟେ ଥିବା ଜମିକୁ ଉଚ୍ଚ ଦରରେ ବିକ୍ରୀ କରିବା ପାଇଁ ଏଭଳି ରାସ୍ତା ନିର୍ମାଣ କରୁଥିବା ନେଇ ଅଭିଯୋଗ ହୋଇଥିଲା । ଫାର୍ମ ପାଚେରୀ ଭାଙ୍ଗି ଥିବାରୁ ବାହାର ଗୋରୁଗାଈ ଓ ଅସାମାଜିକ ଲୋକଙ୍କ ଅବାଧ ପ୍ରବେଶ ହେଉଛି । ସେହିପରି ଯାତାୟତ ପାଇଁ ଫାର୍ମର ମୁଖ୍ୟ ଗେଟ ଓ ପାଚେରୀ ଭାଙ୍ଗି ଦିଆଯାଇଥିବାରୁ ବାହାର ଲୋକଙ୍କ ଅବାଧ ଯାତାୟତ ହେଉଛି । ଫଳରେ ଫାର୍ମ ପରିସରରେ ମଦ୍ୟପ ଓ ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ମୁଖ୍ୟ ପ୍ରବେଶ ଗେଟ ନିର୍ମାଣ ଏବଂ ଭାଙ୍ଗି ଥିବା ପଛପଟ ପାଚେରୀ ମରାମତି କରୁନଥିବାରୁ ଫାର୍ମ ପରିସର ଅସୁରକ୍ଷିତ ହୋଇପଡିଛି । ଏଠାରେ ସୂଚନାଯୋଗ୍ୟ ଯେ, ଏଠାରେ କୃଷି ବିଭାଗର ଫାର୍ମର ୨୫ ଏକର ପରିମିତ ଚାଷ ଜମି ରହିଛି । ଏହି ଜମିରେ ବର୍ଷ ତମାମ ବିଭିନ୍ନ ପ୍ରକାର ଧାନ ଓ ଅଣଧାନ ଚାଷ କରାଯାଇଥାଏ । ଏଥିରୁ ବିଭାଗ ଲାଭବାନ ହୋଇଥାଏ । ପରିସର ଉନ୍ମୁକ୍ତ ରହୁଥିବାରୁ ଆଗଭଳି ଚାଷ ହୋଇପାରୁନାହିଁ । ଫଳରେ ବ୍ୟାପକ କ୍ଷତି ହେଉଛି । ଏ ନେଇ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପର୍ଶୁରାମ ବେହେରାଙ୍କ ସହ ଯୋଗାଯୋଗ କରିବାରୁ ଏ ନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ କରାଯାଇଛି ବୋଲି କହିଛନ୍ତି । ସୂଚନଯୋଗ୍ୟ ଯେ, ୨୦୦୫ ମସିହାରେ ଫାର୍ମ ପଛପଟେ ଥିବା ଚାଷ ଜମିକୁ ଫାର୍ମ ରାସ୍ତା ଦେଖାଇ ବେଆଇନ ଭାବେ ଜମି ବିକ୍ରୀ ହୋଇଥିଲା । ପରେ ଫାର୍ମ ଓଭରସିୟରଙ୍କ ଟାଉନ ଥାନାରେ ଲିଖିତ ଅଭିଯୋଗ ପରେ ଏକ ମାମଲା ରୁଜୁ ହୋଇ ରାସ୍ତାକୁ ବନ୍ଦ କରାଯିବା ସହ ପାଚେରୀ ଭାଙ୍ଗିଥିବା ଲୋକଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇଥିଲା ।

# ଋତୁରାଜ ବସନ୍ତର ଆଗମନରେ ହସୁଛି ପଳାଶ



ଉମରକୋଟ(ଭାସ୍କର ନ୍ୟୁଜ୍): ଋତୁରାଜ ବସନ୍ତର ଆଗମନ ରେ ପ୍ରକୃତି ରାଣୀ ନିଜକୁ ବିଭିନ୍ନ ରଙ୍ଗୀନ ଫୁଲରେ ସଜେଇ ହୁଏ । ପ୍ରେମିକ ପ୍ରେମିକା ମନରେ ଉନ୍ମାଦ ଆସିଯାଏ ଓ ପ୍ରଫୁଲ୍ଲିତ ହୋଇଯାଏ କବି ପ୍ରାଣ । ବସନ୍ତରେ ସମସ୍ତ ଫୁଲ ନିଜ ନିଜ ରଙ୍ଗ ଓ ବାସ୍ନା ରେ ସମସ୍ତଙ୍କ ଶ୍ରଦ୍ଧାଭାଜନ ହୋଇଥାନ୍ତି । ହେଲେ ପଛରେ ପଡ଼ିଯାଏ ଏହି ମହକହୀନ ପଳାଶ। କିନ୍ତୁ ପତ୍ରଝଡ଼ା ଟାଙ୍ଗରା ଜଙ୍ଗଲ ମଧ୍ୟରେ ନିଜ ସ୍ଥିତି ଜାହିର କରିଥାଏ ଏହି ପଳାଶ । ସତେ ଯେମିତି ପତ୍ରଝଡ଼ା ନିରାଶ ଜଙ୍ଗଲ ମଧ୍ୟରେ ଆଶା ର ଜ୍ୟୋତି ଜାଳିଦିଏ । ଏମିତି ଅନୁଭବ ହୋଇଥାଏ ଯେମିତି କେହି ଜାଳି ଦେଇଛି ଉଜ୍ଜଳ ଦୀପଟିଏ। ସେଥିପାଇଁ ତାକୁ ପଳାଶ କୁହାଯାଏ 'ଫ୍ଲେମ ଅଫ ଫରେଷ୍ଟ'। ପଳାଶ ମହକହୀନ ହେଲେ କଣ ହେଲା ଏହାର ନିଜସ୍ୱ ମହତ୍ତ୍ୱ ରହିଛି । ପଳାଶ ବି ପୂଜା ହୁଏ ଭଗବାନଙ୍କ ଠାରେ । ପଶ୍ଚିମ ଓଡ଼ିଶାରେ ଚୈତ୍ର ମାସରେ ସମସ୍ତ ଦେବୀ ମା' ଙ୍କ ଠାରେ । ଦକ୍ଷିଣ ଓଡ଼ିଶାରେ ଶିବରାତ୍ରିରେ ଭଗବାନ ଶିବଙ୍କ ନିକଟ ରେ ପୂଜା ହୁଏ ଏହି ମହକହୀନ ପଳାଶ । ପଳାଶ ଫୁଲକୁ ପାଣି ରେ ଭିଜାଇ ତାର ପାଣିକୁ ପିଇଲେ ପେଟ ଜନିତ ରୋଗ ଭଲ ହୋଇଥାଏ । ଖାଲି ସେତିକି ନୁହେଁ ପଳାଶକୁ ଦେଖିଲେ କବି ମନ ଉତ୍‌ଫୁଲ୍ଲିତ ହୋଇ ଉଠେ । କବିର କଲମରେ ଆପେ ଆପେ ଲେଖି ହୋଇଯାଏ ଅନେକ କବିତା । ଭାରତର ବିଭିନ୍ନ ରାଜ୍ୟ ରେ ପଳାଶ ଫୁଲ ଓ କାଠର ମହତ୍ତ୍ୱ ରହିଛି । କେରଳର ବ୍ରାହ୍ମଣ ମାନେ ଏହି ପଳାଶ ଫୁଲକୁ ପୂଜା ସମୟ ରେ ବ୍ୟବହାର କରିବା ସହ ଏହାର କାଠ କୁ ହୋମ ରେ ବ୍ୟବହୃତ କରନ୍ତି। ଏହା ଆହୁତି ସମୟରେ ଅର୍ଘ୍ୟ ପ୍ରଦାନରେ ବ୍ୟବହୃତ ହୁଏ। ଏବଂ ଝାଡ଼ଖଣ୍ଡ ରାଜ୍ୟରେ ଏହି ଫୁଲକୁ ରାଜ୍ୟ ସ୍ତରୀୟ ମାନ୍ୟତା ମିଳିଛି। ଏମିତି ରେ ଏହି ପଳାଶ ଫୁଲଟି ଋତୁରାଜ ବସନ୍ତ ର ମହକହୀନ ଫୁଲ ହେଲେ ବି ଏହା ତୀବ୍ର ନିଦାଘରେ ବି ହସୁଥାଏ।

# ଗୋରୁ ଭର୍ତ୍ତି ଗାଡି ଜବତ,୬ ଗିରଫ



କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ରାଜପଥ ଦେଇ ନିୟମିତ ଗୋରୁ ଗାଡି ପଶ୍ଚିମବଙ୍ଗକୁ ଚାଲାଣ ହେଉଛି । ଗୋରୁ ଗୁଡିକ ଦୟନୀୟ ଭାବେ ଗାଡିରେ ପରିବହନ ହେଉଛି। ଗୋରୁ ବେପାରୀମାନେ ଅସାମାଜିକ ଲୋକଙ୍କ ସୁରକ୍ଷା ମଧ୍ୟରେ ଗୋରୁ ବୋଝେଇ ଗାଡି ନେଇ ଯାଉଥିବା ବେଳେ ସୋମବାର ଭୋର ସମୟରେ କେନ୍ଦୁଝର ଉପକଣ୍ଠ ଜୁଡିଆ ନିକଟରେ ଏକ ପିକ୍‌ଅପ ବୋଝେଇ ଗୋରୁ ଓ ସୁରକ୍ଷା ଯୋଗାଉଥିବା ସ୍କୋର୍ପିଓ ପୁଲିସ ଜବତ କରିଛି। ଏଥିନେଇ ୬ ଜଣକୁ ଗିରଫ କରାଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି। ପଡୋଶୀ ଜିଲା ଖମାର ଗୋରୁ ହାଟରୁ ନିୟମିତ ଗୋରୁ ବୋଝେଇ ଗାଡି ପଶ୍ଚିମବଙ୍ଗର କଂସେଇ ଖାନାକୁ ଯାଇଥାଏ । ରବିବାର ରାତିରେ ଖବରପାଇ ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜୁଡିଆ ଘାଟିରେ ଗୋରୁ ଗାଡି ଧରିବାକୁ ଯୋଜନା କରିଥିଲା। ଏହି ସମୟରେ ଗୋରୁ ଗାଡିକୁ ସୁରକ୍ଷା ଦେଉଥିବା ଏକ ସ୍କୋର୍ପିଓ (ଓଆର-୦୯-କେ-୫୩୦୧) କୁ ପୁଲିସ ସନ୍ଦେହରେ ଅଟକ କରିଥିଲା। ଏହି ଗାଡିରେ ତୁରୁମୁଙ୍ଗା ଥାନା ବାଉଁଶୂଳୀ ଗ୍ରାମର ନିଳକଣ୍ଠ ମହାନ୍ତ (୨୬), ଭଗାପଶି ଗ୍ରାମର କୁନା ନାଏକ (୨୦) ଓ ଘଟଗାଁ ଥାନା ଅଞ୍ଚଳର ଜିତେନ୍ଦ୍ର ମହାନ୍ତ (୨୨) ପୋଲିସ ହାତରେ ଧରାପଡିଥିଲେ । ସୁରକ୍ଷା ଯୋଗାଉଥିବା ଗାଡି ପୁଲିସ ହାତରେ ଧରାପଡିଯିବା ଜାଣି ପଛରେ ଆସୁଥିବା ପିକ୍‌ଅପ୍ ଗାଡିଟି ରାଜପଥରେ ଫେରିଯିବାକୁ ଉଦ୍ୟମ କରିଥିଲା। ଏହି ସମୟରେ ପୁଲିସ ସେଠାରେ ପହଞ୍ଚି ଗାଡିକୁ ଜବତ କରିଥିବା ବେଳେ ଡ୍ରାଇଭର ଚମ୍ପଟ୍ ମାରିଥିଲା । ପୋଲିସ ଡ୍ରାଇଭରକୁ ଗୋଡାଇ ନିକଟସ୍ଥ ଜଙ୍ଗଲରୁ ଗିରଫ କରିଛି। ଏହି ଗୋରୁ ଗାଡିରେ ୩ ବେପାରୀ ରହିଥିବା ବେଳେ ସେମାନେ ହେଲେ ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାର ତେଣ୍ଡାପଶି ଗ୍ରାମର ଶେଖ ଗୁଲାମ ମହମଦିନ (୨୫), ଶେଖ ଅଫତାବ (୧୯) ଏବଂ ଶେଖ ଫିରୋଜ (୧୯)କୁ ପୋଲିସ ଗିରଫ କରିଛି। ପିକ୍‌ଅପ୍‌ରେ ଥିବା ଗୋରୁକୁ ପୋଲିସ ନିଜ ହେପାଜତରେ ନେଇ ଗୋଶାଳା ରେ ଛାଡିଥିବା ସୂଚନା ମିଳିଛି। ଅଭିଯୁକ୍ତଙ୍କ ଠାରୁ ୩ ହଜାର ଟଙ୍କା ଓ ୬ଟି ମୋବାଇଲ ଜବତ କରଯାଇଛି । ଉକ୍ତ ଗୋରୁଗୁଡିକ ପଶ୍ଚିମବଙ୍ଗର କଂସେଇଖାନାକୁ ନିଆଯାଉଥିବା ପୋଲିସ ନିକଟରେ ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି। ଏସ୍ଆଇ ସିଲୁ ମଲ୍ଲିକଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ସ୍କ୍ୱାର୍ଡ ଓ ସଦର ପୋଲିସ ମିଳିତ ଭାବେ ଚଢ଼ାଉରେ ସାମିଲ ଥିଲେ ।



କଟକ(ଭାସ୍କର ନ୍ୟୁଜ): ବୟସ ଯୋଗ୍ୟତା ଦୃଷ୍ଟିରୁ ଓଡିଶାରେ ଇଣ୍ଡିଆ ରିଜର୍ଭ ବାଟାଲିୟନ (ଆଇଆରବି) କନଷ୍ଟେବଳ ନିଯୁକ୍ତି ସମ୍ପର୍କିତ ମାମଲାରେ ହାଇକୋର୍ଟ ରାଜ୍ୟ ସରକାରଙ୍କ ଯୁକ୍ତି ଆଧାରରେ ସର୍ବାଧିକ ୩ ବର୍ଷ ବୟସସୀମା କୋହଳ କରିବାକୁ ଆଦେଶ ଦେଇଛନ୍ତି । ମଙ୍ଗଳବାର ହାଇକୋର୍ଟରେ ମାମଲାର ଶୁଣାଣି ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ସତ୍ୟପାଠ ଦାଖଲ କରାଯାଇଥିଲା । ଏଥିରେ ଦର୍ଶାଯାଇଥିଲା ଯେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ସର୍ବାଧିକ ୩ ବର୍ଷ ବୟସୀମା କୋହଳ କରିବାକୁ ନିଷ୍ପତି ନିଆଯାଇଛି । ସରକାରଙ୍କ ଏତାଦୃଶ ସତ୍ୟପାଠ ଆଧାରରେ କନେଷ୍ଟବଳ ନିଯୁକ୍ତି ନିମନ୍ତେ ସର୍ବାଧିକ ୩ ବଷୟ ବୟସସୀମା କୋହଳ କରିବାକୁ ରାଜ୍ୟ ସରକାରଙ୍କୁ ଆଦେଶ ଦେଇଛନ୍ତି । ଆଇଆରବିରେ ୧,୮୦୦ରୁ ଅଧିକ କନଷ୍ଟେବଳ ପଦବୀ ପାଇଁ ନିଯୁକ୍ତି ଚଳିତ ମାସ ୧୭ରେ ଆରମ୍ଭ ହେବାକୁ ଥିଲା । ତେବେ ବିଜ୍ଞପ୍ତି ପୂର୍ବରୁ ୬ବର୍ଷ ଧରି ଆଇଆରବି କନଷ୍ଟେବଳ ପଦବୀ ପାଇଁ ନିଯୁକ୍ତି ପ୍ରକାଶ କରାଯାଇନଥିଲା । ତେଣୁ, ବୟସ କାରଣରୁ ଅନେକ ଚାକିରି ଆଶାୟୀ ପଦବୀ ପାଇଁ ଆବେଦନ କରିବାର ସୁଯୋଗ ପାଇନଥିଲେ । ଫଳରେ ଅଧିକ ବୟସର ଆବେଦନକାରୀଙ୍କୁ ସୁଯୋଗ ଦେବାକୁ ହଏକାଧିକ ମାମଲା ରୁଜୁ ହୋଇଥିଲା । ହାଇକୋର୍ଟ ମାମଲାର ଶୁଣାଣି କରି ସର୍ବାଧିକ ୫ ବର୍ଷ ବୟସସୀମା କୋହଳ କରିବାକୁ ରାଜ୍ୟ ସରକାରଙ୍କୁ ଆଦେଶ ଦେଇଥିଲେ ।

# ସରକାରୀ ଯୋଜନା ସଂପର୍କରେ ଅବଗତ ହୁଅନ୍ତୁ ଅଧିକାରୀ: ରାଜ୍ୟପାଳ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଜନସାଧାରଣଙ୍କ ଆବଶ୍ୟକତାକୁ ଲକ୍ଷ୍ୟ ରଖି ତଥା ସେମାନଙ୍କ ହିତ ଉଦ୍ଦେଶ୍ୟରେ ସରକାର ବିଭିନ୍ନ ସମୟରେ ବିଭିନ୍ନ ଯୋଜନା ପ୍ରଣୟନ ସହିତ କାର୍ଯ୍ୟକ୍ରମମାନ ଆରମ୍ଭ କରିଥାନ୍ତି । ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ କିପରି ସାଧିତ ହୋଇପାରିବ ତାହା ସୁନିଶ୍ଚିତ କରିବାର ଦାୟିତ୍ୱ ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ପ୍ରଶାସନିକ ଅଧିକାରୀଙ୍କର । କିନ୍ତୁ ପ୍ରଶାସନିକ ଅଧିକାରୀ ଭାବେ ପ୍ରଥମେ ସେହି ଯୋଜନା ଯାହା ସାମାଜିକ ସୁରକ୍ଷା, ଜନକଲ୍ୟାଣ କିମ୍ବା ବିକାଶମୂଳକ ତାହା ସଂପର୍କରେ ଅଧିକ ଜାଣିବା, ବୁଝିବା ଦ୍ୱାରା ତାହାର ସୁଫଳ ସଂପର୍କରେ ସେମାନେ ସଠିକ୍ ଭାବେ ଜନସାଧାରଣଙ୍କୁ ବୁଝାଇବାରେ ସକ୍ଷମ ହୋଇପାରିବେ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି ଓଡ଼ିଶା ପ୍ରଶାସନିକ ସେବାର ପ୍ରଶିକ୍ଷଣ ଗ୍ରହଣ କରୁଥିବା ଅଫିସର ଟ୍ରେନିଙ୍କୁ ପରାମର୍ଶ ଦେଇଛନ୍ତି । ମଙ୍ଗଳବାର ରାଜଭବନର ନ୍ୟୁ ଅଭିଷେକ ହଲ୍‌ରେ ଓଡ଼ିଶା ରାଜସ୍ୱ ସେବାରୁ ଓଡ଼ିଶା ପ୍ରଶାସନିକ ସେବାକୁ ପଦୋନ୍ନତି ପ୍ରାପ୍ତ ୭୧ ଅଫିସର ଟ୍ରେନି ଓ ପ୍ରତ୍ୟକ୍ଷ ଭାବେ ନିଯୁକ୍ତ ଓଡ଼ିଶା ପ୍ରଶାସନିକ ସେବା-୨୦୨୨ ବ୍ୟାଚ୍‌ର ୭୮ ଅଫିସର ଟ୍ରେନି ରାଜ୍ୟପାଳଙ୍କୁ ସାକ୍ଷାତ କରିଥିଲେ । ରାଜ୍ୟପାଳ ପ୍ରଶିକ୍ଷଣ ଗ୍ରହଣ କରୁଥିବା ଅଧିକାରୀଙ୍କୁ ଉଦ୍‌ବୋଧନ ଦେବା ଅବସରରେ ସେମାନଙ୍କୁ ନିଜ ମଧ୍ୟରେ ଶିଖିବାର ପ୍ରବୃତ୍ତିକୁ ଜାରି ରଖି ଜ୍ଞାନର ପରିଧିକୁ ବ୍ୟାପକ କରି ଦୃଢ଼ ଆତ୍ମବିଶ୍ୱାସର ସହ ଜନସାଧାରଣଙ୍କୁ ସେବା ପ୍ରଦାନ କରିବାକୁ କହିଥିଲେ । ରାଜ୍ୟ ସରକାରଙ୍କ ଯୋଜନା ସଂପର୍କରେ ଜାଣିବା ପାଇଁ ବିଭିନ୍ନ ବିଭାଗର କାର୍ଯ୍ୟଧାରା ସଂପର୍କରେ ଅବଗତ ହେବାକୁ ସେ ଅଧିକାରୀଙ୍କୁ କହିଥିଲେ । ବିଭିନ୍ନ ଅଞ୍ଚଳର ବିଶେଷତ୍ୱ, ଅଭିନବ ପ୍ରୟାସ, ଜୀବନ-ଜୀବିକା ସଂପର୍କରେ ସର୍ବଦା ଅପଡେଟ ରହିବା ପାଇଁ ଦୈନିକ ସମ୍ବାଦପତ୍ର, ନ୍ୟୁଜ୍ ଚ୍ୟାନେଲର ବ୍ୟବହାର ସହିତ ପଢ଼ିବାର ଆଗ୍ରହକୁ ଜାଗ୍ରତ ରଖିବା ପାଇଁ ରାଜ୍ୟପାଳ ସେମାନଙ୍କୁ ପରାମର୍ଶ ଦେଇଥିଲେ । ରାଜ୍ୟପାଳ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ ପକ୍ଷରୁ ଭାରତ ସରକାରଙ୍କ ଦ୍ୱାରା ପ୍ରଣିତ ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ ଓ ସଫଳତା ସହିତ ଆହ୍ୱାନ ସଂପର୍କିତ ଏକ ବୁକ୍‌ଲେଟ୍ ପ୍ରକାଶନ କରି ତାହା ପ୍ରଶିକ୍ଷଣ ଗ୍ରହଣ କରୁଥିବା ପ୍ରଶାସନିକ ଅଧିକାରୀଙ୍କୁ ଉପଲବ୍ଧ କରିବାକୁ କହିଥିଲେ । ଏହି ଅବସରରେ ରାଜ୍ୟପାଳ ଅଧିକାରୀଙ୍କ ସଫଳ ଭବିଷ୍ୟତ କାମନା କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ଅତିରିକ୍ତ ନିର୍ଦ୍ଦେଶକ ଡକ୍ଟର ମୋନାଲିସା ଲେଙ୍କା ଏକାଡେମୀ ଦ୍ୱାରା ପ୍ରଦାନ କରାଯାଉଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଓ ଅଫିସର୍ସ ଟ୍ରେନିଙ୍କ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ଅଫିସର୍ସଟ୍ରେନିଙ୍କ ପକ୍ଷରୁ ବିକାଶ କୁମାର ସାହୁ, ସାୟେଦା ନାୟେଲା, ଦିବ୍ୟ ରଂଜନ ବିଶ୍ୱାଳ ଓ ମଧୁସ୍ମିତା ବିଶି ସେମାନଙ୍କ ଅଭିଜ୍ଞତା ବର୍ଣ୍ଣନା କରିଥିଲେ । କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନବିଏସ ରାଜପୁତ ଉପସ୍ଥିତ ଥିଲେ । ଶେଷରେ ଅଫିସର୍ସ ଟ୍ରେନିଙ୍କ ପକ୍ଷରୁ ଆକାଂକ୍ଷା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ରାଜଭବନର ବରିଷ୍ଠ ଅଧିକାରୀଙ୍କ ସହ ଏକାଡେମୀର ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ ।

# ଭୀମପୁର ଡେଭ୍‌ଲପ୍‌ମେଣ୍ଟ କମିଟି କାର୍ଯ୍ୟାଳୟ ଲୋକାର୍ପିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଏମ୍‌ସିର ୱାର୍ଡ ନମ୍ବର ୫୨ ଭୀମପୁର ଉନ୍ନୟନ କମିଟିର କାର୍ଯ୍ୟାଳୟର ଫିତାକାଟି ଉଦଘାଟନ କଲେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ । ୱାର୍ଡ ନମ୍ବର ୫୨ ଭୀମପୁର ଡେଭେଲପମେଣ୍ଟ କମିଟିର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିରୂପେ ଯୋଗ ଦେଇ ୬୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି କାର୍ଯ୍ୟାଳୟକୁ ଲୋକାର୍ପିତ କରିଛନ୍ତି ଅପରାଜିତା । ଏହି ଅବସରରେ କମିଟିକୁ ସାଂସଦ ଉନ୍ନୟନ ପାଣ୍ଠିରୁ ଆଉ ୧୦ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି ସେ । ଯେଉଁଥିରେ ୫୨ ନମ୍ବର ୱାର୍ଡରେ ବସବାସ କରୁଥିବା ବରିଷ୍ଠ ନାଗରିକ ଏବଂ ବୁଦ୍ଧିଜୀବୀଙ୍କ ନିମନ୍ତେ ଏଠାରେ ଏକ ଡେ କେୟାର ପ୍ରତିଷ୍ଠା କରାଯିବ । ଏଥିରେ ବରିଷ୍ଠ ନାଗରିକଙ୍କର ବସାଉଠାଠୁ ଆରମ୍ଭ କରି ଲାଇବ୍ରେରୀ, ଆମୋଦପ୍ରମୋଦ, ଅଭିଯୋଗ ପ୍ରକୋଷ୍ଠ ମଧ୍ୟ ପ୍ରତିଷ୍ଠା କରାଯିବ । ବରିଷ୍ଠ ନାଗରିକଙ୍କ ମାଇଁ ବିଭିନ୍ନ ପ୍ରକାରର ଇନଡୋର ଗେମର ମଧ୍ୟ ବ୍ୟବସ୍ଥା କରାଯିବ । କମିଟିର ବାର୍ଷିକ ଉତ୍ସବରେ ଅପରାଜିତାଙ୍କ ଛଡ଼ା ମୁଖ୍ୟ ବକ୍ତାଭାବେ ଏକାମ୍ର ବିଧାୟକ ବାବୁ ସିଂ, ବିଏମସି ମେୟର ସୁଲୋଚନା ଦାସ, ୫୨ ନଂ ୱାର୍ଡ ଡେଭେଲପମେଣ୍ଟ କମିଟି ସଭାପତି ସ୍ୱରାଜ ମୋହନ ସାହୁ, ସମ୍ପାଦକ ଅର୍ଜ୍ଜୁନ କୁମାର ଦାଶ ଏବଂ ମୁଖ୍ୟ ଉପଦେଷ୍ଟା ଶଶାଙ୍କ ସେଖର ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ବିଦ୍ୟୁତ୍ ଟାରିଫ୍ ଅପରିବର୍ତ୍ତିତ ରଖିବା ସ୍ୱାଗତଯୋଗ୍ୟ: ସମୀର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୃଷିଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ନୂତନ ଯୋଜନା ପ୍ରଣୟନ କରିବା ସହ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ନେଇ ଓଡ଼ିଶାବାସୀଙ୍କ ମନ ଜିଣିବାରେ ସକ୍ଷମ ହୋଇଛନ୍ତି । ଏବେ ବିଜେପି ସରକାର ବିଦ୍ୟୁତ୍ ଦର ପୂର୍ବପରି ଅପରିବର୍ତ୍ତିତ ରଖିବା ସହ ୨ କିଲୋୱାଟ୍ ପର୍ଯ୍ୟନ୍ତ ସ୍ମାର୍ଟ ମିଟରର ମାସିକ ରେଣ୍ଟ ଛାଡ଼କରି ଉପଭୋକ୍ତା ପାଇଁ ଆଶ୍ୱସ୍ତି ଆଣି ଦେଇଛନ୍ତି । ଏନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କୁ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଧନ୍ୟବାଦ ଜଣାଇବା ସହ ବିଦ୍ୟୁତ୍ ଉପଭୋକ୍ତାଙ୍କ ସ୍ୱାର୍ଥରକ୍ଷା ପାଇଁ ନିଆଯାଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ ବୋଲି କହିଛନ୍ତି । ସେ କହିଛନ୍ତି ଯେ, ପୂର୍ବରୁ ସ୍ମାର୍ଟମିଟର ଲାଗି ମାସିକ ୬୦ ଟଙ୍କା ରେଣ୍ଟ ହିସାବରେ ଦେବାକୁ ପଡୁଥିଲା । ସରକାରଙ୍କ ନୂଆ ନିଷ୍ପତି ଫଳରେ ଗ୍ରାହକ ଆଶ୍ୱସ୍ତି ପାଇବେ । ଫଳରେ ଲୋକଙ୍କ ମାସିକ ବିଦ୍ୟୁତ୍ ଦେୟ ମଧ୍ୟ ହ୍ରାସ ପାଇବ । ନୂଆସ୍ମାର୍ଟ ମିଟର ଲଗାଇଲେ ବି ଏହି ରେଣ୍ଟ ଦେବାକୁ ପଡ଼ିବନି । ଏହି ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ । ମେସେଜ ଓ ଇମେଲରେ ଇ-ବିଲ୍ ନେଲେ ବିଲ୍ ପିଛା ୧୦ ଟଙ୍କା ଛାଡ଼ ମିଳିବ । ପ୍ରିପେଡ୍ ମିଟରରେ ୪ ପ୍ରତିଶତ ରିହାତି ମିଳିବ । ଡିଜିଟାଲ୍ ପେମେଣ୍ଟରେ ପୂର୍ବଭଳି ୪ ପ୍ରତିଶତ ରିହାତି ମିଳିବ । ୧୦ କିଲୋୱାଟରୁ ଅଧିକ ଲୋଡ୍ ବ୍ୟବହାରକାରୀଙ୍କୁ ଦିନ ୮ଟାରୁ ଅପରାହ୍ଣ ୪ଟା ଯାଏ ୨୦ ପ୍ରତିଶତ ମିଳିବ । ପୂର୍ବରୁ ବିଜୁଳି ଦର ଯାହାଥିଲା ଏବେ ତାହା ହିଁ ରହିବ । ଏଭଳି ବିଦ୍ୟୁତ୍ ସଂସ୍କାର ଆଗାମୀ ଦିନରେ ମଧ୍ୟ ଜାରି ରହିବ । ଆଗକୁ ଆହୁରି ଉନ୍ନତମାନର ସେବା ଯୋଗାଇ ଦିଆଯିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

# ଓଡ଼ିଶା ନିର୍ମାଣ ନିଗମର ୨୯୦ ତମ ନିର୍ଦ୍ଦେଶକ ମଣ୍ଡଳୀ ପରିଷଦ ବୈଠକ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶା ନିର୍ମାଣ ନିଗମ(ଓସିସିଏଲ)ର ୨୯୦ତମ ନିର୍ଦ୍ଦେଶକ ମଣ୍ଡଳୀ ପରିଷଦ(ବୋର୍ଡ ଅଫ୍ ଡିରେକ୍ଟର୍ସ) ବୈଠକ ମଙ୍ଗଳବାର ଅପରାହ୍ଣରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଓସିସିଏଲର ଅଧ୍ୟକ୍ଷା ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେଭୁବନେଶ୍ୱର ୟୁନିଟ୍-୮ ସ୍ଥିତ ଓସିସିଏଲର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଆଗାମୀ ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ଓସିସିଏଲ ତରଫରୁ ପ୍ରସ୍ତାବିତ କାର୍ଯ୍ୟ ନିମନ୍ତେ ବଜେଟ୍ ଅନୁମୋଦନ କରାଯାଇଥିଲା । ୨୦୨୪-୨୫ ଆର୍ଥିକ ବର୍ଷର ବଜେଟ୍ ମୁତାବକ ବିଭିନ୍ନ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ଉନ୍ନୟନ କମିଶନର ତଥା ଓସିସିଏଲର ଅଧ୍ୟକ୍ଷା ଶ୍ରୀମତୀ ଗର୍ଗ ସମୀକ୍ଷା କରିଥିଲେ । ଆଗାମୀ ଦିନରେ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ କାର୍ଯ୍ୟ ଶେଷ କରିବା ପାଇଁ ଯେଉଁ ସବୁ ଆହ୍ୱାନ ରହିବ, ତାହାକୁ ଦୃଷ୍ଟିରେ ରଖି ଓସିସିଏଲର କାର୍ଯ୍ୟଧାରାକୁ ଅଧିକ ସୁଦୃଢ଼ୀକରଣ କରିବାକୁ ସେ ଆବଶ୍ୟକ ପରାମର୍ଶ ଦେଇଥିଲେ ।

# ୨୭ରେ ବିପ୍ଲବ ହେବ: ଭକ୍ତ ଦାସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): କଂଗ୍ରେସ ବିଧାୟକଙ୍କୁ ନିଲମ୍ବନ ନେଇ ପିସିସି ସଭାପତି ଭକ୍ତ ଦାସ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ବାଚସ୍ପତି ଆଲୋଚନା ପାଇଁ ଡାକିଲେ, କଥାବାର୍ତ୍ତା କଲେ, ସମାଧାନ କଲେନି । ହାଉସ୍ କମିଟି ଗଠନ କରିଥିଲେ କଣ ଅସୁବିଧା ହୋଇଥାନ୍ତା ବରଂ ଗୃହ ଭଲରେ ଚାଲିଥାନ୍ତା । ଆସନ୍ତା ୨୭ରେ ବିପ୍ଲବ ହେବ । ବିଜେଡି ଦାବି କରିଥିଲେ ହାଉସ୍ କମିଟି କରିବାକୁ ସରକାର ବାଧ୍ୟ ହୋଇଥାନ୍ତେ ବୋଲି କହିଛନ୍ତି ଭକ୍ତ ଦାସ ।

# ବର୍ଷା କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ମିଳୁ ସହାୟତା: କଂଗ୍ରେସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ୩ ଦିନ ଧରି କାଳ ବୈଶାଖି ପ୍ରଭାବରେ ଅଦିନିଆ ବର୍ଷା ଓ କୁଆପଥର ମାଡ଼ରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବ୍ୟାପକ ଭାବରେ ପନିପରିବା ଡାଲି ଓ ତୈଳବୀଜ ଜାତୀୟ ଫସଲ ନଷ୍ଟ ହୋଇଛି । ଚାଷୀ ଧାର ଉଧାର କରି ଚାଷରେ ଯେଉଁ ଅର୍ଥ ବିନିଯୋଗ କରିଥିଲେ ତାହା ଏବେ ଭରଣା ହେବା ସମ୍ଭବପର ନୁହେଁ । ଅନ୍ୟପକ୍ଷରେ ସରକାର ପ୍ରଚଳିତ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିରୁ ଯାହା (କୃଷି ଇନପୁଟ୍) ସହାୟତା ପ୍ରଦାନ କରିଥାନ୍ତି ତାହା ସମୁଦ୍ରକୁ ଶଙ୍ଖେ । ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ସରକାରଙ୍କ ପକ୍ଷରୁ ଜିଲ୍ଲାୱାରୀ କ୍ଷତିଗ୍ରସ୍ତ ଚାଷୀଙ୍କ ନାମ ତାଲିକା ତୁରନ୍ତ ପ୍ରକାଶ କରି ଆବଶ୍ୟକ ସହାୟତା ଦିଆଯାଉ । କୃଷି ଇନପୁଟ୍ ସହାୟତା, ଜଳକର ଓ କୃଷିଋଣ ଛାଡ଼, ଚାଷ ପାଇଁ ମାଗଣା ବିଜୁଳି, ପନିପରିବା ଚାଷୀଙ୍କୁ ଏକର ପିଛା ୫୦ ହଜାର ଟଙ୍କା ସହାୟତା, ଯୁଦ୍ଧକାଳୀନ ଭିତିରେ ଅଚଳ ଉଠା ଜଳସେଚନ ପଏଂଟ ଗୁଡ଼ିକର ଆଶୁ କାର୍ଯ୍ୟକାରୀତା ଓ ଦୀର୍ଘବର୍ଷ ହେଲା ହଜାର ହଜାର ଚାଷୀ ଉଠା ଜଳସେଚନ ନିଗମରେ ଲିଫ୍ଟ ପଏଣ୍ଟ ପାଇଁ ଅଗ୍ରୀମ ଆକାରରେ ଜମା ଦେଇଥିବା ଅର୍ଥରେ ତୁରନ୍ତ ନୂତନ ଉଠା ଜଳସେଚନ ପଏଣ୍ଟ ସ୍ଥାପନ ଏବଂ ଆସନ୍ତା ଅକ୍ଷୟ ତୃତୀୟା ପୂର୍ବରୁ ଆବଶ୍ୟକ ପରିମାଣର ପ୍ରାମାଣିକ ଧାନ ବିହନ ମହଜୁଦ୍ କରି ରଖିବା ପାଇଁ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ କିଷାନ କଂଗ୍ରେସ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଦୃଢ଼ ଦାବୀ କରିଛନ୍ତି ।



ଏଆଇସିସି ସାମାଜିକ ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷା ତଥା ଜାତୀୟ କଂଗ୍ରେସ ମୁଖପାତ୍ର ସୁପ୍ରିୟା ଶ୍ରିନେତ୍ ଏବଂ ଓଡିଶା ସାମାଜିକ ଗଣମାଧ୍ୟମ ଏଆଇସିସି ପ୍ରଭାରୀ ସୁମିତ୍ ଦୁବେ ଓଡ଼ିଶା ଗସ୍ତରେ ଆସିଥିବା ଅବସରରେ ରାଜ୍ୟରେ ବୃଦ୍ଧି ପାଉଥିବା ଏବଂ ପ୍ରତିଦିନ ମହିଳା ଓ ଛାତ୍ରଛାତ୍ରୀଙ୍କ ପ୍ରତି ହେଉଥିବା ନିର୍ଯାତନା ସମ୍ପର୍କରେ ସେମାନଙ୍କ ସହ ଆଲୋଚନା କରୁଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ ।

# ଜଳ ସମ୍ପଦ ବିଭାଗରେ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତି ଓ ଖର୍ଚ୍ଚ ସମୀକ୍ଷା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଜଳସମ୍ପଦ ବିଭାଗରେ ନିର୍ମାଣାଧୀନ ପ୍ରକଳ୍ପ କାର୍ଯ୍ୟସବୁ ତ୍ୱରାନ୍ୱିତ କରିବା ଏବଂ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ଓ ଖର୍ଚ୍ଚ ବିନିଯୋଗ କରିବା ସମ୍ପର୍କରେ ଉନ୍ନୟନ କମିଶନର ତଥା ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଲୋକସେବା ଭବନରୁ ଉନ୍ନୟନ କମିଶନର ଏବଂ ବିଭିନ୍ନ ଜିଲ୍ଲାରୁ ଯନ୍ତ୍ରୀମାନେ ଆଭାସୀରେ ଯୋଗ ଦେଇଥିବା ବେଳେ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ସମେତ ଅନ୍ୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ । ଜଳସମ୍ପଦ ବିଭାଗରେ କାର୍ଯ୍ୟକାରୀ ହେଉଥିବା, ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ, ଉଠା ଜଳସେଚନ ପ୍ରକଳ୍ପ, ଜଳଭଣ୍ଡାରରେ ଜଳ ସଂରକ୍ଷଣ, ଜଳ ଭଣ୍ଡାରର ରକ୍ଷଣାବେକ୍ଷଣ, ଜଳ ନିଷ୍କାସନ ବ୍ୟବସ୍ଥା ଆଦି କାର୍ଯ୍ୟ ସଂପର୍କରେ ସମୀକ୍ଷା କରାଯାଇଥିଲା । ଶ୍ରୀମତୀ ଗର୍ଗ ବିଭାଗୀୟ ବରିଷ୍ଠ ଅଧିକାରୀ ଏବଂ ଯନ୍ତ୍ରୀଙ୍କ ସହ ବିଭିନ୍ନ କାର୍ଯ୍ୟ ସଂପର୍କରେ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ ।

# 'କୃଷି ଭିତ୍ତିଭୂମିର ବ୍ୟାପକ ବିକାଶ କରିଥିଲେ ଦେବେନ୍ଦ୍ର ପ୍ରଧାନ'



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶା ବିଜେପିର ବରିଷ୍ଠ ନେତା, ପିତାମହ ତଥା ପୂର୍ବତନ ରାଜ୍ୟ ସଭାପତି, ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତଃ ଡକ୍ଟର ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗରେ ଭୁବନେଶ୍ୱରସ୍ଥିତ ବୁଲନ୍ ନନା ସେବା ଭବନରେ ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ରାଜ୍ୟ ସଭାପତି ମହେଶ୍ୱର ସାହୁ କହିଛନ୍ତି ଯେ, କୃଷିମନ୍ତ୍ରୀ ରୂପେ ଓଡ଼ିଶାରେ କୃଷି ଭିତିଭୂମିର ବ୍ୟାପକ ବିକାଶ କରିଥିଲେ ଡା. ପ୍ରଧାନ । ସେ ଓଡ଼ିଶାରେ କୃଷି ବିଜ୍ଞାନ କେନ୍ଦ୍ରର ପ୍ରତିଷ୍ଠାର ମୁଖ୍ୟ ପୁରୋଧା ଥିଲେ । କେନ୍ଦ୍ରରେ ଅଟଳ ବିହାରୀ ବାଜପେୟୀଜୀଙ୍କ ସରକାର ଆସିବା ପରେ ଭୂପୃଷ୍ଠ ପରିବହନ ମନ୍ତ୍ରୀ ରୂପେ ଡକ୍ଟର ପ୍ରଧାନ ଓଡ଼ିଶାର ସମସ୍ତ ଜିଲ୍ଲାରେ ଜାତୀୟ ରାଜପଥର ବିସ୍ତାର କରିଥିଲେ । ଏହା ପୂର୍ବରୁ ଓଡ଼ିଶାରେ କେବଳ ମାତ୍ର ୨ଟି ଜାତୀୟ ରାଜପଥ ଯଥା କଲିକତାରୁ ଚେନ୍ନାଇ ଓ କଲିକତାରୁ ମୁମ୍ବାଇ ଥିଲା । ତାଙ୍କ ପ୍ରଚେଷ୍ଟାରେ ଓଡିଶାରେ ବିଜେପି ସଂଗଠନ ମଜଭୂତ ହେବା ସହ ତୃଣମୂଳସ୍ତର ପର୍ଯ୍ୟନ୍ତ ଶକ୍ତିଶାଳୀ ହୋଇପାରିଥିଲା ବୋଲି ଶ୍ରୀ ସାହୁ କହିଥିଲେ । ରାଜ୍ୟ ସଂପାଦକ ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ସଂଯୋଜନାରେ ବିଜେପିର ବରିଷ୍ଠ ନେତା ସଜ୍ଜନ ଶର୍ମା, ଶୁଭ୍ରାଂଶୁ ଶେଖର ପାଢ଼ୀ, କୃଷକମୋର୍ଚ୍ଚା ରାଜ୍ୟ ଉପସଭାପତି ହୃଷୀକେଶ ଜେନା ଓ ପୁଲିନ୍ ପ୍ରକାଶ ପୁହାଣ, କୃଷକମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଉପେନ୍ଦ୍ର ଭଞ୍ଜ, ରାଜ୍ୟ ସମ୍ପାଦକ ବିକ୍ରମ କେଶରୀ ରାଉତରାୟ, ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ଡ.ଜଗନ୍ନାଥ ମହାପାତ୍ର, କୌଶିକ ଚାନ୍ଦ, କୈଳାସ ବାରିକ, ଅଶୋକ କୁମାର ପୃଷ୍ଟି, ଲକ୍ଷ୍ମୀନାରାୟଣ ତ୍ରିପାଠୀ, ଚନ୍ଦ୍ର ଶେଖର ରଥ, ସୁମନ୍ତ ମହାରଣା ପ୍ରମୁଖଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ରହି ସ୍ୱର୍ଗତଃ ଡ. ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# ୫ ଦିନିଆ ରିମାଣ୍ଡରେ ନାଇଜେରୀୟ ଯୁବକ

କଟକ(ଭାସ୍କର ନ୍ୟୁଜ): ନାଇଜେରୀୟ ଯୁବକଙ୍କ ବ୍ଲାକ୍‌ମେଲର ଶିକାର ହୋଇ କଟକର ଜଣେ ଡାକ୍ତରୀଙ୍କ ପ୍ରାଣ ହାରିବା ଘଟଣାରେ ଅଭିଯୁକ୍ତକୁ ୫ ଦିନିଆ ରିମାଣ୍ଡରେ କମିଶନରେଟ ପୋଲିସ ନେଇଛି । ପ୍ରକୃତରେ ଗିରଫ ସମୟରେ ଅଭିଯୁକ୍ତ ନାଇଜେରୀୟ ଯୁବକ ଜେ.ଜେ ରେମଣ୍ଡଠାରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିଲା । ତେଣୁ ଘଟଣାରେ ଅଧିକ ତଦନ୍ତର ଆବଶ୍ୟକ ଥିବାରୁ ପୋଲିସ ଅଭିଯୁକ୍ତକୁ ରିମାଣ୍ଡରେ ନେବା ପାଇଁ ଆବେଦନ କରିଥିଲା । ଗିରଫ ସମୟରେ ରେମଣ୍ଡରୁ ଲାପଟପ୍, ମୋବାଇଲ ଫୋନ୍ ଓ ସିମ୍ କାର୍ଡ ମିଳିଥିଲା । ଯେଉଁଥିରୁ ଆହୁରି ଅନେକ ଯୁବତୀଙ୍କୁ ଏଭଳି ଭାବରେ ବ୍ଲାକମେଲ କରିଥିବା କଥା ସାମ୍ନାକୁ ଆସିଥିଲା । ଗୋଟିଏ ଆକାଉଣ୍ଟ ମାଧ୍ୟମରେ ରେମଣ୍ଡ ୧୫ଲକ୍ଷ ଟଙ୍କା କାରବାର କରିଥିବା ମଧ୍ୟ ଜଣାପଡ଼ିଥିଲା ।

# ପିଆରଏସ୍‌ଆଇ ଭୁବନେଶ୍ୱର ଚାପ୍ଟରର ନୂତନ ଅଧ୍ୟକ୍ଷ ଓ କାର୍ଯ୍ୟକର୍ତ୍ତା ନିର୍ବାଚିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପବ୍ଲିକ ରିଲେସନ୍ ସୋସାଇଟି ଅଫ ଇଣ୍ଡିଆ (ପିଆରଏସ୍‌ଆଇ) ଭୁବନେଶ୍ୱର ଚାପ୍ଟରର ୬ଷ୍ଠ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍)ରେ ସର୍ବସମ୍ମତିକ୍ରମେ ଏହାର ପରବର୍ତ୍ତୀ ଦୁଇବର୍ଷ ପାଇଁ ନୂତନ ଅଧ୍ୟକ୍ଷ ଏବଂ ଅନ୍ୟ ପ୍ରମୁଖ କାର୍ଯ୍ୟକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ହେଡ୍ ଅଫ କର୍ପୋରେଟ ଆଫେୟାର୍ସ, ପାରାଦୀପ ଫସଫେଟସ୍ ଲିମିଟେଡର ସୁଧି ରଞ୍ଜନ ମିଶ୍ର ପିଆରଏସ୍‌ଆଇ ଭୁବନେଶ୍ୱର ଚାପ୍ଟରର ନୂତନ ଅଧ୍ୟକ୍ଷ ଭାବରେ ନିର୍ବାଚିତ ହୋଇଛନ୍ତି । ନୂତନ ଅଧ୍ୟକ୍ଷଙ୍କ ସହିତ ରବିବାର ସଂଧ୍ୟାରେ ଅନୁଷ୍ଠିତ ଏଜିଏମ୍‌ରେ ଅନ୍ୟ ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ମଧ୍ୟ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ । ଡ.ସଞ୍ଜୟ କୁମାର ସାହୁ, ଡିଜିଏମ୍-କର୍ପୋରେଟ କମ୍ୟୁନିକେସନ, ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ ଉପାଧ୍ୟକ୍ଷ ଭାବରେ ଏବଂ କୃଷ୍ଣଚନ୍ଦ୍ର ମହାପାତ୍ର, ଷ୍ଟେଟ ହେଡ-କର୍ପୋରେଟ କମ୍ୟୁନିକେସନ, ରିଲାଏନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ ଚାପ୍ଟରର ସମ୍ପାଦକ ଭାବରେ ନିର୍ବାଚିତ ହୋଇଥିଲେ । ଅନୁରୂପ ଭାବରେ ଅଂଶୁମାନ ପଟ୍ଟନାୟକ, ହେଡ-କର୍ପୋରେଟ କମ୍ୟୁନିକେସନ, ପିଆର ଆଣ୍ଡ ବ୍ରାଣ୍ଡିଂ, କଳିଙ୍ଗ ହସପିଟାଲ ଲିମିଟେଡ କୋଷାଧ୍ୟକ୍ଷ ଭାବରେ ଓ ସନ୍ଦୀପ ସେଠୀ, ଡିଜିଏମ୍-କର୍ପୋରେଟ କମ୍ୟୁନିକେସନ, ଓଡ଼ିଶା ମାଇନିଂ କର୍ପୋରେସନ (ଓଏମ୍‌ସି) ଚାପ୍ଟରର ଯୁଗ୍ମ ସମ୍ପାଦକ ଭାବରେ ନିର୍ବାଚିତ ହୋଇଛନ୍ତି । ଚାପ୍ଟରର ନବଗଠିତ କାର୍ଯ୍ୟକାରୀ କମିଟିରେ ଶିକ୍ଷର ଭେଟେରାନ ଶଶାଙ୍କ ପଟ୍ଟନାୟକ ଏବଂ ଅମରଜ୍ୟୋତି ମହାପାତ୍ରଙ୍କ ସହିତ ଅଭିଜ୍ଞ ତରୁଣ ତୁର୍କ ସମ୍ବିତ ମହାନ୍ତି, ଧରିତ୍ରୀ ଶତପଥୀ, ଦିପାନ୍ୱିତା ମିଶ୍ର ଏବଂ ଡ.ଅନୁରାଗ ସାହୁ ପ୍ରମୁଖ ରହିଛନ୍ତି । ଏହି ଅବସରରେ ପ୍ରକାଶ କରି ସୁଧି ରଞ୍ଜନ ମିଶ୍ର, ପିଆରଏସ୍‌ଆଇ ଭୁବନେଶ୍ୱର ଚାପ୍ଟରର ନବନିର୍ବାଚିତ ଅଧ୍ୟକ୍ଷ କହିଥିଲେ, ନୂତନ ଟିମ୍ ଅର୍ଥପୂର୍ଣ୍ଣ ସହଭାଗୀତା ଏବଂ ରାଜ୍ୟରେ ଅନେକ ପିଆର୍ କେନ୍ଦ୍ରିକ କାର୍ଯ୍ୟକ୍ରମ ଆୟୋଜନ ଜରିଆରେ ସୋସାଇଟିକୁ ଅଧିକ ଚଳଚଞ୍ଚଳ ଏବଂ ଦୃଶ୍ୟମାନ କରିବାକୁ ପ୍ରୟାସ କରିବେ ।

# ଏକାମ୍ର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ୱେରେଜ୍ ପ୍ରକଳ୍ପ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟରେ ପ୍ରଥମ ଥର ପାଇଁ ବିଜେପି ସରକାର ଗଠନ ହେବା ପରେ ଏକାମ୍ର ନିର୍ବାଚନ ମଣ୍ଡଳୀର ସାମଗ୍ରିକ ବିକାଶକୁ ସର୍ବଦା ପ୍ରାଧାନ୍ୟ ଦିଆଯାଉଛି । ବିଜେପି ସରକାରରେ ଏକାମ୍ରର ଭିତିଭୂମିକୁ ସୁଦୃଢ଼ କରିବା ପାଇଁ ସମସ୍ତ ବାଧାବିଘ୍ନ ଦୂର କରାଯିବା ସହିତ ନୂତନ ପ୍ରକଳ୍ପ ନିର୍ମାଣ କରାଯିବ । ମଙ୍ଗଳବାର ଏକାମ୍ର ନିର୍ବାଚନ ମଣ୍ଡଳୀର ଶିଶୁପାଳ ଗଡ଼ ଓ ଲିଙ୍ଗିପୁର ପଞ୍ଚାୟତ ଅଞ୍ଚଳର ମହାବୀର ନଗର, ବିଜୟ ବିହାର, ନୂଆଗାଁ, ନାଥପୁର, ଲିଙ୍ଗିପୁର, ଇନ୍ଦିରା କଲୋନୀ, ମୃତ୍ୟୁଞ୍ଜୟ ବିହାର, ମାରୁତି ନଗର, ଦିବ୍ୟ ବିହାର କଲୋନୀ ଅଞ୍ଚଳରେ ସ୍ୱେରେଜ ପ୍ରକଳ୍ପ ନିର୍ମାଣର ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନା କରିଥିଲେ ବିଧାୟକ ବାବୁ ସିଂ । ଏହି ଅବସରରେ ଶ୍ରୀ ସିଂ କହିଛନ୍ତି ଯେ, ସ୍ଥାନୀୟ ଜନସାଧାରଣଙ୍କ ଅଭିଯୋଗ ଥିଲା ସ୍ୱରେଜ ଓ ଡ୍ରେନେଜ ବ୍ୟବସ୍ଥା ନଥିବା କାରଣରୁ ରାସ୍ତାରେ ମଇଳା ଆବର୍ଜନା ଭାସୁଥିବା ଫଳରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ ଏହି ଅଞ୍ଚଳ ଗୁଡ଼ିକରେ ସ୍ୱରେଜ୍ ବ୍ୟବସ୍ଥା ହେବା ଦ୍ୱାରା ଜନସାଧାରଣ ଏସବୁ ଅସୁବିଧାରୁ ରକ୍ଷା ପାଇବେ ତେଣୁ ଏହି ନିର୍ମାଣ ଖୁବ୍ ଜଲ୍‌ଦୀ ସରିବ । ଏକାମ୍ର ବାସୀଙ୍କ ବିଶ୍ୱାସକୁ ନେଇ ବିଜେପି ସରକାର କାମ କରିବ । ନିର୍ବାଚନୀ ପ୍ରତିଶୃତିକୁ ବାସ୍ତବ ରୂପ ଦେବା କାର୍ଯ୍ୟ ଆରମ୍ଭ ହୋଇସାରିଛି । ଏକାମ୍ର ନିର୍ବାଚନ ମଣ୍ଡଳୀରେ ବିକାଶ ର ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି ହେବାକୁ ଯାଉଛି ବୋଲି ଶ୍ରୀ ସିଂ କହିଛନ୍ତି । କାର୍ଯ୍ୟକ୍ରମରେ ଭୁବନେଶ୍ୱର ବ୍ଲକ୍ ଅଧ୍ୟକ୍ଷା ନିରୁପମା ସାହୁ,ସରପଞ୍ଚ ରଶ୍ମିରଂଜନ ଶ୍ରୀଚନ୍ଦନ, ସମିତି ସଭ୍ୟ ବିନୋଦ ରାଉତରାୟ, ମଣ୍ଡଳ ସଭାପତି ସୁରୀୟକନ୍ତ, ସ୍ଥାନୀୟ ନେତୃତ୍ୱ ରବି ପାତ୍ର, କୃଷ୍ଣ ଚନ୍ଦ୍ର ନାୟକ, ସୁରେନ୍ ବରାଳ, ଅରୁଣ ପୁରୋହିତ, ଆଲୋକ ସାହୁ, ଚିରଞ୍ଜିବ ଗୋଚ୍ଛାୟତ, ବିଭୂତି ଭୂଷଣ ପ୍ରଧାନ, ଅଜୟ ସ୍ୱାଇଁ, ସୁଶିଲ ଛୁଆଳସିଂ, ପ୍ରମୋଦ ସ୍ୱାଇଁ ସନ୍ତୋଷ ବେହେରା, ଶୁଭଶ୍ରୀ ଚମ୍ପତି ପ୍ରମୁଖ ଉପସ୍ଥିତ ଥିଲେ ।

ୱାର୍କଚାର୍ଜଡ୍ ବର୍ଗ କର୍ମଚାରୀଙ୍କ ପେନସନ୍ ପ୍ରସଙ୍ଗ

# ଦାବି ପୂରଣ ନହେଲେ ୨୧ରେ ଆନ୍ଦୋଳନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପେନସନ୍ ସମ୍ବନ୍ଧୀୟ ମାମଲା ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ବିଚାର ଥିବା ଦର୍ଶାଇ ବିନା ପେନସନ୍‌ରେ ୱାର୍କଚାର୍ଜଡ୍, ୱାର୍କଚାର୍ଜଡ୍‌ରୁ ନିୟମିତ ନିଯୁକ୍ତି ପାଇ ସରକାରୀ ଚାକିରୀରୁ ଅବସର ଗ୍ରହଣ କରିଥିବା କର୍ମଚାରୀଙ୍କୁ ପେନ୍‌ସନ ନଦେବା ପାଇଁ ରାଜ୍ୟ ସରକାର କର୍ମଚାରୀ ସଂଗଠନକୁ ପତ୍ର ସଂଖ୍ୟା- ୧୯୧୩୮, ତାରିଖ ୨୧.୧୧.୨୦୨୪ରେ ଜଣାଇଛନ୍ତି । ରାଜ୍ୟ ସରକାରଙ୍କ ଏପରି ନକରାତ୍ମକ ମନୋଭାବକୁ ଓଡ଼ିଶା ପୂର୍ତ୍ତ ଅବସରପ୍ରାପ୍ତ ୱାର୍କଚାର୍ଜଡ୍/ରେଗୁଲାର କର୍ମଚାରୀ ସଂଘ ନିନ୍ଦା କରିଛି । ସଂଘ ସଭାପତି କଲ୍ୟାଣ ମହାରଣା ଓ ସାଧାରଣ ସମ୍ପାଦକ ଗଗନ ଭଞ୍ଜ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ଅବସରପ୍ରାପ୍ତ ୱାର୍କଚାର୍ଜଡ୍ ଓ ୱାର୍କଚାର୍ଜଡ୍‌ରୁ ନିୟମିତ ହୋଇଥିବା କର୍ମଚାରୀଙ୍କୁ ପେନ୍‌ସନ୍ ପ୍ରଦାନ ସପକ୍ଷରେ ହାଇକୋର୍ଟ ଓ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ଆଦେଶ ଦେଇଛନ୍ତି । ଅନେକ ମାମଲାରେ ରାଜ୍ୟ ସରକାର ସୁପ୍ରିମକୋର୍ଟରେ ହାରିବା ପରେ ପକ୍ଷଭୁକ୍ତ ଥିବା କର୍ମଚାରୀଙ୍କୁ ପେନସନ୍ ପ୍ରଦାନ କରିଛନ୍ତି । ସରକାର ୱାର୍କଚାର୍ଜଡ୍ କର୍ମଚାରୀଙ୍କୁ ପେନସନ୍ ପ୍ରଦାନ କରିବା ପରେ ସମାନସ୍ଥିତିରେ ଥିବା ୱାର୍କଚାର୍ଜଡ୍ ଓ ୱାର୍କଚାର୍ଜଡ୍‌ରୁ ନିୟମିତ ନିଯୁକ୍ତି ପାଇ ଅବସର ଗ୍ରହଣ କରିଥିବା ଅନେକ କର୍ମଚାରୀ ଏହାର ଉଦାହରଣ ଦେଇ ହାଇକୋର୍ଟରେ ପେନ୍‌ସନ୍ ପାଇବା ପାଇଁ ମାମଲା ରୁଜୁ କଲେ । ଭିନ୍ନ ଭିନ୍ନ ମାମଲାକୁ ହାଇକୋର୍ଟ ବିଚାର କରି କର୍ମଚାରୀଙ୍କୁ ପେନସନ୍ ପ୍ରଦାନ ସପକ୍ଷରେ ରାଜ୍ୟ ସରକାରଙ୍କୁ ଆଦେଶ ଦେଲେ । ସରକାର ଆଦେଶକୁ ଚାଲେଞ୍ଜ କରି ହାଇକୋର୍ଟରେ ରିଟ୍ ଅପିଲ୍ ଓ ସୁପ୍ରିମକୋର୍ଟରେ ଏସ୍‌ଏଲ୍‌ପି. ମାମଲା ରୁଜୁ କରୁଛନ୍ତି । କୋର୍ଟରେ ମାମଲା ବିଚାରାଧିନ ଅଛି ବୋଲି ରାଜ୍ୟ ସରକାର କର୍ମଚାରୀ ସଂଗଠନକୁ ପତ୍ର ଲେଖି ପେନସନ୍ ନ ଦେବା ପାଇଁ ଅବସରପ୍ରାପ୍ତ କର୍ମଚାରୀଙ୍କ ମନରେ ହତାଶାର ଭାବ ସୃଷ୍ଟି କରୁଛନ୍ତି । ସଂଘର କର୍ମକର୍ତ୍ତା ଦାବି କରିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ଓ ଆଇନମନ୍ତ୍ରୀ ମାମଲା ଖୋର ନ ହୋଇ ୩୫ରୁ ୪୦ ବର୍ଷ ଧରି ସରକାରଙ୍କୁ ସେବା ଦେଇ ଆସିଥିବା ଅବସରପ୍ରାପ୍ତ ୱାର୍କଚାର୍ଜଡ୍ ଓ ୱାର୍କଚାର୍ଜଡ୍‌ରୁ ନିୟମିତ କର୍ମଚାରୀଙ୍କୁ ପେନସନ୍ ପ୍ରଦାନ ନିମନ୍ତେ ଉଚ୍ଚସ୍ତରୀୟ ଆଲୋଚନାରେ ନିଷ୍ପତି ନିଅନ୍ତୁ । ସମ୍ମିଳନୀରେ ସର୍ବଶ୍ରୀ ଅରୁଣ ପରିଡ଼ା, ନିରନ ବାହିନୀପତି, ଅଶୋକ ଚୌଧୁରୀ, କମଳାକାନ୍ତ ଦାସ, ପ୍ରତାପ ସେନାପତି, ସଂଜୟ କୁମାର ମିଶ୍ର, ଜମିଲୁର ରହେମାନ୍ ପ୍ରମୁଖ ଉପସ୍ଥିତ ଥିଲେ ।

ବିଧାନସଭାରେ ରାଜ୍ୟସ୍ତରୀୟ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ

# ଯୁବବର୍ଗ ଏକ ସଶକ୍ତ ସମାଜ ନିର୍ମାଣର ଆଧାର: ବାଚସ୍ପତି



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆଜିର ଯୁବବର୍ଗ ହେଉଛନ୍ତି ଆମ ସମସ୍ତଙ୍କ ପାଇଁ ଅମୂଲ୍ୟ ସମ୍ପଦ ଏବଂ ଆସନ୍ତାକାଲିର ଭବିଷ୍ୟତ । ଯୁବବର୍ଗ ହେଉଛି ଏକ ସଶକ୍ତ ସମାଜ ନିର୍ମାଣର ଆଧାର । ବିକଶିତ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ-୨୦୪୭ ଲକ୍ଷ୍ୟ ପୂରଣ କରିବାରେ ଯୁବବର୍ଗଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବିଧାନସଭା ପରିସରରେ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ନିଶ୍ଚିତ ରୂପେ ଯୁବ ନେତୃତ୍ୱର ବିକାଶରେ ସହାୟକ ହେବ । ତୃଣମୂଳ ସ୍ତରରୁ ଜାତୀୟସ୍ତର ପର୍ଯ୍ୟନ୍ତ ଯୁବଶକ୍ତିର ବିକାଶରେ ହିଁ ଦେଶର ବିକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିଛନ୍ତି ବାଚସ୍ପତି ସୁରମା ପାଢ଼ୀ । ବିଧାନସଭା ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଦୁଇ ଦିନ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ ପ୍ରଥମ ଦିନରେ ବାଚସ୍ପତି ସୁରମା ପାଢ଼ୀ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୧୪୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି । ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ଆଗାମୀ ଦିନରେ ଜାତୀୟ ସ୍ତରରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । ଆଜିର କାର୍ଯ୍ୟକ୍ରମରେ ଉପ-ବାଚସ୍ପତି ଭବାନୀ ଶଙ୍କର ଭୋଇ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଇଲେକଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟର ଆନୁକୂଲ୍ୟରେ ଆୟୋଜିତ ହେଉଥିବା ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବ ପ୍ରତିଭା ଏବଂ ଯୁବ ନେତୃତ୍ୱ ବିକାଶ ହେବାର ଲକ୍ଷ୍ୟ ରଖାଯାଇଛି ।



ତୁମେ ଭଗବାନଙ୍କୁ ସେପର୍ଯ୍ୟନ୍ତ ବିଶ୍ୱାସ କରିପାରିବ ନାହିଁ,
ଯେପର୍ଯ୍ୟନ୍ତ ତୁମେ ନିଜେ ନିଜକୁ ବିଶ୍ୱାସ ନକରିଛ ।

-ସ୍ୱାମୀ ବିବେକାନନ୍ଦ



କାହିଁରୁ ମୁଁ ଥିଲି ଆସି କାଳ -ସ୍ରୋତେ ଭାସି
ଶୂନ୍ୟହସ୍ତେ ପୁଣି ଯିବି କାହିଁ ?
କୁଟୁମ୍ବାଦି ବନ୍ଧୁ ବିତ୍ତ ଧରମ ବ୍ୟତୀତ
ମୋ' ସାଙ୍ଗେ କେହି ତ' ଯିବେ ନାହିଁ ।

- ଖଗେଶ୍ୱର ସେଠ୍



## ଦେଶର ନ୍ୟାୟିକ ବ୍ୟବସ୍ଥାରେ ସ୍ୱଚ୍ଛତା

# ସୁପ୍ରିମକୋର୍ଟଙ୍କ ପଦକ୍ଷେପ ସ୍ୱାଗତଯୋଗ୍ୟ

କିଛିଦିନ ପୂର୍ବେ ଦିଲ୍ଲୀ ହାଇକୋର୍ଟର ବିଚାରପତି ଜଷ୍ଟିସ ଯଶବନ୍ତ ବର୍ମାଙ୍କ ସରକାରୀ ବାସଭବନରୁ ନଗଦ ୧୫ କୋଟି ମିଳିବା ଘଟଣାକୁ ନେଇ ଦେଶବ୍ୟାପୀ ବିତର୍କ ଜାରି ରହିଥିବା ବେଳେ ସଂପୃକ୍ତ ବିଚାରପତିଙ୍କ ଅଡୁଆ ବଢ଼ି ଚାଲିଥିବାର ଲକ୍ଷ୍ୟ କରାଯାଉଛି । ହସ୍ତଗତ ହୋଇଥିବା ତଥ୍ୟ ଅନୁଯାୟୀ ମାର୍ଚ୍ଚ ୧୪ ତାରିଖ ଦିନ ଦିଲ୍ଲୀରେ ହୋଲି ଉତ୍ସବ ପାଳନ କରାଯାଉଥିବାବେଳେ ବିଚାରପତି ବର୍ମାଙ୍କ ବାସଭବନର ଆଉଟ୍ ହାଉସ୍‌ରେ ହଠାତ୍ ନିଆଁ ଲାଗି ଯାଇଥିଲା । ଅଗ୍ନିଶମବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବାବେଳେ ଅଗ୍ନିଶମ କର୍ମଚାରୀ ସେହି ଆଉଟ ହାଉସରେ ୪।୫ ବସ୍ତା ପୋଡାଜଳା ଟଙ୍କାର ନୋଟ ବିଡା ଦେଖିବାକୁ ପାଇଲେ । ହାଇକୋର୍ଟର ଜଣେ କାର୍ଯ୍ୟରତ ବିଚାରପତିଙ୍କ ଘରେ ଏତେ ପରିମାଣର ଟଙ୍କା କାହିଁକି ଓ କିଭଳି ରକ୍ଷିତ ଥିଲା ଏବଂ ଏହା କେଉଁଠାରୁ ଆସିଲା, ତାକୁ ନେଇ ସାଧାରଣରେ ସନ୍ଦେହ ବଢ଼ିବା ସାଙ୍ଗେସାଙ୍ଗେ ବିଚାରପତିଙ୍କ ସାଧୁତାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେବେ ଦେଶର ସର୍ବୋଚ୍ଚ କାର୍ଯ୍ୟାଳୟ ସୁପ୍ରିମକୋର୍ଟ ନ୍ୟାୟପାଳିକାର ସ୍ୱଚ୍ଛତା ବଜାୟ ରଖିବା ଲକ୍ଷ୍ୟରେ ଏ କ୍ଷେତ୍ରରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଗେଇ ଆସିଛି ଏବଂ ମାନ୍ୟବର ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା ସଂପୃକ୍ତ ବିଚାରପତିଙ୍କ ଘରେ ନିଆଁ ଲାଗିବା ଘଟଣାର ପ୍ରାଥମିକ ତଦନ୍ତ ରିପୋର୍ଟ ଓ ଭିଡିଓକୁ ସାର୍ବଜନୀନ କରିଛନ୍ତି । ଦିଲ୍ଲୀ ପୋଲିସ ପ୍ରସ୍ତୁତ କରିଥିବା ଏବଂ ସୁପ୍ରିମକୋର୍ଟ ସାର୍ବଜନୀନ କରିଥିବା ଭିଡିଓରେ ବିଚାରପତି ବର୍ମାଙ୍କ ଘରେ ବିପୁଳ ପରିମାଣର ଟଙ୍କା ପୋଡିଯିବା ସ୍ପଷ୍ଟ ଚିତ୍ର ଦେଖିବାକୁ ମିଳୁଛି । ମିଳିଥିବା ଅର୍ଥର ପରିମାଣ ୧୫ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଉଛି । ଅନ୍ୟ ପକ୍ଷରେ ବିଚାରପତି ବର୍ମାଙ୍କ ବାସଭବନରେ ନିଆଁ ଲାଗି ଟଙ୍କା ପୋଡିଯିବା ଘଟଣାକୁ ନେଇ ଅନ୍ୟ ଏକ ତଥ୍ୟ ମଧ୍ୟ ଇତିମଧ୍ୟରେ ଉନ୍ମୋଚିତ ହୋଇଛି । ସଂପୃକ୍ତ ବିଚାରପତିଙ୍କ ବାସଭବନର ଆଖପାଖ ଅଞ୍ଚଳରେ ମଧ୍ୟ ଅଧାପୋଡ଼ା ୫୦୦ ଟଙ୍କିଆ ନୋଟର ଟୁକୁରା ଅଂଶ ଦେଖିବାକୁ ମିଳୁଛି । ସେଠାରେ ସଫେଇ କାର୍ଯ୍ୟ କରୁଥିବା କର୍ମଚାରୀମାନେ ୪।୫ ଦିନ ତଳେ ଅଳିଆ ସଂଗ୍ରହ କରୁଥିବା ସମୟରେ ୫୦୦ ଟଙ୍କିଆ ପୋଡ଼ା ନୋଟ୍‌ର ଟୁକୁରା ଦେଖିବାକୁ ପାଇଥିବା ପ୍ରକାଶ କରିଛନ୍ତି । ଏପରିକି ବର୍ତ୍ତମାନ ମଧ୍ୟ ପ୍ରତିଦିନ ପୋଡ଼ା ୫୦୦ ଟଙ୍କିଆ ନୋଟ୍‌ର ଗୋଟିଏ ଦୁଇଟି ଟୁକୁରା ସେମାନେ ଦେଖିବାକୁ ପାଉଛନ୍ତି । ଏଥିରୁ ପ୍ରମାଣିତ ହେଉଛି ଯେ, ଘର ଭିତରୁ ମିଳିଥିବା ପୋଡା ଟଙ୍କାକୁ ବାଦ୍ ଦେଲେ ବାହାରେ ପଡିଥିବା ଟଙ୍କା ହୁଏତ ହିସାବକୁ ନିଆଯାଇନାହିଁ ଏବଂ ଏହାର ଉତ୍ସ ମଧ୍ୟ ସଂପୂର୍ଣ୍ଣ ରହସ୍ୟାବୃତ ରହୁଛି । ଅଥଚ ଜଷ୍ଟିସ ଯଶବନ୍ତ ବର୍ମା ଏହି ଘଟଣାରେ ତାଙ୍କର କୌଣସି ସଂପୃକ୍ତି ନଥିବା ଦର୍ଶାଇ ନିଜକୁ ନିର୍ଦ୍ଦୋଷ ବୋଲି ଦାବି କରିଛନ୍ତି । ସେ କିମ୍ବା ତାଙ୍କ ପରିବାରର କୌଣସି ସଦସ୍ୟ ଏହି ଟଙ୍କା ରଖିନଥିଲେ ବୋଲି ସେ ପ୍ରକାଶ କରିବା ସଂଗେସଂଗେ ତାଙ୍କ ବିରୋଧରେ ଏକ ଷଡ଼ଯନ୍ତ୍ର କରାଯାଇଛି ବୋଲି ଜଷ୍ଟିସ ବର୍ମା କହିଛନ୍ତି । ସୁପ୍ରିମକୋର୍ଟ ପ୍ରଧାନବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ କଲେଜିୟମ୍ ସୋମବାର ଦିନ ଜଷ୍ଟିସ୍ ବର୍ମାଙ୍କୁ ତାଙ୍କର ମୂଳ କୋର୍ଟ ଏଲାହାବାଦ୍ ହାଇକୋର୍ଟକୁ ବଦଳି କରିବା ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି । ମାତ୍ର ସେପଟେ ଏଲାହାବାଦ୍ ହାଇକୋର୍ଟ ବାର୍ ଆସୋସିଏସନ ଏହି ବଦଳି ନିଷ୍ପତ୍ତିକୁ ଦୃଢ଼ ବିରୋଧ କରି ଜଷ୍ଟିସ୍ ବର୍ମା ସେଠାକୁ ନଆସନ୍ତୁ ବୋଲି ଦାବି କରିଛି । ଏହା ବିରୋଧରେ ମଙ୍ଗଳବାର ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି । ନ୍ୟାୟିକ ସ୍ୱଚ୍ଛତା ବଜାୟ ରଖିବା ଦିଗରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଯେଉଁ ତୁରନ୍ତ ପଦକ୍ଷେପ ଗ୍ରହଣ କଲେ, ତାହା ବାସ୍ତବିକ ଅଭିନନ୍ଦନୀୟ । ତେବେ ଯେଉଁମାନେ ସାଧାରଣ ଜୀବନରେ ଉଚ୍ଚପଦବୀରେ ଅଧିଷ୍ଠିତ ଏବଂ ଆଇନର ରକ୍ଷାକର୍ତ୍ତା ଭାବରେ ଦାୟିତ୍ୱ ସଂପାଦନ କରୁଛନ୍ତି, ସେମାନେ ବ୍ୟକ୍ତିଗତ ଜୀବନରେ ସନ୍ଦେହମୁକ୍ତ ରହିବା ଏକାନ୍ତ ଜରୁରି । ଏହି ନିର୍ଦ୍ଦିଷ୍ଟ ଘଟଣାରେ ଜଷ୍ଟିସ୍ ବର୍ମା ଦୋଷୀ କି ନିର୍ଦ୍ଦୋଷ, ତାହା ତଦନ୍ତ ପରେ ସ୍ପଷ୍ଟ ହେବ । ମାତ୍ର ଉଚ୍ଚ ପଦପଦବୀରେ କାର୍ଯ୍ୟରତ ସମସ୍ତଙ୍କ ପାଇଁ ଏହାକୁ ଏକ ଚେତାବନୀ କହିଲେ ଅତ୍ୟୁକ୍ତି ହେବ ନାହିଁ ।

## ନୀତିବାଣୀ



**କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ ଆସ୍ତେ ମନସା ସ୍ମରନ୍ ।**
**ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ ॥**

**ଭାବାର୍ଥ :** ଯେଉଁ ମୂଢ଼ବୁଦ୍ଧି ମନୁଷ୍ୟ ସମସ୍ତ ଇନ୍ଦ୍ରିୟଙ୍କୁ ବଳପୂର୍ବକ ଉପରୁ ରୁଦ୍ଧ କରିଦେଇ ସେହି ଇନ୍ଦ୍ରିୟମାନଙ୍କର ଭୋଗକୁ ମନଦ୍ୱାରା ଚିନ୍ତନ କରୁଥାଏ, ତାହାକୁ ମିଥ୍ୟାଚାରୀ ଅର୍ଥାତ୍ ଦମ୍ଭୀ ବୋଲି କୁହାଯାଏ ।

# ଭାରତୀୟ ମୁଦ୍ରାର ପ୍ରତୀକ ପରିବର୍ତ୍ତନ



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ଆଞ୍ଚଳିକ ଭାଷାର ବ୍ୟବହାରକୁ ନେଇ ବିବାଦ ଚାଲିଥିବାବେଳେ ଏବେ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ଭାରତୀୟ ମୁଦ୍ରା ଟଙ୍କାର ଚିହ୍ନ ପରିବର୍ତ୍ତନ କରିଦେଇଛନ୍ତି । ଏହା ଏବେ ରାଷ୍ଟ୍ରୀୟ ରାଜନୀତିରେ ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଛି । ଏହା ଦୁଃଖ ତଥା ଦୁର୍ଭାଗ୍ୟର ବିଷୟ ନିଶ୍ଚୟ । ରାଷ୍ଟ୍ରୀୟ ପ୍ରତୀକର ପରିବର୍ତ୍ତନ ଅବ୍ୟବହାରିକ । କହିବାକୁ ଗଲେ ଷ୍ଟାଲିନଙ୍କ ଏଭଳି ପଦକ୍ଷେପ ଅନାବଶ୍ୟକ ଏବଂ ବିଭାଜନକାରୀ ଅଟେ । କଥା ବା ପ୍ରସଙ୍ଗ ହେଉଛି ତାମିଲନାଡୁ ସରକାର ରାଜ୍ୟର ବଜେଟ 'ଲୋଗୋ'ରେ ଭାରତୀୟ ଟଙ୍କା (ମୁଦ୍ରା)ର ପ୍ରତୀକ ଚିହ୍ନ ସ୍ଥାନରେ ତାମିଲ ଅକ୍ଷରର ବ୍ୟବହାର କରିଛନ୍ତି । ଏଭଳି ଘଟଣା ପୂର୍ବରୁ କେବେ ଘଟିନଥିଲା । କୌଣସି ରାଜ୍ୟର ସରକାର ରାଜ୍ୟରେ ଭାରତୀୟ ମୁଦ୍ରାର ଚିହ୍ନକୁ ପରିବର୍ତ୍ତନ କରିନଥିଲେ । ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍ କେ ଷ୍ଟାଲିନଙ୍କ ଏଭଳି ପଦକ୍ଷେପକୁ ନେଇ ଅନେକ ପ୍ରକାରର ପ୍ରଶ୍ନ ଉଠୁଛି । ସରକାରୀ ସ୍ତରରେ କମ୍ୟୁନିକେସନ (ସଞ୍ଚାର) ଏବଂ ଡ଼କ୍ୟୁମେଣ୍ଟେସନ (ଦସ୍ତାବିଜକରଣ)ରେ ଆଞ୍ଚଳିକ ଭାଷାର ବ୍ୟବହାର ଏକ ବିବାଦର ବିଷୟ ପାଲଟିଛି । ଏହାଠାରୁ ଦୁଃଖଦ ବିଷୟ କ'ଣ ହୋଇପାରେ ଡିଏମ୍ କେ (ଦ୍ରାବିଡ ମୁନେତ୍ରା କାଜାଗାମ୍) ଆଞ୍ଚଳିକ ବା ସ୍ଥାନୀୟ ଭାଷା ଉପରେ ହିନ୍ଦୀ ଭାଷାକୁ ଲଦି ଦିଆଯାଉଛି ବୋଲି ଅଭିଯୋଗ କରୁଛି । ତୃତୀୟ ଭାଷା ହିନ୍ଦୀକୁ ନେଇ କେନ୍ଦ୍ର ସରକାର ଓ ତାମିଲନାଡୁ ସରକାରଙ୍କ ମଧ୍ୟରେ ବିବାଦ ଚାଲିଥିବାବେଳେ ମୁଦ୍ରାର ପ୍ରତୀକ ଚିହ୍ନ ପରିବର୍ତ୍ତନ କରାଯିବା ଠିକ୍ କି ? ତାମିଲନାଡୁ ରାଜ୍ୟ ସରକାରଙ୍କ ପାଖରେ ଏଭଳି ମୁଦ୍ରାର ପ୍ରତୀକ ଚିହ୍ନ ପରିବର୍ତ୍ତନ କରିବାର ଅଧିକାର ଅଛି କି ? ସାରା ଦେଶରେ ମାନ୍ୟତା ପ୍ରାପ୍ତ ତଥା ପ୍ରଚଳିତ ମୁଦ୍ରାର ପ୍ରତୀକ ଚିହ୍ନ ରାଜ୍ୟ ସରକାର ବଦଳାଇ ପାରିବେ କି ? ଏଭଳି ଅନେକ ପ୍ରଶ୍ନ ଉଠିବା ସହ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି ।

ତଥ୍ୟ ଅନୁସାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଭାରତୀୟ ମୁଦ୍ରାର ପ୍ରତୀକ ଚିହ୍ନର ପରିବର୍ତ୍ତନ ପ୍ରସଙ୍ଗକୁ ନେଇ କୌଣସି ସ୍ପଷ୍ଟ ଦିଶା ନିର୍ଦ୍ଦେଶ ଉପଲବ୍ଧ ନାହିଁ । ଏଣୁ ସ୍ପଷ୍ଟ ଭାବେ କୁହାଯାଇପାରିବ ନାହିଁ ଯେ ତାମିଲନାଡୁ ରାଜ୍ୟ ସରକାର ଯେଉଁ ପଦକ୍ଷେପ ନେଇଛନ୍ତି ତାହା ଆଇନ୍‌ର ଉଲ୍ଲଙ୍ଘନ । ଉପଲବ୍ଧ ସୂଚନା ଅନୁସାରେ ରାଷ୍ଟ୍ରୀୟ ଚିହ୍ନର ସୂଚୀରେ ମୁଦ୍ରା (ଟଙ୍କା)ର ଚିହ୍ନ ନାହିଁ । ରାଷ୍ଟ୍ରୀୟ ଚିହ୍ନର ପରିବର୍ତ୍ତନ ପ୍ରସଙ୍ଗରେ ଭାରତୀୟ ରାଷ୍ଟ୍ରୀୟ ଚିହ୍ନ (ଦୁରୂପଯୋଗକୁ ରୋକିବା) ଆଇନ ୨୦୨୫ ପ୍ରଣୟନ କରାଯାଇଥିଲା । ୨୦୦୭ରେ ଏହି ଆଇନ୍‌କୁ ଅପଡ଼େଟ ବା ନୂଆରୂପ ଦିଆଯାଇଥିଲା । ଆଇନର ଧାରା ୬(୨) (ଏଫ)ରେ କୁହାଯାଇଛି ଯେ ସରକାର ରାଷ୍ଟ୍ରୀୟ ପ୍ରତୀକର ଡିଜାଇନରେ ପରିବର୍ତ୍ତନ କରି ପାରିବେ । ସିଧା ଭାବରେ କୁହାଯାଇପାରିବ ଯେ ଆବଶ୍ୟକତା ପଡିଲେ କେନ୍ଦ୍ର ସରକାରଙ୍କ ପାଖରେ ରାଷ୍ଟ୍ରୀୟ ଚିହ୍ନ (ପ୍ରତୀକ)ରେ ପରିବର୍ତ୍ତନ କରିପାରିବେ । ଆଇନ୍ ଅନୁସାରେ କେବଳ ଚିହ୍ନର ଡିଜାଇନରେ ହିଁ ପରିବର୍ତ୍ତନ କରାଯାଇପାରିବ କିନ୍ତୁ ଏହାର ପୁରା ଡିଜାଇନକୁ ପରିବର୍ତ୍ତନ କରାଯାଇପାରିବନାହିଁ । ବିଶେଷଜ୍ଞ ମାନଙ୍କ ମତରେ କେନ୍ଦ୍ର ସରକାର ଯଦି ଚାହିଁବେ ତେବେ ପୁରା ଚିହ୍ନ (ପ୍ରତୀକ)କୁ ପରିବର୍ତ୍ତନ କରିପାରିବେ । ଭାରତୀୟ ରାଷ୍ଟ୍ରୀୟ ଚିହ୍ନ (ଦୁରୂପଯୋଗ ରୋକିବା) ଆଇନ୍ ୨୦୦୫ ରେ ଏମିତି କୌଣସି ପ୍ରାବଧାନ ନାହିଁ ଯେଉଁଥିପାଇଁ ସରକାରଙ୍କୁ ଏଭଳି ପରିବର୍ତ୍ତନ ପାଇଁ ଅଟକାଇ ପାରିବ । ଏଭଳି ସ୍ଥିତିରେ ସମ୍ବନ୍ଧିତ ଆଇନ୍‌ରେ ସଂଶୋଧନ ପରେ ଲୋକସଭା ଏବଂ ରାଜ୍ୟସଭାରେ ଗୃହୀତ କରାଯାଇ ରାଷ୍ଟ୍ରୀୟ ପ୍ରତୀକ (ଚିହ୍ନ)କୁ ପରିବର୍ତ୍ତନ କରାଯାଇପାରିବ ।

ଉଲ୍ଲେଖନୀୟ ଯେ ଭାରତୀୟ ସମ୍ବିଧାନର ୮ମ ଅନୁସୂଚୀରେ ୨୨ଟି ଭାଷାକୁ ମାନ୍ୟତା ପ୍ରଦାନ କରାଯାଇଛି ଏବଂ ଏହି ୨୨ଟି ଭାଷା ମଧ୍ୟରେ ତାମିଲ ଭାଷା ମଧ୍ୟ ରହିଛି । ଭାରତୀୟ ମୁଦ୍ରା ଟଙ୍କାରେ କେବଳ ଏକ ପ୍ରତୀକ ରହିଛି ଓ ଏହା ଦେବନାଗରୀ ଅକ୍ଷରରେ ରହିଛି ଏବଂ ରୋମାନ ଅକ୍ଷର ଅନୁସାରେ ଏହା 'ଆର୍' ଅଟେ । ବାସ୍ତବରେ ଭାରତୀୟ ମୁଦ୍ରା ଟଙ୍କାର ଏହି ପ୍ରତୀକ ଦେବନଗରୀ ଲିପିର ଏବଂ ରୋମାନ ଲିପିର ଅକ୍ଷର 'ଆର୍'କୁ ମିଶାଇ ପ୍ରସ୍ତୁତ କରାଯାଇଛି ଏବଂ ଏଥିରେ ଏକ କ୍ଷିତିଜ ରେଖା ପ୍ରସ୍ତୁତ କରାଯାଇ ପ୍ରତୀକ ରୂପରେ ସ୍ୱୀକାର କରାଯାଇଛି । ଏହି ରେଖା (ହୋରିଜେଣ୍ଟାଲ ଲାଇନ୍) ଆମ ରାଷ୍ଟ୍ରଧ୍ୱଜ ତଥା ସମାନତାକୁ ପ୍ରତୀକରେ ପ୍ରତିବିମ୍ବିତ କରିଥାଏ । ଭାରତ ସରକାର ୨୦୧୦ ମସିହା ଜୁଲାଇ ୧୫ ତାରିଖରେ ଏହି ଚିହ୍ନକୁ ସ୍ୱୀକାର କରିଥିଲେ । ଉଲ୍ଲେଖନୀୟ ଯେ ଏହି ଚିହ୍ନ ବା ପ୍ରତୀକକୁ ଭାରତୀୟ ପ୍ରଦ୍ୟୋଗିକୀ ସଂସ୍ଥାନ (ଆଇଆଇଟି) ମୁମ୍ବାଇ ପୋଷ୍ଟ ଗ୍ରାଜୁଏଟ ଡିଜାଇନର ଡ଼.ଉଦୟ କୁମାର ପ୍ରସ୍ତୁତ କରିଥିଲେ । ଏବେ ତାମିଲନାଡୁ ସରକାର ଭାରତୀୟ ମୁଦ୍ରାର ପ୍ରତୀକ ପରିବର୍ତ୍ତନ କରାଯିବା ପରେ ଏହାକୁ ନେଇ ଅନେକ ଆଶଙ୍କା ସୃଷ୍ଟି ହୋଇଛି । ସୂଚନା ଅନୁସାରେ ତାମିଲନାଡୁ ରାଜ୍ୟ ଯୋଜନା କମିଶନଙ୍କ କାର୍ଯ୍ୟକାରୀ ଉପାଧ୍ୟକ୍ଷ ତାମିଲନାଡୁ ସରକାରଙ୍କ ଦ୍ୱାରା ୨୦୨୫-୨୬ର ତାମିଲନାଡୁ ରାଜ୍ୟ ବଜେଟରେ ଟଙ୍କା (ମୁଦ୍ର)ର ପ୍ରତୀକ ଚିହ୍ନକୁ ତାମିଲ ଭାଷାରେ ପରିବର୍ତ୍ତନ କରାଯିବା ପ୍ରସଙ୍ଗରେ କହିଛନ୍ତି ଯେ 'ଆମେ ଦେବନାଗରୀର ଉପଯୋଗ କରିବା ପାଇଁ ଚାହୁଁନାହୁଁ ।' ଏବେ ଭାରତୀୟ ମୁଦ୍ରାର ପ୍ରତୀକ ଚିହ୍ନକୁ ନେଇ ଦେଖାଦେଇଥିବା ବିବାଦ କାରଣରୁ ଏହାକୁ ଭାଷାର ରାଜନୀତି ପରିବର୍ତ୍ତେ ଭାଷାକୁ ନେଇ ଘୃଣା ବୋଲି କୁହାଯାଉଛି । ଭାଷା ବିବାଦକୁ ଅଧିକ କରିବା ପାଇଁ ଡିଏମ୍‌କେ ସରକାର ରାଜ୍ୟ ବଜେଟରେ ପ୍ରତୀକ ଚିହ୍ନକୁ ପରିବତ୍ତନ କରିଦେଇଛନ୍ତି ଓ ତାମିଲ ଅକ୍ଷରର ବ୍ୟବହାର କରାଯାଇଛି । ଯଦିଓ ପୂର୍ବର ପ୍ରତୀକ ଓ ବର୍ତ୍ତମାନର ପ୍ରତୀକର ଅର୍ଥ ଏକ କିନ୍ତୁ ଏହା ଏକ ତାମିଲ ଶବ୍ଦ ।

# ଓଡ଼ିଶାରେ କାହିଁକି ଲାଭଜନକ ହେଉନି କୃଷି ଉତ୍ପାଦନ ?



ଲକ୍ଷ୍ମୀନାରାୟଣ କର
ପୂର୍ବତନ ନିର୍ଦ୍ଦେଶକ, କୃଷି ବିଶ୍ୱବିଦ୍ୟାଳୟ
ପ୍ଲଟ ନଂ ୨୫, ସୂର୍ଯ୍ୟନଗର, ଭୁବନେଶ୍ୱର
ମୋ: ୯୪୩୭୧୮୫୬୦୭

ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ । ଏଠାରେ ୭୦ % ରୁ ଅଧିକ ଲୋକ ବିଭିନ୍ନ ପ୍ରକାରର କୃଷି କାର୍ଯ୍ୟରେ ଲିପ୍ତ ରହନ୍ତି । ଆମ ରାଜ୍ୟର ଜଳବାୟୁରେ ସବୁ ପ୍ରକାରର ଫସଲ ଉତ୍ପାଦନ ପାଇଁ ଉପଯୁକ୍ତ ଓ ଆମ ରାଜ୍ୟର ମୃତ୍ତିକା କୃଷି ଉତ୍ପାଦନ ପାଇଁ ଖୁବ୍ ଅନୁକୂଳ । କିନ୍ତୁ ଆମ ରାଜ୍ୟର ଏକର ପିଛା ଅମଳ ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗ , ଆନ୍ଧ୍ର କେରଳ ଓ ପଞ୍ଜାବ ହରିୟଣା ଠାରୁ ଯଥେଷ୍ଟ ପରିମାଣରେ କମ୍ । ପଶ୍ଚିମବଙ୍ଗ ରେ ଏକର ପିଛା ଧାନ ଅମଳ ୨୦ କ୍ୱିଣ୍ଟାଲ ,ପଞ୍ଜାବ , ହରିୟଣାରେ ୧୮ ରୁ ୨୦ କ୍ୱିଣ୍ଟାଲ ଥିବା ବେଳେ ଆମ ରାଜ୍ୟରେ ତାହା କେବଳ ୧୦/୧୨ କ୍ୱିଣ୍ଟାଲରେ ରହିଛି ଯାହା ଫଳରେ ଆମ ଧାନ ଚାଷୀ ମାନେ ଲାଭବାନ ହୋଇ ପାରୁନାହାନ୍ତି । କେବଳ ଧାନ ଫସଲ ନୁହେଁ ଅନ୍ୟ ଫସଲ ଓ ପନିପରିବା ଚାଷରେ ମଧ୍ୟ ଆମକୁ ଅନ୍ୟ ରାଜ୍ୟ ଉପରେ ପ୍ରତ୍ୟକ୍ଷ ଭାବରେ ନିର୍ଭର କରିଥାନ୍ତି ତାହାର ମୁଖ୍ୟ କାରଣ ହେଉଛି ଯେ ଅନ୍ୟ ରାଜ୍ୟଗୁଡ଼ିକ ପରି ଆମ ଚାଷୀମାନେ ଉନ୍ନତ ବିହନ , କୀଟନାଶକ , ଆଧୁନିକ ସମୟର କୃଷି ବୈଷୟିକ ଜ୍ଞାନ ଯଥେଷ୍ଟ ଭାବରେ ପାଇପାରୁନାହାନ୍ତି । ଆମେରିକା ଜନ ସଂଖ୍ୟାର ୨ % ଲୋକ ଚାଷ କରନ୍ତି ତଥାପି ଆମେରିକା ନିଜ ଦେଶର ଆବଶ୍ୟକତାକୁ ପୁରଣ କରି ଅନ୍ୟ ଦେଶକୁ ରପ୍ତାନୀ କରୁଛି ତାହାର କାରଣ ଏହି ଯେ ସେ ଦେଶର ଚାଷୀମାନେ ସର୍ବଦା ଆଧୁନିକ ଚାଷ ପ୍ରଣାଳୀକୁ ଅନୁସରଣ କରନ୍ତି ଓ ତାଙ୍କ ସରକାର ଚାଷୀ ଓ ଚାଷର ଉନ୍ନତି ପାଇଁ ସର୍ବଦା ତତ୍ପର ହୋଇ ଚାଷୀମାନଙ୍କ ସହିତ ବିଭିନ୍ନ ପ୍ରକାରର ଆଲୋଚନା , ତାଙ୍କ ଦେଶରେ ଥିବା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟଗୁଡ଼ିକ ଉଦ୍ଭାବନ କରୁଥିବା ପ୍ରତ୍ୟେକ ଉତ୍ପାଦକୁ ବିଭିନ୍ନ ପ୍ରକାରର ପରୀକ୍ଷା ପରେ ଚାଷୀମାନଙ୍କ ପାଖରେ ପହଞ୍ଚାଇ ସେମାନଙ୍କୁ ଉତ୍ସାହିତ କରାଇ ଉତ୍ପାଦନ ବଢ଼ାଇବା ପାଇଁ ସାହାଯ୍ୟ କରନ୍ତି । ସେହିପରି ଆମ ଦେଶର ପଞ୍ଜାବ , ହରିୟଣା, ଆନ୍ଧ୍ର ,କେରଳ ପ୍ରଭୃତି ରାଜ୍ୟର ଚାଷୀମାନେ ଉନ୍ନତ ବିହନ, କୀଟନାଶକ ଆଧୁନିକ କୃଷି ଯନ୍ତ୍ର , ବ୍ୟବହାର କରନ୍ତି ଓ ସେହି ସବୁ ରାଜ୍ୟର କେବଳ ଭଲ ଫସଲ ନୁହେଁ ସେମାନେ ମଧ୍ୟ ମାଛ, କୁକୁଡ଼ା ମାଂସ ଓ ଅଣ୍ଡା, ଦୁଧ ଓ ପନିପରିବା ବ୍ୟବହାର କରି ଅନେକ ଲାଭବାନ ହେଉଛନ୍ତି । ଆମ ରାଜ୍ୟରେ ଯେତେବେଳେ କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେଲା ସେତେବେଳେ ଆମେରିକାର ସହଯୋଗରେ ଏହା ପ୍ରତିଷ୍ଠା ହୋଇ ପାରିଥିଲା ଓ ସେହି ସମୟରେ ଅନେକ ଆମେରିକୀୟ କୃଷି ବିଜ୍ଞାନୀ, ପଶୁ ବିଜ୍ଞାନୀ ମାନେ ଆମ ରାଜ୍ୟରେ ରହି ଏହି କୃଷି ବୈଷୟିକ ବିଶ୍ୱବିଦ୍ୟାଳୟକୁ ଉନ୍ନତିର ଶିଖରକୁ ନେବାପାଇଁ ଅନେକ ଚେଷ୍ଟା କରିଥିଲେ । ଆମ ଦେଶରେ କୃଷିର ଉନ୍ନତି ପାଇଁ କେନ୍ଦ୍ରୀୟ ଗବେଷଣା ମାନ ଖୋଲାଯାଇଅଛି । ଓଡ଼ିଶାରେ ଥିବା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ମାଧ୍ୟମରେ କୃଷି ବୈଜ୍ଞାନିକମାନେ ଅନେକ ପ୍ରକାରର ଉନ୍ନତମାନର ବିହନ ଉଦ୍ଭାବନ କରିଛନ୍ତି ତା' ଛଡ଼ା କଟକର ବିଦ୍ୟାଧରପୁରରେ ଥିବା କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର ଅନେକ ପ୍ରକାରର ଧାନ ଯେଉଁ ଗୁଡ଼ିକ ଅନେକ କମ୍ ଖର୍ଚ୍ଚ ରେ ଓ ଅଳ୍ପ ଦିନରେ ହୋଇ ପାରୁଥିବା ଅନେକ ଧାନ ବିହନ ଉଦ୍ଭାବନ କରିଛନ୍ତି କିନ୍ତୁ ତାହାର ପ୍ରଭୂତ ପ୍ରଚାର ଓ ପ୍ରସାର ନ ହୋଇ ପାରିବାରୁ ଆମ ରାଜ୍ୟର ଚାଷୀ ମାନେ ତାର ସୁଫଳ ପାଇ ପାରିନାହାନ୍ତି । ରାଜ୍ୟର କୃଷି ବିଭାଗର ଅଧିକାରୀମାନେ ବା ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର ଅଧିକାରୀମାନେ କେହି ବି ଚାଷୀ ମାନଙ୍କ ପାଖରେ ଉନ୍ନତ ଚାଷ ପ୍ରଣାଳୀ ଅନୁସରଣ କରିବାକୁ ଯାଆନ୍ତି ନାହିଁ । ଆଗେ ପ୍ରତି ବ୍ଲକ୍‌ରେ କୃଷି ସମ୍ପ୍ରସାରଣ ଅଧିକାରୀ , ଗ୍ରାମ ସେବକ ଓ ଗ୍ରାମ ସେବିକା ମାନେ ପ୍ରତି ଗ୍ରାମରେ ବୁଲି ବୁଲି ଚାଷୀମାନଙ୍କ ଚାଷ ପ୍ରଣାଳୀରେ ଥିବା ଅଭାବ ଅସୁବିଧାକୁ ବ୍ଲକ୍‌ରେ ଥିବା କୃଷି ଅଧିକାରୀମାନଙ୍କ ଜରିଆରେ ଓ ବିଡ଼ିଓଙ୍କ ମାଧ୍ୟମ ରେ ତାହାର ସମାଧାନର ବାଟ ବାହାର କରି ଚାଷୀ ମାନଙ୍କୁ ଉତ୍ସାହିତ କରୁଥିଲେ ଯଦିଓ ବି ଏତେ ପରିମାଣରେ ଆଧୁନିକ ଚାଷ ପ୍ରଣାଳୀର ସୁବିଧା ନ ଥିଲା ତଥାପି ଆମ ରାଜ୍ୟର ଚାଷୀମାନେ ନିଜର ଚାଷ କରି ଘରେ ରଖି ବଜାରରେ ମଧ୍ୟ ବିକ୍ରି କରି ପାରୁଥିଲେ । କିନ୍ତୁ ଚାଷର ଆଧୁନିକୀକରଣ ହେବା ସତ୍ତ୍ୱେ ସରକାରୀ ସ୍ତରରେ ଆନ୍ତରିକତାର ଅଭାବରୁ ଓଡ଼ିଶାର ଚାଷୀମାନେ ଉନ୍ନତି କରି ପାରୁନାହାନ୍ତି । କୃଷି ବୈଷୟିକ ବିଶ୍ୱବିଦ୍ୟାଳୟରୁ ଛାତ୍ରଛାତ୍ରୀମାନେ ଅନେକ ଉଚ୍ଚତର ଶିକ୍ଷା ଲାଭ କରୁଛନ୍ତି ପ୍ରତି ବିଭାଗରେ ଛାତ୍ର ଛାତ୍ରୀମାନେ ଅନେକ ଗବେଷଣା କରି ପୁରସ୍କୃତ ହେଉଛନ୍ତି କିନ୍ତୁ ବଡ ଦୁଃଖର ବିଷୟ ଏହି ଯେ ଏହି ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଶା ସରକାର ଉପଯୁକ୍ତ ସ୍ଥାନରେ ସ୍ଥାପିତ କରି ଚାଷର ଆଧୁନିକୀକରଣରେ ବିନିଯୋଗ ନ କରାଇ ପାରିବାରୁ ସେମାନେ ଏଠାରୁ ପାସ କରିବା ପରେ କୌଣସି ବଡ ବଡ ବ୍ୟାଙ୍କ୍ ,ରାସାୟନିକ କମ୍ପାନୀ, ଆଇଏଏସ ପରୀକ୍ଷା ଦେଇ ନିଜର ମୌଳିକ ଶିକ୍ଷାଗତ ଯୋଗ୍ୟତା ଠାରୁ ଅନେକ ଦୂରକୁ ଚାଲି ଯାଉଛନ୍ତି । ଚାଷ ଓ ଚାଷୀ ଅବହେଳିତ ହୋଇ ରହି ଯାଉଛନ୍ତି । ଆଉ ଗୋଟିଏ ବଡ କଥା ହେଲା ଯେ ଆଜିକାଲି ନିୟମିତ ଋତୁର ଯେପରି ଅହେତୁକ ପରିବର୍ତ୍ତନ ହେଉଛି ସେଥିରେ ମଧ୍ୟ ଚାଷୀ ମାନେ କୃଷି କର୍ମକୁ ଡରିଯାଉଛନ୍ତି । ଆମ ରାଜ୍ୟରେ କେବଳ ଧାନ ଚାଷ କୁ ଛାଡ଼ି ଦେଲେ ଅନ୍ୟ ସବୁ ପ୍ରକାରର ଯଥା ମାଛ ,କୁକୁଡ଼ା ,ଛତୁ ,ଛେଳି ,ଘୁଷୁରୀ , ମହୁ ,କଙ୍କଡା ,ମଇଁଷି ପାଳନ ଇତ୍ୟାଦି ଅନେକ ଚାଷ କରି ହୁଅନ୍ତା କିନ୍ତୁ ଆମ ରାଜ୍ୟର ଚାଷୀମାନେ ଅନେକ ଗରିବ ହୋଇ ଥିବାରୁ ଓ ଯାହା ବା ଚାଷ କରିଛନ୍ତି ତାର ଯଥେଷ୍ଟ ବ୍ୟବସାୟୀକରଣ ହୋଇ ପାରିନି କାରଣ ସବଜି ମଣ୍ଡିର ଅଭାବ ,ଶୀତଳ ଭଣ୍ଡାର ଅଭାବ , କେନାଲ ଦ୍ୱାରା ଜଳ ସେଚନ ସୁବିଧା ନାହିଁ ଯଦିଓ କେନାଲ ଅଛି , କୃଷି ମନ୍ତ୍ରୀଙ୍କ ଠାରୁ କୃଷି ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ଓ କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ର ଛାତ୍ର ଛାତ୍ରୀ ବା ଗବେଷକମାନେ କେବେ ବି ପ୍ରକୃଷ୍ଟ କ୍ଷେତ୍ର ପ୍ରଦର୍ଶନ କରନ୍ତି ନାହିଁ ବା ଚାଷୀ ମାନଙ୍କୁ ଆଧୁନିକ ଚାଷ ପ୍ରଣାଳୀ ଅନୁସରଣ କରିବାକୁ ପରାମର୍ଶ ଦେବାକୁ କୁଣ୍ଠବୋଧ କରନ୍ତି । ଆମ ରାଜ୍ୟରେ ଦୁଇ ପ୍ରକାର ର ଚାଷୀ ଅଛନ୍ତି କିଛି ଚାଷୀ ଟିଭି ଓ ରେଡ଼ିଓ ମଧ୍ୟମ ରେ ନୂତନ ଚାଷ ପ୍ରଣାଳୀ ଦେଖି ଅନୁସରଣ କରନ୍ତି ହେଉ ମାନଙ୍କ ସଂଖ୍ୟା ଖୁବ୍ କମ୍ ଓ ଅନ୍ୟ ପ୍ରାୟ ସମସ୍ତ ଚାଷୀ ସେଇ ପୁରୁଣା ଚାଷ ପ୍ରଣାଳୀକୁ ଆପଣାଇ ଚାଲନ୍ତି କାରଣ ସେମାନେ ଏତେ ଗରିବ ଯେ ଯଦି ବିହନ କିଣି ଆଣୁଛନ୍ତି ତେବେ ସାର ପାଇଁ ପଇସା ନାହିଁ , ଯଦି ସାର ଆଣିଲେ ତେବେ ଔଷଧ ପାଇଁ ପଇସା ନାହିଁ ତେଣୁ ସେମାନେ ଆଗେଇ ପାରନ୍ତି ନାହିଁ । ଆମେରିକାରେ ପ୍ରତି କାଉଣ୍ଟିରେ କୃଷିର ଉତ୍ପାଦନ ବୃଦ୍ଧି ପାଇଁ କୃଷି ବିଶେଷଜ୍ଞମାନେ ସିଧା ଚାଷୀ ମାନଙ୍କ ପାଖରେ ପହଞ୍ଚି ସେମାନଙ୍କ ସହିତ ବିଭିନ୍ନ ପ୍ରକାରର ଆଲୋଚନା ଦ୍ୱାରା ଚାଷୀ ମାନଙ୍କ ଉତ୍ପାଦନ ବଢ଼ାଇବା ପାଇଁ ସାହାଯ୍ୟ କରନ୍ତି । ଦେଶରେ ପ୍ରତି ସରକାର କେବଳ ଚାଷୀମାନଙ୍କ ପାଇଁ ଅନେକ ଉନ୍ନତି ମୂଳକ ପଦକ୍ଷେପ ନେବାକୁ ଘୋଷଣା କରୁଛନ୍ତି ଓ ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି କିନ୍ତୁ ସ୍ୱେଗୁଡିକ ଚାଷୀମାନଙ୍କ ପାଖରେ ପହଞ୍ଚି ପାରିନାହିଁ ଯାହା ଫଳରେ ଚାଷୀମାନେ ଚାଷରେ ଉନ୍ନତି କରିପାରୁନାହାନ୍ତି ଓ ରାଜ୍ୟର କୃଷି ଉତ୍ପାଦନ ବୃଦ୍ଧି ପାଇବା ବଦଳରେ କମି ଯାଉଛି । ଆମ ଦେଶରେ ଏବେ ଅନେକ ପ୍ରକାର ଖାଦ୍ୟ ଓ କୃଷି ଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ପ୍ଲାଣ୍ଟ ପ୍ରତିଷ୍ଠା ହୋଇ ପାରିଛି କିନ୍ତୁ ଆମ ରାଜ୍ୟରେ ଏ ପର୍ଯ୍ୟନ୍ତ କୃଷି ପ୍ରକ୍ରିୟାକରଣ ଉପରେ କୌଣସି ଗୁରୁତ୍ୱ ପ୍ରଦାନ କରାଯାଇ ନାହିଁ । ଏହା ଦ୍ୱାରା କୃଷି ଉତ୍ପାଦନ ବୃଦ୍ଧି ସହିତ ଖାଉଟି ମାନେ ମଧ୍ୟ ଲାଭାନ୍ୱିତ ହୋଇ ପାରିବେ । ଏ ଦିଗରେ ସରକାର ଯଥେଷ୍ଟ ପରିମାଣରେ ଏ ସବୁର ଗୁରୁତ୍ୱ ଉପଲବ୍ଧି କରି ଆନ୍ତରିକ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ ।

# ଆଧୁନିକ ଯୁଗରେ ଜ୍ୟୋତିଷ ଶାସ୍ତ୍ରର ଆବଶ୍ୟକତା



ଡ. ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ : ୮୨୪୯୫୦୨୭୭୬

ଜ୍ୟୋତିଷଶାସ୍ତ୍ର ଏକ ଛଦ୍ମ ବିଜ୍ଞାନ ଅଟେ । ଯାହା ଖଗୋଳିୟ ପିଣ୍ଡର ଚଳଣୀ ଏବଂ ସାପେକ୍ଷ ସ୍ଥିତିର ଅଧ୍ୟୟନ କରି ମନୁଷ୍ୟ ସମ୍ବନ୍ଧୀୟ ବିଷୟ ଏବଂ ସାଂସାରିକ ଘଟଣା ସମ୍ବନ୍ଧରେ ଦିବ୍ୟ କଥାବସ୍ତୁର ଦାବି କରିଥାଏ । ଏହି ଶାସ୍ତ୍ର ଦ୍ୱାରା ମନୁଷ୍ୟ ତଥା ପୃଥିବୀର ଗ୍ରହ ଏବଂ ତାରାମାନଙ୍କର ଶୁଭ ତଥା ଅଶୁଭ ପ୍ରଭାବର ଅଧ୍ୟୟନ କରାଯାଇ ପାରେ । ଜ୍ୟୋତିଷ ଶବ୍ଦର ଅର୍ଥ ଗ୍ରହ ତଥା ନକ୍ଷତ୍ର ଦ୍ୱାରା ସମ୍ବନ୍ଧିତ ରଖୁଥିବା ବିଦ୍ୟା । ଯଦିଓ ଏହି ଶବ୍ଦରୁ ଗଣିତ ଜ୍ୟୋତିଷର ମଧ୍ୟ ବୋଧ ହୋଇଥାଏ, ତଥାପି ସାଧାରଣ ଲୋକ ଜ୍ୟୋତିଷ ବିଦ୍ୟାଦ୍ୱାରା ଫଳିତ ବିଦ୍ୟାର ଅର୍ଥ ବୋଲି ଭାବି ନିଅନ୍ତି । ଭାରତୀୟ ଜ୍ୟୋତିଷ୍ଟରେ ସୂର୍ଯ୍ୟ ସିଦ୍ଧାନ୍ତ ଆଦି ଗ୍ରନ୍ଥରୁ ଆସୁଥିବା ବିନ୍ଦୁ ହିଁ ମେଷ ଆଦିର ଗଣନା କରାଯାଏ । ଏହିପ୍ରକାରେ ପାଶ୍ଚାତ୍ୟ ଗଣନା ପ୍ରଣାଳୀ ତଥା ଭାରତୀୟ ଗଣନା ପ୍ରଣାଳୀରେ ପାଖାପାଖି ୨୩ ଅଂଶର ଅନ୍ତର ପଡିଥାଏ । ଭାରତରେ ୧୨ଟି ରାଶିକୁ ୨୭ଟି ବିଭାଗରେ ଭାଗ କରାଯାଇଛି , ଯାହାକୁ ନକ୍ଷତ୍ର କୁହାଯାଏ । ଫଳାଫଳର ବିଚାର ପାଇଁ ଚନ୍ଦ୍ରମା' ନକ୍ଷତ୍ରର ବିଶେଷ ଉପଯୋଗ କରାଯାଏ । ଜ୍ୟୋତିଷ ଶାସ୍ତ୍ର ପ୍ରାଚୀନ ଗ୍ରୀକ ଭାଷା ଶବ୍ଦ ଏଷ୍ଟ୍ରୋନ୍ (ତାରା ସମୂହ) ଏବଂ ଲୋଜି ଅଧ୍ୟୟନରୁ ନିଆ ଯାଇଥିବା ବିଷୟ । ଏହି ତନ୍ତ୍ର ପରମ୍ପରା ପ୍ରଥା ଏବଂ ବିଶ୍ୱାସର ସମୂହ ଅଟେ ଯାହା ଜରିଆରେ ଖଗୋଳିୟ ପିଣ୍ଡ ତଥା ଆକାଶୀୟ ପିଣ୍ଡର ତୁଳନାତ୍ମକ ସ୍ଥିତି ଏବଂ ଅନ୍ୟ ସମ୍ବନ୍ଧୀୟ ବିବରଣୀର ଆଧାରରେ ବ୍ୟକ୍ତିତ୍ୱ, ମନୁଷ୍ୟର ଜୀବନରେ ଜଡ଼ିତ ମାମଲା ଏବଂ ଅନ୍ୟ ସାଂସାରିକ ବିଷୟକୁ ବୁଝି ତାହାର ବ୍ୟାଖ୍ୟା କରାଯାଏ ଏବଂ ଏହି ସନ୍ଦର୍ଭରେ ସୂଚନାଗୁଡିକୁ ସଂଗଠିତ କରାଯାଏ ।

ଜ୍ୟୋତିଷର ବିଶ୍ୱାସ ଥାଏ ଯେ, ଖଗୋଳିୟ ପିଣ୍ଡର ଚଳଣି ଓ ତାହାର ସ୍ଥିତି ହୁଏତ ପୃଥିବୀକୁ ସିଧା ଉପାୟରେ ପ୍ରସ୍ତାବିତ କରିଥାଏ କିମ୍ବା କୌଣସି ପ୍ରକାରେ ମାନବଦ୍ୱାରା ଅନୁଭବ କରାଯାଉଥିବା ଘଟଣାରେ ସମ୍ବନ୍ଧ ହୋଇଥାଏ । ଆଧୁନିକ ଜ୍ୟୋତିଷ ଦ୍ୱାରା ଜ୍ୟୋତିଷକୁ ଏକ ପ୍ରତୀକାତ୍ମକ ଭାଷା ଏକ କଳା ରୂପେ କିମ୍ବା ଭବିଷ୍ୟ କଥନ, ପୂର୍ବଭାଷା ରୂପେ ପରିଭାଷିତ କରାଯାଇଛି । ବହୁ ବୈଜ୍ଞାନିକମାନେ ଏହାକୁ ଏକ ଛଦ୍ମ ବିଜ୍ଞାନ କିମ୍ବା ଅନ୍ଧବିଶ୍ୱାସର ନାମ ଦେଇଛନ୍ତି । ପରିଭାଷାରେ ଅନ୍ତର ହେବା ପରେ ମଧ୍ୟ, ଜ୍ୟୋତିଷ ବିଦ୍ୟାର ଏକ ସାମାନ୍ୟ ଧାରଣା ରହିଛି ଯେ, ଖଗୋଳିୟ ପିଣ୍ଡ ନିଜ କ୍ରମ ସ୍ଥାନରୁ ଭୂ ଏବଂ ବର୍ତ୍ତମାନର ଘଟଣା ଓ ଭବିଷ୍ୟବାଣୀ କୁ ବୁଝିବାରେ ସାହାଯ୍ୟ କରିପାରେ । ଏକ ମତଦାନରେ ୩୧% ଆମେରିକୀୟମାନେ ଜ୍ୟୋତିଷ ଉପରେ ନିଜର ବିଶ୍ୱାସ ପ୍ରକଟ କରିଥିଲେ ଏବଂ ଏକ ଅନ୍ୟ ଅଧ୍ୟୟନ ଅନୁସାରେ, ୩୯% ଲୋକ ଏହାକୁ ବିଜ୍ଞାନ ବୋଲି ମାନିଛନ୍ତି ।

ଜ୍ୟୋତିଷ ଶାସ୍ତ୍ରରେ କୁଣ୍ଡଳୀ ଏକ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । କୁଣ୍ଡଳୀ ଏପରି ଏକ ଚକ୍ର, ଯାହାଦ୍ୱାରା କୌଣସି ଇଷ୍ଟ କାଳରେ ରାଶି ଚକ୍ର 'କ୍ରାନ୍ତି ଚକ୍ର' ଦ୍ୱାରା ସମ୍ବନ୍ଧିତ ହୋଇଥାଏ । ଯାହାର ସ୍ଥିତି ଅକ୍ଷାଂଶର ଭିନ୍ନତା କାରଣରୁ ବିଭିନ୍ନ ଦେଶରେ ଏକାପରି ହୋଇ ନଥାଏ । ଅତଏବ ରାଶି ଚକ୍ରର ସ୍ଥିତି ଜାଣିବା ପାଇଁ ସ୍ଥାନୀୟ ସମୟ ତଥା ନିଜ ସ୍ଥାନରେ ରହିଥିବା ରାଶିମାନଙ୍କର ଉଦୟ ସ୍ଥିତି ଜ୍ଞାନ ଆବଶ୍ୟକ ଅଟେ । ରାଶି ମାନଙ୍କର ଅଙ୍କଦ୍ୱାରା ବ୍ୟକ୍ତ କରାଯାଏ । ଏହିପ୍ରକାର ରାଶିଚକ୍ରକୁ କୁଣ୍ଡଳୀ କୁହାଯାଏ । ଭାରତୀୟ ପଦ୍ଧତିରେ ୭ଟି ଗ୍ରହ ହେଲେ : ସୂର୍ଯ୍ୟ, ଚନ୍ଦ୍ର, ମଙ୍ଗଳ, ବୃହସ୍ପତି, ଶନି, ରାହୁ ଓ କେତୁ । ପାଶ୍ଚାତ୍ୟ ପ୍ରଣାଳୀରେ (୧) ମେଷ, (୨) ବୃଷ, (୩) ମିଥୁନ, (୪) କର୍କଟ, (୫) ସିଂହ, (୬) କନ୍ୟା, (୭) ତୁଳା, (୮) ବିଛା, (୯) ଧନୁ, (୧୦) ମକର , (୧୧) କୁମ୍ଭ, (୧୨) ମୀନ ରାଶି କ୍ଷ (୧) ବୁଧ, (୨) ଶୁକ୍ର, (୩) ପୃଥିବୀ, (୪) ମଙ୍ଗଳ, (୫) ଗୁରୁ, (୬) ଶନି, (୭) ବାରୁଣୀ, (୮) ବରୁଣ, ତଥା (୯) ଯମ ଗ୍ରହ ।

ଆଧୁନିକ ବିଜ୍ଞାନ ଅନୁସାରେ ସୂର୍ଯ୍ୟ କିମ୍ବା କୌଣସି ଅନ୍ୟ ତାରାମାନଙ୍କ ଚାରିପଟେ ପରିକ୍ରମା କରୁଥିବା ଖଗୋଳ ପିଣ୍ଡକୁ ଗ୍ରହ କୁହାଯାଏ । ଅନ୍ତରାଷ୍ଟ୍ରୀୟ ଖଗୋଳୀୟ ସଂଘ ଅନୁସାରେ ଆମ ସୌର ମଣ୍ଡଳରେ ଆଠୋଟି ଗ୍ରହ ରହିଛି : ବୁଧ, ଶୁକ୍ର, ପୃଥିବୀ, ମଙ୍ଗଳ, ବୃହସ୍ପତି, ଶନି, ୟୁରାନସ, ନେପଚୁନ । ଏହାର ଅତିରିକ୍ତ ତିନୋଟି ବାମନ ଗ୍ରହ ରହିଛି : ସୀରୀସ, ପ୍ଲୁଟୋ, ଏରୀସ । ପ୍ରାଚୀନ ଖଗୋଲୀୟ ଶାସ୍ତ୍ରୀମାନେ ତାରା ଏବଂ ଗ୍ରହ ମାନଙ୍କ ମଧ୍ୟରେ ଅନ୍ତର ଏହି ପ୍ରକାର କରିଥିଲେ : ରାତିରେ ଆକାଶରେ ଚମକୁଥିବା ଅଧିକତର ପିଣ୍ଡ ସର୍ବଦା ପୂର୍ବ ପାର୍ଶ୍ୱରୁ ଉଦୟ ହୋଇ ପଶ୍ଚିମ ପଟେ ଅସ୍ତ ହୋଇଥାନ୍ତି । ଏହି ପିଣ୍ଡମାନଙ୍କ ନିଜ ନିଜ ମଧ୍ୟରେ କୌଣସି ପରିବର୍ତ୍ତନ ହୁଏନାହିଁ । ଏହି ପିଣ୍ଡମାନଙ୍କୁ ତାରା କୁହାଯାଏ । କିନ୍ତୁ ଏପରି କିଛି ପିଣ୍ଡ ଅଛନ୍ତି ଯାହା ଅନ୍ୟ ପିଣ୍ଡ ମାନଙ୍କ ସାପେକ୍ଷରେ କେବେକେବେ ଆଗକୁ ଯାଆନ୍ତି ଏବଂ କେବେ କେବେ ପଛକୁ ଯାଆନ୍ତି - ଏହାର ଅର୍ଥ ଏମାନେ କେବଳ ଘୁରିଥାନ୍ତି । ଚକ୍ଷବଭରସ୍ଥ ଏକ ଲାଟିନ୍ ଶବ୍ଦ ଅଟେ, ଯାହାର ଅର୍ଥ ଏପଟ ସେପଟ ହୋଇ ବୁଲିବା । ଏଥିପାଇଁ ଏହି ପିଣ୍ଡର ନାମ ଚକ୍ଷବଭରସ୍ଥ (ଗ୍ରହ) ଅଟେ । ଶନି ଗ୍ରହର ପରବର୍ତ୍ତୀ ଗ୍ରହକୁ ବିନା ଦୂରବିକ୍ଷଣ ଯନ୍ତ୍ର ସାହାଯ୍ୟରେ ଦେଖାଯାଇ ପାରିବ ନାହିଁ । ଏଥିପାଇଁ ପ୍ରାଚୀନ ବୈଜ୍ଞାନିକ ମାନଙ୍କୁ କେବଳ ୫ଟି ଗ୍ରହ ବାବଦରେ ଜ୍ଞାତ ଥିଲା ଏବଂ ପୃଥିବୀକୁ ସେ ସମୟରେ ଗ୍ରହ ବୋଲି ମାନି ନ'ଥାନ୍ତି । 'ଜ୍ୟୋତିଷ' ଶାସ୍ତ୍ର ଅନୁସାରେ ଗ୍ରହର ପରିଭାଷା ଅଲଗା ଅଟେ । ଭାରତୀୟ ଜ୍ୟୋତିଷ ଏବଂ ପୌରାଣିକ କଥାରେ ୯ଟି ଗ୍ରହକୁ ଗଣାଯାଏ : ସୂର୍ଯ୍ୟ, ଚନ୍ଦ୍ର, ବୁଧ, ଶୁକ୍ର, ମଙ୍ଗଳ, ଗୁରୁ, ଶନି, ରାହୁ ଏବଂ କେତୁ । ଗ୍ରହ ଦୁଇ ପ୍ରକାରର ହୋଇଥାଏ ଯଥା: ଆନ୍ତରିକ ଗ୍ରହ ଓ ବାହ୍ୟ ଗ୍ରହ । ଆନ୍ତରିକ ଗ୍ରହରେ - ବୁଧ,ଶୁକ୍ର, ପୃଥିବୀ, ମଙ୍ଗଳ ଏବଂ ବାହ୍ୟ ଗ୍ରହରେ - ବୃହସ୍ପତି, ଶନି, ଅରୁଣ, ବରୁଣ ଅଟେ । ୮ଟି ଗ୍ରହ ଯଥା ବୁଧ, ଶୁକ୍ର, ପୃଥିବୀ, ମଙ୍ଗଳ, ବୃହସ୍ପତି, ଶନି, ୟୁରେନସ୍ ଓ ନେପଚୁନ୍ ସୂର୍ଯ୍ୟକୁ ଅଣ୍ଡାକାର ପଥରେ ପରିକ୍ରମା କରନ୍ତି । ସୂର୍ଯ୍ୟଙ୍କ ନିକଟତମ ୪ଟି ଗ୍ରହ ଯଥା ବୁଧ, ଶୁକ୍ର, ପୃଥିବୀ ଓ ମଙ୍ଗଳ ମୁଖ୍ୟତଃ କଠିନ ହୋଇଥିବା ସ୍ଥଳେ ଦୂରବର୍ତ୍ତୀ ୪ଟି ଗ୍ରହ ଯଥା ବୃହସ୍ପତି, ଶନି, ପ୍ଲୁଟୋ ଗାସୀୟ ପିଣ୍ଡ ଏବଂ ୟୁରେନସ୍ ଓ ନେପଚୁନ୍ ବରଫ ଗ୍ରହ ଭାବରେ ପରିଚିତ ।

ସୌର ମଣ୍ଡଳ ଗ୍ରହରେ ପୃଥିବୀକୁ ଛାଡି ଗ୍ରୀକ ଓ ରୋମାନ ପରି ଦେବତା ମାନଙ୍କ ନାମ ରହିଛି, କାରଣ ଲୋକମାନେ ଅଜଣା ଥିଲେ ଯେ, ପୁରାତନ କାଳରେ ପୃଥିବୀ ଏକ ଗ୍ରହ ଅଟେ । ହୁଏତ, ପୃଥିବୀକୁ କେବେ କେବେ ରୋମାନ ଦେବତା 'ଟେରା' ନାମରେ ଜଣାଯାଏ । ଉଦାହରଣ ପାଇଁ, ଚୀନ ମଧ୍ୟ ବିଭିନ୍ନ ନାମର ଉପୟୋଗ କରିଥାଏ । ଚନ୍ଦ୍ରମାରେ ଦେବତା ଓ ଶାସ୍ତ୍ରୀୟ ପୌରାଣିକ କଥାର ଲୋକ କିମ୍ବା ଶେକ୍ସପିୟରଙ୍କଦ୍ୱାରା ଲିଖିତ ନାଟକର ନାମ ମଧ୍ୟ ରାହିଛି । ତାରାମାନଙ୍କର ସୃଷ୍ଟି ପାରି ଗ୍ରହ ମଣ୍ଡଳର ଉତ୍ପତ୍ତି ହୋଇଛି । ଆଧୁନିକ ଖଗୋଲ ଶାସ୍ତ୍ରରେ ଯଣାଯାଇଛି ଜେ, ଯେତେବେଳେ ଅନ୍ତରିକ୍ଷରେ କୌଣସି ଆଣବିକ ବାଦଲ ଗୁରୁତ୍ୱାକର୍ଷଣ ଫଳରେ ହଠାତ ପତ୍ତନ ହେବାରେ ଲାଗିଥାଏ ତ'ସେଠାରେ କୌଣସି ତାରା ଏକ ଆଦିଗ୍ରହ ଚକ୍ର (ପ୍ରୋଟୋପ୍ଲେଣ୍ଟରୀ ଡିସ୍କ) ଭାବେ ତିଆରି କାରିଥାଏ । ପ୍ରଥମେ ଅଣୁ ଜମା ହୋଇ ଧୂଳୀର କଣିକା ବନେଇ ଦେଇଥାଏ, ପରେ କଣିକା ମିଶି ଧାତୁଖଣ୍ଡ ତିଆରି ହୋଇଥାଏ । ଗୁରୁତ୍ୱାକର୍ଷଣର ଲଗାତାର ପ୍ରଭାବ ହେତୁ ଏହି ଧାତୁଖଣ୍ଡ ମଧ୍ୟରେ ଧକ୍କା ଏବଂ ସମବେତ ହୋଇଥାଏ ଏବଂ ଧିରେ ଧିରେ ଏହା ବଡ଼ ଟୁକୁଡା ଖଣ୍ଡ ଭାବେ ତିଆରି ହୋଇଯାଏ ଯାହା ସମୟ ସହିତ ଗ୍ରହ, ଉପଗ୍ରହ ଓ ଅଲଗା ବସ୍ତୁର ରପ ଧାରଣ କରିଥାଏ । ଯେଉଁ ବସ୍ତୁ ବଡ଼ ହୋଇଥାଏ ସେମାନଙ୍କ ଗୁରୁତ୍ୱାକର୍ଷଣ ଶକ୍ତିଶାଳୀ ହୋଇଥାଏ ଏବଂ ସେ ନିଜକୁ ସଙ୍କୁଚିତ କରି ଏକ ଗୋଲ ଆକାର ଧାରଣ କରିଦିଅନ୍ତି । କୌଣସି ଗ୍ରହ ମଣ୍ଡଳର ସୃଜନ ପୂର୍ବରୁ ଚରଣରେ ଏହି ଗ୍ରହ ଏବଂ ଉପଗ୍ରହ କେବେ କେବେ ନିଜ ମଧ୍ୟରେ ବାଡେଇ ହୋଇଯାନ୍ତି , ଯାହାଦ୍ୱାରା ଏହା ଖଣ୍ଡ ହୋଇଯାଏ କିମ୍ବା ବେଳେବେଳେ ଜୋଡିହୋଇ ଆହୁରି ବଡ଼ ହୋଇଯାଏ । ଆମ ପୃଥିବୀ ସହିତ ଏକ ମଙ୍ଗଳ ଗ୍ରହ ପରି ବଡ଼ ବସ୍ତୁର ଭୟଙ୍କର ଧକ୍କା ହୋଇଥିଲା, ଯାହାଦ୍ୱାରା ପୃଥିବୀର ଏକ ବଡ଼ ଅଂଶ ଛାଡି ପରିକ୍ରମା ଗ୍ରହପଥକୁ ଚାଲିଯାଇଥିଲା ଏବଂ ଧିରେ ଧିରେ ଯୋଡିହୋଇ ଚନ୍ଦ୍ରମା ହୋଇଗଲା ।

ତେବେ ଜ୍ୟୋତିଷ ଶାସ୍ତ୍ର ଏକ ମୂଲ୍ୟବାନ ଶାସ୍ତ୍ର ଯାହା ମନୁଷ୍ୟ ଏବେ ନିଜର ପାରିପାର୍ଶ୍ୱିକ ସ୍ଥିତି, କର୍ମକ୍ଷେତ୍ର, ସାମାଜିକ ଅବସ୍ଥା , ପାରିପାର୍ଶ୍ୱିକ ଅବସ୍ଥା, ଶିକ୍ଷା ଓ ସ୍ୱାସ୍ଥ୍ୟ ଆଦି ସବୁକୁ ନିୟନ୍ତ୍ରଣ କରିପାରିବାର କ୍ଷମତା ରଖୁଛି । ନିଜ ବୁଦ୍ଧି ବଳରେ ମଣିଷ ଏବେ ସେହି ଗ୍ରହ ନକ୍ଷତ୍ରମାନଙ୍କ ପାଖରେ ପହଞ୍ଚି ବିଭିନ୍ନ ମହାଜାଗତିକ ପିଣ୍ଡ ଗୁଡ଼ିକ ବିଷୟରେ ଗବେଷଣା କରୁଛି ସତ ତଥାପି ମନୁଷ୍ୟ ନିଜ ବିଶ୍ୱାସରୁ ବାହାରି ଯାଇ ପାରି ନାହିଁ ଯେ, ଗ୍ରହ ନକ୍ଷତ୍ର ମାନଙ୍କ ଯୋଗୁଁ ତାର ଜୀବନରେ ପରିବର୍ତ୍ତନ ମଧ୍ୟ ଆସୁଛି । ତେଣୁ ଜ୍ୟୋତିଷ ଶାସ୍ତ୍ର ହେଉଛି ଏକ ଉପାଦେୟ ଗ୍ରନ୍ଥ ଯାହା ବେଦର ମଧ୍ୟ ପ୍ରଧାନ ଅଙ୍ଗ । ତେଣୁ ଜ୍ୟୋତିଷଶାସ୍ତ୍ର କେଉଁ ପୁରାତନ ଓ କେଉଁ ଅନନ୍ତ କାଳରୁ ପ୍ରଚଳିତ ଅଛି । ଆର୍ଯ୍ୟବ୍ରତର ପୁ ଋଷିମୁନି, ଯେଉଁ ମାନେ କି ମହାଜ୍ଞାନୀ, ଜ୍ୟୋତିର୍ବିଜ୍ଞାନି ମାନେ ସେମାନେ ବିଦ୍ୟାକୁ ଆବିଷ୍କାର କରିଛନ୍ତି. ଏ ବିଦ୍ୟାର ଆବଶ୍ୟକତା ମାନବ ସମାଜ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ମଧ୍ୟ ରହିଛି । ତେଣୁ ଜ୍ୟୋତିଷଶାସ୍ତ୍ର ସଦାସର୍ବଦା ଥିଲା, ରହିଛି ଆଉ ଯୁଗ ଯୁଗ ଧରି ରହିଥିବ ମଧ୍ୟ ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ବୋଲଗଡ(ଭାସ୍କର ନ୍ୟୁଜ): ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ ଗ୍ରାମ ସ୍ଥିତ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ କିଶୋରୀ ବାଳିକାଙ୍କ ଶିକ୍ଷଣ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଉମା ବେହେରାଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ମାନସ କୁମାର ସେଠୀଙ୍କ ସଂଯୋଜନାରେ ପରିଚାଳନା କମିଟି ସଭାପତି ପ୍ରଭାତ କୁମାର ନାୟକ, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପାଣିଗ୍ରାହୀ, ଭାରତୀ ମହାନ୍ତି ଓ କମଳିନୀ ନାୟକଙ୍କ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଉପସ୍ଥିତ ରହି କିଶୋରୀ ବାଳିକା ମାନେ ନିୟମିତ ଭାବେ ଶାରୀରିକ ବ୍ୟାୟାମ କରିବା ଦ୍ୱାରା ସ୍ୱାସ୍ଥ୍ୟଗତ ସମସ୍ୟା ସମାଧାନ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ । ସଭାର ପ୍ରାରମ୍ଭରେ ଶିକ୍ଷକ ବ୍ୟୋମକେଶ ପୃଷ୍ଟି କାର୍ଯ୍ୟକ୍ରମ ସମ୍ବନ୍ଧରେ ସମ୍ୟକ ସୂଚନା ଦେଇଥିବା ବେଳେ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳୀ ଗୌଡ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୁଣି ଆଇରନ ଗାଡିର ଧାଡିଭଙ୍ଗା ଯୋଗୁଁ ପାରାଦୀପରେ ଟ୍ରାଫିକ୍ ଜାମ୍: ବେଫିକର ପ୍ରଶାସନ



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପରେ ପୁଣି ଆଇରନ ଟ୍ରକ ମାନଙ୍କ ଧାଡିଭଙ୍ଗା ଯୋଗୁଁ ପ୍ରାୟ ଟ୍ରାଫିକ ଜାମ ଲାଗି ରହୁଥିବା ଏବଂ ଏଥିପ୍ରତି ପ୍ରଶାସନ ବେଫିକର ମନଭାବ ପୋଷଣ କରୁଥିବା ନେଇ ଅଭିଯୋଗ ଉଠିଛି । ପାରାଦୀପ ବନ୍ଦର ପ୍ରବେଶ ପଥ ଅଠରବାଙ୍କି ଠାରୁ ଦୋଛକି ରାସ୍ତା ପର୍ଯ୍ୟନ୍ତ ସବୁବେଳେ ଟ୍ରାଫିକ ଜାମ ରହୁଥିବାରୁ ଯାତ୍ରୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପାରାଦୀପ ବନ୍ଦରରେ ଶୀଘ୍ର ପଣ୍ୟ ଖଲାସ କରିବା ଉଦ୍ଦେଶ୍ୟରେ ଆଇରନ ଟ୍ରକ ଅନୈତିକ ଓ ବେନିୟମ ଭାବେ ଧାଡି ଭାଙ୍ଗି ଯିବା ଦ୍ୱାରା ଏପରି ଟ୍ରାଫିକ ଜାମ ଲାଗି ରହୁଥିବା କୁହାଯାଉଛି । ଆଇରନ ଗାଡି ଗୁଡିକର ଏହି ଧାଡିଭଙ୍ଗା ପ୍ରକ୍ରିୟା ରାତି ପ୍ରାୟ ୧୦ଟା ରୁ ଆରମ୍ଭ ହୋଇ ତାପରଦିନ ସକାଳ ୧୧ ଟା ପର୍ଯ୍ୟନ୍ତ ଲାଗିରହି ଟ୍ରାଫିକ ଜାମ ରହୁଥିବା ଯୋଗୁଁ ଆମ୍ବୁଲାନ୍ସ ଗାଡି, ସ୍କୁଲ ବସ, ଯାତ୍ରୀବାହି ବସ, ଜରୁରୀକାଳୀନ ସେବା ଓ କାର୍ଯ୍ୟ ଏବଂ ଡିୟୁଟିକୁ ଯାଉଥିବା ଲୋକମାନେ ଦୀର୍ଘ ଘଣ୍ଟା ଫସି ରହି ହନ୍ତସନ୍ତ ହେବା ସହ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ସମ୍ପ୍ରତି ଚଣ୍ଡିଖୋଲରୁ ପାରାଦୀପ ପର୍ଯ୍ୟନ୍ତ ଜାତୀୟ ରାଜପଥ ସମ୍ପ୍ରସାରଣ କରାଯାଇ ଫୋର ଲେନ ରାସ୍ତା କାର୍ଯ୍ୟ ନିର୍ମାଣାଧୀନ ରହିଛି ଏବଂ ଏହା ଶେଷ ହେଲେ ଏହି ସମସ୍ୟା ଦୂର ହେବ ବୋଲି କୁହାଯାଉଛି । ସେହିପରି ଟ୍ରକ ଓ ଭାରୀଯାନ ପାର୍କିଙ୍ଗ ବ୍ୟବସ୍ଥା ନଥିବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ଟ୍ରକ ଗୁଡିକ ପାର୍କିଙ୍ଗ କରି ଏହି ଟ୍ରାଫିକ ସମସ୍ୟାକୁ ଦ୍ୱିଗୁଣିତ କରୁଛି । ସୂଚନାଥାଉକି ପୂର୍ବରୁ ଏହିପରି ସମସ୍ୟା ଲାଗି ରହିବାରୁ ପ୍ରଶାସନ ଅନୁରୋଧରେ ପୋଲିସ ବ୍ୟତୀତ ଟ୍ରକ ମାଲିକ ସଂଘର ମିଳିତ ସମନ୍ୱୟ କମିଟି (ଜେସିସି)ର ସଦସ୍ୟ ମାନେ ଏହି ଟ୍ରକ ଚଳାଚଳକୁ ବ୍ୟବସ୍ଥିତ କରି ଏହି ଟ୍ରାଫିକ ସମସ୍ୟାକୁ ଦୂର କରିପାରିଥିଲେ । ଯାହା ଫଳରେ ଟ୍ରକମାନେ ଗୋଟିଏ ଧାଡିରେ ଯିବା ସହ ଅନ୍ୟାନ୍ୟ ଗାଡି ସବୁ ସହଜରେ ଯାତାୟାତ କରୁଥିଲା । ତେବେ କିଛିଦିନ ସବୁ ଠିକଠାକ ଚାଲିଥିବା ବେଳେ ପୋଲିସ ପ୍ରଶାସନ ଜେସିସିକୁ କୌଣସି କାରଣରୁ ଏଥିରୁ ନିବୃତ୍ତ କରାଇ ନିଜେ ଟ୍ରାଫିକ ପରିଚାଳନ କରିଥିଲା । ଯାହାଦ୍ୱାରା ସ୍ଥିତି ଯଥା ପୂର୍ବଂ ତଥା ପରଂ ହୋଇ ଏବେ ପୂର୍ବପରି ଦୈନିକ ଟ୍ରାଫିକ ଜାମ ଲାଗି ରହୁଛି । ତେବେ କେଉଁ ସ୍ୱାର୍ଥରେ ଟ୍ରାଫିକ ନିୟନ୍ତ୍ରଣ କାର୍ଯ୍ୟରୁ ଜେସିସିକୁ ପୋଲିସ ପ୍ରଶାସନ ବାଦ କଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ବର୍ତ୍ତମାନ ନୂତନ ପ୍ରଶାସନିକ ଅଧିକାରୀ ମାନେ ଅବସ୍ଥାପିତ ହୋଇଥିବାରୁ ଟ୍ରାଫିକ ବ୍ୟବସ୍ଥାରେ ସୁଦ୍ଧାର ପାଇଁ ପୋଲିସ ସମେତ ଜେସିସିର ସ୍ୱେଚ୍ଛାସେବୀ ମାନଙ୍କୁ ଟ୍ରାଫିକ ନିୟନ୍ତ୍ରଣ କାର୍ଯ୍ୟରେ ନିୟୋଜିତ କରିବାକୁ ସାଧାରଣରେ ଦାବି ହେଉଛି ।

## ଦ୍ୱିତୀୟ ପାଳି ଯାତ୍ରାରେ ମା' ମଙ୍ଗଳାଙ୍କ ମହାଲକ୍ଷ୍ମୀ ବେଶ



କାକଟପୁର(ଭାସ୍କର ନ୍ୟୁଜ): କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ଚୈତ୍ରମାସ ଦ୍ୱିତୀୟ ପାଳି ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ରାତ୍ର ୪ଘଟିକାରୁ ମନ୍ଦିର ଖୋଲାଯାଇ ସ୍ନାନମାର୍ଜନା, ଭିତର ଶୋଧ କାରାଯାଇ ମା'ଙ୍କୁ ମହାଲକ୍ଷ୍ମୀ ବେଶରେ ସଜ୍ଜିତ କରାଯାଇଥିଲା । ବଲ୍ଲଭ ଓ ସକାଳ ଧୂପ ପରେ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ପହୁଡ଼ ଖୋଲାଯାଇଥିଲା । ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ମାତୃଭକ୍ତମାନେ ଧାଡିରେ ଯାଇ ମା'ଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ । ଦିବା ୧ ଘଟିକା ସମୟରେ ଝଙ୍କଡ଼ରୁ ଆସିଥିବା ଘଣ୍ଟ ପାଟୁଆମାନେ ଘଣ୍ଟ ବଜାଇ ପ୍ରାଚୀନଦୀରୁ ଜଳ ତୋଳି ମା'ଙ୍କ ବେଢାରେ ଓ ବେଢା ବାହାରେ ମୁଣ୍ଡରେ ଘଟ ରଖି ପାଟୁଆ ନୃତ୍ୟ କରିଥିଲେ । ଦିବା ୩ ଘଟିକା ସମୟରେ ଦ୍ୱିପହର ଧୂପ ଓ ଭଅଣ୍ଡ ଧୂପ କାରାଯାଇ ପହୁଡ଼ ପଡିଥିଲା । ଅପରାହ୍ନ ୫ ଘଟିକା ସମୟରେ ସର୍ବସାଧାରଣଙ୍କ ନିମନ୍ତେ ପହୁଡ଼ ଖୋଲା ଯାଇଥିଲା । ସନ୍ଧ୍ୟାରେ ସନ୍ଧ୍ୟା ଆଳତି ଓ ରାତ୍ର ୯ ଘଟିକା ସମୟରେ ରାତ୍ର ଧୂପ ଓ ବଡ଼ସିଂହାର ଅନୁଷ୍ଠିତ କାରାଯାଇ ପହୁଡ଼ ପଡିଥିଲା । କାକଟପୁର ଥାନା ପକ୍ଷରୁ ମନ୍ଦିର ବେଢାରେ ଓ ବାହାରେ ପୋଲିସ ମୁତୟନ କାରାଯାଇ ଭକ୍ତମାନଙ୍କୁ ଶାନ୍ତିଶୃଙ୍ଖଳା ସହିତ ଦର୍ଶନ କରାଯାଇଥିଲା । ମନ୍ଦିର ପ୍ରଶାସନ ପକ୍ଷରୁ ମନ୍ଦିର ଟ୍ରଷ୍ଟି ତଥା ସ୍ଥାନୀୟ ତହସିଲଦାର ଅଙ୍କିତା ଉପସ୍ଥିତ ରହି ଶୃଙ୍ଖଳା ବ୍ୟବସ୍ଥାକୁ ତଦାରଖ କରିଥିଲେ । ପାଳିଆ ସେବକ ଓ ପୂଜାପଣ୍ଡା ସେବକ ଭାବେ ପ୍ରକାଶ ଚନ୍ଦ୍ର ପଣ୍ଡା ଦାୟିତ୍ୱ ନିର୍ବାହ କରିଥିଲେ ।

## ଧର୍ମପ୍ରାଣ ବ୍ୟକ୍ତିଙ୍କ ପରଲୋକ

କାକଟପୁର(ଭାସ୍କର ନ୍ୟୁଜ): କାକଟପୁର ବ୍ଲକ ଅନ୍ତର୍ଗତ ପଥରପକା ଗ୍ରାମର ଗୋବିନ୍ଦ ଚନ୍ଦ୍ର ନାୟକ (୭୬)ଙ୍କ ନିଜ ବାସଭବନରେ ପରଲୋକ ହୋଇଯାଇଛି । ସେ ଜଣେ ପରୋପକାରୀ, ମିଷ୍ଟ ଭାଷୀ, ଧର୍ମପ୍ରାଣ ବ୍ୟକ୍ତି ତଥା ବିଭିନ୍ନ ଧାର୍ମିକ ଅନୁଷ୍ଠାନ ସହିତ ଜଡିତ ଥିଲେ । ତାଙ୍କ ବିୟୋଗରେ ସାରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ମୃତ୍ୟୁ ନିକଟରେ ପୁତ୍ର ବାବୁ, ପୁତ୍ରବଧୂ, ଝିଅ ମମତା, ଉନତା, ସ୍ୱର୍ଣ୍ଣ, କିଚିକା, ଜ୍ୱାଇଁ ବାବାଜୀ, ଅଶୋକ ଧୁଶାସନ, ପୁତୁରା ବୁବୁ, ଭୋଲା, କେଳା, ରଞ୍ଜନ, ଜଗା, ଭଣଜା କୁମର, ଯୁଗଳ, ଟୁକୁନୁ, ଡୁକୁନୁ, ନାତି ସାଇ, ଓମ, ଦେବା ପରିବାର ବନ୍ଧୁବର୍ଗ, ଆତ୍ମୀୟ ସ୍ୱଜନ ଓ ଗ୍ରାମବାସୀ ଉପସ୍ଥିତ ଥିଲେ । ତାଙ୍କର ପାର୍ଥିବ ଶରୀର କୁ ଏକ ଶୋଭା ଯାତ୍ରା ରେ ନିଆଯାଇ ଗ୍ରାମ ସ୍ମଶାନ ରେ ଦାହ କରାଯାଇଥିଲା । ପୁତ୍ର ବାବୁ ମୁଖାଗ୍ନି ଦେଇଥିଲେ ।

## ଭକ୍ତ ଦାସିଆ ପୀଠର ସର୍ବାଙ୍ଗୀଣ ବିକାଶ ପାଇଁ ପଦକ୍ଷେପ



ପିପିଲି(ଭାସ୍କର ନ୍ୟୁଜ): ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ଓ ସାଧନା ପୀଠ, ପୁରୀ ଜିଲ୍ଲାର ପିପିଲି ବ୍ଲକ୍ ଅର୍ନ୍ତଗତ ବାଲିଗାଁର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଭକ୍ତ ଦାସିଆ ସ୍ମୃତି କମିଟିର ମାସିକ ସମୀକ୍ଷା ବୈଠକରେ ୧୮ଗୋଟି ପ୍ରକଳ୍ପର ପ୍ରସ୍ତାବ ଗୃହୀତ ହେବା ସଙ୍ଗେ ସଙ୍ଗେ ସ୍ଥାନୀୟ ପିପିଲି ଡେଲାଙ୍ଗର ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ଦୃଷ୍ଟି ଆର୍କଷଣ କରାଯାଇଛି। ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗରୁ ଏଥି ମଧ୍ୟରେ ଚଳିତ ଆର୍ଥିକ ବର୍ଷରେ ମୋଟ ୨ କୋଟି ଟଙ୍କା ଆର୍ଥିକ ଅନୁଦାନ ମିଳିଥିବାରୁ ଉପସ୍ଥିତ ସଦସ୍ୟମାନେ ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କୁ ଭୂୟସି ପ୍ରଶଂସା କରିଥିଲେ। ଭୁବନେଶ୍ୱର ସହିଦ ନଗରର ବିଷ୍ଣୁମନ୍ଦିରର ସଭାଗୃହରେ ଆୟୋଜିତ ଉକ୍ତ ସମୀକ୍ଷା ବୈଠକରେ ଅନୁଷ୍ଠାନର ସଭାପତି ଡଃ. ପ୍ରତିଭା ମହାରଥୀ ଅଧ୍ୟକ୍ଷତା କରିଥିବା ବେଳେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରାକ୍ତନ ଯନ୍ତ୍ରୀ ମୁଖ୍ୟ ଇଂ ଦେବ ନାରାୟଣ ପାଲ, କିଟ୍ +୨ ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ଡଃ. ଚିତ୍ତ ରଞ୍ଜନ ମିଶ୍ର, ଇଂ ବସନ୍ତ କୁମାର ମିଶ୍ର, ଇଂ ସୁରେନ୍ଦ୍ର କୁମାର ନାଥ ପଣ୍ଡା ପ୍ରମୁଖ ପୀଠର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଐତିହ୍ୟ ପୁଷ୍କରଣୀ ଗୋଠଗଡ଼ିଆ, ରତ୍ନଚିରା ନଦୀରେ ନୌକା ବିହାର, ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଗଣରେ ଆନନ୍ଦ ବଜାର, କମ୍ୟୁନିଟ୍ ହଲ, ଭକ୍ତ ନିବାସ, ଯାତ୍ରୀବାହୀ ବସର ପାର୍କିଙ୍ଗୀ, ଭକ୍ତ ଦାସିଆଙ୍କ ଅଲୌକିକତାର ଆଧରରେ ମିୟୁଜିୟମ, ତୁଳସୀ ଉଦ୍ୟାନର ଉନ୍ନତିକରଣ, ଗୁଣ୍ଡିଚା ଘର, ସ୍ନାନମଣ୍ଡପର ନବିକରଣ ଆଦି ବିଭିନ୍ନ ୧୮ଗୋଟି ପ୍ରକଳ୍ପର ଉନ୍ନୟନ ନିମନ୍ତେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆର୍କଷଣ କରିଛନ୍ତି। ପୀଠକୁ ଜାତୀୟ ରାଜପଥରୁ ସଂଯୋଗ କରିଥିବା ସଡ଼କ ରାସ୍ତାର ପ୍ରସସ୍ତିକରଣ, ଭକ୍ତ ଦାସିଆ ପୀଠ ପରିସର ତଥା ରାସ୍ତାର ଉଭୟ ପାର୍ଶ୍ୱରେ ବିଦ୍ୟୁତ ଆଲୋକିକରଣ କରାଗଲେ ସ୍ଥାନୀୟ ୫୦ ହଜାର ଗ୍ରାମବାସୀ ତଥା ଓଡ଼ିଶା ଓ ଦେଶ ବିଦେଶରୁ ଆସୁଥିବା ବହୁ ପର୍ଯ୍ୟଟକମାନଙ୍କ ସୁବିଧା ହୋଇପାରିବ ବୋଲି ବୁଦ୍ଧିଜୀବୀ ମତପୋଷଣ କରିଥିଲେ। ଆଲୋଚନାର ପ୍ରାରମ୍ଭରେ ବିଶିଷ୍ଟ ସଂଗୀତକାର ଅଜୟ ଦାସ, ଆର୍ନ୍ତଜାତିକ ବଶିଂବାଦକ ପର୍ଶୁରାମ ଦାସ ଶ୍ରୀଜଗନ୍ନାଥଙ୍କ ସଂଗୀତ ପରିବେଷଣ କରିଥିବା ବେଳେ ଅନୁଷ୍ଠାନର ସାଧାରଣ ସଂପାଦକ ଡଃ ଘନଶ୍ୟାମ ସ୍ୱାଇଁ ଅନୁଷ୍ଠାନର ଆୟବ୍ୟୟ ବିବରଣୀ ଉପସ୍ଥାପନ କରି ଅନୁଷ୍ଠାନର ନୂତନ ସଦସ୍ୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଆଲୋଚନାରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଅର୍ଜ୍ଜୁନ ଚରଣ ସାମଲ, ଡ଼କ୍ଟର ଦୁର୍ଗାପ୍ରସାଦ ମିଶ୍ର, ଦିଲ୍ଲିପ କୁମାର ଦ୍ୱିବେଦୀ, ଲକ୍ଷ୍ମୀନାରାୟଣ ଦାସ, ପଞ୍ଚାନନ ନାୟକ, ସମାଜସେବୀ ମନୋରମା ମହାପାତ୍ର, ସପନ କୁମାର ଦାସ, ତ୍ରିନାଥ ଲେଙ୍କା, ବୃନ୍ଦାବନ ମହାପାତ୍ର, ଗୋପାଳ ବଳ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ସାଂସ୍କୃତିକ ସଂପାଦକ ସରୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜାଜଭୈରବ ବରିଷ୍ଠ ନାଗରିକ ପରିଷଦର ସମାବେଶ



ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ସ୍ଥାନୀୟ ଜାଜଭୈରବ ବରିଷ୍ଠ ନାଗରିକ ପରିଷଦର ବାର୍ଷିକ ସମାବେଶ ଆଗ୍ରାହାଟ ନିକଟ ଦକ୍ଷିଣେଶ୍ୱରୀ କାଳୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇ ଯାଇଛି । ସଭାପତି ସୁକାନ୍ତ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, ପୌର ଉପାଧକ୍ଷ ଶୁଭେନ୍ଦୁ ସାମଲ, କାଉନସିଲର ସୁବ୍ରତ କୁମାର ସାମଲ, ଆଶୁତୋଷ ଦାସ, ଚୌଦ୍ୱାର ଥାନା ନୋଡ଼ାଲ ଅଫିସର ସେଖ ଫାରୁକ ଅଲ୍ଲୀ ଅହମ୍ମଦ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ସ୍ଥାନୀୟ ଅଞ୍ଚଳର ୫ଟି କଲୋନୀର ବରିଷ୍ଠ ନାଗରିକ ମାନେ ଏଥିରେ ଯୋଗଦେଇ କଲୋନୀକୁ ପୌରପାଳିକାକୁ ହସ୍ତାନ୍ତର, ୱାର୍ଡ଼ ପୁନର୍ଗଠନ, ଅବାଶ୍ୟକୀୟ ରାସ୍ତା ନିର୍ମାଣ, ଜଳଯୋଗାଣ, ଡ୍ରେନ୍, ରାସ୍ତା ଆଲୋକିକରଣ, କମ୍ୟୁନିଟି ସେଣ୍ଟର ପ୍ରତିଷ୍ଠା ଆଦି ସମ୍ପର୍କରେ ଅତିଥିମାନଙ୍କୁ ଅବଗତ କରାଇବା ସହିତ ସମସ୍ୟାଗୁଡ଼ିକର ସମାଧାନ ପାଇଁ ଅନୁରୋଧ କରିଥିଲେ । ସଂଗଠକ ବିଶ୍ୱ କଲ୍ୟାଣ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଦକ୍ଷିଣେଶ୍ୱରୀ କାଳୀ ମନ୍ଦିର ପ୍ରତିଷ୍ଠାତା ବୀରେନ୍ଦ୍ର ନାଥଙ୍କ ପରଲୋକରେ ନୀରବ ପ୍ରାର୍ଥନା ସହିତ ଶୋକବ୍ୟକ୍ତ କରାଯାଇଥିଲା । ଜୟକୃଷ୍ଣ ସ୍ୱାଇଁ, ଅଚ୍ୟୁତାନନ୍ଦ ପରିଡ଼ା, ଯଦୁମଣୀ ବେହେରା, କୀର୍ତ୍ତନ ପାତ୍ର, ପ୍ରଦୀପ ସାମଲ, ଉତ୍ତମ କୁମାର ସ୍ୱାଇଁ, ଦେବରାଜ ଦାସ, ନିରଞ୍ଜନ ଦାସ ପ୍ରମୁଖ ବରିଷ୍ଠ ନାଗରିକ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଅଜୟ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ନାବାଳିକା ଦୁଷ୍କର୍ମ ମାମଲା: ଅଭିଯୁକ୍ତ କୋର୍ଟଚାଲାଣ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ବ୍ଲକ୍ ବଳଙ୍ଗା ଥାନା ଅଞ୍ଚଳରେ ଏକ ଗ୍ରାମରେ ଅଷ୍ଟପ୍ରହରୀ ଚାଲୁଥିବା ବେଳେ ଜଣେ ଯୁବକ ନାବାଳିକାକୁ ଉଠାଇ ନେଇ ବାରିପଟେ ଦୁଷ୍କର୍ମ କରିଥିବା ବଳଙ୍ଗା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ଦୁଷ୍କର୍ମ ମାମଲା ଓ ପୋକ୍ସୋ ଆକ୍ଟ ମାମଲା ରୁଜୁ କରି ନାବାଳିକା ଓ ଦୁଷ୍କର୍ମକାରୀକୁ ଡ଼ାକ୍ତରୀ ମାଇନା କଲା ପରେ ଜିଲ୍ଲା ସ୍ପେଶାଲ୍ କୋର୍ଟରେ ଅଭିଯୁକ୍ତକୁ ହାଜର କରାଇଥିଲେ । ଜାମିନ୍ ନାମୁର ହେବାରୁ ଅଭିଯୁକ୍ତ ବିଚାର ବିଭାଗୀୟ ହାଜତକୁ ଯାଇଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ବଳଙ୍ଗା ଥାନା ଅଞ୍ଚଳରେ ଥିବା ଏକ ଗ୍ରାମରେ ଅଷ୍ଟପ୍ରହରୀ ଚାଲିଥିବା ବେଳେ ପୂର୍ଣ୍ଣାହୂତି ଦିନ ସମସ୍ତ ଗ୍ରାମବାସୀ ଠାକୁରଙ୍କ ନିକଟରେ ରୁଣ୍ଡ ହୋଇଥିବା ବେଳେ ଅଭିଯୁକ୍ତ କାଳନ୍ଦୀ ନାୟକ ନାବାଳିକାକୁ ଘରୁ ଉଠାଇ ନେଇ ବାରିପଟେ ଦୁଷ୍କର୍ମ କରିଥିଲା । ନାବାଳିକାକୁ ମଧ ହତ୍ୟା ଧମକ ଦେଇଥିଲା । ପରିବାର ଆଗରେ ଏକଥା କହିଲେ ଜୀବନରେ ମାରିଦେବି ବୋଲି କହିଥିଲା । ନାବାଳିକା କାନ୍ଦି କାନ୍ଦି ନିଜ ପରିବାର ଆଗରେ ସମସ୍ତ ଘଟଣା କହିବା ପରେ ପରିବାର ପକ୍ଷରୁ ବଳଙ୍ଗା ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ କାଳବିଳମ୍ବ ନକରି ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଛି । ଅଭିଯୁକ୍ତ ଜାମିନ୍ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ଯାଇଥିବା ବେଳେ ତୁରନ୍ତ ଅଭିଯୁକ୍ତକୁ ଦଣ୍ଡବିଧାନ ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି ।

## ବାଜି ରାଉତ କଲେଜରେ ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର




ଭୁବନ(ଭାସ୍କର ନ୍ୟୁଜ): ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଘାଟିତ ହୋଇଯାଇଛି । ଏହି ଶିବିରକୁ ଅଧକ୍ଷ ପ୍ରଫୁଲ୍ଲ କୁମାର ଭୂୟାଁ ଉଦଘାଟନ କରି ଛାତ୍ରୀ ଆତ୍ମରକ୍ଷା ଭବିଷ୍ୟତର ସୁରକ୍ଷା ବୋଲି ମତବ୍ୟକ୍ତ କରିଥିଲେ। ଛାତ୍ରୀ ଆତ୍ମରକ୍ଷା ଦାୟିତ୍ୱରେ ଥିବା ପ୍ରଭାରୀ ଅଧ୍ୟାପିକା ସୁଶ୍ରୀ ଶୁଭ୍ରସିଲକା ଦାସ ଓ ଟ୍ରେନର ପ୍ରମୋଦିନି ମାଝୀ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ମୁଖ୍ୟ କିରାଣୀ କୈଳାସ ଚନ୍ଦ୍ର ବେହେରା, ଅଧ୍ୟପକ ସୁବାସ ଚନ୍ଦ୍ର ପତି, ଅଧ୍ୟାପିକା ଅନ୍ନପୂର୍ଣ୍ଣା ବେହେରା ଛାତ୍ରୀମାନଙ୍କୁ ଆତ୍ମରକ୍ଷା ସମ୍ବନ୍ଧରେ ବିଭିନ୍ନ ପ୍ରକାର କୌଶଳର ଉପାୟ ବୁଝାଇଥିଲେ । ଶିବିରରେ ସମସ୍ତ ଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ଓଡ଼ିଶୀ ଶିକ୍ଷାନୁଷ୍ଠାନ ତ୍ରିନେତ୍ର କଳାକୁଞ୍ଜର ବାର୍ଷିକୋତ୍ସବ

ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ସୁପ୍ରତିଷ୍ଠିତ ଓଡ଼ିଶୀ ନୃତ୍ୟ ଶିକ୍ଷା ଅନୁଷ୍ଠାନ ତ୍ରିନେତ୍ର କଳାକୁଞ୍ଜ ଆନୁକୁଲ୍ୟରେ ଦ୍ୱିତୀୟ ଦୋଳଉତ୍ସବ-୨୦୨୫ ଅନୁଷ୍ଠିତ ହୋଇ ଯାଇଛି । ଓଡ଼ିଶା ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପୁଷ୍ଟପୋଷକତାରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନ ଆନୁକୁଲ୍ୟରେ ଓଟିଏମ୍ କଲୋନୀସ୍ଥିତ ଚନ୍ଦନ ପଡ଼ିଆରେ ଦୁଇଦିନ ଧରି ଆୟୋଜିତ ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ତ୍ରିଧାରର ନିର୍ଦ୍ଦେଶକ ଗୁରୁ ଗଜେନ୍ଦ୍ର ପଣ୍ଡା, ପୌର ଉପାଧକ୍ଷ ଶୁଭେନ୍ଦୁ ସାମଲ,ସନ୍ତୋଷ କୁମାର ମହାନ୍ତି, ଅମରେନ୍ଦ୍ର ରାଉତ, ଗଣେଶ ପ୍ରସାଦ ବେହେରା ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ବିଶେଷ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ପ୍ରମୁଖ ନୃତ୍ୟ ଓ ସଂଗୀତ କଳା ଓଡ଼ିଶୀ ନୃତ୍ୟର ପ୍ରଚାର ଓ ପ୍ରସାର ଦିଗରେ ତ୍ରିନାଥ କଳାକୁଞ୍ଜର ନିଷ୍ଠାପର ପ୍ରୟାସକୁ ପ୍ରଶଂସା କରିଥିଲେ । କଳାକୁଞ୍ଜର ମୁଖ୍ୟ ଗୁରୁ ରମାକାନ୍ତ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଅଭିରାମ ନାୟକ, ନେହା ନାଗେଶ୍ୱରୀ ମହାନ୍ତି, ସୁରେନ୍ଦ୍ର ଦାସ, କାଉନସିଲର ସୁବ୍ରତ ସାମଲ, ବିଜୟଲକ୍ଷ୍ମୀ ମହାପାତ୍ର, ପ୍ରଭାତ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଓଡ଼ିଶୀ ନୃତ୍ୟଗୁରୁ



ଓ ନୃତ୍ୟ ଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଛତିଶଗଡର ଗୁରୁ ଆଞ୍ଚଲ ପାଣ୍ଡେଙ୍କ ଶିଷ୍ୟଙ୍କ ଦ୍ୱାରା ପରିବେଷିତ କଥକ ଓ ଗଜପତିର କଳାକାରଙ୍କ ଦ୍ୱାରା ପରିବେଶିତ ପଲ୍ଲି ଓ ଦେବଦାସୀ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା । ରାଜ କିଶୋର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଭାସ୍କର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଚିତ୍ତାକର୍ଷକ ଓଡ଼ିଶୀ ନୃତ୍ୟ ବିଚିତ୍ରା ପରିବେଷଣ କରାଯାଇଥିଲା ।

## ସୋରଡ଼ା ତହସିଲରେ କର୍ମଚାରୀ ଅଭାବ, ଜନ ଅସନ୍ତୋଷ ବୃଦ୍ଧି

ସୋରଡ଼ା(ଭାସ୍କର ନ୍ୟୁଜ): ସୋରଡ଼ା ତହସିଲ ଅଫିସରେ ବର୍ଷ ପୂରିବାକୁ ବସିଥିଲେ ସୁଦ୍ଧା ଏହାର ରୂପରେଖାରେ ପରିବର୍ତ୍ତନ ହୋଇ ପାରିଛି । ଆବଶ୍ୟକୀୟ କର୍ମଚାରୀ ନଥିବାରୁ ଏହାର ଅଭାବ ପୂରଣ ନେଇ ପ୍ରଶ୍ନ ବାଚୀ ସ୍ପଷ୍ଟ ହେଉଛି । ଏହି କାର୍ଯ୍ୟାଳୟରେ ୯ ଆର.ଆଇ. ସର୍କଲ, ୨୭୦ ରାଜସ୍ୱ ଗ୍ରାମର ଲକ୍ଷାଧିକରୁ ଉର୍ଦ୍ଧ ଜନସଂଖ୍ୟା ନିର୍ଭର କରିନ୍ତି । ୨୬ ପଞ୍ଚାୟତର ଜନସଂଖ୍ୟା ହଜାର ହଜାର, ଏନଏ.ସିର ୧୧ ୱାର୍ଡ ସମେତ ଲକ୍ଷ ଲକ୍ଷରୁ ଉର୍ଦ୍ଧ ନିର୍ଭର କରିଥାନ୍ତି । ବର୍ଷ ବର୍ଷ ଧରି କର୍ମଚାରୀଙ୍କ ଅଭାବ ପରିପୂରଣ ହୋଇପାରୁ ନଥିବାରୁ ଏହି କାର୍ଯ୍ୟାଳୟ ଅଧୀନରେ ୨୮ଟି ବିଭାଗ ଥିବାବେଳେ ବିଭିନ୍ନ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ ମଧ୍ୟ ହୋଇ ପାରୁ ନଥିବା ପରିଲକ୍ଷିତ ହେଉଛି । ଫଳରେ ବହୁ ଦୂରଦୁରାନ୍ତରୁ ବିଭିନ୍ନ କାର୍ଯ୍ୟରେ କାର୍ଯ୍ୟ ନେଇ ତହସିଲ୍‌କୁ ଆସୁଥିବା ଲୋକଙ୍କ କାମ ଠିକ ସମୟରେ ହେଉନାହିଁ । ଦିନକୁ ଦିନ ଡେରି ହେବାରୁ ଅସନ୍ତୋଷ ବୃଦ୍ଧି ପାଉଛି ଏବଂ ଦିନ ତମାମ ଅଫିସରେ ଜଗି ଜଗି ଶେଷରେ ନିରାଶରେ ଫେରୁଛନ୍ତି । କାର୍ଯ୍ୟାଳୟରେ କିରାଣୀ, ଅମିନ, ଆର.ଆଇଙ୍କ ଅଭାବ ଦୀର୍ଘ ବର୍ଷ ହେବ ପରିଲକ୍ଷିତ ହେଉଛି । ଆବଶ୍ୟକ କର୍ମଚାରୀଙ୍କ ଅଭାବ ଯୋଗୁ ବର୍ଷବର୍ଷ ଧରି ପଡିରହିଥିବା ମାମଲା ବିଚାରରେ ଅହେତୁକ ବିଳମ୍ବ ହେଉଛି । ପୂର୍ବବର୍ଷରୁ ପଡିଥିବା ଶତାଧିକ ରେକର୍ଡ ପତ୍ର ସଂଶୋଧନ ହୋଇପାରୁନାହିଁ । ବିଭିନ୍ନ ମାମଲାର ଆଦେଶ, ଖତିଆନ, ସ୍ଥାୟୀ ବାସିନ୍ଦା, ଜାତିଗତ, ଅର୍ଥ ନୈତିକ, ଉତ୍ତରାଧିକାରୀ, ଜନ୍ମ ଓ ମୃତ୍ୟୁ ଆଦେଶ ଓ ପ୍ରଣାମ ପତ୍ର ପ୍ରଦାନରେ ନାନା ସମସ୍ୟା ମାନ ଦେଖାଯାଉଛି । ପ୍ରାୟ ୮ ଆର.ଆଇ. ଅଫିସର ମଧ୍ୟ କର୍ମଚାରୀଙ୍କ ଅଭାବରୁ ଜମି ଚିହ୍ନଟରେ ଅସୁବିଧା ଦେଖାଦେଉଛି । କର୍ମଚାରୀଙ୍କ ଅଭାବ ସମ୍ପର୍କେ ତହସିଲ ପକ୍ଷରୁ ଜିଲ୍ଲାପାଳଙ୍କ ଅଫିସକୁ ଲେଖିଥିଲେ ମଧ୍ୟ ଜିଲ୍ଲାପାଳ ଦୃଷ୍ଟି ଦେଉନଥିବାରୁ ସମସ୍ୟା ବୃଦ୍ଧି ପାଉଛି । ଏଣୁ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଅଭାବ ପୂରଣ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସୋରଡ଼ା ପ୍ଲେସ ବ୍ଲକର ଆଡଭାଇଜର ଆରାପଲି ସାରଥୀ ଜିଲ୍ଲାପାଳଙ୍କୁ ଦୃଢ଼ ଦାବି କରିଛନ୍ତି ।

## ଡାକ୍ତର ନିଯୁକ୍ତିରେ ସଂରକ୍ଷଣ ଆଇନ୍‌ର ଉଲ୍ଲଂଘନ ଅଭିଯୋଗ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ସାଧାରଣ ବର୍ଗ ଡ଼ାକ୍ତର ନିଯୁକ୍ତିକୁ ନେଇ ଅସନ୍ତୋଷ ବଢ଼ିଥିବା ବେଳେ ଏହି ଘଟଣା ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ସାଧାରଣ ବର୍ଗଙ୍କ ପ୍ରତି ଗୁରୁତ୍ୱ ଦିଆଯାଉ ନଥିବା ଅନେକ ବ୍ୟକ୍ତି ନିଜ ନାମ ଗୋପନ ରଖି ପ୍ରକାଶ କରିଛନ୍ତି । ଯାହାକୁ ନେଇ ଏବେ ଚାରିଆଡ଼େ ମେଡ଼ିକାଲ ଛାତ୍ରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବଢ଼ିବାରେ ଲାଗିଛି । ରାଜ୍ୟରେ ସାଧାରଣ ବର୍ଗ ପଦବୀରେ ସଂରକ୍ଷଣ ପ୍ରାର୍ଥୀଙ୍କ ନିଯୁକ୍ତି ପ୍ରକ୍ରିୟାରେ ସଂରକ୍ଷଣ ଆଇନର ଉଲ୍ଲଂଘନର ଆଉ ଏକ ଘଟଣା ଏବେ ସାମ୍ନାକୁ ଆସିଛି । ଚଳିତ ବର୍ଷ ଓଡ଼ିଶା ପ୍ରଶାସନିକ ସେବା ଓ ଡ଼ାକ୍ତର ନିଯୁକ୍ତି ପାଇଁ ରାଜ୍ୟ ଲୋକସେବା ଆୟୋଗ (ଓପିଏସ୍‌ସି) ଜରିଆରେ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ସଂରକ୍ଷଣ ଧାର୍ଯ୍ୟ ସୀମା ୫୦%କୁ ଟପି ଯାଇଛି । ରାଜ୍ୟ ସରକାରଙ୍କ ନିଜସ୍ୱ ଆଇନ ଓ ସୁପ୍ରିମକୋର୍ଟଙ୍କ ରାୟର ଏହା ଉଲ୍ଲଂଘନ କରୁଥିଲେ ହେଁ ଅଧିକାରୀମାନେ ଏହାକୁ ଆଖି ବୁଜି ଦେଇଛନ୍ତି । ଫଳରେ ଉଭୟ ନିଯୁକ୍ତି ଓ ପଦୋନ୍ନତି ପ୍ରକ୍ରିୟାରେ ସାଧାରଣ ବର୍ଗ ପାଇଁ ଅବହେଳା ହେଉଥିବା ଅଭିଯୋଗ ହୋଇଛି । ୨୦୨୪ ବର୍ଷ ପାଇଁ ଗତ ଜାନୁୟାରୀ ମାସରେ ୫ଟି ପ୍ରଶାସନିକ ସେବା ପାଇଁ ବିଜ୍ଞପ୍ତି ବାହାରିଛି । ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍), ଓଡ଼ିଶା ଆର୍ଥିକ ସେବା (ଏଏଫ୍‌ଏସ୍), ଓଡ଼ିଶା କର ଓ ହିସାବ (ଓଟିଏଏସ୍), ଓଡ଼ିଶା ସମବାୟ ସେବା ଓ ରାଜସ୍ୱ ସେବା (ଓଆରଏସ୍), ଓଡ଼ିଶା ସମବାୟ ସେବା ଓ ରାଜସ୍ୱ ସେବା (ଓଆରଏସ୍)ରେ ନିଯୁକ୍ତି ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଇଥିଲା । ଆଶାୟୀ ଓଏଏସ୍ ପ୍ରାର୍ଥୀମାନେ ବିଜ୍ଞପ୍ତିକୁ ତର୍ଜମା କରିବା ପରେ ଜାଣିବାକୁ ପାଇଥିଲେ ଯେ, ସମୁଦାୟ ୩୦ଟି ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶିତ ହୋଇଥିବା ବେଳେ ଏଥିରେ ମାତ୍ର ୬ଟି ପଦବୀ ସାଧାରଣ ବର୍ଗର ପ୍ରାର୍ଥୀଙ୍କ ପାଇଁ ରଖାଯାଇଛି । ରାଜ୍ୟ ସରକାରଙ୍କ ସଂରକ୍ଷଣ ଅଧିନିୟମ (ଓଆରଭି), ୧୯୭୫ର ଧାରା-୭ ଓ ସୁପ୍ରିମକୋର୍ଟଙ୍କ ଦ୍ୱାରା ଧାର୍ଯ୍ୟ ୫୦% ସୀମା ଅନୁସାରେ ମୋଟ ୩୦ ପଦବୀରୁ ୧୫ଟି ସାଧାରଣ ବର୍ଗର ପ୍ରାର୍ଥୀଙ୍କ ପାଇଁ ରହିବା କଥା । ମାତ୍ର ଏହି ବିଜ୍ଞପ୍ତିରେ ସଂରକ୍ଷିତ ଆସନରେ ପଦବୀ ସଂଖ୍ୟା ଅଧିକ ରହିଛି । ବାସ୍ତବରେ ସାଧାରଣ ବର୍ଗର ପ୍ରାର୍ଥୀଙ୍କ ପାଇଁ ୯ଟି ପଦବୀ କମ୍ ଥିବା ବେଳେ ସଂରକ୍ଷିତ ବର୍ଗଙ୍କ ପାଇଁ ୯ଟି ପଦବୀ ଅଧିକ ରହିଛି । ସେହିପରି ଓଏଫ୍‌ଏସ୍‌ରେ ମୋଟ ୪୬ଟି ପଦବୀରୁ ସାଧାରଣ ବର୍ଗଙ୍କ ୨୩ଟି ବଦଳରେ ୧୭ଟି, ଓଆରଏସ୍‌ରେ ସମୁଦାୟ ୪୩ଟି ପଦବୀରୁ ସାଧାରଣ ବର୍ଗଙ୍କ ପାଇଁ ୨୨ଟି ପଦବୀ ବଦଳରେ ୧୯, ଓସିଏସ୍‌ରେ ୧୯ଟି ପଦବୀରୁ ୯ଟି ବଦଳରେ ୫ଟି ପଦବୀ ସାଧାରଣ ବର୍ଗର ପ୍ରାର୍ଥୀଙ୍କ ପାଇଁ ରଖାଯାଇଛି । ପିଛିଲା ଭାବେ ରହିଥିବା ଖାଲି ପଦବୀକୁ ପୃଥକ୍ ଭାବେ ହିସାବ କରି ଚଳିତ ନିଯୁକ୍ତି ପ୍ରକ୍ରିୟାରେ ବିଜ୍ଞପ୍ତି ପ୍ରକାଶ ପାଇଛି । ଯାହାଫଳରେ ସଂରକ୍ଷିତ ପଦବୀ ୫୦%କୁ ଟପି ଯାଇଛି । ଅପର ପକ୍ଷରେ ଚଳିତ ବର୍ଷ ଡ଼ାକ୍ତର ନିଯୁକ୍ତିରେ ମଧ୍ୟ ସମାନ ତ୍ରୁଟି ଦେଖିବାକୁ ମିଳିଛି । ୨୦୨୪-୨୫ ମସିହା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୫୨୪୮ ଡ଼ାକ୍ତର ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏଥିରେ ଏସ୍‌ଇବିସିରେ ୭୩୬, ଏସ୍‌ସି ୧୬୨୦, ଏସ୍‌ଟି ୨୪୮୧ ଓ ସାଧାରଣ ବର୍ଗ ପାଇଁ ୪୧୧ଟି ପଦବୀ ରହିଛି । ଯଦି ସଂରକ୍ଷଣ ଆଇନକୁ ବିଚାରକୁ ନିଆଯାଏ ତା'ହେଲେ ସମୁଦାୟ ୨୬୨୪ ପଦବୀ ସଂରକ୍ଷିତ ରହିବା କଥା, ମାତ୍ର ଏ କ୍ଷେତ୍ରରେ ସଂରକ୍ଷିତ ପଦବୀ ୯୧% ବା ୪୮୩୭କୁ ବୃଦ୍ଧି ପାଇଛି । ୨୦୨୩ ମସିହାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡ଼ାକ୍ତର ନିଯୁକ୍ତି ନେଇ ଯେଉଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା ସେହିଠାରୁ ହିଁ ତ୍ରୁଟି ଟି ଆରମ୍ଭ ହୋଇଛି । ଯାହାର ପ୍ରତିଫଳନ ଚଳିତ ବର୍ଷର ନିଯୁକ୍ତି ପ୍ରକ୍ରିୟାରେ ବି ଦେଖିବାକୁ ମିଳିଛି । ୨୦୨୩ ମସିହାରେ ସମୁଦାୟ ୭୨୭୬ ଡ଼ାକ୍ତରଙ୍କ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏଥିରେ ଏସ୍‌ଇବିସି ୭୧୪, ଏସ୍‌ସି ୧୫୯୭ ଓ ଏସ୍‌ଟି ୨୪୬୫ ପଦବୀ ରହିଥିଲା । ଏହାକୁ ମିଶାଇଲେ ସଂରକ୍ଷିତ ପଦବୀ ସଂଖ୍ୟା ୪୭୭୬ ବା ୬୫%କୁ ବୃଦ୍ଧି ପାଇଥିଲା । ନିୟମ ଅନୁସାରେ ପୂର୍ବ ଥରର ଖାଲି ପଡ଼ିଥିବା ସଂରକ୍ଷିତ ପଦବୀ ଓ ଚଳିତ ବର୍ଷ ସଂରକ୍ଷିତ ପଦବୀକୁ ମିଶାଇ ମୋଟ୍ ଭାବେ ପୂରଣ ହେବାକୁ ଥିବା ପଦବୀ ୫୦%ରୁ ଅଧିକ ହେବା କଥା ନୁହେଁ । ମାତ୍ର ସାଧାରଣ ପ୍ରଶାସନ ବିଭାଗ କିଭଳି ଏହି ତ୍ରୁଟିପୂର୍ଣ୍ଣ ବିଜ୍ଞପ୍ତି ପ୍ରକାଶ କରିବା ପାଇଁ ନିଷ୍ପତି ନେଲେ ତାହା ବୁଝାପଡୁନାହିଁ । ଏହାସହ ଓପିଏସ୍‌ସି କର୍ତ୍ତୃପକ୍ଷ ମଧ୍ୟ ଏଭଳି ବେଆଇନ ବିଜ୍ଞପ୍ତିକୁ ନେଇ ଆପତି ଉଠାଇଲେ ନାହିଁ ବୋଲି ସାଧାରଣ ବର୍ଗ ଆଶାୟୀ ପ୍ରାର୍ଥୀ ପ୍ରଶ୍ନ କରିଛନ୍ତି ।

## ୨୨ତମ ଜାତୀୟ ନାଟ୍ୟ ମହୋତ୍ସବର ୭ମ ସନ୍ଧ୍ୟା: ନାଟକ 'କଥା କର୍ଣ୍ଣଭାର' ମଞ୍ଚସ୍ଥ






ପାରାଦୀପ(ଭାସ୍କର ନ୍ୟୁଜ): ବନ୍ଦର ନଗରୀ ପାରାଦ୍ୱୀପରେ କ୍ୟାନମାସ ଦ୍ୱାରା ଜୟଦେବ ସଦନରେ ଆୟୋଜିତ କ୍ୟାନଫେଷ୍ଟ - ୨୦୨୫ର ୭ମ ସନ୍ଧ୍ୟାରେ ବେଙ୍ଗଲ ରିପରଟରୀ, କଲିକତାର କଳାକାର ମାନେ ସୁମନ ଶାହାଙ୍କ ନିର୍ଦ୍ଦେଶିତ ବଙ୍ଗଳା ନାଟକ ନ୍ତକଥା କର୍ଣ୍ଣଭାରନ୍ତ ମଞ୍ଚସ୍ଥ କରିଥିଲେ । କର୍ଣ୍ଣଙ୍କ ଜୀବନ, ରୀତିନୀତି ଏବଂ ଆବାହନ ପରେ ନାଟକଟି କର୍ଣ୍ଣଙ୍କ ସହିତ ଆରମ୍ଭ ହୁଏ, ତାଙ୍କ ଜୀବନର ଶେଷ ଭାଗରେ ତାଙ୍କ ରଥ ଚକ ଭୂମିରେ ଲାଗି ଯାଇଥିଲା । ପଛକୁ ଫେରି ଦେଖିବା କୁନ୍ତିଙ୍କ ବଡ଼ ପୁଅକୁ ଫେରାଇ ଆଣିବାର ଆଗ୍ରହ ଏବଂ କର୍ତବ୍ୟପରାୟଣ ଦୁଃଖଦ ନାୟକଙ୍କ ପ୍ରତ୍ୟକ୍ଷାନ । ପରେ କର୍ଣ୍ଣ ଏବଂ ଶଲ୍ୟ ଯୁଦ୍ଧର ପ୍ରସ୍ତୁତି ସହିତ ଆସନ୍ତି କିନ୍ତୁ କର୍ଣ୍ଣ ଭାଙ୍ଗି ପଡିଥିବା ଏବଂ ବଞ୍ଚିତ ହୋଇଥିବା ଅନୁଭବ କରନ୍ତି । ସେ ତାଙ୍କ ଗୁରୁ ପର୍ଶୁରାମଙ୍କ ଅଭିଶାପ, ତାଙ୍କ ଜନ୍ମର ପ୍ରକୃତ କାହାଣୀ ଏବଂ ତାଙ୍କ ଜୀବନରେ ସେ ଯେଉଁ ସବୁ ଅଭାବ ଅର୍ଜନ କରିଛନ୍ତି ତାହା ମନେ ପକାନ୍ତି । କିନ୍ତୁ କର୍ଣ୍ଣ ତାଙ୍କ ଦୁଃଖରୁ ବାହାରି ଆସି ତାଙ୍କ ସାଥୀ ଶଲ୍ୟଙ୍କ ସାହାଯ୍ୟରେ ନିଜକୁ ଯୁଧଖେତ୍ରକୁ ଯିବାକୁ ପ୍ରେରଣା ଦିଅନ୍ତି କିନ୍ତୁ ଏହି ସମୟ ମଧରେ ଦେବରାଜ ଇନ୍ଦ୍ର ବ୍ରାହ୍ମଣ ବେଶରେ ଆସି ମହାଦାନ ଭିକ୍ଷା କରନ୍ତି । କର୍ଣ୍ଣ ଅନେକ ମୂଲ୍ୟବାନ ଜିନିଷ ପ୍ରଦାନ କରନ୍ତି କିନ୍ତୁ ଇନ୍ଦ୍ର ମନା କରନ୍ତି । ଶେଷରେ ସେ ତାଙ୍କର କବଚ କୁଣ୍ଡଳ ପ୍ରଦାନ କରନ୍ତି, ଯାହା ତାଙ୍କ ଜୀବନ ରକ୍ଷା ପାଇଁ ଥିଲା । ଇନ୍ଦ୍ର ଖୁସିରେ ପ୍ରଶଂସା କରନ୍ତି କାରଣ ଅର୍ଜୁନଙ୍କର ବିଜୟ ପାଇଁ ଏହା କୃଷ୍ଣଙ୍କ ଯୋଜନା ଥିଲା । ଏବେ ଜଣେ ଦେବଦୂତ ଆସି କର୍ଣ୍ଣଙ୍କୁ ବିମଳା ନାମକ ଏକ ଅବିକଳ ବର୍ଚ୍ଛା ପ୍ରଦାନ କରନ୍ତି ଏବଂ କର୍ଣ୍ଣଙ୍କୁ କୁହନ୍ତି ଯେ ଇନ୍ଦ୍ର କବଚ ଓ କୁଣ୍ଡଳ ହରଣ କରି ଦୁଃଖିତ ଏବଂ ସେ ପାଣ୍ଡବ ମାନଙ୍କ ମଧ୍ୟରୁ ଜଣଙ୍କୁ ହତ୍ୟା କରିବା ପାଇଁ ଏହି ଅସ୍ତ୍ର ପଠାଇଛନ୍ତି । କର୍ଣ୍ଣ ବ୍ରାହ୍ମଣଙ୍କୁ ଫେରାଇ ନେବାକୁ କୁହନ୍ତି କିନ୍ତୁ ଯେତେବେଳେ କୁହାଯାଏ ଯେ ଏହା ଜଣେ ବ୍ରାହ୍ମଣଙ୍କ ନିମନ୍ତ୍ରଣରେ ନିଆଯାଇ ପାରେ କର୍ଣ୍ଣ ଏହାକୁ ଗ୍ରହଣ କରନ୍ତି । ଯେତେବେଳେ ଦେବଦୂତ ଅନ୍ତର୍ନିହିତ ।ହୋଇ ଯାଆନ୍ତି, କର୍ଣ୍ଣ ଅର୍ଜୁନଙ୍କ ଶଙ୍ଖ ଶବ୍ଦ ଶୁଣି ଶଲ୍ୟଙ୍କୁ ତାଙ୍କର ରଥ ସେହି ସ୍ଥାନକୁ ନେଇଯିବାକୁ ନିର୍ଦ୍ଦେଶ ଦିଅନ୍ତି ଯେଉଁଠାରେ ଅର୍ଜୁନ ଠିଆ ହୋଇଛନ୍ତି । ଏଠାରେ ଯୁଦ୍ଧର ଏକ ନୃତ୍ୟ ନିର୍ଦ୍ଦେଶନା ପରେ ଜୀବନର ମାରାତ୍ମକ ଉତ୍ସବ ପ୍ରଥମ ଦୃଶ୍ୟ ଜାରି ରହିଛି । ଆମେ କର୍ଣ୍ଣଙ୍କୁ ସାଂଘାତିକ ଭାବରେ ଆହତ ହୋଇଥିବାର ଦେଖି ତାଙ୍କର ଶେଷ ନିଃଶ୍ୱାସ ଗଣନା କରି ଅର୍ଜୁନଙ୍କୁ ତାଙ୍କଠାରୁ ଏକ ତିର ନେବାକୁ ଏବଂ ତାଙ୍କ ମାତା ରାଧାଙ୍କ ନିକଟକୁ ପଠାଇବାକୁ କହୁଛି ଯିଏ ତାଙ୍କ ପାଇଁ ଅପେକ୍ଷା କରିଥିବେ । ନାଟକର କାହାଣୀ କର୍ଣ୍ଣଙ୍କ ସ୍ୱର୍ଗପ୍ରାପ୍ତି ସହିତ ଶେଷ ହୁଏ । ଅତିଥି ଭାବେ ଯୋଗଦାନ କରି ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ପ୍ରବୋଧ ରଥ, ନାଟ୍ୟବିତ ଓ ନିର୍ଦ୍ଦେଶକ ରମାକାନ୍ତ ମିଶ୍ର ଓ ପାରାଦୀପ ମୁନିସିପାଲିଟିର ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ ନାଟକ ଉପରେ ମତାମତ ରଖିବା ସଙ୍ଗେ ସଙ୍ଗେ କଳାକାର ମାନଙ୍କୁ ସମ୍ମାନିତ କରିଥିଲେ । ଉଦଯାପନୀ ସନ୍ଧ୍ୟାରେ ସକ୍ଷମ୍ ଥିଏଟର, ନୂଆ ଦିଲ୍ଲୀର କଳାକାରମାନେ ସୁନିଲ ରାଓ୍ୱତଙ୍କ ନିର୍ଦ୍ଦେଶନାରେ ହିନ୍ଦୀ ନାଟକ ଶତ୍ରୁ - ଦ ଏନିମି ଓ୍ୱି ଦିନ୍ ମଞ୍ଚସ୍ଥ କରିବେ ।

## ରାହାମା ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହୋତ୍ସବ- ୨୦୨୫ ଉଦ୍‌ଯାପନୀ ଦିବସରେ 'ନୀଳଚକ୍ର' ଲୋକାର୍ପିତ



ରାହାମା(ଭାସ୍କର ନ୍ୟୁଜ): ନାମଚାର୍ଯ୍ୟ ବାୟାବାବା ଭାଗବତ ପ୍ରଚାର ସମିତି ରାହାମା ଆନୁକୂଲ୍ୟରେ ଗତ ମାର୍ଚ୍ଚ ୧୭ ତାରିଖରୁ ରାହାମା କଲେଜ ପଡ଼ିଆଠାରେ ଆରମ୍ଭ ହୋଇଥିବା ଆନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହୋତ୍ସବ-୨୦୨୫ ଓ ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ବୈଦିକ ରୀତିନୀତି ଅନୁସାରେ ସୋମବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି କାଶୀ ବାରାଣସୀ ସୁମେରୁ ପୀଠ ପିଠାଧିଶ୍ୱର ଅନନ୍ତ ବିଭୂଷିତ ଜଗତଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନରେନ୍ଦ୍ରାନନ୍ଦ ସରସ୍ୱତୀ ଯୋଗଦାନ କରି ହଜାର ହଜାର ସଂଖ୍ୟାରେ ଭକ୍ତମାନଙ୍କ ଗହଣରେ ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ରେ ପୂର୍ଣ୍ଣାହୁତି ପ୍ରଦାନ କରି ଚାରିଧାମ ଦର୍ଶନ ସହ ପଞ୍ଚସଖା, ବିଭନ୍ନ କଳାକୃତି, ଚବିଶ ବେଶ, ଛପନ ଭୋଗ ଓ ମହାପ୍ରଭୁଙ୍କ ବିଭିନ୍ନ ପ୍ରକାର ମାନବୀୟ ଲୀଳାର ପ୍ରଦର୍ଶନୀ ବୁଲି ଦେଖିଥିଲେ। ପ୍ରଥମେ ହରିବୋଲ ହୁଳହୁଳି ଧ୍ୱନୀରେ ପ୍ରକମ୍ପିତ ପରିବେଶରେ ଶ୍ରୀମଦ୍ ଶଙ୍କରାଚାର୍ଯ୍ୟ ଜୀଙ୍କୁ ମହୋତ୍ସବ ସ୍ଥଳକୁ ସ୍ୱାଗତ ଜଣାଇଥିଲେ ହଜାର ହଜାର ସଂଖ୍ୟାରେ ଉପସ୍ଥିତ ଭକ୍ତ ମଣ୍ଡଳୀ। ଅନୁଷ୍ଠାନର ଧାରାବାହିକ ପ୍ରବକ୍ତା ବ୍ରହ୍ମଚାରୀ ସତ୍ୟାନନ୍ଦ ଦାସ ମହାରାଜଙ୍କ ସହ ଆନ୍ତର୍ଜାତୀୟ କୃଷ୍ଣ ଚେତନା ସଂଘ ଆଞ୍ଚଳିକ ସମ୍ପାଦକ ବାବା ବନମାଳୀ ଦାସ, ଜୁନା ଆଖଡ଼ା ରାଜ୍ୟ ମୁଖ୍ୟ ବାବା ବିଷ୍ଣୁ ଗିରି, ଖଣ୍ଡଗିରି କୁମ୍ଭମେଳା ସଭାପତି ବାବା ପଞ୍ଚଦେବ, ଟିକିରି ମଠ କେନ୍ଦ୍ରାପଡ଼ା ବାବା ବୈକୁଣ୍ଠ ନାଥ ଦାସ,ସ୍ୱାମୀ ସ୍ମୃତି ସାଗରାନନ୍ଦ ସରସ୍ୱତୀ, ଡ ଧୃତିଧର ଦାସ, ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ସାଧୁସନ୍ଥ, ବ୍ରାହ୍ମଣ, ବୈଷ୍ଣବ, ସମାଜସେବୀ ତଥା ବିଶିଷ୍ଟ ଶିକ୍ଷାବିତ୍‌ମାନଙ୍କ ସହ ବିଶିଷ୍ଟ ବ୍ୟବସାୟୀ ମାଣିକଲାଲ ମାହେଶ୍ୱରୀ, ମହୋତ୍ସବ କମିଟିର ସଭାପତି ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ମହୋତ୍ସବ କମିଟି ର ମୁଖ୍ୟ ସଂଯୋଜକ ତଥା ସମ୍ପାଦକ ଡ଼ ସୁନାକର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନର ସ୍ୱତନ୍ତ୍ର ସ୍ମରଣିକା 'ନୀଳଚକ୍ର 'ଶ୍ରୀମଦ୍ ଶଙ୍କରାଚାର୍ଯ୍ୟ ଜୀଙ୍କ କରକମଳରେ ମୁଖ୍ୟ ସମ୍ପାଦକ ପ୍ରଫେସର କବିଚନ୍ଦ୍ର ବେହେରା, ସମ୍ପାଦକ ଅକ୍ଷୟ କୁମାର ସାହୁ ଓ ସମ୍ପାଦନା ମଣ୍ଡଳୀର ସଭ୍ୟ ମାନଙ୍କ ସହଯୋଗରେ ଲୋକାର୍ପିତ ହୋଇଥିଲା। ପ୍ରାୟ ଏକ ଘଣ୍ଟା ଧରି ଉପସ୍ଥିତ ସମଗ୍ର ଭକ୍ତ ସମାଜକୁ ନିଜର ଆଶୀର୍ବଚନ ପ୍ରଦାନ କରି ସନାତନ ହିନ୍ଦୁଧର୍ମର ମହାନତା ଓ ବିଶାଳତା ଉପରେ ବୈଦିକ ଆଧାରିତ ଆଧାତ୍ମିକ ତଥ୍ୟ ମାନ ଉପସ୍ଥାପନ କରି ମାତୃ ସମ୍ମାନ, ଗୋସୁରକ୍ଷା ଓ ଧର୍ମାନ୍ତରୀକରଣ କୁ ତୁରନ୍ତ ବନ୍ଦ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ମାନ ନେବା ସହ ବିଶ୍ୱଶାନ୍ତି ଓ ସ୍ଥିରତା ସ୍ଥାପନ ପାଇଁ ସନାତନ ଧର୍ମ ହିଁ ଏକମାତ୍ର ବିକଳ୍ପ ବୋଲି ଦର୍ଶାଇ ସମଗ୍ର ମାନବ ସମ୍ବଳର ସୁବିନିଯୋଗ ପାଇଁ ଆହ୍ୱାନ ଦେଇଥିଲେ। ସଭା ମଞ୍ଚରେ ଅନୁଷ୍ଠାନର ପ୍ରମୁଖ କର୍ମକର୍ତ୍ତା ମାନଙ୍କ ସହ ବିଭିନ୍ନ ବ୍ୟକ୍ତି ବିଶେଷମାନଙ୍କୁ ବିଶେଷ କରି ବ୍ୟାସ ଫାଉଣ୍ଡେସନ ତରଫରୁ ମୁଖ୍ୟ ସଂଯୋଜକ ଡ଼ ସୁନାକର ବେହେରା ଓ ତାଙ୍କର ଧର୍ମପତ୍ନୀ ଶ୍ରୀମତୀ ପ୍ରମୋଦିନୀ ବେହେରାଙ୍କୁ ଶଙ୍କରାଚାର୍ଯ୍ୟ ସ୍ୱାମୀଜୀ ନିଜେ ସମ୍ବର୍ଦ୍ଧିତ କରିବା ସହ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ମାନଙ୍କୁ ଆଶିର୍ବାଦ ପ୍ରଦାନ କରିଥିଲେ। ବିଭିନ୍ନ ସ୍କୁଲରୁ ନୃତ୍ୟ, ସଙ୍ଗୀତ, ଚିତ୍ରକଳା, ଅଭିନୟ, ବକ୍ତୃତା ଆଦି ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ର ଛାତ୍ରୀ ମାନଂକୁ ଶ୍ରୀମଦ୍ ଶଙ୍କରାଚାର୍ଯ୍ୟଜୀ ସମ୍ବର୍ଦ୍ଧିତ କରିବା ସହ ମାନପତ୍ର ପ୍ରଦାନ କରିଥିଲେ। ଧାରାବାହିକ ପ୍ରବକ୍ତା ବ୍ରହ୍ମଚାରୀ ସତ୍ୟାନନ୍ଦ ଦାସ ମହାରାଜଙ୍କ ପ୍ରବଚନ ପ୍ରଦାନ ପରେ ଏହି ମହୋତ୍ସବ ଆନୁଷ୍ଠାନିକ ଭାବେ ଉଦଯାପିତ ହୋଇଥିଲା। ଏଥିରେ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ସର୍ବଶ୍ରୀ ମନୋହର ସ୍ୱାଇଁ, ଶରତ ଚନ୍ଦ୍ର ସାହୁ, ଅକ୍ଷୟ କୁମାର ସାହୁ, ପ୍ରଦୀପ୍ତ କୁମାର ସାହୁ, ବିନୋଦ ଚନ୍ଦ୍ର ବରାଳ, ଦିଲ୍ଲିପ କୁମାର ସେନାପତି, ଜୟନ୍ତ କୁମାର ମହାନ୍ତି, ଭିକାରୀ ଚରଣ ସେନାପତି, ସରୋଜ କୁମାର ଦାସ, ବଂଶୀଧର କୁଣ୍ଡୁ, ଦେବାଶିଷ ଅକ୍ଷୟ କୁମାର ମହାନ୍ତି ପ୍ରମୁଖ ଯୋଗଦାନ କରି ସମସ୍ତ କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ। ଶେଷରେ ଉପସ୍ଥିତ ହଜାର ହଜାର ସମସ୍ତ ଶ୍ରଦ୍ଧାଳୁମାନଙ୍କ ପାଇଁ ଅନୁଷ୍ଠାନ ତରଫରୁ ମହାପ୍ରସାଦର ସୁବନ୍ଦୋବସ୍ତ ହୋଇଥିଲା ।



ବେଲପାହାଡ଼,( ଭାସ୍କର ନ୍ୟୁଜ୍ ): ଭୁବନେଶ୍ୱର ରିଜିଓନାଲ ଅଫିସ ନେହେରୁ ଯୁବ କେନ୍ଦ୍ର ସଂଗଠନଙ୍କ ନିର୍ଦ୍ଦେଶ କ୍ରମେ ଝାରସୁଗୁଡ଼ା ନେହେରୁ ଯୁବ କେନ୍ଦ୍ର ସଂଗଠନ ଓ ବେଲପାହାଡ଼ ରେଫରୀ ଆସୋସିଏସନ ଦ୍ୱାରା ଏକ ଜିଲାସ୍ତରୀୟ ସ୍ପୋର୍ଟ୍ସ ମିଟ୍ ଅନୁଷ୍ଠିତ ହୋଇଯାଇଛି। ବେଲପାହାଡ଼ ମିର୍ଦ୍ଧାଡେରା ଫୁଟ୍‌ବଲ୍ ପଡ଼ିଆ ଓ କାଡୁପଡ଼ା ସ୍ଥିତ ଇଣ୍ଡୋର ଷ୍ଟେଡିୟମ ଠାରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଫିଟ ଇଣ୍ଡିଆ ଫିଟନେସ୍ କ୍ଲବର ପ୍ରମୋସନ ପାଇଁ ହୋଇଥିବା କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତା ଯେମିତିକି ଫୁଟବଲ, ବ୍ୟାଡମିଣ୍ଟନ, କବାଡ଼ି, ଟାଇକୋଣ୍ଡୋ, ସ୍ଲୋ ସାଇକ୍ଲିଙ୍ଗ ଓ ୧୦୦ ମିଟର ଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ସର୍ବମୋଟ ୧୫୫ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବରେ କାଉନସିଲର ଯୁଧିଷ୍ଠିର ମୁଖୀ, କ୍ରୀଡ଼ା ସଂଗଠକ ହମିଦ କୁମାର ମହାପାତ୍ର, ସନ୍ତୋଷ ଟ୍ରଫି ଫୁଟବଲ ଖେଳାଳୀ ଗିରିଶ ଜୟପୁରିଆ, ପୂର୍ବତନ ଫୁଟବଲ ଖେଳାଳୀ କିରୋଟୀ ମୁଖୀ, ସନରାଇଜ କ୍ଲବର ପ୍ରେସିଡେଣ୍ଟ ମନବୋଧ ଭଇଁସାଲ, ଟିଙ୍କୁ ଖାନ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ରେଫରୀ ଆସୋସିଏସନର ସଭାପତି ରାମ ସେହ୍ରିଆ, ସମ୍ପାଦକ ରମଣୀ ମାଝୀ ଓ କୋଷାଧ୍ୟକ୍ଷ କାର୍ତ୍ତିକ ଦାଶର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମସ୍ତ ଇଭେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଅଫିସିଆଲ ଭାବରେ ଅଭିଲାଶ ସାହୁ, ଅଗସ୍ତି ହାତିପତା, ମହେନ୍ଦ୍ର ବଗର୍ତ୍ତୀ, ଗିରିଶ ପଧାନ, ଧୀରଜ ଲୁହାର, ନବୀନ ସିଂ, ସ୍ମୃତି ରଞ୍ଜନ ପ୍ରଧାନ ଖେଳ ପରିଚାଳନା କରିଥିଲେ। ରେଫରୀ ଏସୋସିଏସନର ରତ୍ନାକର ସାଇ, ଚିନ୍ତସ ବାରୁ, ସୁରେନ୍ଦ୍ର ସାହୁ, ଲୋକେନ୍ଦ୍ର ଚୌହାନ, ଭୁବନେଶ୍ୱର ହାତୀ ଏବଂ ଅନ୍ୟ ସଦସ୍ୟ ସହଯୋଗ କରିଥିଲେ।

# ଟାୟାର ବିକ୍ରି ଘଟଣାରେ ଟଙ୍କା ଠକେଇ ଅଭିଯୋଗ, ଜଣେ ଗିରଫ

ବେଲପାହାଡ଼,(ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ପୋଲିସ ଟାୟାର ବିକ୍ରି ଘଟଣାରେ ଦୋକାନୀଙ୍କୁ ଟଙ୍କା ଠକେଇ କରି ଫେରାର ଥିବା ଅଭିଯୋଗରେ ସଂପୃକ୍ତ ଜଣେ ଠିକା କମ୍ପାନୀର ଅଧିକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ଆସାମ ରୋଡ କ୍ୟାରିୟର କମ୍ପାନୀରେ ସାଇଟ୍ ଇନ୍‌ଚାର୍ଜ ଉତ୍ତମ ଶର୍ମା ବୋଲି ଜଣାପଡ଼ିଛି। ଟାୟାର ଦୋକାନ ମାଲିକ ବେଲପାହାଡ଼ ଆଜାଦ ଛକ ନିବାସୀ ବିଶାଳ ଅଗ୍ରୱାଲ (୨୫) ଏଭଳି ଟଙ୍କା ଠକେଇର ଶିକାର ହୋଇଛନ୍ତି। ବିଶାଳ ଅଗ୍ରୱାଲ ବେଲପାହାଡ଼ ଜୁନାଡିହିସ୍ଥିତ ଶ୍ରୀ ରାଣୀସତି ଟ୍ରେଡର୍ସର ସେ ମାଲିକ ଅଟନ୍ତି। ବିଶାଳ ପ୍ରଥମେ ଅଭିଯୁକ୍ତ ଉତ୍ତମ ଶର୍ମାଙ୍କୁ ଜାଣିନଥିଲେ। ଡିଏସପିଏଲ କମ୍ପାନୀର ଜିଏମ ଶଶାଙ୍କ ସିଂହଙ୍କ ସୂତ୍ରରୁ ଉତ୍ତମ ଶର୍ମାଙ୍କ ସହ ପ୍ରଥମେ ମୋବାଇଲ ଯୋଗେ କଥା ହୋଇ ପରିଚୟ ହୋଇଥିଲା। ଉତ୍ତମ ଶର୍ମା ଆସାମ ରୋଡ କ୍ୟାରିୟର କମ୍ପାନୀରେ ସାଇଟ୍ ଇନ୍‌ଚାର୍ଜ ଭାବେ କାର୍ଯ୍ୟ କରୁଥିବା ବିଶାଳଙ୍କୁ କହିଥିଲେ।




ବିଶାଳ ଏଥିରେ ସମ୍ପୂର୍ଣ୍ଣ ବିଶ୍ୱାସ କରି ଉତ୍ତମ ଶର୍ମାଙ୍କୁ ଆସାମ ରୋଡ କ୍ୟାରିୟର କମ୍ପାନୀ ନାମରେ ୨ ଲକ୍ଷ ୮ ହଜାର ମୂଲ୍ୟର ମୋଟ ଆଠ ଗୋଟି (୧୧.୨୦ ଜେଇଟି ଏମଏଲଏଚଡି) ଜେକେ ଟାୟାର ଦେଇଥିଲେ। ତେବେ ଉତ୍ତମ ଶର୍ମା ଗତ ଡିସେମ୍ବର ଓ ଜାନୁଆରୀ ମାସ ମଧ୍ୟରେ କମ୍ପାନୀ ବନ୍ଦ କରି ସମସ୍ତ ଗାଡ଼ି ଗୁଡ଼ିକୁ ନେଇ କୁଆଡ଼େ ଚାଲିଯାଇଥିବା କଥା ବିଶାଳ ପରେ ଜାଣିବାକୁ ପାଇଥିଲେ। ହେଲେ ଉତ୍ତମ ବିଶାଳଙ୍କ ଠାରୁ ନେଇଥିବା ଟାୟାର ଗୁଡ଼ିକର ପ୍ରାପ୍ୟ ଟଙ୍କା ପ୍ରଦାନ କରିନଥିଲେ। ବିଶାଳ ଉତ୍ତମଙ୍କୁ ମୋବାଇଲ ଯୋଗେ ବାରମ୍ବାର ଯୋଗାଯୋଗ କରିଥିବା ସତ୍ତ୍ୱେ ଉତ୍ତମ କୌଣସି ସମ୍ପର୍କ ରଖୁନଥିଲେ। ପରେ ବିଶାଳ ଠକାମୀର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏହି କ୍ରମରେ ଗତ ତା:୨୧/୩/୨୫ ଦିନ ସନ୍ଧ୍ୟା ୫ ଟାରେ ଜୁନାଡ଼ିହି ସ୍ଥିତ ରବି ଶଙ୍କର ଅଟୋ ସେୟାର ପାର୍ଟସ ଦୋକାନର ପାଖରେ ଉତ୍ତମଙ୍କୁ ଦେଖିବା ପରେ ବିଶାଳ ତାଙ୍କୁ ସାକ୍ଷାତ କରିଥିଲେ। ଉତ୍ତମଙ୍କୁ ଟଙ୍କା ସମ୍ପର୍କରେ ପଚାରିବାରୁ ସେ କହିଥିଲା ଚାଲ ଦୋକାନରେ ବସି କଥା ହେବା। ଉତ୍ତମ ଡିଏସପିଏଲ କମ୍ପାନୀର ଜିଏମ ଶଶାଙ୍କ ସିଂହଙ୍କୁ କଲ୍ କରି ଡାକିବାରୁ ବିଶାଳଙ୍କ ଦୋକାନରେ ବିଶାଳ, ଉତ୍ତମ ଓ ଶଶାଙ୍କ ସିଂହଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଆଲୋଚନା କ୍ରମେ ଉତ୍ତମ ଟାୟାର ବାବଦକୁ ବିଶାଳଙ୍କୁ ୧ ଲକ୍ଷ ୬୮ ହଜାର ୩୨୨ ଟଙ୍କା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲା। ପରେ ଉତ୍ତମ ଆଉ ପ୍ରତିଶ୍ରୁତି ପାଳନ ନକରି କହିଥିଲେ ତୁମର ଯାହା କରିବାର ଅଛି କର, ମୁଁ ଟଙ୍କା ଦେବିନାହିଁ ବୋଲି ଧମକ ଦେଇଥିଲେ। ଏପରିକି ଉତ୍ତମ ଟଙ୍କା ହଡ଼ପ କରିବା ପାଇଁ ପାଲଟା ବିଶାଳଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲା। ଏହା ସହ ଉତ୍ତମ ଶର୍ମା ଓଡ଼ିଶା ପୋଲିସ ଡିଜିପି ଓ ଝାରସୁଗୁଡ଼ା ଏସପିଙ୍କୁ ଟ୍ୱିଟ୍ ମାଧ୍ୟମରେ ମିଥ୍ୟା ଅଭିଯୋଗ ମଧ୍ୟ କରିଥିବା ଜଣାପଡ଼ିଛି। ବିଶାଳଙ୍କ ଅଭିଯୋଗ କ୍ରମେ ବେଲପାହାଡ଼ ଥାନା ପୋଲିସ କେସ୍ ନମ୍ବର ୭୪/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଗିରଫ ଅଭିଯୁକ୍ତ ଉତ୍ତମ ଶର୍ମାଙ୍କୁ କୋର୍ଟ ଚାଲାଣ କରିଛି।

# ଓଡିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ ପକ୍ଷରୁ ଧାରଣା

ରାଇଘର, (ଭାସ୍କର ନ୍ୟୁଜ୍ ) : ନବରଙ୍ଗପୁର ଜିଲ୍ଲା ତଥା ସମସ୍ତ ଜିଲ୍ଲା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ଦୀର୍ଘ ୧୫ ଦିନ ଧରି ବିଧାନସଭା ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଛି। ମାତ୍ର ସରକାର ତାଙ୍କ ଦାବିକୁ ଏପର୍ଯ୍ୟନ୍ତ କର୍ଣ୍ଣପାତ କରୁନାହାନ୍ତି। ବର୍ଷ ବର୍ଷ ଧରି ଅବହେଳିତ ଭାବେ କାର୍ଯ୍ୟ କରିଆସୁଥିବା ଏହି କର୍ମଚାରୀଙ୍କ ଦୁଃଖ କେବେ ସରକାରଙ୍କୁ ଶୁଭିବ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଧାରଣାରେ କାର୍ଯ୍ୟରତ ଠିକା କର୍ମଚାରୀ ଯଥା ବିପିଏମ୍, ଦେବବ୍ରତ ଚଣ୍ଡୀ, ଶୟନ କୁମାର ପୃଷ୍ଟି, ବିଡିଏମ୍ ଅଚ୍ୟୁତା ନନ୍ଦ ସାହୁ, ଏ ସୁରଜ୍ ବର୍ମା, ଏସ୍‌ଟିଏସ୍ ନିରାକାର ସ୍ୱାଇଁ, ଏମ୍‌ଆରଡବ୍ଲୁ ହେମନ୍ତ କୁମାର ଦାସ ଭୁବନେଶ୍ୱରରେ ଧାରଣାରେ ବସିଥିବା ଯୋଗୁଁ ମେଡିକାଲରେ କାର୍ଯ୍ୟ ବାଧା ପ୍ରାପ୍ତ ହେଉଥିବା ଦେଖିବାକୁ ମିଳିଛି। ତୁରନ୍ତ ଦାବି ମାନି ନେବା ପାଇଁ ସଙ୍ଘ ରବିବାର ଦିନ ହୋମ ଯଜ୍ଞ ସମ୍ପନ୍ନ ସହ ଈଶ୍ୱରଙ୍କ ପାଦପଦ୍ମରେ ପାର୍ଥନା



କରିଛନ୍ତି। ସ୍ୱାସ୍ଥ୍ୟ କର୍ମଚାରୀ ମାନେ ବିଶେଷ କରି କୋଭିଡ ଭଳି ମହାମାରୀ ରୋଗକୁ ସମ୍ପୂର୍ଣ୍ଣ ଭାବରେ ଦମନ କରିବା ପାଇଁ ନିର୍ଭୟର ସହ ରାତ୍ର, ଦିନ ଅକ୍ଲାନ୍ତ ପରିଶ୍ରମ କରି କିପରି ଭାବରେ ରୋଗୀଙ୍କୁ ଚିକିତ୍ସା ପ୍ରଦାନ ସହ ସମସ୍ତଙ୍କୁ ଟୀକା କରଣ କରାଯିବ ତାର ପରିଚାଳନା କରିଛନ୍ତି। ମ୍ୟାଲେରିଆ ନିରାକରଣ, ଯକ୍ଷ୍ମା ନିରାକାରଣ, କୁଷ୍ଠ ନିବାରଣ, ଶିଶୁ ଓ ପ୍ରସୂତି ମା ମାନଙ୍କର ସମ୍ପୂର୍ଣ୍ଣ ଟୀକାକରଣ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସୁପରିଚାଳନା, କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ସ୍ୱାସ୍ଥ୍ୟ ପ୍ରୋଗ୍ରାମକୁ ମଧ୍ୟ ପରିଚାଳନା କରିଆସୁଛନ୍ତି। କର୍ମଚାରୀଙ୍କ ଆନ୍ଦୋଳନ ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ହାଟଭରଣ୍ଡି ବିପିଏମ୍‌ୟୁ ଅଫିସରେ ତାଲା ଝୁଲୁଛି ଅନେକ ସମସ୍ୟା ମଧ୍ୟ ଉପୁଜୁଥିବାର ସାଙ୍ଘାତିକ ଅଭିଯୋଗ ଆସୁଛି। ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଚାଲିଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟ ଏବଂ ସ୍ୱାସ୍ଥ୍ୟ କେନ୍ଦ୍ରର ମେଣ୍ଟେନାନ୍ସରେ ରୋକ ଲାଗିଛି, କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ସୁପରିଚାଳନା ଏବଂ ତାଲିମ ସମ୍ପୂର୍ଣ୍ଣ ଭାବରେ ଠପ ହୋଇଯାଇଛି। ପ୍ରସବ ମା ଓ ଶିଶୁ ମାନଙ୍କର ଟୀକା କରଣରେ ବାଧା ଉପୁଜୁଛି। ବିଶେଷ ଭାବରେ ଟିବି ରୋଗୀ ମାନେ ସରକାରଙ୍କ ତରଫରୁ ମିଳୁଥିବା ଔଷଧ ଓ ଖାଦ୍ୟ ପାଇ ପାରୁନାହାନ୍ତି, ଗର୍ଭବତୀ ମା ମାନଙ୍କର ପ୍ରସବ ପରବର୍ତ୍ତୀ ପ୍ରୋତ୍ସାହନ ରାଶି ପାଇବାରେ ବାଧା ସୃଷ୍ଟି ହେଉଛି। ନିଦାନ ପାଇଁ ଆବଶ୍ୟକ କିଟ କିଣିବା ନେଇ ସମସ୍ୟା ସୃଷ୍ଟି ହେଉଛି। ମ୍ୟାଲେରିଆ ଏବଂ ଅଣସଂକ୍ରମଣ ରୋଗର ପରିଚାଳନାରେ ବାଧା ସୃଷ୍ଟି ହେଉଛି। ଡାକ୍ତର ଓ ଅନ୍ୟ କର୍ମଚାରୀଙ୍କ ବିଭିନ୍ନ ପ୍ରକାରର ପ୍ରୋତ୍ସାହନ ରାଶି, ଆଶାଙ୍କ ପ୍ରୋତ୍ସାହନ ରାଶି ପ୍ରଦାନ ମଧ୍ୟ ବନ୍ଦ ରହିଛି। ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଜଗୁଆଳି ଏବଂ ସଫେଇ କର୍ମଚାରୀ ମାନେ ଗତ ମାସରୁ ଦରମା ପାଇନଥିବା ହେତୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିବା ସହ ସଫେଇ କାର୍ଯ୍ୟ ଠିକ ଭାବରେ ସମ୍ପୂର୍ଣ୍ଣ ହେଉନାହିଁ। ଯଦ୍ୱାରା ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ଉଠୁଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଆଗକୁ ଜାରିରହିବ ରହିବ ବୋଲି ସଂଘ ପକ୍ଷରୁ ସୂଚନା ଦେଇଛନ୍ତି।

# ଅର୍ଡାବାହାଲ ଇଂରଜୀ ମାଧ୍ୟମ ସ୍କୁଲ୍‌ର ବାର୍ଷିକ ଉତ୍ସବ




କୁଚିଣ୍ଡା, (ଭାସ୍କର ନ୍ୟୁଜ୍ ) : କୁଚିଣ୍ଡା ବ୍ଲକ ଅର୍ଡାବାହାଲ ସ୍ଥିତ ଶାନ୍ତି ନାରାୟଣ ଇଂରେଜୀ ମାଧ୍ୟମ ସ୍କୁଲ୍‌ର ଦ୍ୱାଦଶ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ଜୟନାରାୟଣ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ କୁଚିଣ୍ଡା ଆଦିବାସୀ ସମନ୍ୱୟ ସଂସ୍ଥାର ଯୋଜନା ପ୍ରଶାସକ ହେମ ସାଗର ଭୋଇ ମୁଖ୍ୟ ଅତିଥି ଓ ଅବସର ପ୍ରାପ୍ତ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କଲ୍‌ହେଇ ପାଲି କଲେଜର ଅଧ୍ୟକ୍ଷ ଡିଲେଶ୍ୱର ବେହେରା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଅତିଥି ଗଣ ତାଙ୍କ ଭାଷଣରେ ଶିକ୍ଷାର ମହନୀୟତା ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସ୍କୁଲ୍‌ର ପ୍ରତିଷ୍ଠାତା ସଭ୍ୟ ସୁବାସ ଚନ୍ଦ୍ର ନାୟକଙ୍କୁ 'ବହୁ ମୁଖୀ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ଶ୍ରୀ ଭୋଇ ଶ୍ରୀ ନାୟକଙ୍କୁ ସମ୍ମାନିତ କରିଥିବା ବେଳେ ସହକାରୀ ଦିବ୍ୟ ଲୋଚନ ସାହୁ ମାନପତ୍ର ପାଠ କରିଥିଲେ। ଏତତ୍ ବ୍ୟତୀତ କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ଗଣ ପୁରସ୍କୃତ କରିଥିଲେ। ନିର୍ଦ୍ଦେଶକ ଶ୍ରୀ ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥଲେ।

# ରାସ୍ତା କଡ଼ରୁ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର, କାରଣ ଅସ୍ପଷ୍ଟ

ବେଲପାହାଡ଼, (ଭାସ୍କର ନ୍ୟୁଜ୍) : ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଥାନା ଅନ୍ତର୍ଗତ ଗୁମାଡେରାରୁ ଲିମଟିକ୍ରା ଯିବା ବାଟରେ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ସ୍ଥାନୀୟ ପୋଲିସ ଉଦ୍ଧାର କରିଛି। ମୃତ ବ୍ୟକ୍ତି ଜଣକ ବେଲପାହାଡ଼ ଛୁଆଲିବେର୍ଣ୍ଣା ଗ୍ରାମର କାନ୍ତିରାମ ପ୍ରଧାନ (୬୪) ବୋଲି ଜଣାପଡ଼ିଛି। ସୂଚନାରୁ ପ୍ରକାଶ ଯେ, ସୋମବାର ଦିନ କାନ୍ତିରାମ ଔଷଧ ଆଣିବାକୁ ଯାଉଛି କହି ଏକ ସାଇକେଲ ଯୋଗେ ଘରୁ ବାହାରିଥିଲେ। ତେବେ ମଧ୍ୟାହ୍ନ ପ୍ରାୟ ୧୨ ଟାରେ ବେଲପାହାଡ଼ ଗୁମାଡେରାରୁ ଲିମଟିକ୍ରା ଯିବା ବାଟରେ ସେ ଅଚେତ ହୋଇ ପଡିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପାଖରେ ତାଙ୍କ ସାଇକେଲଟି ଷ୍ଟାଣ୍ଡ ମାରାହୋଇ ଛିଡା ହୋଇଥିବାର ଦେଖାଯାଇଥିଲା। ପୋଲିସ ତୁରନ୍ତ ଘଟଣା ସ୍ଥଳକୁ ପହଞ୍ଚି କାନ୍ତିରାମଙ୍କୁ ଉଦ୍ଧାର କରି ବେଲପାହାଡ଼ ସ୍ଥିତ ଏକ ବେସରକାରୀ ଡାକ୍ତରଖାନାକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କାନ୍ତିରାମଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। କାନ୍ତିରାମଙ୍କ ପୁଅ ଓମ୍ ପ୍ରକାଶ ପ୍ରଧାନଙ୍କ ଅଭିଯୋଗ କ୍ରମେ ବେଲପାହାଡ଼ ଥାନାରେ ପୋଲିସ କେସ ନମ୍ବର ୬/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରିବା ସହ ମୃତ କାନ୍ତିରାମଙ୍କ ଶବ ବ୍ୟବଚ୍ଛେଦ କରେଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ପୋଲିସ ତଦନ୍ତ କରୁଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପ୍ରକାଶ କରିଛି।

# ଜୁନିଏନରେ ୫୫୦ ଆଦିବାସୀ କୁଣାହାଁ (କିଶାନ) ସମାଜ ମହାସଭା

ବେଲପାହାଡ଼,( ଭାସ୍କର ନ୍ୟୁଜ୍ ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଜୁନିଏନ୍ ଗ୍ରାମସ୍ଥିତ ଖେଳ ପଡ଼ିଆରେ ୫୫୦ ଆଦିବାସୀ କୁଣାହାଁ (କିଶାନ) ସମାଜର ପିପିଲିମାଲ ମହାଗୁଡ଼ି ପକ୍ଷରୁ ମହାସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ରାଜ୍ୟସ୍ତରୀୟ ସମେତ ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଜିଲାସ୍ତରୀୟ ବରିଷ୍ଠ କର୍ମକର୍ତ୍ତାଙ୍କ ସମେତ ପିପିଲିମାଲ ମହାଗୁଡ଼ି ଓ ଏହାର ଅନ୍ତର୍ଗତ ମୋଟ ୯ ଗୋଟି ଆଞ୍ଚଳିକ ଗୁଡ଼ିର କର୍ମକର୍ତ୍ତା, କୁଣାହାଁ ସମାଜର ଶହ ଶହ ମହିଳା ଓ ପୁରୁଷ ଯୋଗଦାନ କରିଥିଲେ। ପ୍ରଥମେ ଧର୍ମ ଦେବତା ଓ ଇଷ୍ଟ ଦେବତାଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ସମସ୍ତେ ଏକତାବଦ୍ଧ ହୋଇ କୁଣାହାଁ (କିଶାନ) ସମାଜର ବିକାଶ ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ କରାଯିବା ସହ ନିଶା ନିବାରଣ, ପୁଅ ଝିଅଙ୍କୁ ଉଚ୍ଚ ଶିକ୍ଷିତ କରାଇବା, ନାରୀ ଜାଗରଣ, ନିଯୁକ୍ତି ସହ ବିଭିନ୍ନ କ୍ଷେତ୍ରରେ ସଂରକ୍ଷଣ, ସମାଜର ସୁରକ୍ଷା, ଅଧିକାର, ନୀତି ନିୟମ, ଭାଷା, ସାହିତ୍ୟ, ସଂସ୍କାର, ପରମ୍ପରା, ସଂସ୍କୃତି ସମ୍ପର୍କରେ ବକ୍ତାମାନେ ଗୁରୁତ୍ୱ ଦେଇଥିଲେ। ପ୍ରତି ଗ୍ରାମାଞ୍ଚଳ ସ୍ତରରେ ସମାଜର ଉନ୍ନତି ପାଇଁ କମିଟି ଗଠନ



କରିବା, ୨୦୧୨ ମସିହାରେ ସମାଜ ପ୍ରଚଳନ ପାଇଁ ପ୍ରସ୍ତୁତ କରାଯାଇଥିବା ନିୟମାବଳୀକୁ କାର୍ଯ୍ୟକାରୀ କରିବାକୁ ମାର୍ଗଦର୍ଶନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କୁଣାହାଁ (କିଶାନ) ସମାଜର ରାଜ୍ୟ ସଭାପତି ମୋହନ ଲାଲ କିଶାନ, ସମ୍ମାନିତ ଅତିଥି ଭାବେ ଲଖନପୁର ଥାନାଧିକାରୀ ବିନୋଦ ରାଓ, ସୁନ୍ଦରଗଡ଼ ଜିଲ୍ଲା ସଭାପତି ଜଗନ୍ନାଥ ଲାକଡ଼ା, ସମ୍ପାଦକ ମର୍କଧନୀ ମାଝୀ, ଝାରସୁଗୁଡ଼ା ଜିଲ୍ଲା ସଭାପତି ତ୍ରିଲୋଚନ ପ୍ରଧାନ, ସମ୍ପାଦକ ରାମତୁଲା ବୁଦୁଲା, ଭାତଲଇଡ଼ା ମହାଗୁଡ଼ିର ସଭାପତି ସନ୍ତୋଷ ମାଝୀ, ସମ୍ପାଦକ ଅଶୋକ ମାଝୀ, ସମ୍ବଲପୁର ଜିଲ୍ଲା ଜୟନ୍ତପୁର ମହାଖଲା ସଭାପତି ସନ୍ନୂର୍ଯ୍ୟ ଡନସନା, ପିପିଲିମାଲ ମହାଗୁଡ଼ିର ସଭାପତି ଆଶାରାମ କିଶାନ, ସମ୍ପାଦକ ମହେଶ ବିଶ୍ୱାଳ ପ୍ରମୁଖ ଯୋଗଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଭିନ୍ନ ଗୁଡ଼ିର ବରିଷ୍ଠ କର୍ମକର୍ତ୍ତା ଓ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ମହାଦେବ କିଶାନ, ଶଶିଭୂଷଣ ମିର୍ଦ୍ଧା, ସୁରଭି ଛତ୍ରିଆ, ପରକ୍ଷୀତ କିଶାନ, ଉତ୍ତମ ନେଗୀ, ଅରୁଣ ପ୍ରଧାନ, ଭଗବାନ ମିର୍ଦ୍ଧା, ଫୁଲମତି କିଶାନ, ଉତ୍ତମ ନେଟୀ, ହଜାରୁ ମିର୍ଦ୍ଧା, ମହେନ୍ଦ୍ର ମାଝୀ ପ୍ରମୁଖ ସାମିଲ ରହିଥିଲେ। ସଭାକାର୍ଯ୍ୟକୁ ମହେଶ ବିଶ୍ୱାଳ ଓ ରଞ୍ଜିତ କିଶାନ ପରିଚାଳନା କରିଥିବା ବେଳେ ଶେଷରେ ଉତ୍ତମ ନେଗୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଦର୍ଶିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଭରପୁର ଉପଭୋଗ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଭବାନୀ ଲକଡ଼ା, ଉତ୍ତମ ନେଗୀ, ମହେନ୍ଦ୍ର ମାଝୀ, ମିତ୍ରଭାନୁ କିଶାନ, ଅଶୋକ କିଶାନ, ଗୁଣସାଗର ମାଝୀ, ଅର୍ଜୁନ ଛତ୍ରିଆ, ଭୁବନେଶ୍ୱର ଛତ୍ରିଆ, ଓକିଲ କିଶାନ, ବିଜୟ ପ୍ରଧାନଙ୍କ ସମେତ ପିପିଲିମାଲ ମହାଗୁଡ଼ି ଓ ବାଣ୍ଡିପାହାଡ଼ ଆଞ୍ଚଳିକ ଗୁଡ଼ିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ରାଣୀଗୁଡାରେ ନୂତନ ନାଟକ ମଞ୍ଚସ୍ଥ



ଖଇରପୁଟ, (ଭାସ୍କର ନ୍ୟୁଜ) : ମେକା ପଞ୍ଚାୟତ ଅନ୍ତର୍ଗତ ରାଣୀଗୁଡା ଗ୍ରାମର ସ୍ଥାନୀୟ ଯୁବମାନେ ଏକ ନୂତନ ନାଟକ ମଞ୍ଚସ୍ଥ କରିଛନ୍ତି। ଯେଉଁଥିରେ ମାଥିଲି ବ୍ଲକ ପୂର୍ବତନ ବିଜେଡ଼ି ସଭାପତି ସଦାଶିବ ପୁଜାରୀ ଉପସ୍ଥିତ ଥିଲେ ଏବଂ ନାଟକକୁ ଉଦ୍‌ଘାଟନ କରିଥିଲେ। ଏହି ଉଦ୍ଘାଟନ ମହୋତ୍ସବରେ ମାଥିଲି ବ୍ଲକ ଜଣାଶୁଣା ଯୁବ ନେତା ଜୟନ୍ତ କୁମାର ବେହେରା ସମେତ ଟୁନାଭାଇ(ରାଜେନ୍ଦ୍ର), କୁନାଭାଇ (କୃଷ୍ଣଚନ୍ଦ୍ର) ଅନ୍ୟ ମାନଙ୍କ ମଧ୍ୟରେ ଜନ ପ୍ରତିନିଧି, ମେକାର ନାଏବ ସରପଞ୍ଚ, ପୂର୍ବତନ ୱାର୍ଡ ମେମ୍ବର ରାମଦାସ ନାୟକ, ହାରିବନ୍ଧୁ ନାୟକ ନାଟୁଆ ମ୍ୟାନେଜର ମଙ୍ଗଳା ଭୂମିଆ, ସମସ୍ତ ମାଥିଲି ବ୍ଲକ କଳା ସଂସ୍କୃତିର ନାଟଗୁରୁ, ପୋଲିସ ରାମ ମାଣ୍ଡି, ଧାନଫୁଲ ଖରା, ବିଶ୍ୱନାଥ ବାରିକ, ଭୀମସେନ ଗୁରୁ ଯୋଗ ଦେଇ ଅତି ସୁନ୍ଦର ଭାବରେ ନୂତନ ନାଟକଟିକୁ ପରିବେଷଣ କରିବାକୁ ଉତ୍ସାହ ପରିପ୍ରକାଶ କରିଥିଲେ। ଦର୍ଶକମାନେ ବହୁତ ଆନନ୍ଦ ଓ ଉତ୍ସାହ ସହ ନାଟକର ଉପଭୋଗ କଲେ। ସ୍ଥାନୀୟ ଯୁବକ ମାନଙ୍କ ଏହି ପ୍ରୟାସ ସାମାଜିକ ଏବଂ ସଂସ୍କୃତିକ ଉନ୍ନତି ପାଇଁ ଏକ ଦୃଢ଼ ପଦକ୍ଷେପ। ଏପରି କଳା, ସଂସ୍କୃତି ଓ ନାଟକର ଆବିର୍ଭାବ ସମାଜକୁ ସଚେତନ କରିବା ଓ ମନୋରଞ୍ଜନ ପ୍ରଦାନ କରିବା ଉଦ୍ଦେଶ୍ୟରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

# ୧୨ ଗ୍ରାମ ପଞ୍ଚାୟତରୁ ଅଭିଯୋଗ ଶୁଣିଲେ ଜିଲ୍ଲା ପ୍ରଶାସନ



କୋରୁକୋଣ୍ଡା, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ବୈଠକ ଗୃହରେ ବ୍ଲକସ୍ତରୀୟ ଜନ ଶୁଣାଣି ଶିବର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ପରିଷଦ ସିଡିଓ ତଥା ଇଓ ନରେଶ ଚନ୍ଦ୍ର ଶବରଙ୍କ ସମେତ ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ବ୍ଲକ ଅଧ୍ୟକ୍ଷ ଜିତୁ ବୁରୁଡି ପ୍ରମୁଖ ଉପସ୍ଥିତ ଥିଲେ। କୋରୁକୋଣ୍ଡା ବ୍ଲକ ଅଧୀନସ୍ତ ମୋଟ ୧୨ଟି ପଞ୍ଚାୟତ ଗୁଡିକରେ ବସବାସ କରୁଥିବା ଜନ ସାଧାରଣଙ୍କ ମଧ୍ୟରୁ ମୋଟ ୨୭ ଜଣ ବ୍ୟକ୍ତି ଏହି ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ସେମାନଙ୍କର ନାମ ପଞ୍ଜିକୃତ କରିବା ସହ ଜିଲ୍ଲା ପ୍ରଶାସନିକ ଅଧିକାରୀ ମାନଙ୍କୁ ସାକ୍ଷାତ କରିବା ସହ ସେମାନେ ନିଜ ନିଜର ବ୍ୟକ୍ତିଗତ ଓ ଅଞ୍ଚଳର ସମସ୍ୟାକୁ ନେଇ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟତଃ ପାଣିଘାଟା ଗ୍ରାମ ୱାର୍ଡରେ ଥିବା କେତେକ ପଡା ଓ ଗ୍ରାମକୁ ନେଇ 'ରାଜସ୍ୱ ଗ୍ରାମ' ଭାବେ ଘୋଷଣା କରିବା ପାଇଁ ଏହି ପ୍ରକୋଷ୍ଠରେ ଅଞ୍ଚଳବାସୀଙ୍କ ପକ୍ଷରୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ସେହିପରି ପୁରୁଣା କତାପାଲୀ ଗ୍ରାମ ରାସ୍ତା ଏବଂ କେନାଲ ବାଙ୍କରୁ କତାପାଲି ଗାଁ ପର୍ଯ୍ୟନ୍ତ ନୂତନ ରାସ୍ତା ନିର୍ମାଣ ନିମନ୍ତେ ଉକ୍ତ ପଞ୍ଚାୟତର ନିର୍ବାଚିତ ଜନ ପ୍ରତିନିଧି ମାନଙ୍କ ପକ୍ଷରୁ ଏକ ଲିଖିତ ଦରଖାସ୍ତ ପ୍ରଦାନ କରାଯାଇଛି। ଏହି ଶିବିରରେ ପୋଲିସ ଅଧିକାରୀଙ୍କ ସମେତ ଜିଲ୍ଲା ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗର ସମସ୍ତ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

# ପୂର୍ବତନ ସରପଞ୍ଚଙ୍କ ବିଜେପିରେ ଯୋଗଦାନ

ରାଇଘର, (ଭାସ୍କର ନ୍ୟୁଜ୍ ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ଜୋଡିଙ୍ଗା ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବିଜେଡି କର୍ମୀ ଟୁନୁ ଗଣ୍ଡ ବିଜେପିର ଲୋକାଭିମୁଖୀ କାର୍ଯ୍ୟରେ ଆଗ୍ରହ ପ୍ରକାଶ କରି ବିଜେପିରେ ଯୋଗ ଦେଇ ଥିବା ଦେଖିବାକୁ ମିଳୁଛି। ଏହି ଅବସରରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟ କୋଷାଧ୍ୟକ୍ଷ ସନ୍ତୋଷ ମହାପାତ୍ର, ମନ୍ତ୍ରୀ ପ୍ରତିନିଧି ସିବନାଥ ବାନାର୍ଜୀ, ସାଂସଦ ପ୍ରତିନିଧି ପ୍ରୀତି ସ୍ନିଗ୍ଧା ମହାପାତ୍ର, ମନୋହର ଦଣ୍ଡସେନାଙ୍କ ସହ ମଣ୍ଡଳ ସଭାପତି ତଥା ବିଜେପିର ବହୁ କର୍ମୀ ଉପସ୍ଥିତ ଥିଲେ।

# ଜବରଦଖଲକୁ ନେଇ ଜନ ଅସନ୍ତୋଷ

ବରଗଡ଼, (ଭାସ୍କର ନ୍ୟୁଜ) : ବରଗଡ଼ ସହରର ବହୁଚର୍ଚ୍ଚିତ ଲେଙ୍ଗୁମିଶ୍ର ଛକରପୁରୁଣା ଜୀରାବ୍ରିଜ ରାସ୍ତା ଜବରଦଖଲ ଉଚ୍ଛେଦ ନେଇ ଗତ ୨୦୨୩ରୁ ଦାବି ଜୋର ଧରି ଆସିଛି। ଜିଲ୍ଲା ଓକିଲ ସଂଘ ନେତୃତ୍ୱରେ ସ୍ଥାନୀୟ ସମଲେଶ୍ୱରୀ ସଂଘ ସମେତ ବିଭିନ୍ନ ଅନୁଷ୍ଠାନର ଦୃଢ଼ ଦାବି ପରେ ପ୍ରଶାସନ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଥିଲା। ମାତ୍ର ଉଚ୍ଛେଦ ପ୍ରକ୍ରିୟାରେ ପ୍ରଭାବିତ ଲୋକେ ନ୍ୟାୟାଳୟର ଦ୍ୱାରସ୍ଥ ହେବା ପରେ ସେ ନେଇ ବିଚାର ପ୍ରକ୍ରିୟାରେ ସମୟ ଗଡ଼ିଥିଲା। ଉଚ୍ଚ ନ୍ୟାୟାଳୟ ଥରେ ନୁହେଁ, ୩ଥର ଉଚ୍ଛେଦ ସପକ୍ଷରେ ରାୟ ପ୍ରଦାନ କରି ସାରିଛନ୍ତି। ଏହା ସତ୍ତ୍ୱେ ସମ୍ପୃକ୍ତ ଜବରଦଖଲକୁ ପ୍ରଶାସନ ଏ ଯାଏ ହଟାଇ ନାହିଁ। ଏହାକୁ ନେଇ ଅସନ୍ତୋଷ ତେଜି ଉଠିଛି। ଏହି କ୍ରମରେ ସୋମବାର ବରଗ ସମଲେଶ୍ୱରୀ ସଂଘ ଏବଂ ନାଗରିକ ମଞ୍ଚ ନେତୃତ୍ୱରେ ବିଭିନ୍ନ ସଂଗଠନର ଶତାଧିକ ସଭ୍ୟ ଏକ ବିଶାଳ ଶୋଭାଯାତ୍ରାରେ ବରଗ ପୌର ପରିଷଦ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ ସହିତ ଉଚ୍ଛେଦ ଦାବିରେ ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜୀରାବ୍ରିଜ ପର୍ଯ୍ୟନ୍ତ ରାସ୍ତା ଜବରଦଖଲ ତୁରନ୍ତ ହଟା ନ ଗଲେ ପୌର ପରିଷଦକୁ ଅଚଳକରି ଦିଆଯିବ। ଏହା ସହିତ ଏହି ସ୍ଥାନରୁ ଜବରଦଖଲ ନ ହଟିବା ପର୍ଯ୍ୟନ୍ତ ସହରର ଅନ୍ୟ କୌଣସି ସ୍ଥାନକୁ ଉଚ୍ଛେଦ କରି ଦିଆଯିବ ନାହିଁ ବୋଲି ସ୍ମାରକପତ୍ରରେ ଚେତାବନୀ ଦିଆଯାଇଛି।

# ପ୍ରବାସୀ ଶ୍ରମିକ ସଚେତନତା ଶିବିର

ନୂଆପଡ଼ା, (ଭାସ୍କର ନ୍ୟୁଜ) : ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ ମୁଣ୍ଡାପଲା ପଞ୍ଚାୟତ ଅନ୍ତର୍ଗତ ସୁଆବାହାଲ ଗାଁରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ପ୍ରବାସୀ ଶ୍ରମିକ ନିରାକରଣ ପାଇଁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ବ୍ଲକ୍ ଅଧ୍ୟକ୍ଷା ଅନୁସୁୟା କୁମ୍ଭାର, ବିଡ଼ିଓ ବିନୟ କୁମାର ଭୋଇ, ସ୍ଥାନୀୟ ସରପଞ୍ଚ ରଜନୀ ମାଝୀ, ସମିତି ସଭ୍ୟ ଧନୀରାମ ମାଝୀ ପ୍ରମୁଖ ଅତିଥି ହିସାବରେ ଯୋଗ ଦେଇଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଜିଲ୍ଲାପାଳ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ କାରି ଯୋଜନା ଆପଣଙ୍କ ଯୋଜନା, ଏହା ଆପଣ ମାନଙ୍କ ପାଇଁ, ଆପଣ ମାନଙ୍କ ଦ୍ୱାରା ପରିଚାଳିତ ହେଉଛି। ଏହାର ଲାଭ ସମସ୍ତେ ଉଠାଇବାକୁ ଚେଷ୍ଟା କରନ୍ତୁ। ଏହି ପଞ୍ଚାୟତର ୧୫ ଗୋଟି ପରିବାର ମହାତ୍ମା ଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୨୦୦ ଦିନରୁ



ଅଧିକ ଶ୍ରମ ଦାନ କରିଥିବାରୁ ସେମାନଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ଉପଢୌକନ ଓ ପୁଷ୍ପ ଗୁଚ୍ଛ, ଗଇନ୍ତି, ଗାମଲା ଦେଇ କରତାଳି ମଧ୍ୟରେ ସମ୍ବର୍ଦ୍ଧିତ କରଯାଇଥିଲା। ସଭାରେ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଜିଲ୍ଲା ଶ୍ରମ ଅଧିକାରୀ ରବୀନ୍ଦ୍ର ବାର୍ଲା, ଲିଡ୍ ବ୍ୟାଙ୍କ୍ ମେନେଜର ସୀତାରାମ ମେହେର, ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡଃ ଆଲୋକ କୁମାର ନାୟକ, ହସ୍ତଶିଳ୍ପ ଉପ ନିର୍ଦ୍ଦେଶକ ପୁଷ୍ପ ରଞ୍ଜନ ସାହୁ, ଆଞ୍ଚଳିକ ପରିବହନ ଅଧିକାରୀ ମାନ୍ ସିଂ, ଡିପିସି ମିଶନ୍ ଶକ୍ତି ସୁନୀଲ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ଶ୍ରମିକ କୃଷକ ତଥା ଜନସାଧାରଣଙ୍କ ପାଇଁ ଥିବା ବିଭିନ୍ନ ବିଭାଗୀୟ ଲୋକାଭିମୁଖୀ ଯୋଜନା ସମ୍ବନ୍ଧରେ ଅବଗତ କରାଇଥିଲେ। ବ୍ଲକ୍ ଅଧ୍ୟକ୍ଷା ଅନୁସୁୟା କୁମ୍ଭାର ଏବଂ ସମିତି ସଭ୍ୟ ଧନୀରାମ ମାଝୀ ପ୍ରବାସୀ ଶ୍ରମିକ ସଚେତନତା ପାଇଁ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରା ଯାଉଥିବାରୁ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲାପାଳଙ୍କୁ କୃତଜ୍ଞତା ଜଣାଇଥିଲେ। ଶେଷରେ ସରପଞ୍ଚ ରଜନୀ ମାଝୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନା ଯୋଗ୍ୟ ଯେ ବର୍ତ୍ତମାନ ଜିଲ୍ଲାରେ ଅନେକ ଶ୍ରମ ଭିତ୍ତିକ ପ୍ରକଳ୍ପ କାମ ଆଗେଇ ଚାଲିଛି। ବ୍ୟାଙ୍କ୍ ଜରିଆରେ ଅନେକ ମହିଳା ସ୍ୱୟଂ ସହାୟକ ଦଳଙ୍କୁ ସାହାଯ୍ୟ ଯୋଗାଇ ଦିଆଯାଇଛି। ଘର ପାଖରେ ବିଭିନ୍ନ ଶ୍ରମଭିତ୍ତିକ କାମ ତଥା ବ୍ୟବସାୟ ଆରମ୍ଭ କରିବା ପାଇଁ ସହଜ ଋଣ ମିଳୁଥିବାରୁ ପ୍ରବାସୀ ଶ୍ରମିକ ହିସାବରେ ଅନ୍ୟ ରାଜ୍ୟକୁ ନ ଯିବା ପାଇଁ ମା ଭଉଣୀ ମାନେ ଘରର ପୁରୁଷ ଲୋକ ମାନଙ୍କୁ ସଚେତନ କରାଇବା ପାଇଁ ଜିଲ୍ଲାପାଳ ଉପସ୍ଥିତ ମହିଳା ମାନଙ୍କୁ ଅନୁରୋଧ କରିଥିଲେ। ସେ କହିଲେଯେ ଶ୍ରମିକ ଭାଇ ଭଉଣୀ ମାନେ ଶ୍ରମଦାନ କରି ଜିଲ୍ଲାର ଉନ୍ନତିରେ ଯୋଗଦାନ କରି ନିଜ ଘରେ ରହି ସୁଖୀ ପାରିବାରିକ ଜୀବନ ଅତିବାହିତ କରନ୍ତୁ। ଆଜିର ସଭାରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବ୍ଲକ୍ ସ୍ତରୀୟ ଅଧିକାରୀ ଏବଂ ଶହ ଶହ ସଂଖ୍ୟାରେ ମହିଳା ତଥା ଜନ ସାଧାରଣ ଯୋଗ ଦେଇଥିଲେ। ପୂର୍ବରୁ ଜିଲ୍ଲାପାଳ ଗ୍ରାମର କିଛି ପ୍ରି ସ୍କୁଲ୍ ଛାତ୍ରଛାତ୍ରୀ ଘରକୁ ଯାଇ ସେମାନଙ୍କ ଅଭିଭାବକ ମାନଙ୍କୁ ଆସନ୍ତା ଏପ୍ରିଲ୍ ୨ ତାରିଖରେ ଗାଁର ବିଦ୍ୟାଳୟକୁ ଯାଇ ଶିଶୁ ବାଟିକାରେ ପିଲାଙ୍କ ନାମ ଲେଖାଇବା ଏବଂ ପ୍ରବେଶ ଉତ୍ସବ ଏବଂ ଖଡିଛୁଆଁ କାର୍ଯ୍ୟକ୍ରମରେ ଯୋଗଦାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ ପତ୍ର ଦେଇଥିଲେ। ଏହି ଅବସରରେ ଗାଁରେ ପ୍ରାଣୀ ସମ୍ପଦ ବିଭାଗ ତରଫରୁ ଏକ ପ୍ରାଣୀ ଚିକିତ୍ସା ଶିବିର ଆୟୋଜିତ ହୋଇଥିଲା। ଏଥିରେ ୯୪ ଟି ଗୃହପାଳିତ ପଶୁଙ୍କୁ ଚିକିତ୍ସା କରିବା ସହିତ ୧୭ ଟି ପଶୁଙ୍କ ବୀମା କରାଯାଇଥିଲା।

# ପରିବା ବ୍ୟବସାୟୀରୁ ସଫଳ ଘୁଷୁରି ଚାଷୀ



ପଶୁ ସମ୍ପଦ ବିଭାଗ ସହଯୋଗରେ ଧଳା ଘୁଷୁରି ଚାଷ କରିଛନ୍ତି ଖୋକନ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : କୁହାଯାଏ ଦୃଢ ଇଚ୍ଛାଶକ୍ତି ଥିଲେ ସଫଳତା ଆପେ ଆପେ ଆସେ। ଏହା ପ୍ରମାଣ କରି ଦେଖାଇଛନ୍ତି କାଲିମେଲା ବ୍ଲକ ଅନ୍ତର୍ଗତ ଏମଭି ୭୯ ଗ୍ରାମର ଜଣେ ଯୁବ ଚାଷୀ ଖୋକନ ବିଶ୍ୱାସ। ନିଜ ଗ୍ରାମରେ ରହି ପରିବା ବ୍ୟବସାୟୀରୁ ସଫଳ ଘୁଷୁରି ଚାଷୀ ହୋଇପାରିଛନ୍ତି ଖୋକନ। ଏହାଦ୍ୱାରା ସେ ନିଜର ଆର୍ଥିକ ସ୍ଥିତିରେ ସୁଧାର ଆଣିପାରିଛନ୍ତି। ପରିବାର ପ୍ରତିପୋଷଣ ପାଇଁ ପ୍ରଥମେ ବାହାର ରାଜ୍ୟରେ ଦାଦାନ ଖଟୁଥିଲେ। କିଛି ବର୍ଷ ବାହାର ରାଜ୍ୟରେ କାମ କରିବା ପରେ କିଛି କିଛି ଅର୍ଥ ସଞ୍ଚୟ କରି ନିଜ ଭିଟାମାଟିକୁ ଫେରି ଆରମ୍ଭ କଲେ ପରିବା ବ୍ୟବସାୟ। ଗ୍ରାମରୁ ଚାଷୀଙ୍କ ନିକଟରୁ ପରିବା କିଣି ଗୁଡ଼ାରୀ ତଥା ଆଖପାଖ ଅଞ୍ଚଳରେ ପରିବା ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିଲେ। ନୂଆ କିଛି କରିବା ଆଶାରେ ପଶୁ ସମ୍ପଦ ବିଭାଗ ସହଯୋଗରେ ଆରମ୍ଭ କଲେ ଧଳା ଘୁଷୁରି ଚାଷ। ୨୦୨୪ ଅଗଷ୍ଟ ମସିହାରେ ପ୍ରଥମେ ଧଳା ଲରଜ ହ୍ୱାଇଟ ଘୁଷୁରି ଆଣି ଏହି ଚାଷ ଆରମ୍ଭ କରିଥିଲେ ଖୋକନ। ପଶୁ ସମ୍ପଦ ବିଭାଗ ସହଯୋଗରେ କିଛି ଋଣ ନେଇ ଏହି ଚାଷକୁ ବଢ଼ାଇଥିଲେ। ଏବେ ତାଙ୍କ ଫାର୍ମରେ ୫୦ରୁ ଊର୍ଦ୍ଧ୍ୱ ଘୁଷୁରି ଅଛନ୍ତି। ପ୍ରଥମେ କୁକୁଡ଼ା ଓ ମାଛ ଚାଷ କରି ନିଜ ପରିବାର ଚଳାଉ ଥିଲେ। ଆଉ ଏବେ ଗୁସୁରୀ ଚାଷ ଆହୁରି ଲାଭ ଯୋଗାଇ ଦେଉଛି। ଚାଷୀ ଜଣକ ଘୁଷୁରି ଗୁଡିକର ନିୟମିତ ଯତ୍ନ ନିଅନ୍ତି। ଖାଦ୍ୟ ଦେବା ଠାରୁ ଆରମ୍ଭ କରି ଘୁଷୁରି ମାନଙ୍କୁ ଗାଧୋଇ ଦିଅନ୍ତି। ବର୍ତ୍ତମାନ ଚାଷୀ ଜଣକ ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶର ବିଭିନ୍ନ ଅଞ୍ଚଳକୁ ଘୁଷୁରି ଯୋଗାଇ ବେଶ ସ୍ୱାବଲମ୍ବୀ ହେବା ସହ ବାର୍ଷିକ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ତେବେ ଏହି ଅଞ୍ଚଳର ଅଧିକାଂଶ ଲୋକ ପାରମ୍ପରିକ ପଦ୍ଧତିରେ ଚାଷ କରି ଜୀବିକା ନିର୍ବାହ କରୁଥିବା ବେଳେ ଖକୋନଙ୍କ ସଫଳ ଘୁଷୁରି ଚାଷ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛି।




ତେନ୍ତୁଳିଖୁଣ୍ଟି (ଭାସ୍କର ନ୍ୟୁଜ) : (ଭାସ୍କର ନ୍ୟୁଜ) ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ ଝରିଗୁମା ପଞ୍ଚାୟତ ଅନ୍ତର୍ଗତ ବିରିଗୁଡ଼ା ହାଟପଦା ଠାରେ ତେନ୍ତୁଳିଖୁଣ୍ଟି ପୋଲିସ ପ୍ରଶାସନ ପକ୍ଷରୁ ଆମ ପୋଲିସ ସମିତି କାର୍ଯ୍ୟକ୍ରମ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ତେନ୍ତୁଳିଖୁଣ୍ଟି ଥାନା ଅଧିକାରୀ ପ୍ରଣବ ଟୁଡୁ, ସବ୍ ଇନ୍ସପେକ୍ଟର ମହେଶ୍ୱର ମହାନ୍ତି, ପାତ୍ର ପୁଟ ଫାଣ୍ଡି ଅଧିକାରୀ ଅନନ୍ତ କାଡ୍ରାକା ,ସ୍ଥାନୀୟ ଯୁବ ସରପଞ୍ଚ ମନମୋହନ ଦଳପତି, ସମିତି ସଭ୍ୟ ସୋମନାଥ ସୌରା ମଞ୍ଚସୀନ ଥିଲେ । କାର୍ଯ୍ୟକ୍ରମରେ ପୋଲିସ ପ୍ରଶାସନ କିପରି ଜନସାଧାରଣଙ୍କ ନିକଟତର ହୋଇ ପାରିବେ ତାହାର ଅଭିନବ ପ୍ରୟାସ କରାଯାଇ ଥିଲା । ଜନସାଧାରଣଙ୍କୁ ସୁରକ୍ଷା ଦେବା ସହ ଅପରାଧୀଙ୍କୁ ଧରି ଉଚିତ୍ ଦଣ୍ଡ ଦଣ୍ଡ ବିଧାନ କରିବା ପାଇଁ ସର୍ବଦା ପ୍ରୟାସ କରାଯିବ , ଦେଶୀ ମଦ ରନ୍ଧନ ସହ ବିକ୍ରିକୁ ବନ୍ଦ କରିବା, ଟ୍ରାଫିକ ନିୟମ କଡ଼ାକଡି କରାଯିବ, ବାଲ୍ୟ ବିବାହ ବନ୍ଦ, ଚୋରି ଏବଂ ଡକାୟତିକୁ ବନ୍ଦ କରିବା ସର୍ବ ସାଧାରଣ ସ୍ଥାନ କୁ ସୁରକ୍ଷା ଦେବା ,ସମସ୍ତ ପର୍ବ ପର୍ବାଣୀ,ଯାତ୍ରା ଶାନ୍ତି ଶୃଙ୍ଖଳାର ସହିତ ସମାପନ କରାଯିବ ବୋଲି ଥାନା ଅଧିକାରୀ ଶ୍ରୀ ଟୁଡୁ କହି ଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ବୁଦ୍ଧିଜୀବୀ ଧୀରେନ୍ଦ୍ର ମହାପାତ୍ର, କ୍ଷମାଶୀଳ ମହାପାତ୍ର,ଉମା ହରିଜନ ,ନିରଞ୍ଜନ ସୌରା,ଧବୁଲୁ ମାଝୀ,ପର୍ଶୁ ମୁଦୁଲି, ପଞ୍ଚାନନ ମହାପାତ୍ର,ବୈଦ୍ୟ ସୌରା, ସୁଶିଲ ବାଘ,ସତ୍ୟ ହରିଜନ,ଉମା ସୌରା ସହ ଅଞ୍ଚଳର ବହୁ ଜନସାଧାରଣ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଶେଷରେ ଉପସ୍ଥିତ ଥିବା ଜନସାଧାରଣ ପୋଲିସ ପ୍ରଶାସନ ପକ୍ଷରୁ ଧନ୍ୟବାଦ୍ ଅର୍ପଣ କରାଯାଇଥିଲା



# ବୃଦ୍ଧଙ୍କୁ ହତ୍ୟା ଘଟଣା: ୫ ଗିରଫ

ନୂଆପଡା(ଭାସ୍କର ନ୍ୟୁଜ) : ନୂଆପଡା ଜିଲ୍ଲା ଖଡ଼ିଆଳ ଥାନା କିକିରିବେଡା ଗାଁର ଜନୈକ ବୃଦ୍ଧ ଙ୍କୁ ଛୁରି ଭୁଷି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଖଡ଼ିଆଳ ଏସଡିପିଓ ମସିରାଣୀ ପୂର୍ତ୍ତି ଏବଂ ଖଡ଼ିଆଳ ଆଇଆଇସି ଦିଲୀପ କୁମାର ସାହୁ ଙ୍କ ନେତୃତ୍ୱ ରେ ଏକ ଟିମ ଗଠନ କରାଯାଇ ସାଇଣ୍ଟିଫିକ ଟିମ ଏବଂ ସନ୍ଧାନୀ କୁକୁର ସହାୟତା ରେ ଘଟଣା ର ତଦନ୍ତ କରି ଖଡ଼ିଆଳ ପୋଲିସ ହତ୍ୟା ଘଟଣା ର ପର୍ଦ୍ଦାଫାଶ କରିବା ସହ ଏଥିରେ ସମ୍ପୃକ୍ତ ଜଣେ ନାବାଳକ ଙ୍କ ସମେତ ପାଞ୍ଚ ଜଣ ଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି । ସେମାନଙ୍କ ଠାରୁ ହତ୍ୟାରେ ବ୍ୟବହୃତ ଛୁରି ସହ ଏକ ମୋଟର ସାଇକଲ ଜବତ କରିଥିବା ନୂଆପଡା ଏସପି ଏକ ଖବରଦାତା ସମ୍ମିଳନୀ ରେ ନୂଆପଡା ଏସପି ଜି ଆର ରାଘବେନ୍ଦ୍ର ସୂଚନା ଦେଇଛନ୍ତି । ଏଥିସହ ଗୁଣିଗାରେଡି ସନ୍ଦେହରେ ବୃଦ୍ଧ କାଳିଆ ମାଝୀଙ୍କୁ ହତ୍ୟା କରାଯାଇଥିବା ଏସପି ସୂଚନା ଦେଇଛନ୍ତି । ଗିରଫମାନେ ହେଲେ ଖଡ଼ିଆଳ ଥାନା କିକିରିବେଡା ଗାଁ ର ବିଧବା ମହିଳା ରନ୍ନେ ମାଝୀ (୪୫) ଏବଂ ଗିରିଧାରୀ ମାଝୀ (୩୦) ଏବଂ ସିନାପାଲି ଥାନା ଭଟ୍ଟାପାଣି ଗାଁ ର ଭଗବାନ ମାଝୀ(୨୨) ଏବଂ ସୁବାଷ ମାଝୀ (୨୫) ଏବଂ ଅନ୍ୟ ଜଣେ ନାବାଳକ ବୋଲି ଜଣାପଡିଛି । ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ କିକିରିବେଡା ଗାଁ ର ବିଧବା ମହିଳା ରନ୍ନେ ମାଝୀ ଙ୍କ ସ୍ୱାମୀ ନବୀନ ମାଝୀର କିଛି ମାସ ପୂର୍ବେ ଅକାଳ ମୃତ୍ୟୁ ହୋଇଥିଲା ଏବଂ କାଳିଆ ମାଝୀ ସହ ପୂର୍ବ ରୁ ଶତ୍ରୁତା ଥିବାରୁ ଗୁଣିଗାରେଡି କରି ନବୀନ ମାଝି ଙ୍କୁ ସେ ହତ୍ୟା କରିଥିବା ସନ୍ଦେହ କରି ଦୁଇ ପରିବାର ମଧ୍ୟ ରେ ଗଣ୍ଡଗୋଳ ଲାଗି ରହୁଥିଲା। ତେଣୁ ଉକ୍ତ ଘଟଣା ର ପ୍ରତିଶୋଧ ପରାୟଣ ହୋଇ ଚଳିତ ମାସ ୧୮ ତାରିଖ (ମଙ୍ଗଳବାର )ଦିନ ଘର ବାହାରେ ଏକ କୁଡ଼ିଆରେ ନିଜ ନାତି ଙ୍କ ସହ ଶୋଇଥିବା ସମୟରେ ଗିରଫ ଅଭିଯୁକ୍ତ ମାନେ ଯୋଜନାବଦ୍ଧ ଭାବେ କାଳିଆ ମାଝୀଙ୍କ ଛାତିରେ ଛୁରାମାଡ଼ କରିଥିଲେ । ଗୁରୁତର ଅବସ୍ଥାରେ ପ୍ରଥମେ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟ ଏବଂ ପରେ ଅବସ୍ଥା ସଂକଟାପନ୍ନ ହେବାରୁ ନୂଆପଡା ମୁଖ୍ୟ ଡାକ୍ତରଖାନା କୁ ସ୍ଥାନାନ୍ତର କରି ଚିକିତ୍ସିତ ହେଉଥିବା ସମୟରେ କାଳିଆ ମାଝୀର ମୃତ୍ୟୁ ହୋଇଥିଲା।

# ଶ୍ରମିକ ଖଟୁଛି ଦାଦନ: ମେସିନ୍ କରୁଛି ରୋଜଗାର

କୋରୁକୋଣ୍ଡା (ଭାସ୍କର ନ୍ୟୁଜ୍): ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଶ୍ରମିକ ଶ୍ରେଣୀର ପାରିବାରକୁ ୧୦୦ଦିନର କାମ ଦେବାପାଇଁ ବ୍ୟବସ୍ଥା ରହିଛି। କିନ୍ତୁ କିଛି ଅସାଧୁ କର୍ମଚାରୀଙ୍କ ଯୋଗୁଁ ଲୋକେ କାମ ପାଇବାରୁ ବଞ୍ଚିତ ହେଉଛନ୍ତି ଏବଂ ମାଲାମାଲ୍ ହେଉଛନ୍ତି କିଛି ନ୍ୟସ୍ତ ସ୍ୱାର୍ଥ କର୍ମଚାରୀ। ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ପ୍ରଶାସନ ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ମହାତ୍ମାଗାନ୍ଧୀ ଜାତୀୟ କର୍ମନିଯୁକ୍ତି ଯୋଜନା(ମନରେଗା) କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ ହେଉଛି । ଶ୍ରମିକ ବଦଳରେ ମେସିନ୍ ରେ ଚାଲିଛି ବିଭିନ୍ନ ମନରେଗା ନିର୍ମାଣ କାର୍ଯ୍ୟ। କିନ୍ତୁ ଅନ୍ୟପଟେ ଶ୍ରମିକମାନଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରିବା ପାଇଁ ଜବ କାର୍ଡଧାରୀ ଚାତକ ଭଳି କାମ କରିବାକୁ ଅନେଇ ବସିଛନ୍ତି। କିନ୍ତୁ ସେମାନଙ୍କୁ ସୁଯୋଗ ନଦେଇ କିଛି ହାତଗଣତି ଜବ କାର୍ଡଧାରୀଙ୍କୁ ହାତରେ ରଖି ସେମାନଙ୍କ ନାମରେ ମିଥ୍ୟା ବିଲ୍ ପ୍ରସ୍ତୁତି କରି ସରକାରୀ ଅର୍ଥ ବାଟମାରଣା କରୁଥିବାର ଗନ୍ଧ ବାରିଛନ୍ତି ସ୍ଥାନୀୟବାସୀ । ଏହି ସରକାରୀ ଅର୍ଥ ହରିଲୁଟ୍ ପଛରେ ବ୍ଲକ୍ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଗୁପ୍ତ ବୁଝାମଣା ରହିଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ଡୁଡ଼ାମେଟା ପଞ୍ଚାୟତର ବିଭିନ୍ନ ଗ୍ରାମରେ 'ମୋ ପୋଖରୀ' ଯୋଜନାରେ ୧୦ରୁ ଉର୍ଦ୍ଧ୍ୱ ପୋଖରୀ ମେସିନ୍ ଯୋଗେ ଖୋଳା ଯାଇଥିବା ଅଭିଯୋଗ ହୋଇଛି। ଉକ୍ତ ପୋଖରୀ ଗୁଡ଼ିକୁ କିଛି ଦୁର୍ବୃତ୍ତ ଠିକାଦାର ଭୋର୍ ପାହାନ୍ତିଆରେ ଅନ୍ଧାରର ସୁଯୋଗ ନେଇ ମେସିନ୍ ଲଗାଇ ପୋଖରୀ ନିର୍ମାଣ କାର୍ଯ୍ୟ କରୁଥିବାର ଦେଖିବାକୁ ପାଇଥିଲେ ଏବଂ ପୋଖରୀ ଖନନ କାର୍ଯ୍ୟ ବନ୍ଦ୍ କରିବାକୁ କହିଥିଲେ ମଧ ଠିକାଦାରଙ୍କ ଦାଦାଗିରି ଚାଲିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏମିତିକି କିଛି ପୋଖରୀରେ ବର୍ତ୍ତମାନ ୩ଫୁଟ ରୁ ଅଧିକ ପାଣି ଥିବାବେଳେ ତାକୁ ମଧ କାମ ଚାଲୁଥିବା ଦର୍ଶାଇ ଚଳିତ ମାସରେ ଶ୍ରମ ବାବଦକୁ ଟଙ୍କା ପୈଠ କରାଯାଇଛି।ଗ୍ରାମବାସୀଙ୍କ କହିବା ଅନୁଯାୟୀ ଏଭଳି ଦୁର୍ନୀତି ହେଉଥିବାର ସରକାରୀ କର୍ମଚାରୀ ତଥା ଗ୍ରାମ ରୋଜଗାର ସେବକ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ ମଧ ସାମିଲ ଥିବାର କିଛି ତଥ୍ୟ ରହିଛି। ଖାଲି ଏତିକି ନୁହେଁ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଠିକାଦାର ଏବଂ ସରକାରୀ କର୍ମଚାରୀଙ୍କ ମିଳିତ ଉଦ୍ୟମରେ କିଛି ହାତ ଗଣତି ଜବ୍‌କାର୍ଡଧାରୀଙ୍କୁ ହାତରେ ରଖି, ଏଭଳି ମେସିନ୍ ଯୋଗେ ସ୍ୱଳ୍ପ ଦାମରେ କାର୍ଯ୍ୟ ସମ୍ପୂର୍ଣ୍ଣ କରି ଲକ୍ଷ ଲକ୍ଷ ସରକାରୀ ଅର୍ଥ ଆତ୍ମସାତ କରୁଥିବାର ଅଭିଯୋଗ ମଧ ରହିଛି। ସରକାରଙ୍କ ନିୟମ ଅନୁଯାୟୀ ସମସ୍ତ ସରକାରୀ କାର୍ଯ୍ୟର ଆରମ୍ଭ ପୂର୍ବରୁ କାର୍ଯ୍ୟସ୍ଥଳରେ ସୂଚନା ଫଳକମାନ ଲଗାଯିବା କଥା କିନ୍ତୁ ଏଠି ସମ୍ପୂର୍ଣ୍ଣ ସରକାରୀ ନିୟମକୁ ଉଲଂଘନ କରି ନା ଅଛି କୌଣସି ସୂଚନା ଫଳକ ନା ଅଛି କିଛି ସରକାରୀ ନିୟମ। ଏଭଳି ଡୁଡ଼ାମେଟା ପଞ୍ଚାୟତରେ ବିଭିନ୍ନ ଦୁର୍ନୀତି ଘଟୁଥିବା ସ୍ଥାନୀୟବାସି କିଛି ମାସ ପୂର୍ବେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ପଞ୍ଚାୟତ କାର୍ଯ୍ୟାଳୟ ଭିତରେ ତାଲା ପକାଇ ବନ୍ଦ୍ କରିଥିଲେ ଏବଂ ଏଭଳି ଦୁର୍ନୀତି ଗୁଡ଼ିକୁ ବନ୍ଦ୍ କରିବା ପାଇଁ ତାଗିଦ୍ ମଧ କରିଥିଲେ ହେଁ ପୁନର୍ବାର ଏଭଳି ଦୁର୍ନୀତି ହେଉଥିବା ନେଇ ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଏନେଇ ଆମେ ପଞ୍ଚାୟତ ହିସାବ ରକ୍ଷକ ତଥ୍ୟ ନିରୀକ୍ଷକ ସୁନ୍ଦରାଇ ମୁଦୁଲିଙ୍କୁ ପଚାରିବାରୁ ସେ କହିଥିଲେ ଆଜିକାଲି ଶ୍ରମିକ ମିଳୁନଥିବା କାରଣରୁ ସମସ୍ତ କାମ ମେସିନ ସାହାଯ୍ୟରେ କରାଯାଉଛି ବୋଲି ସ୍ୱୀକାର କରିଥିଲେ ଏବଂ ଉକ୍ତ କାମର ପାରିଶ୍ରମିକ ବାବଦକୁ ଆସୁଥିବା ଅର୍ଥ କିଛି ହାତ ଗଣତି, ତଥା କାର୍ଯ୍ୟରେ ନିୟୋଜିତ ନଥିବା ଶ୍ରମିକଙ୍କୁ ପଠାଯାଇ ସେମାନଙ୍କ ଠାରୁ ପୁଣି ଆଣି ମେସିନ୍ ମାଲିକଙ୍କୁ ଦିଆଯାଉଥିବା କଥା କହିଥିଲେ। ଏନେଇ ଆମେ କୋରୁକୋଣ୍ଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଛନ୍ତି, ଏହାର ସତ୍ୟାସତ୍ୟ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହିତ ଆଗାମୀ ଦିନରେ କିପରି ଅଧିକ ଶ୍ରମିକ କାମ ପାଇପାରିବେ ଚେଷ୍ଟା କରାଯିବ ।



# ନବ ନିର୍ମିତ ଶ୍ରେଣୀଗୃହ ଉଦ୍‌ଘାଟିତ



ବେଲପାହାଡ଼ ( ଭାସ୍କର ନ୍ୟୁଜ୍ ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ସ୍ଥାନୀୟ ଗୁମାଡେରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଟିଆରଏଲ୍ କ୍ରୋସାକି କମ୍ପାନୀ ଦ୍ୱାରା ନୂତନ ନିର୍ମିତ ଦୁଇଟି ଶ୍ରେଣୀ କୋଠାର ଶୁଭ ଉଦଘାଟନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଟିଆରଏଲ୍ କ୍ରୋସାକିର ସିଏସଆର ଅଧୀନରେ ମୋଟ ୧୭ ଲକ୍ଷ ବ୍ୟୟ ଅଟକଳ ରାଶିରେ ଏହି ଦୁଇଟି ନୂତନ କୋଠା ନିର୍ମିତ ହୋଇଛି । ଉଦଘାଟନୀ ସମାରୋହ ମୁଖ୍ୟ ଅତିଥି ଭାବେ ଟିଆରଏଲ୍ କ୍ରୋସାକି କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ ନାଏକ, ସମ୍ମାନିତ ଅତିଥି ଭାବେ ବେଲପାହାଡ଼ ପୌର ନଗରପାଳ ନିମାଇଁ ଚରଣ ପଣ୍ଡା ଯୋଗଦେଇ ଫିତା କାଟି ଏହାର ଶୁଭ ଉଦ୍‌ଘାଟନ କରିଛନ୍ତି। ଅତିଥି ଭାବେ ଟିଆରଏଲ୍ କ୍ରୋସାକି ବରିଷ୍ଠ ଅଧିକାରୀ ଡ. ତାରାପଦ ଦାସ, ସୁଶାନ୍ତ ଦାଶ, ଡ. ସନ୍ତୋଷ ମିଶ୍ର, ପୌର କାଉନସିଲର କହ୍ନେଇ ଚରଣ ସେଠ, ବୁଦ୍ଧିଜୀବୀ ଅଜୟ କୁମାର ଭମରବର ରାଏ, ବରିଷ୍ଠ ନାଗରିକ ସଂଗଠନର ସଚ୍ଚିଦାନନ୍ଦ ପଣ୍ଡା, ପ୍ରକୃତି ପ୍ରେମୀ ଜେନାମଣି ସେଠ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଟିଆରଏଲ୍ କ୍ରୋସାକିର ଅଧିକାରୀ ଶଶାଙ୍କ ଦୀକ୍ଷିତ, ଦୀପକ ସାହୁ, ସ୍ୱତିରଞ୍ଜନ ପ୍ରଧାନ, ବ୍ରଜବନ୍ଧୁ ଶତପଥୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବ୍ୟାରାଣୀ ବିଶ୍ୱାଳ, ଭବାନୀ ମିଶ୍ର, ଚାରୁଲତା ଦାଶ, ରଞ୍ଜିତା ମହାରଣା, ବେଲାରାଣୀ ମିଞ୍ଜ, ମୀନା ଦୀପ ପ୍ରମୁଖ ସହଯୋଗ କରିଥିଲେ।

# ବିଜେପିରେ ଯୋଗଦେଲେ ଟୁନୁ ଗଣ୍ଡ



ଉମରକୋଟ (ଭାସ୍କର ନ୍ୟୁଜ୍): ଓଡିଶାରେ ଭାରତୀୟ ଜନତା ପାର୍ଟି ତଥା ବିଜେପି ସରକାର ଆସିବା ପରେ ଚାରିଆଡେ ଏହି ନୂତନ ସରକାରଙ୍କ ପ୍ରଶଂସା ଗାନ କରୁଛନ୍ତି ଲୋକେ। ବିଭିନ୍ନ ପାର୍ଟି ରୁ ଲୋକେ ବିଜେପି ଦଳରେ ଯୋଗଦାନ କରୁଥିବାର ଦେଖିବାକୁ ମିଳିଛି । ଏହି ପରିପେକ୍ଷୀରେ ଆଜି ଓଡିଶାର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଉପସ୍ଥିତିରେ ଯୋଡ଼େଙ୍ଗାର ପୁରୁଣା ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ସରପଞ୍ଚ ଟୁନୁ ଗଣ୍ଡ ତଥା ସରପଞ୍ଚ ଫୁଲସିଂ ଗଣ୍ଡଙ୍କ ଭାଇ ବିଜେଡି ତ୍ୟାଗ କରି ବିଜେପିରେ ଯୋଗ ଦେଇଛନ୍ତ। ଉକ୍ତ ମିଶ୍ରଣପର୍ବ ରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ,ରାଜ୍ୟ ସମ୍ପାଦକ ସନ୍ତୋଷ ମହାପାତ୍ର, ସାଂସଦ ପ୍ରତିନିଧି ପ୍ରୀତିସ୍ନିଗ୍ଧା ମହାପାତ୍ର, ବିଧାୟକ ପ୍ରତିନିଧି ଶିବନାଥ ବାନାର୍ଜୀ, ଯୋଡ଼େଙ୍ଗା ମଣ୍ଡଳ ସଭାପତି ସରୋଜ ଜେନା, ରାଇଘର ମଣ୍ଡଳ ସଭାପତି ସୁଶାନ୍ତ ସାମନ୍ତରାୟ, ବରିଷ୍ଠ ବିଜେପି କର୍ମୀ ବିଶ୍ୱନାଥ ସିଲ, ମନୋହର ଦଣ୍ଡସେନା, ମିହିର ଡାଲିଙ୍କ ସମେତ ସମସ୍ତ ବିଜେପି କର୍ମୀଙ୍କ ଉପସ୍ଥିତିରେ ଆଜି ବରିଷ୍ଠ ବିଜେଡିରେ କର୍ମୀ ତଥା ଯୋଡ଼େଙ୍ଗା ର ପୂର୍ବତନ ସରପଞ୍ଚ ଟୁନୁ ଗଣ୍ଡ ବିଧିବଦ୍ଧ ଭାବେ ବିଜେପିରେ ଯୋଗଦେଲେ।

# ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର




ନୂଆପଡା(ଭାସ୍କର ନ୍ୟୁଜ୍ ) : କୋମନା ବ୍ଲକ୍ ସଭାଗୃହ ଠାରେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୧୦୬ ଟି ଅଭିଯୋଗର ଶୁଣାଣି ପ୍ରଶାସନ କରିଛନ୍ତି। ଏଥିରୁ ୯୩ ଟି ବ୍ୟକ୍ତିଗତ ୧୩ ଟି ଗୋଷ୍ଠୀଗତ ଅଭିଯୋଗ ସମ୍ବନ୍ଧୀୟ ଥିଲା ।ଏହି ସବୁ ଅଭିଯୋଗ ଉପରେ ଅତିଶିଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅସହାୟ ମହିଳା ହିରାବାଇ ଜଗତ, ଗାଁ ଡୁଙ୍ଗୁରିପାଲି , ଗ୍ରା.ପ ବୁଦ୍ଧି କୋମନାଙ୍କୁ ୧୦ହଜାର ଟଙ୍କା ଆଶୁ ସହାୟତା ଜିଲ୍ଲା ରେଡକ୍ରସ ପାଣ୍ଠିରୁ ଯୋଗାଇ ଦିଆଯାଇଥିଲା। ୮୪ ଜଣ ବ୍ୟକ୍ତିଙ୍କୁ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ସ୍ୱୀକୃତୀ ପଟ୍ଟା, ୩ ଟି ଗୋଷ୍ଠୀଙ୍କୁ ଅଧିକାର ପଟ୍ଟା, ୭ ଟି ଗୋଷ୍ଠୀଙ୍କୁ ଜଙ୍ଗଲ ସମ୍ବଳ ଅଧିକାର ପଟ୍ଟା ଜିଲ୍ଲାପାଳ, ଡି ଏଫ୍ ଓ, ଡି ଡବ୍ଲୁଓ ଏବଂ ଉପସ୍ଥିତ ଅଧିକାରୀ ପ୍ରଦାନ କରିଥିଲେ। ଆଜିର ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କ ସହିତ ବନଖଣ୍ଡ ଅଧିକାରୀ ଖରୀଆର ଅଜିଜ ଖାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଧରଣୀଧର ସେନାପତି, ବ୍ଲକ୍ ଅଧକ୍ଷା ଅନୁସୁୟା କୁମ୍ଭାର, ବ୍ଲକ୍ ଉପାଧକ୍ଷ ଜୟଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । କୋମନା ବିଡ଼ିଓ ବିନୟ କୁମାର ଭୋଇ, ତହସିଲଦାର ପ୍ରୟାଶୀ ପ୍ରଧାନ,ଡେପୁଟି କଲେକ୍ଟର ଶେଖ୍ ନସିମ,ହେମନ୍ତ ପୁଟା, ଏବିଡ଼ିଓ ଭକ୍ତବନ୍ଧୁ ବୁଡେକ୍ ଶିବିର ପରିଚାଳନା ରେ ସହଯୋଗ କରିଥିଲେ। ଶିବିର ପରିସରରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିରର ଆୟୋଜନ ହୋଇଥିଲା।

# ପଲିଶ୍ରୀ ମହୋତ୍ସବ ପାଇଁ ମନଇଚ୍ଛା ବସ୍‌ରୁଟ୍ ପରିବର୍ତ୍ତନ ଅଭିଯୋଗ

କନ୍ଧମାଳ, (ଭାସ୍କର ନ୍ୟୁଜ ) : କନ୍ଧମାଳ ଜିଲ୍ଲା ପଲିଶ୍ରୀ ମହୋତ୍ସବ ହେଉଥିବାରୁ ଏଫସିଆଇ ଛକ ଦେଇ କଟକ, ଭୁବନେଶ୍ୱର ମୁଖ୍ୟ ରାସ୍ତାରେ ଯାଉଥିବା ଶତାଧିକ ରାତ୍ରି ବସର ରୁଟ ମନଇଚ୍ଛା ପରିବର୍ତ୍ତନ କରାଯାଇଥିବାରୁ ଯାତ୍ରୀମାନେ ଓ ବସ କର୍ମଚାରୀମାନେ ବହୁତ ଅସୁବିଧାର ଶିକାର ହେଇଥିବା ଅଭିଯୋଗ କରିଛନ୍ତି। ଏହି ରୁଟଟି ନାରାୟଣୀ ରାସ୍ତା, କେନ୍ଦ୍ରୀୟ ବିଦ୍ୟାଳୟ ଦେଇ ଗୁଦାରୀ ରାସ୍ତା ଛକ ଠାରେ ବାହାରିବା ପାଇଁ ଅତ୍ୟନ୍ତ କଷ୍ଟକର ବିପଦରେ ଗତି ହେଉଛି । ନାରାୟଣୀ ମନ୍ଦିର ଠାରୁ କେନ୍ଦ୍ରୀୟ ବିଦ୍ୟାଳୟ ଯାଏଁ ଅତ୍ୟନ୍ତ ଅସୁବିଧା। ଦୁଇ ପାର୍ଶ୍ୱରେ ବଡ଼ ଗାତ ଓ ବୁଲାଣି ରାସ୍ତା ହେଉଥିବାରୁ କାର, ସରକାରୀ, ପ୍ରାଇଭେଟ ବସ ପାଶ କରିବାକୁ ଯିବା ଆସିବାରେ କଷ୍ଟ କର ହେଉଛି। ଜିଲ୍ଲା ପ୍ରଶାସନ ଏହିପରି କାର୍ଯ୍ୟ ଦ୍ୱାରା ବିଜେପି ସରକାର ପ୍ରତି ଜନସାଧାରଣ ମାନେ ଆଙ୍ଗୁଳି ଦେଖାଉଛନ୍ତି ଏବଂ ଜିଲ୍ଲା ପ୍ରଶାସନ କିଛି ଠିକ ଭାବରେ କାର୍ଯ୍ୟ କରିପାରିନାହିଁ। ଏହି ରାସ୍ତା ଦେଇ ଗୋଟିଏ ଗାଡି ଗଲେ ଛୋଟ ଗାଡି ପାଶ କରିବା କଷ୍ଟକର ହୋଇପଡୁଛି। ଦୁର୍ଘଟଣା ଘଟିବା ସମ୍ଭାବନା ରହିଛି। ଏଫସିଆଇ ଠାରୁ ଷ୍ଟାଡିୟମ ଦେଇ ମୁଖ୍ୟ ରାସ୍ତା ରାତି ୯.୩୦ପରେ ସେତେ ଜନଗହଳି ହେଉ ନ ଥିବାରୁ ଓ ସରକାରୀ ବେସରକାରୀ ଗାଡି ସେ ରାସ୍ତାରେ ଯାଉଥିବା ବେଳେ ସେ ରାସ୍ତାରେ ବସ ଚଳାଚଳ ପୋଲିସ ନିୟନ୍ତ୍ରଣରେ କରିବା ପାଇଁ ଅନୁରୋଧ। ବସଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ମୁଖ୍ୟରାସ୍ତାରେ ବସ ଛାଡିବାକୁ ଅନୁରୋଧ କରୁଛନ୍ତି ଜନସାଧାରଣ ଓ ଅଶୋକ ପରିଡା।

# ଜିଲ୍ଲାସ୍ତରୀୟ ପ୍ରେରଣା ତାଲିମ ଉଦ୍‌ଘାଟିତ

କୋରାପୁଟ(ଭାସ୍କର ନ୍ୟୁଜ୍): ନବ ନିଯୁକ୍ତ କନିଷ୍ଠ ଶିକ୍ଷକମାନଙ୍କ ଶୈକ୍ଷିକ ଦକ୍ଷତା ବୃଦ୍ଧି ପାଇଁ ପ୍ରେରଣା ତାଲିମ କାର୍ଯ୍ୟକ୍ରମ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟରେ ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଜିଲ୍ଲା ଶିକ୍ଷାଧିକାରୀ ଡ.ପ୍ରଶାନ୍ତ କୁମାର ମହାନ୍ତି, ସମ୍ମାନିତ ଅତିଥି ନବରଙ୍ଗପୁର ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁ, କୋରାପୁଟ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଅର୍ପିତା ପ୍ରଧାନ, ନନ୍ଦାହାଣ୍ଡି ବରିଷ୍ଠ ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ଜାନି ଓ ଗୁଣାତ୍ମକ ଶିକ୍ଷା ସଂଯୋଜକ ଚନ୍ଦ୍ରକଳା ବଗର୍ତି ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ସହ ସକାରତ୍ମକ ମନୋଭାବ, କର୍ତ୍ତବ୍ୟ ପରାୟଣ, ଦାୟିତ୍ୱବୋଧ ଓ ପିଲାଙ୍କ ସର୍ବାଙ୍ଗିନ ବିକାଶ ପାଇଁ ପ୍ରୟାସ ଜାରି ରଖିଲେ ଗୁଣାତ୍ମକ ଶିକ୍ଷା ସମ୍ଭବ ବୋଲି ଅତିଥି କହିଛନ୍ତି । ଏହା ୨୧ ମାର୍ଚ୍ଚରୁ ୨୫ ଯାଏ ଅନୁଷ୍ଠିତ ହେବ । ଏଥିରେ ୧୪ବ୍ଲକର ମୋଟ ୫୬ସାଧନ କର୍ମୀ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସାଧନ କର୍ମୀ ଭାବେ ପ୍ରଶିକ୍ଷିକା ଉମାକାନ୍ତି ବାଇପେଇ, ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ, ସାଗରିକା ମିଶ୍ର ଓ ଜ୍ୟୋତି ରାଣୀ ପଣ୍ଡା ତାଲିମ ଦେଇଥିଲେ ।

# ସାହିତ୍ୟ ମହୋତ୍ସବ 'କାବ୍ୟ ଫଗୁଣ' ଆୟୋଜିତ



ବରଗଡ(ଭାସ୍କର ନ୍ୟୁଜ) : ହୋଟେଲ ଗଣପତି ଠାରେ ବିଶ୍ୱ କବିତା ଦିବସ ଉପଲକ୍ଷେ ବରଗଡ ସାହିତ୍ୟ ସଂସଦ ଦ୍ୱାରା ରାଜ୍ୟ ସ୍ତରୀୟ ସାହିତ୍ୟ ଉତ୍ସବ 'କାବ୍ୟ ଫଗୁଣ' ଆୟୋଜିତ ହୋଇଯାଇଛି। ରୋହିତ ଦାଶଙ୍କ ସଭାପତିତ୍ୱ ରେ ଆରମ୍ଭ ହୋଇଥିବା ଏ ଉତ୍ସବକୁ ବିଶିଷ୍ଟ କବି ସୌଭାଗ୍ୟବନ୍ତ ମହାରଣା ଆନୁଷ୍ଠାନିକ ଭାବେ ଉଦଘାଟନ କରି ସାହିତ୍ୟରେ ଅନୁବାଦର ଭୂମିକା ଉପରେ ଆଲୋକପାତ କରି ଅନୁବାଦ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ମୁଖ୍ୟ ଆଲୋଚକ ଭାବେ ବିଶିଷ୍ଟ ସମାଲୋଚକ ଡ଼ ଛାୟାକାନ୍ତ ଷଡଙ୍ଗୀ ଯୋଗ ଦେଇ କହିଥିଲେ 'ଆକ୍ଷରିକ ଅନୁବାଦ ଠାରୁ ଭାବାତ୍ମକ ଅନୁବାଦ ବେଶୀ ଗୁରୁତ୍ୱପୂର୍ଣ୍ଣ । ଏହି ଅବସରରେ ଅତିଥିମାନଙ୍କୁ ଉତ୍ତରୀୟ ଓ ସ୍ମୃତି ଫଳକ ଦେଇ ସମ୍ମାନିତ କରା ଯାଇଥିଲା । ଡ଼ ଅଶୋକ ମହାପାତ୍ର ସଭାର ଉଦ୍ଦେଶ୍ୟ ଜ୍ଞାପନ, ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଡ଼ ଭଗବତି କର ସ୍ୱାଗତ ସମ୍ଭାଷଣ ଦେଇଥିଲେ । ଅନୁବାଦ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଦୁଇଜଣ ଯୁବ ପ୍ରତିଭା ସୁକୋମଳ ଦାଶ ଓ ଡ଼ ସଂଘମିତ୍ରା ରାୟଗୁରୁ ଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ମାନିତ କରା ଯାଇଥିଲା । କାର୍ଯ୍ୟକ୍ରମ ଆରମ୍ଭରୁ ଲରମ୍ଭା କଲେଜ ର ଓଡ଼ିଆ ଅଧ୍ୟାପିକା ଯଶୋବନ୍ତି ସା ଙ୍କ ଗଳ୍ପ ପୁସ୍ତକ ପୁଉଳିକା କୁ ଅତିଥି ମାନେ ଉନ୍ମୋଚନ କରିଥିଲେ । ଅବସର ପ୍ରାପ୍ତ କଲେଜ ଅଧ୍ୟକ୍ଷ ଶ୍ରୀ ପତିତ ପାବନ ସାହୁ ଙ୍କ ଅଧ୍ୟକ୍ଷତା ରେ ଦ୍ୱିତୀୟ ଅଧିବେଶନ ଆରମ୍ଭ ହୋଇଥିଲା। ଏଥିରେ ଅନୁବାଦ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ସଂଯୋଜକ ଭାବେ ଟିଟିଲାଗଡ ଡିଏଭି ର ଇଂରାଜୀ ଅଧ୍ୟାପିକା ବନ୍ଦନା କର ଓ ବରଗଡ଼ ପଂଚାୟତ ମହାବିଦ୍ୟାଳୟ ର ଇଂରାଜୀ ଅଧ୍ୟାପକ ଶ୍ରୀ ମାନଭଞ୍ଜନ ପାଣିଗ୍ରାହୀ କବିତା ଗୁଡିକ ର ସଂଯୋଜନା କରିଥିଲେ.ପଚାଶ ଜଣ କବି ବିଭିନ୍ନ ଭାଷା ରୁ ଅନୁଦିତ ମୌଳିକ ଓ ଅନୁବାଦ କବିତା ସବୁ ପାଠ କରିଥିଲେ । କବିତା ପାଠ ପରେ ଡ଼ ଉମେଶ ମହାପାତ୍ର ଅନୁବାଦ ସାହିତ୍ୟ ଉପରେ ଏକ ବିଶେଷ ବକ୍ତବ୍ୟ ରଖିଥିଲେ। ଦ୍ୱିତୀୟ ଅଧିବେଶନ ରେ ଶରତ ପାଢ଼ୀ ପ୍ରାରମ୍ଭିକ ଓ ଉଦଯାପନୀ ସଂଗୀତ ଗାନ କରିଥିଲେ। ବ୍ୟଙ୍ଗକବି ସ୍ୱର୍ଗତ ମନ ମାଷ୍ଟ୍ରେ ଧନ୍ୟବାଦ ଅର୍ପଣ କରିଥିଲେ। ଦାମୋଦର ସାହୁ, କିଶୋର ସାହୁ ଓ ଆଲୋକ ଦାଶ ସଭା ପରିଚାଳନା ରେ ସହଯୋଗ କରିଥିଲେ । ସଭାରେ ବରଗଡ଼ ତଥା ବିଭିନ୍ନ ଜିଲ୍ଲା ର କବି, ଲେଖକ ସାମ୍ବାଦିକ ଓ ବୁଦ୍ଧିଜୀବୀ ମାନେ ଯୋଗଦାନ କରିଥିଲେ ।

# ରୋଗ ଚିହ୍ନଟ ଓ ସ୍କ୍ରିନିଂ ପାଇଁ ସହଯୋଗର ହାତ ବଢ଼ାଇଲା ନାଲକୋ ଫାଉଣ୍ଡେସନ



ମାଲକାନଗିରି (ଭାସ୍କର ନ୍ୟୁଜ୍): ଜିଲ୍ଲାରେ ସିକେଲସେଲ ଏନିମିଆ ଓ ଯକ୍ଷ୍ମା ରୋଗର ଚିହ୍ନଟ ଓ ସ୍କ୍ରିନିଂ ନିମନ୍ତେ ନବରତ୍ନ କମ୍ପାନୀ ନାଲକୋ ଫାଉଣ୍ଡେସନ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାଲକୋ ଫାଉଣ୍ଡେସନର ଏକ ପ୍ରତିନିଧି ଦଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କୁ ଭେଟି ୧ କୋଟି ୨୪ ଲକ୍ଷ ୭୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଅଧୀନରେ ଜିଲ୍ଲାରୁ ସିକେଲସେଲ ଏନିମିଆ ଓ ଯକ୍ଷ୍ମା ରୋଗ ନିରାକରଣ ନିମନ୍ତେ ଏହି ଅର୍ଥ ରାଶି ବ୍ୟବହୃତ ହେବ।

# ଗ୍ରୀଷ୍ମକାଳୀନ ଶିବିରରେ ସଫେଇ ସହ ସଚେତନତା ନାଟକ ପରିବେଷଣ




ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ) : ଲକ୍ଷ୍ମୀପୁର ମହାବିଦ୍ୟାଳୟର ଯୁକ୍ତ ତିନି ବିଭାଗର ଜାତୀୟ ସେବା ଯୋଜନା ୟୁନିଟ୍ ତରଫରୁ ପୋଷ୍ୟଗ୍ରାମ ଆମ୍ବଗୁଡା ଠାରେ ଚାଲିଥିବା ଗ୍ରୀଷ୍ମକାଳୀନ ଶିବିରର ଆଜି ଚତୁର୍ଥ ଦିନରେ ପହଁଚିଛି ।ଏଥିରେ କୋରାପୁଟ ଜିଲ୍ଲା ଜାତୀୟ ସେବା ଯୋଜନା ସଂଯୋଜକ ସୁଶାନ୍ତ କୁମାର ବେହେରା ଯୋଗଦେଇ ସ୍ୱେଚ୍ଛାସେବୀ ମାନଙ୍କୁ ବିଭିନ୍ନ ସାମାଜିକ ସେବା ବିଷୟରେ ବର୍ଣ୍ଣନା କରି ଉତ୍ସାହିତ କରିଥିଲେ। ଆଜି ଗ୍ରାମ ରଣଜିତଗୁଡା ଓ ଆମ୍ବଗୁଡା ଗ୍ରାମ ଠାରେ ମଦ ବନ୍ଦ ଅଭିଯାନ ତଥା ଅନ୍ୟାନ୍ୟ ସାମାଜିକ କାର୍ଯ୍ୟ ସମ୍ବନ୍ଧିତ ବିଭିନ୍ନ ପ୍ରକାର ସଚେତନ କାର୍ଯ୍ୟକ୍ରମ ନାଟକ ମାଧ୍ୟମରେ ପରିବେଷଣ କରିବା ସହ ସଫେଇ ଅଭିଯାନ କରି ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ସୃଜନର ପ୍ରତିଷ୍ଠାତା ତଥା ସଭାପତି ଶ୍ରୀବତ୍ସ ଖରା ସ୍ୱେଚ୍ଛାସେବୀ ମାନଙ୍କୁ ପରିବେଶ ସୁରକ୍ଷା ଓ ମାନବାଧିକାର ସମ୍ବନ୍ଧିତ ବିଭିନ୍ନ ବିଷୟରେ ଅବଗତ କରାଇ ଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୁ ମୁଦୁଲି, ଯୁକ୍ତ ତିନି ଯୁବ ରେଡକ୍ରସ ଅଧିକାରୀ ଅଧ୍ୟାପିକା ସନ୍ତୋଷିନୀ ଦାସ, ଅଧ୍ୟାପିକା ମହିମା ରାଣୀ ରାଜୁ, ଅଧ୍ୟାପିକା ଜୟଶ୍ରୀ କରସୁଧା ପଟ୍ଟନାୟକ, ଅଧ୍ୟାପିକା ଅଙ୍କିତା ୱାଡେକା, ଅଧ୍ୟାପିକା ସଙ୍ଗୀତା ନାଗ, ଅଧ୍ୟାପକ ତାରେଣୀ ପ୍ରସାଦ ଶତପଥୀ, ଅଧ୍ୟାପକ ଶୀତଳ ପ୍ରସାଦ ଦାସ, ଅଧ୍ୟାପକ ଲକ୍ଷ୍ମୀକାନ୍ତ ଟାକ୍ରୀ, ଅଧ୍ୟାପକ ବବଲୁ ବେନିଆ, ଯୁକ୍ତ ଦୁଇ ଯୁବ ରେଡକ୍ରସ ଅଧିକାରୀ ଅଧ୍ୟାପକ ଯଶୋବନ୍ତ ଗରଡା, ଆସିଷ୍ଟାଣ୍ଟ ଲାଇବ୍ରେରୀଆନ ଏକେଶ୍ୱର ଖରା, କିରାଣୀ ଅମ୍ରି ହିକକା ତଥା ସମସ୍ତ ସ୍ୱେଚ୍ଛାସେବୀ ମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଯୁକ୍ତ ତିନି ଜାତୀୟ ସେବା ଯୋଜନା ସଂଯୋଜକ ଅଧ୍ୟାପକ ଦୁର୍ଯ୍ୟୋଧନ ସାହୁ ପରିଚାଳନା କରିଥିଲେ।

# ଗୁଞ୍ଜିତରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଉଲ୍ଲାସ ପରୀକ୍ଷା

ମୁରିବାହାଲ (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକର ସମସ୍ତ ସରକାରି ଶିକ୍ଷା ଅନୁଷ୍ଠାନ ମାନଙ୍କରେ ଭାରତ ସରକାରଙ୍କ ଉଲ୍ଲାସ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ୧୫ ବର୍ଷ ବୟସରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା, ଯେଉଁମାନେ ସ୍ୱାକ୍ଷର ନାହାନ୍ତି ସେମାନେ ନିଜ ନିଜ ସାହି ରେ ଥିବା ବିଦ୍ୟାଳୟ ମାନଙ୍କରେ ପରୀକ୍ଷା ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀ ସୁଧୀର କୁମାର ନାଗ ନିଜ କ୍ଲଷ୍ଟର ସମସ୍ତ ବିଦ୍ୟାଳୟ ପରିଦର୍ଶନ କରିଥିବାବେଳେ ଏହି ଅବସରରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଞ୍ଜିତରା ପରିଦର୍ଶନ କରିଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ମହାନ୍ତି ଉପସ୍ଥିତ ଥିଲେ । ପରୀକ୍ଷା ନିରୀକ୍ଷକ ଭାବେ ଶିକ୍ଷକ ନୀଳମଣି ଦୀପ ଥିବାବେଳେ ଶିକ୍ଷୟିତ୍ରୀ ସରୋଜିନୀ ମିଶ୍ର ସହଯୋଗ କରିଥିଲେ ।

# ଛତୁଆ କେନ୍ଦ୍ରର ଅନିୟମିତତା ବିରୋଧରେ ଏତଲା

ଉମରକୋଟ(ଭାସ୍କର ନ୍ୟୁଜ) : ନବରଙ୍ଗପୁର ଜିଲ୍ଲା ଉମରକୋଟ ଆଇସିଡ଼ି ଏସ ଅଧୀନରେ ଆସୁଥିବା ଜାମରୁଣ୍ଡ। ଠାରେ ଥିବା ମା' ଶଙ୍କରୀ ବିଶ୍ୱ ମହିଳା ସ୍ୱୟଂ ସହାୟକ ଦଳର ଛତୁଆ ନିର୍ମାଣ କେନ୍ଦ୍ର ରେ ଅନିୟମିତତା ବିରୁଦ୍ଧ ରେ ଉମରକୋଟ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସଂଯୁକ୍ତା ବେହେରା ଉମରକୋଟ ଥାନା ରେ ଲିଖିତ ଅଭିଯୋଗ କରିଛନ୍ତି। ସଂଯୁକ୍ତା ଥାନାରେ ଦେଇଥିବା ଲିଖିତ ଅଭିଯୋଗ ଅନୁସାରେ ଦୀର୍ଘ ୧୨ ବର୍ଷ ହେଲା ଏହି ଗୋଷ୍ଠି ଗର୍ଭବତୀ ମହିଳା ଓ ପ୍ରସୁତି ଶିଶୁ କିଶୋରୀ ବାଳିକାଙ୍କୁ ଛତୁଆ ଯୋଗାଇ ଆସୁଛନ୍ତି। କିନ୍ତୁ ଚୁକ୍ତିନାମା ଅନୁସାରେ ଛତୁଆ ନିୟମିତ ଭାବେ ପ୍ରତିମାସରେ ଯୋଗାଣ କରିପାରୁନଥିବାରୁ ଛତୁଆ ପ୍ରସ୍ତୁତି କେନ୍ଦ୍ରକୁ ବାରଂବାର କୈଫତ ମଗାଯାଇଥିଲା ଏବଂ ନିୟମିତ ଛତୁଆ ବଣ୍ଟନ ନିୟମିତ ବିଲ ଦାଖଲ କରିବା ପାଇଁ ବାଧ୍ୟତାମୂଳକ କରିବାରୁ ଏହି ସ୍ୱୟଂ ସହାୟକ ଗୋଷ୍ଠୀ କୌଣସି ନିୟମ ପାଳନ କରିନପାରି ଛତୁଆ କେନ୍ଦ୍ରକୁ ଅଧିକାରୀମାନେ ଏହି ପରିଦର୍ଶନ ଅଧିକାରୀ ଙ୍କୁ ଭୟଭୀତ କରାଇଥାନ୍ତି। ଅନ୍ୟପଟେ ଏହି ଗୋଷ୍ଠି ସହ ସଂପୃକ୍ତ ଜଣେ ବ୍ୟକ୍ତି ପୂର୍ବେ ଉମରକୋଟ ସିଡ଼ିପିଓ ଅଫିସକୁ ଆସି ପୂର୍ବରୁ ପୈଠ କରାଯାଇଥିବା ବିଲ ଟଙ୍କା ଶିଘ୍ର ଦିଅ ବୋଲି ଧମକାଉଛନ୍ତି । ଉକ୍ତ ସ୍ୱୟଂ ସହାୟକ ଗୋଷ୍ଠୀରେ ସୋମବାର ଦିନ ଛତୁଆ ମିଶ୍ରଣ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ଘଟଣାକୁ ନେଇ ସିଡ଼ିପିଓ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ଜଣାଇଥିଲେ । ଆଜି ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ ସିଡିପିଓ ଓ ପ୍ରୋଗ୍ରାମ ଅଫିସର ସହ ଉକ୍ତ ଏସଏସଜି ପ୍ରସ୍ତୁତ କେନ୍ଦ୍ରକୁ ଯାଇଥିଲି । ସେଠାରେ ପୂର୍ବଭଳି ତାଙ୍କ ସହାୟକ ମଦ୍ୟପ ବ୍ୟକ୍ତି ପ୍ରସ୍ତୁତି କେନ୍ଦ୍ରରେ ପଶି କୌଣସି ନଥିପତ୍ର ଦେଖେଇନଥିଲେ ଏବଂ କୌଣସି ନଥିପତ୍ର ଓ ଜିନିଷ ନଦେଖାଇ ଯାହା କରିବାର ଅଛି କର ବୋଲି କହିଥିଲେ । ନଥିପତ୍ର ଓ ଜିନିଷ ନଦେଖାଇବା ଏକ ଦଣ୍ଡନୀୟ ଅପରାଧ ବୋଲି ଥାନାରେ ଦେଇଥିବା ଏତାଲାରେ ଦର୍ଶାଇଛନ୍ତି ସିଡ଼ିପିଓ। ସେଭଳି ପରିଦର୍ଶନ ରେ ଯାଇଥିବା ଅଧିକାରୀଙ୍କୁ ସରକାରଙ୍କ ସମ୍ପତିକୁ ଯାଞ୍ଚ କରିବାରେ ବାଧାସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଉମରକୋଟ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଏତଲାରେ ଅଭିଯୋଗ କରିଛନ୍ତି ସିଡିପିଓ।

# 'ଝିଅ ପାଇଁ ଗଛଟିଏ' କାର୍ଯ୍ୟକ୍ରମ

ନୂଆପଡା(ଭାସ୍କର ନ୍ୟୁଜ) : ନୂଆପଡା ଜିଲ୍ଲା କୋମନା ବ୍ଲକ୍ ସୁଆବାହାଲ ଗ୍ରାମରେ 'ଝିଅ ପାଇଁ ଗଛଟିଏ' କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁସୁଦନ ଦାଶ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଖରୀଆର ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ବିଡ଼ିଓ ବିନୟ କୁମାର ଭୋଇ ପ୍ରମୁଖ ଯୋଗଦେଇଥିଲେ। ନବଜାତକ ଶିଶୁ କନ୍ୟା ଦେବିକା, ପିତାମାତା କ୍ଷମା ସାଗର



ଦାସ ଓ କ୍ଷିରମତୀ ଦାସ ଘରକୁ ଜିଲ୍ଲାପାଳ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହିତ ଯାଇ ନବ ଜାତକକୁ କୋଳରେ ଧରି ତାର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କନ୍ୟାର ବାପା ମା'ଙ୍କୁ ଉପହାର ପ୍ରଦାନ କରି ସେମାନଙ୍କ ଦ୍ୱାରା ନୂତନ ବୃକ୍ଷରୋପଣ କରାଯାଇଥିଲେ । ଏହି ଅବସରରେ ଜିଲ୍ଲାପାଳ କହିଲେଯେ ଝିଅର ନାଁ ଦେବିକା ହେଲେ ରୋପିଥିବା ଆମ୍ବଗଛ ର ନାମ ରାଧିକା ହେବ । ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଗାଁର ଗର୍ଭବତୀ ମହିଳା ଲକ୍ଷ୍ମୀ ଦାଶଙ୍କୁ ଜିଲ୍ଲାପାଳ ଏହି ସମାରୋହରେ ଫଳମୂଳ, ପନିପରିବା, ପୁଷ୍ଟିକର ମାଣ୍ଡିଆ ଖାଦ୍ୟ ଏବଂ ବିଭିନ୍ନ ଉପହାର ଭେଟି ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ କୋମନା ବିଡ଼ିଓ ବିନୟ କୁମାର ଭୋଇ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା ପାତ୍ର, କୋମନା ସିଡ଼ିପିଓ ବିମଳିନୀ ପ୍ରଧାନ ପ୍ରମୁଖ ଆୟୋଜନ କରିଥିଲେ।



ନୂଆଦିଲ୍ଲୀ: ୯୨ ବର୍ଷରେ ପ୍ରଥମ ଥର ପାଇଁ ଡେହରାଡୁନର ଇଣ୍ଡିଆନ୍ ମିଲିଟାରୀ ଏକାଡେମୀ (ଆଇଏମ୍ଏ)ରେ ମହିଳା ଅଧିକାରୀଙ୍କୁ ଟ୍ରେନିଂ ଦିଆଯିବ। ତିନି ବର୍ଷ ପୂର୍ବେ ସୁପ୍ରିମ୍‌କୋର୍ଟଙ୍କ ଐତିହାସିକ ରାୟ ପରେ ଚଳିତ ବର୍ଷ ଜୁଲାଇରେ ଆଇଏମ୍ଏରେ ମହିଳା ଅଫିସର କ୍ୟାଡେଟ୍ସଙ୍କ ପ୍ରଥମ ବ୍ୟାଚ୍ ସାମିଲ ହେବ । ଏନ୍‌ଡିଏରେ ମହିଳାଙ୍କୁ ତିନି ବର୍ଷ ପୂର୍ବରୁ ହିଁ ପ୍ରବେଶ ମିଳିବା ଆରମ୍ଭ ହୋଇଥିଲା । ଏବେ ଏନ୍‌ଡିଏରୁ ପାସ୍ ହେବା ପରେ ମହିଳା କ୍ୟାଡେଟ୍ସ ଆଇଏମ୍ଏ ଟ୍ରେନିଂ ପାଇଁ ଆସିବେ। ଉଲ୍ଲେଖଯୋଗ୍ୟ, ଆଇଏମ୍ଏ ଦେଶର ଏକମାତ୍ର ସୈନ୍ୟ ଏକାଡେମୀ, ଯେଉଁଠି ଆଜି ଯାଏ ମହିଳାଙ୍କୁ ଟ୍ରେନିଂ ଦିଆଯାଉ ନଥିଲା । ୨୦୨୫ ଜୁଲାଇରେ ନ୍ୟାସନାଲ୍ ଡିଫେନ୍ସ ଏକାଡେମୀ ଖଡଗବାସଲାରୁ ମହିଳାଙ୍କ ଅଧିକାରୀଙ୍କ ପ୍ରଥମ ବ୍ୟାଚ୍ ଗ୍ରାଜୁଏଟ୍ ହେବ । ଏହାପରେ ମହିଳା ଅଧିକାରୀଙ୍କୁ ତିନି ସେନାର ଭିନ୍ନ ଭିନ୍ନ ଟ୍ରେନିଂ ପାଇଁ ଅଲଗା ଅଲଗା ସଂସ୍ଥାକୁ ପଠାଯିବ । ଆଇଏମ୍ଏ ଏବେ ମହିଳାଙ୍କ ଅଧିକାରୀଙ୍କ ପାଇଁ ନିଜ କବାଟ ଖୋଲିଦେଇଛି ଓ ପ୍ରଶିକ୍ଷଣ ଦେବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି ।

## ବିଚ୍ଛିନ୍ନତାବାଦ ଏବେ କାଶ୍ମୀରରେ ଇତିହାସ ପାଲଟି ଯାଇଛି: ଶାହା



ନୂଆଦିଲ୍ଲୀ: କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ କାଶ୍ମୀରରେ ବିଚ୍ଛିନ୍ନତାବାଦ ଏବେ ଇତିହାସ ପାଲଟି ଯାଇଛି। ଏକ୍ସରେ ପୋଷ୍ଟ କରି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି, ମୋଦୀ ସରକାରଙ୍କ ଏକୀକରଣ ନୀତି ଜାମ୍ମୁ-କାଶ୍ମୀରରୁ ବିଚ୍ଛିନ୍ନତାବାଦକୁ ବିଦା କରିଦେଇଛି। ହୁରିୟତ ସହିତ ଜଡିତ ଦୁଇଟି ସଂଗଠନ ବିଚ୍ଛିନ୍ନତାବାଦ ସହିତ ସମସ୍ତ ସମ୍ପର୍କ ଛିନ୍ନ କରିବାକୁ ଘୋଷଣା କରିଛନ୍ତି। ଅମିତ ଶାହ କହିଥିଲେ ଯେ ଭାରତର ଏକତାକୁ ସୁଦୃଢ଼ କରିବା ଦିଗରେ ଏହି ପଦକ୍ଷେପକୁ ସେ ସ୍ୱାଗତ କରନ୍ତି ଏବଂ ଏଭଳି ସମସ୍ତ ଗୋଷ୍ଠୀଙ୍କୁ ଆଗକୁ ଆସି ଚିରଦିନ ପାଇଁ ବିଚ୍ଛିନ୍ନତାବାଦ ଛାଡ଼ିବାକୁ ଅନୁରୋଧ କରିଛନ୍ତି। କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ କହିଛନ୍ତି ଯେ ଏକ ବିକଶିତ, ଶାନ୍ତିପୂର୍ଣ୍ଣ ଏବଂ ଏକୀକୃତ ଭାରତ ଗଠନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ଦୂରଦୃଷ୍ଟି ପାଇଁ ଏହା ଏକ ବଡ଼ ବିଜୟ।

## ଲୋକସଭାରେ ଅର୍ଥ ବିଧେୟକ ବିଲ୍ ପାରିତ



ନୂଆଦିଲ୍ଲୀ: ଲୋକସଭାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂଶୋଧିତ ଫାଇନାନ୍ସ ବିଲ୍ ୨୦୨୫କୁ ଉପସ୍ଥାପନ କରିଥିବା ବେଳେ ଏହା ପାରିତ ହୋଇଯାଇଛି । ଏହି ସଂଶୋଧନରେ ଅନ୍‌ଲାଇନ୍ ବିଜ୍ଞାପନ ଉପରେ ୬ ପ୍ରତିଶତ ଡିଜିଟାଲ୍ ଟ୍ୟାକ୍ସ ବା ଗୁଗଲ୍ ଟ୍ୟାକ୍ସକୁ ଶେଷ କରିବା ସାମିଲ ରହିଛି। ଏହା ବ୍ୟତୀତ ୩୪ ଅନ୍ୟ ସଂଶୋଧନ ସାମିଲ ରହିଛି । ଏବେ ଏହି ବିଲ୍‌କୁ ରାଜ୍ୟସଭାରେ ଆଗତ କରାଯିବ। ଯଦି ରାଜ୍ୟସଭାରେ ବି ସଂଶୋଧିତ ବିଲ୍ ୨୦୨୫କୁ ମଞ୍ଜୁରି ମିଳିଯାଏ ତେବେ ଏହି ବିଧେୟକ ପୂରା ହୋଇଯିବ। ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ କେନ୍ଦ୍ରୀୟ ବଜେଟରେ ମୋଟ ୫୦.୬୫ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ଅନୁମାନ ରଖାଯାଇଛି, ଯାହା ବର୍ତ୍ତମାନ ଆର୍ଥିକ ବର୍ଷ ତୁଳନାରେ ୭.୪ ପ୍ରତିଶତ ଅଧିକ । ଅର୍ଥମନ୍ତ୍ରୀ ସଂସଦରେ ଏହି ପ୍ରସ୍ତାବକୁ ଉପସ୍ଥାପନ କରି କହିଥିଲେ, ମୁଁ ବିଜ୍ଞାପନ ପାଇଁ ୬ ପ୍ରତିଶତ ସମାନତା ଶୁଳ୍କକୁ ରଦ୍ଦ କରିବା ପାଇଁ ପ୍ରସ୍ତାବ ରଖିଛି । ଅନ୍ତରାଷ୍ଟ୍ରୀୟ ଆର୍ଥିକ ସ୍ଥିତିରେ ଅନିଶ୍ଚିତତାକୁ ଦୂର କରିବା ପାଇଁ ଅନ୍‌ଲାଇନ୍ ବିଜ୍ଞାପନ ଉପରେ ସମାନତା ଶୁଳ୍କ ଶେଷ କରାଯିବ। ଆଗାମୀ ଆର୍ଥିକ ବର୍ଷ ପାଇଁ ପ୍ରସ୍ତାବିତ ପୁଞ୍ଜିଗତ ବ୍ୟୟ ୧୧.୨୨ ଲକ୍ଷ କୋଟି ଟଙ୍କା ସ୍ଥିର କରାଯାଇଛି, ଏଥିରେ ୧୫.୪୮ ଲକ୍ଷ କୋଟି ଟଙ୍କା ପ୍ରଭାବୀ ପୁଞ୍ଜିଗତ ବ୍ୟୟ ସାମିଲ ଅଛି । ବଜେଟରେ ୪୨.୭୦ ଲକ୍ଷ କୋଟି ଟଙ୍କାର ସକଳ ଟ୍ୟାକ୍ସ ରେଭେନ୍ୟୁ କଲେକ୍ସନ ଅନୁମାନ କରାଯାଇଛି ଓ ୧୪.୦୧ ଲକ୍ଷ କୋଟି ଟଙ୍କାର ସକଳ ଋଣ ନେଇ ଅନୁମାନ କରାଯାଇଛି । କେନ୍ଦ୍ର ପ୍ରାୟୋଜିତ ଯୋଜନା ପାଇଁ ଗୁରୁତ୍ୱପୂର୍ଣ୍ଣ ଆବଣ୍ଟନ କରାଯାଇଛି । ଏଥିରେ ୨୦୨୫ ଏପ୍ରିଲ୍ ୧ରୁ ଆରମ୍ଭ ହେବାକୁ ଥିବା ଆର୍ଥିକ ବର୍ଷ ପାଇଁ ୫,୪୧,୮୫୦.୨୧ କୋଟି ଟଙ୍କା ସ୍ଥିର କରାଯାଇଛି ।

## ଲୋକସଭାରେ ବଏଲର୍ସ ବିଲ୍ ଆଗତ

ନୂଆଦିଲ୍ଲୀ: କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ ମଙ୍ଗଳବାର ଲୋକସଭାରେ ବଏଲର୍ସ ବିଲ୍, ୨୦୨୪ ଆଗତ କରିଛନ୍ତି। ଏହା ମାଧ୍ୟମରେ ବଏଲର୍ସ ଆଇନ, ୧୯୨୩ (୧୯୨୩ ର ୫)ର ବିଲୋପ କରାଯାଇଛି । ଏହି ବିଲ୍ ପୂର୍ବରୁ ୪ ଡିସେମ୍ବର, ୨୦୨୪ରେ ରାଜ୍ୟସଭାରେ ଗୃହୀତ ହୋଇଥିଲା ଏବଂ ଏବେ ଲୋକସଭାରେ ଗୃହୀତ ହେବା ପରେ ଏହାକୁ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ପଠାଯିବ। ପୁନଃପ୍ରଣୟନ ହୋଇଥିବା ଆଇନ ଦେଶର ଶିଳ୍ପ, ବଏଲରରେ କାମ କରୁଥିବା କର୍ମଚାରୀ ଏବଂ କାର୍ଯ୍ୟକାରୀ ଅଧିକାରୀଙ୍କ ସମେତ ସବୁ ଅଂଶୀଦାରମାନଙ୍କର ବର୍ତ୍ତମାନର ଆବଶ୍ୟକତା ପୂରଣ କରେ ଏବଂ ବର୍ତ୍ତମାନ ସମୟର ଆବଶ୍ୟକତା ଅନୁସାରେ। ଏହି ନୂତନ ବିଲ୍ ବ୍ୟବସାୟ କରିବା ସହଜତା (ଇଓଡିବି) ପାଇଁ ଏମଏସଏମଇ କ୍ଷେତ୍ର ସମେତ ବଏଲର ବ୍ୟବହାରକାରୀମାନଙ୍କୁ ଉପକୃତ କରିବ କାରଣ ବିଲ ?ରେ ଅପରାଧମୁକ୍ତିକରଣ ସମ୍ପର୍କିତ ବ୍ୟବସ୍ଥା ଅନ୍ତର୍ଭୁକ୍ତ କରାଯାଇଛି। ବଏଲର ଏବଂ ବଏଲର ସହିତ କାମ କରୁଥିବା କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସାତଟି ଅପରାଧ ମଧ୍ୟରୁ, ଜୀବନ ଏବଂ ସମ୍ପତ୍ତିର କ୍ଷତି କରିପାରୁଥିବା ଚାରୋଟି ପ୍ରମୁଖ ଅପରାଧ ପାଇଁ ଫୌଜଦାରୀ ଦଣ୍ଡକୁ ବଜାୟ ରଖାଯାଇଛି। ଅନ୍ୟାନ୍ୟ ଅପରାଧ ପାଇଁ, ଆର୍ଥିକ ଦଣ୍ଡ ଲାଗୁ କରାଯାଉଛି। ଏହା ସହିତ, ସମସ୍ତ ଅଣ-ଅପରାଧୀ କାର୍ଯ୍ୟ ପାଇଁ 'ଜରିମାନା'କୁ 'ଦଣ୍ଡ'ରେ ପରିବର୍ତ୍ତନ କରାଯାଇଛି, ଯାହା ପୂର୍ବ ପରି କୋର୍ଟ ବଦଳରେ କାର୍ଯ୍ୟନିର୍ବାହୀ ବ୍ୟବସ୍ଥା ମାଧ୍ୟମରେ ଲାଗୁ କରାଯିବ।

## ପ୍ରଥମଥର ପାଇଁ ବଜେଟ୍ ଉପସ୍ଥାପନ କଲେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ



ନୂଆଦିଲ୍ଲୀ: ଦିଲ୍ଲୀର ଭାଜପା ସରକାର ମଙ୍ଗଳବାର ବିଧାନସଭାରେ ଏହାର ପ୍ରଥମ ବଜେଟ ଉପସ୍ଥାପନ କରିଛନ୍ତି। ଭାଜପା ସରକାର ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଉପସ୍ଥାପିତ ବଜେଟରେ ଏକ ବିରାଟ ବୃଦ୍ଧି କରିଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ତାଙ୍କ ବଜେଟ ଭାଷଣରେ ଅନେକ ବଡ଼ ଘୋଷଣା କରିଥିଲେ। ସେ କହିଛନ୍ତି ଯେ ୨୦୨୫-୨୬ରେ ଦିଲ୍ଲୀର ବଜେଟ ୧ ଲକ୍ଷ କୋଟି ଟଙ୍କା ହେବ। ଯାହା ପୂର୍ବ ଆର୍ଥିକ ବର୍ଷ ୨୨୦୨୪-୨୫ ତୁଳନାରେ ୩୧.୫ପ୍ରତିଶତ ଅଧିକ। ସୂଚନାଯୋଗ୍ୟ, ଏଥର ଭାଜପା ସରକାର ଦିଲ୍ଲୀ ବଜେଟର ଥିମ 'ବିକଶିତ ଦିଲ୍ଲୀ' ରଖିଛି। ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ପ୍ରକାଶିତ ଭାଜପାର ଘୋଷଣାପତ୍ରର ଏକ ଝଲକ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ବଜେଟରେ ଦେଖିବାକୁ ମିଳିଥିଲା। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ତାଙ୍କ ସରକାରଙ୍କ ପ୍ରଥମ ବଜେଟ ଉପସ୍ଥାପନ କରିବା ସମୟରେ ଘୋଷଣା କରିଥିଲେ ଯେ ରାଜଧାନୀରେ ପ୍ରଧାନମନ୍ତ୍ରୀ ଶ୍ରୀ ଯୋଜନା ପରି ଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ଯୋଜନା ସ୍କୁଲ ଖୋଲିବ। ଏଥିପାଇଁ ୧୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଏହା ସହିତ ଦିଲ୍ଲୀର ୧୦୦ଟି ସରକାରୀ ସ୍କୁଲରେ ଭାଷା ପ୍ରୟୋଗଶାଳା ଖୋଲିବାକୁ ଘୋଷଣା କରାଯାଇଛି। ଏହାକୁ ପୂର୍ବତନ ରାଷ୍ଟ୍ରପତି ମିଶାଇଲ ମ୍ୟାନ ଡକ୍ଟର ଏପିଜେ ଅବଦୁଲ କଲାମଙ୍କ ନାମରେ ନାମିତ କରାଯିବ। ଏଥିପାଇଁ ସରକାର ୨୧ କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି। ଏଗୁଡ଼ିକ ବ୍ୟତୀତ, ଭାଜପା ସରକାର ବଜେଟ ଭାଷଣରେ ୧୭୫ଟି ନୂତନ କମ୍ପ୍ୟୁଟର ଲ୍ୟାବ ଏବଂ ସ୍ମାର୍ଟ କ୍ଲାସ ନିର୍ମାଣ କରାଯିବ ବୋଲି ଘୋଷଣା କରିଥିଲେ। ଯାହା ପାଇଁ ୧୦୦ କୋଟି ଟଙ୍କାର ପାଣ୍ଠି ଦିଆଯିବ।

## ଦକ୍ଷିଣ ପୂର୍ବ ରେଳପଥ ଚିକିତ୍ସା ବିଭାଗର ବିଶ୍ୱ ଯକ୍ଷ୍ମା ଦିବସ



କୋଲକାତା : ଦକ୍ଷିଣ ପୂର୍ବ ରେଳବାଇର ଚିକିତ୍ସା ବିଭାଗ ଦ୍ୱାରା ୨୪ ମାର୍ଚ୍ଚ, ୨୦୨୫ରେ ଗାର୍ଡେନ୍ ରିଚ୍ ସ୍ଥିତ କେନ୍ଦ୍ରୀୟ ହସ୍ପିଟାଲ ଅଡିଟୋରିୟମରେ ବିଶ୍ୱ ଯକ୍ଷ୍ମା ଦିବସ ପାଳନ କରାଯାଇଥିଲା। କେନ୍ଦ୍ରୀୟ ହସ୍ପିଟାଲର ଏସିଏଚ୍‌ଡି ଡକ୍ଟର ମୁକ୍ତା ମଣ୍ଡଳ ରାୟଙ୍କ ସଂକ୍ଷିପ୍ତ ପରିଚୟ ପରେ, ପ୍ରସିଦ୍ଧ ପଲ୍ମୋନୋଲୋଜିଷ୍ଟ ଡକ୍ଟର ନନ୍ଦିତା ଘୋଷ ଦସ୍ତିଦାର ପଲ୍ମୋନାରୀ ଯକ୍ଷ୍ମା, ଏହାର କାରଣ, ସତର୍କତା, ରୋଗ ନିର୍ଣ୍ଣୟ, ଚିକିତ୍ସା ଏବଂ ପୂର୍ବାନୁମାନ ଉପରେ ଏକ ଉପସ୍ଥାପନା ପ୍ରଦାନ କରିଥିଲେ। ସାତ ଜଣ ସଫଳ ଯକ୍ଷ୍ମା ଯୋଦ୍ଧା ଯେଉଁମାନେ ଯକ୍ଷ୍ମା ବିରୁଦ୍ଧରେ ଲଢ଼ିବା ଏବଂ ଭୟଙ୍କର ରୋଗକୁ ପରାସ୍ତ କରି ସାଧାରଣ ଜୀବନକୁ ଫେରିବା ପାଇଁ ଯଥେଷ୍ଟ ସାହସ ଦେଖାଇବା ସହ ସମାଜ ପାଇଁ ଉଦାହରଣ ସୃଷ୍ଟି କରିଥିଲେ, ସେମାନଙ୍କୁ ଚିକିତ୍ସା କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଶଂସା ଏବଂ ପ୍ରେରଣାର ଏକ ଚିହ୍ନ ସ୍ୱରୂପ ଫଳ ଟୋକେଇ ଏବଂ ପ୍ରୋଟିନ୍ ବାର୍ ଦେଇ ସମ୍ମାନିତ କରାଯାଇଥିଲା। ଡକ୍ଟର ଅଞ୍ଜନା ମାଲହୋତ୍ରା, ପ୍ରମୁଖ ମୁଖ୍ୟ ଚିକିତ୍ସା ନିର୍ଦ୍ଦେଶକ/ଏସ୍‌ଇଆର୍ ଗତ ୧୦୦ ଦିନର ତୀବ୍ର ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ମଧ୍ୟରେ ବିଭାଗର ସଫଳ କାର୍ଯ୍ୟକଳାପ ଉପରେ ଏକ ବିବରଣୀ ଉପସ୍ଥାପନ କରିଥିଲେ। ସେହିପରି ସୌମିତ୍ର ମଜୁମଦାର, ଏଜିଏମ୍/ଏସ୍‌ଇଆର୍ ଯକ୍ଷ୍ମା ଯୋଦ୍ଧାମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ଯକ୍ଷ୍ମା ମୁକ୍ତ ଭାରତ ଥିମ୍ ଏବଂ ଏହି ବର୍ଷର ଯକ୍ଷ୍ମା ଦିବସ ଥିମ୍ - 'ହଁ! ଆମେ ଯକ୍ଷ୍ମା ସମାପ୍ତ କରିପାରିବା: ପ୍ରତିବଦ୍ଧ, ନିବେଶ, ପ୍ରଦାନ' ସହିତ ସମନ୍ୱୟ ରଖି ଯକ୍ଷ୍ମା ବିରୁଦ୍ଧରେ ଲଢ଼ିବା ଏବଂ ସମାଜରୁ ଏହି ବିପଦପୂର୍ଣ୍ଣ ରୋଗକୁ ସର୍ବଦା ପାଇଁ ଦୂର କରିବା ପାଇଁ ସେମାନଙ୍କର ନିରନ୍ତର ପ୍ରୟାସକୁ ପ୍ରଶଂସା କରିଥିଲେ। ଡକ୍ଟର କେ. ଶ୍ରୀକୁମାର, ଚିକିତ୍ସା ନିର୍ଦ୍ଦେଶକ, କେନ୍ଦ୍ରୀୟ ହସ୍ପିଟାଲ, ଗାର୍ଡେନ୍ ରିଚ୍ ଚିକିତ୍ସା ସମାଜ ଏବଂ ରେଳ ପ୍ରଶାସନ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ନୀତିଶ କୁମାର ଓ ରାବ୍ରୀ ଦେବୀଙ୍କ ମଧ୍ୟରେ ଘନେଇଲା ବିବାଦ



ପାଟ୍‌ନା: ବିହାରରେ ପୁଣି ଥରେ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ରାବ୍ରୀ ଦେବୀଙ୍କ ମଧ୍ୟରେ ବିବାଦ ଦେଖିବାକୁ ମିଳିଛି। ବିହାର ବିଧାନ ପରିଷଦର କାର୍ଯ୍ୟକାଳ ସମୟରେ ଉଭୟ ନେତା ପୁଣି ପରସ୍ପର ସହିତ ଝଗଡ଼ା କରୁଥିବାର ଦେଖାଯାଇଥିଲା। ନୀତିଶ କୁମାର ଓ ରାବ୍ରୀ ଦେବୀଙ୍କ ମଧ୍ୟରେ ପୁଣି ବିବାଦ ଦେଖାଦେଇଛି। ନୀତିଶ କୁମାର ରାବିଡି ଦେବୀଙ୍କୁ କଟାକ୍ଷ କରି କହିଥିଲେ କି, ପାର୍ଟି ତୁମ ସ୍ୱାମୀଙ୍କର ଓ ତୁମେ ତାଙ୍କ କ୍ଷମତାରେ ଏଠି ପହଂଚିପାରିଛ । ତେଣୁ ତୁମକୁ ଗୁରୁତର ସହ ନିଆଯାଇପାରିବ ନାହିଁ। ବିହାର ବିଧାନପରିଷଦରେ ଆଲୋଚନା ଚାଲିଥିବା ବେଳେ ନୀତିଶ କୁମାର କହିଥିଲେ କି, ମହାମେଣ୍ଟର ସଦସ୍ୟମାନେ ଏନଡିଏ ଓ ବିଜେପିକୁ ସଂରକ୍ଷଣ ଚୋର କହୁଛନ୍ତି, ଏହାପରେ ସେ ଆରଜେଡି ବାବଦରେ କିଛି କହିବାକୁ ଯାଉଥିବା ବେଳେ ରାବିଡି ଦେବୀ ଠିଆ ହୋଇପଡିଥିଲେ । ଏହାଦେଖି ନୀତିଶ କୁମାର ରାବିଡି ଦେବୀଙ୍କ ଉପରେ ବର୍ଷିଥିଲେ । ନୀତିଶ ରାବିଡି ଦେବୀଙ୍କୁ ଇଙ୍ଗିତ କରି ନିଜ ଚେୟାରରେ ବସିପଡ ବୋଲି କହିଥିଲେ । ପାର୍ଟି ତୁମ ସ୍ୱାମୀଙ୍କର ତୁମେ କିଛି ନୁହେଁ ବୋଲି କଟାକ୍ଷ ମଧ କରିଥିଲେ। ନୀତିଶ କୁମାର ଓ ରାବଡି ଦେବୀଙ୍କ ମଧ୍ୟରେ କଳିଗୋଳ ଏହା ପ୍ରଥମ ନୁହେଁ । ଏହା ପୂର୍ବରୁ ବି ଏଭଳି ଅନେକ ଥର ଘଟିଛି । ଯେତେବେଳେ ନୀତିଶ କୁମାର କହିଥିଲେ କି, ଯେତେବେଳେ ତୁମ ସ୍ୱାମୀଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଗଲା ତାହାର ସୁଯୋଗରେ ତୁମକୁ ମୁଖ୍ୟମନ୍ତ୍ରୀ କରାଯାଇଥିଲା । ହେଲେ ମୁଖ୍ୟମନ୍ତ୍ରୀ ପଦ ପାଇଁ ତୁମେ ଯୋଗ୍ୟ ନଥିଲ।

## ସାତ ଦିବସୀୟ ଶିବ ମହାପୁରଣ କଥାମୃତରେ ସାମିଲ ହେଲେ ବିଷ୍ଣୁଦେବ



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ମଙ୍ଗଳବାର ଛତିଶଗଡର ଯଶପୁର ଜିଲ୍ଲାର ମାୟାଳିରେ ଥିବା ମଘେଶ୍ୱର ମହାଦେବ ଧାମରେ ଆୟୋଜିତ ସାତ ଦିବସୀୟ ଶିବ ମହାପୁରାଣ କଥାମୃତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଜନଜାତି ପାହାଡି କୋରବା ଏବଂ ବିରହୋରଜ ଜନଜାତି ପରିବାରଙ୍କ ସହ ବସି ବିଷ୍ଣୁଦେବ କଥାମୃତ ଶ୍ରବଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ପଣ୍ଡିତ ପ୍ରଦୀପ ମିଶ୍ରାଙ୍କୁ ପୁଷ୍ପମାଲ୍ୟ ଅର୍ପଣକରି ମଘେଶ୍ୱର ମହାଦେବଙ୍କ ଏକ ପ୍ରତିମୂର୍ତ୍ତି ଅର୍ପଣ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିସହ ଛତିଶଗଡବାସୀଙ୍କ ସୁଖ, ସମୃଦ୍ଧି କାମନା କରିବା ସହ ତାଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ସାଏଙ୍କ ସହ ତାଙ୍କ ଧର୍ମପତ୍ନୀ କୌଶଲ୍ୟା ସାଏ, ଜିଲ୍ଲା ପଞ୍ଚାୟତ ଅଧକ୍ଷ ସାଲିକ ସାଏ, କୃଷ୍ଣ କୁମାର ରାୟ, ଭରତ ସିଂ ଏବଂ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଯୋଗ ଦେଇଥିଲେ।

# ବାଣିଜ୍ୟ



ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ୍ ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଅତ୍ୟାଧୁନିକ ହଟ୍ ଷ୍ଟ୍ରିପ୍ ମିଲ୍-୨ (ଏଚଏସଏମ-୨) ମାର୍ଚ୍ଚ ୨୪ ତାରିଖରେ କଏଲ୍ ଓଜନ ଏବଂ ସ୍ଲାବ୍ ଓଜନ ଦୃଷ୍ଟିରୁ ଏହାର ସର୍ବକାଳୀନ ଶ୍ରେଷ୍ଠ ଏକଦିବସୀୟ ଉତ୍ପାଦନ ରେକର୍ଡ ହାସଲ କରିଛି। ଉକ୍ତ ୟୁନିଟ୍ ଆଲୋଚ୍ୟ ଦିନରେ ୯,୪୨୭ ଟନ୍ କଏଲ୍ ରୋଲିଂ ପୂର୍ବକ ୨୦୨୩ ଅକ୍ଟୋବର ୩୦ ତାରିଖରେ ହାସଲ କରିଥିବା ପୂର୍ବ ଶ୍ରେଷ୍ଠ ୯,୩୭୨ ଟନ୍ ରୋଲିଙ୍ଗ ରେକର୍ଡକୁ ଅତିକ୍ରମ କରିଛି। ଏହା ସହିତ, ଏଚଏସଏମ-୨ ବିଭାଗ ୯,୬୩୮ ଟନ୍ ସ୍ଲାବ୍ ରୋଲିଂ କରି ଏକ ନୂତନ ରେକର୍ଡ ସ୍ଥାପନ କରିଛି ଏବଂ ୨୦୨୩ ଅକ୍ଟୋବର ୩୦ ତାରିଖରେ ରେକର୍ଡ କରାଯାଇଥିବା ପୂର୍ବ ଶ୍ରେଷ୍ଠ ୯,୬୧୪ ଟନ୍‌କୁ ଅତିକ୍ରମ କରିଛି। ପିପିସି, ଇଏମଡ଼ି, ସି ଆଣ୍ଡ ଆଇଟି, ରିଫ୍ରାକ୍ଟୋରିଜ, ସେଣ୍ଟ୍ରାଲାଇଜ୍ଡ ଇଲେକ୍ଟ୍ରିକାଲ୍, ସେଣ୍ଟ୍ରାଲାଇଜ୍ଡ ମେକାନିକାଲ୍, ଡିଜାଇନ୍, ଟ୍ରାଫିକ୍ ଏବଂ କଞ୍ଚାମାଲ, ବିଦ୍ୟୁତ୍ ବିତରଣ, ଆରସିଏଲ, ରୋଲ୍ ସପ, ସାମଗ୍ରୀ ପରିଚାଳନା ଏବଂ ଇନଷ୍ଟ୍ରୁମେଣ୍ଟେସନ ଆଣ୍ଡ ଅଟୋମେସନ ଭଳି ବିଭାଗଗୁଡ଼ିକର ସହଯୋଗ ଯୋଗୁଁ ଏହି ସଫଳତା ସମ୍ଭବ ହୋଇପାରିଛି।

## ଜେଫ୍ରିହୋଙ୍କୁ 'ବିଶ୍ୱର ଶ୍ରେଷ୍ଠ କୋଡର' ଟାଇଟଲ




ନୂଆଦିଲ୍ଲୀ: ଆଇଟି ସେବା, କନସଲଟିଂ ଓ ବ୍ୟବସାୟ ସମାଧାନର ବିଶ୍ୱସ୍ତରୀୟ କମ୍ପାନି ଟାଟା କନସଲଟାନ୍ସି ସର୍ଭିସେସ (ଟିସିଏସ) ପକ୍ଷରୁ ଚେନ୍ନାଇର ଟିସିଏସସିରୁ ସେରି କ୍ୟାମ୍ପସରେଏହାର ବିଶ୍ୱସ୍ତରୀୟ କୋଡିଂ ପ୍ରତିଯୋଗିତା କୋଡଭିଟା ୨୦୨୫ର ବିଜେତା ଘୋଷଣା କରାଯାଇଛି। ତାଇୱାନର ୨୪ ବର୍ଷୀୟ ବିଦ୍ୟାର୍ଥୀ ଜେଫ୍ରିହୋଙ୍କୁ ଟାଇଟଲ ମିଳିଛି ଏବଂ ବିଶ୍ୱର ସର୍ବବୃହତ କମ୍ପ୍ୟୁଟର ପ୍ରୋଗ୍ରାମିଂ ପ୍ରତିଯୋଗିତା ଭାବେ ଏହା ଗିନିସ୍ ରେକର୍ଡ ବୁକରେ ସ୍ଥାନ ପାଇଛି। 'ୟୁନାଇଟେଡ ବାଏକୋଡ' ବିଷୟବସ୍ତୁ ଉପରେ ଆୟୋଜିତ କୋଡଭିଟାରେ ପ୍ରୋଗ୍ରାମିଂ କ୍ଷେତ୍ରର ପ୍ରତିଭାବାନ ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ। ପ୍ରତିଯୋଗିତାର ଏହି ୧୨ତମ ସଂସ୍କରଣରେ ୯୬ଟି ଦେଶରୁ ୫୩୭୦୦୦ରୁ ଅଧିକ ପଞ୍ଜୀକରଣ ହୋଇଥିଲା। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଗେମ୍ ଜରିଆରେ କୋଡିଂର ପ୍ରସାର କରିବା କରିବା ଲକ୍ଷ୍ୟ ନେଇ ଟିସିଏସ କୋଡଭିଟା ଆୟୋଜନ କରାଯାଇଥିଲା। ବିଗତ ବର୍ଷଗୁଡ଼ିକରେ ଶହଶହ ଛାତ୍ରଛାତ୍ରୀ ଟିସିଏସରେ ଇଂଟର୍ନସିପ କରିଥିବା ବେଳେ ଶ୍ରେଷ୍ଠ ତିନିକୋଡରଙ୍କୁ ଟିସିଏସ ରିସର୍ଚ୍ଚ ଆଣ୍ଡ ଇନୋଭେସନ ଟିମ ସହ କାମକରିବାର ସୁଯୋଗ ପ୍ରଦାନ କରାଯାଉଛି। କୋଡଭିଟାରେ ତିନିଟି ରାଉଣ୍ଡ ରହିଛି। ପ୍ରତିବର୍ଷ ଶ୍ରେଷ୍ଠ ୨୫ ଛାତ୍ରଛାତ୍ରୀ ଫାଇନାଲରେ ପ୍ରବେଶ କରିଥାନ୍ତି। ଟିସିଏସରଚିଫ ଟେକ୍ନୋଲୋଜି ଅଫିସର ହାରିକଭିନ କହିଛନ୍ତି ଯେ, 'ଟିସିଏସକୋଡ ଭିଟା ଅଂଶ ଗ୍ରହଣକାରୀମାନଙ୍କୁ କେବଳ ସେମାନଙ୍କ କୋଡିଂ ଦକ୍ଷତାରେଉ ନ୍ନତି ଆଣିବାଲାଗି ଚ୍ୟାଲେଞ୍ଜ କରୁନାହିଁ, ବରଂ ବାସ୍ତବ ଦୁନିଆ ପ୍ରୟୋଗର ଅନୁସନ୍ଧାନ ଓ ଉଦୀୟମାନ ପ୍ରଯୁକ୍ତି ଧାରା ଜାଣିବାର ସୁଯୋଗ ପ୍ରଦାନ କରୁଛି। ଏହି ପ୍ରତିଯୋଗିତାରେ ତାଇୱାନର ଜେଫ୍ରିହୋ, ଚିଲିର ମାର୍ଟିନ ଆଣ୍ଡ୍ରିଘେଟି ଓ ଇଗ୍ନାସିଓ ମୁନୋଜ ପ୍ରଥମ ତିନି ବିଜେତ ।ହୋଇଛନ୍ତି ।ଜେଫ୍ରିଙ୍କୁ ୧୦,୦୦୦ ଡଲାର ପୁରସ୍କାର ମିଳିଥିବାବେଳେ ମାର୍ଟିନଙ୍କୁ ୭୦୦୦ ଓ ମୁନୋଜଙ୍କୁ ୩୦୦୦ ଡଲାର ପୁରସ୍କାର ପ୍ରଦାନ କରାଯାଇଛି।

## ଭାରତ ଇଣ୍ଟରଫେସ୍ ଫର୍ ମନି ୩.୦ର ଶୁଭାରମ୍ଭ



ନୂଆଦିଲ୍ଲୀ: ନ୍ୟାସନାଲ ପେମେଣ୍ଟ କର୍ପୋରେସନ ଅଫ ଇଣ୍ଡିଆ (ଏନପିସିଆଇ)ର ସମ୍ପୂର୍ଣ୍ଣ ସହାୟକ କମ୍ପାନି ଏନପିସିଆଇ ଭିମ ସର୍ଭିସେସ ଲିମିଟେଡ (ଏନବିଏସଏଲ) ପକ୍ଷରୁ ଭାରତ ଇଂଟରଫେସ ଫର ମନି (ଭିମ) ୩.୦କୁ ଉନ୍ମୋଚନ କରାଯାଇଛି। ଏନପିସିଆଇର ଅଣ କାର୍ଯ୍ୟନିର୍ବାହୀ ଅଧକ୍ଷ ଓ ସ୍ୱାଧୀନ ନିର୍ଦ୍ଦେଶକ ଅଜୟ କୁମାର ଚୌଧୁରୀଙ୍କ ଉପସ୍ଥିତିରେ ଭାରତୀୟ ରିଜର୍ଭ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିବେକ ଦୀପ ଏହାର ଆପ୍ଲିକେସନ ଓ ସେବାର ଶୁଭାରମ୍ଭ କରିଛନ୍ତି। ୨୦୧୬ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଶୁଭାରମ୍ଭ ହେବା ପରଠାରୁ ଭିମ ୩.୦ ହେଉଛି ତୃତୀୟ ଅଭ୍ୟୁଦୟ। ନୂଆ ଭିମ ୩.୦ ଆପ ଗ୍ରାହକ ମିତବ୍ୟୟୀ ଓ ଅଧିକ ଭଲ ଅନୁଭବ ପ୍ରଦାନ କରୁଛି। ଭିମ ୩.୦ରେ ୧୫ରୁ ଅଧିକ ଭାରତୀୟ ଭାଷାର ସମର୍ଥନ ରହିଛି। ଏହି ଅବସରରେ ଏନପିସିଆଇର ଅଣ କାର୍ଯ୍ୟନିର୍ବାହୀ ଅଧକ୍ଷ ଓ ସ୍ୱାଧୀନ ନିର୍ଦ୍ଦେଶକ ଅଜୟ କୁମାର ଚୌଧୁରୀ କହିଛନ୍ତି ଯେ, 'ପ୍ରତିଟି ଭାରତୀୟଙ୍କ ପାଇଁ ଡିଜିଟାଲ ପେମେଂଟକୁ ସୁରକ୍ଷିତ ଓ ସହଜ କରିବାରେ ଭିମ ପ୍ରମୁଖ ଭୂମିକା ତୁଲାଉଛି। ଲକ୍ଷ ଲକ୍ଷ ଗ୍ରାହକ, ବ୍ୟବସାୟୀ ଓ ବ୍ୟାଙ୍କକୁ ସଶକ୍ତ କରି ଭାରତକୁ ଏକ ଡିଜିଟାଲ ଅର୍ନ୍ତଭୁକ୍ତ ଭବିଷ୍ୟତ ଆଡ଼କୁ ଅଗ୍ରସର କରାଇବାରେ ଭିମ ୩.୦ର ଶୁଭାରମ୍ଭ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।' ଏନବିଏସଏଲର ସିଇଓ ଲଳିତା ନଟରାଜ କହିଛନ୍ତି ଯେ, 'ଦ୍ରୁତ ଗତିରେ ବଦଳୁଥିବା ଡିଜିଟାଲ ପେମେଂଟ ଦୁନିଆରେ ଆଜିର ବ୍ୟବହାରକାରୀମାନଙ୍କ ଆବଶ୍ୟକତା ପୂରଣ କରିବା ଭଳି ଭିମ ୩.୦କୁ ପ୍ରସ୍ତୁତ କରାଯାଇଛି। ଭିମ ୩.୦ ବ୍ୟବହାରକାରୀଙ୍କ ଅନୁଭବ ବଢ଼ାଇବା ସହିତ ସବୁ ବର୍ଗର ସମାଜରେ ଆର୍ଥିକ ସଶକ୍ତୀକରଣର ପ୍ରସାର କରିବ। ଭିମ ୩.୦ରେ ଥିବା ସ୍ପ୍ଲିଟ ଖର୍ଚ୍ଚ ସୁବିଧାକୁ ବ୍ୟବହାର କରି ଲୋକମାନେ ଏକସଙ୍ଗେ କରୁଥିବା ଖର୍ଚ୍ଚକୁ ନିଜ ବନ୍ଧୁ ଓ ପରିବାର ସଦସ୍ୟଙ୍କ ସହ ବାଣ୍ଟିପାରିବେ। ଫଳରେ ଯିଏ ଯାହାର ଖର୍ଚ୍ଚ ବାବଦ ଅର୍ଥ ପେମେଣ୍ଟ କରିପାରିବେ।

## ୫୫୦ କୋଟିର ଡିଆରଏଚ୍‌ପି ଦାଖଲ କଲା ଏସ୍ଏସ୍ଏଫ୍

ନୂଆଦିଲ୍ଲୀ : ଏସଏସଏଫ ପ୍ଲାଷ୍ଟିକ୍ସ ଇଣ୍ଡିଆ ଲିମିଟେଡ ପକ୍ଷରୁ ଇନିସିଆଲ ପବ୍ଲିକ ଅଫରିଂ (ଆଇପିଓ) ଜରିଆରେ ପାଣ୍ଠି ସଂଗ୍ରହ ଲାଗି ପୁଁ ବଜାର ନିୟାମକ ସଂସ୍ଥା ସେବି ନିକଟରେ ପ୍ରାରମ୍ଭିକ ଚିଠା ଦସ୍ତାବିଜ ଦାଖଲ କରାଯାଇଛି। ଏହି ପ୍ରସ୍ତାବିତ ଆଇପିଓରେ ୩୦୦ କୋଟି ଟଙ୍କାର ନୂଆ ଇକ୍ୱିଟି ସେୟାର ଜାରି କରାଯିବ ଏବଂ ପ୍ରତିଷ୍ଠାତା ଓ ପ୍ରତିଷ୍ଠାତାଙ୍କ ଗ୍ରୁପ କମ୍ପାନି ତରଫରୁ ୨୫୦ କୋଟି ଟଙ୍କାର ଇକ୍ୱିଟି ସେୟାରକୁ ଅଫର ଫର ସେଲରେ ବିକ୍ରି କରାଯିବ ବୋଲି ଡ୍ରାଫ୍ଟ ରେଡ ହେରିଂ ପ୍ରୋସପେକ୍ଟସ (ଡିଆରଏଚପି)ରୁ ଜଣାପଡ଼ିଛି। ବର୍ତ୍ତମାନ କମ୍ପାନିରେ ପ୍ରତିଷ୍ଠାତା ଓ ପ୍ରତିଷ୍ଠାତାଙ୍କ ଗ୍ରୁପ କମ୍ପାନିର ୧୦୦ ପ୍ରତିଶତ ଅଂଶଧନ ରହିଛି। ଏହି ଇସ୍ୟୁରୁ ଯେଉଁ ପାଣ୍ଠି ସଂଗୃହୀତ ହେବ ତାହାକୁ ଋଣ ପରିଶୋଧ କରିବା, କାରଖାନା ଓ ସେମିନ କିଣିବା ପାଇଁ ପୁଁ ବ୍ୟୟ ଆବଶ୍ୟକତା ପୂରଣ କରିବା ଏବଂ ସାଧାରଣ କର୍ପୋରେଟ କାର୍ଯ୍ୟରେ ବ୍ୟବହାର କରାଯିବ। ଏସଏସପି ପ୍ଲାଷ୍ଟିକ୍ସ ହେଉଛି ଏକ ଅଗ୍ରଣୀ ପ୍ୟାକେଜିଂ ସମାଧାନ ପ୍ରଦାନକାରୀ ସଂସ୍ଥା ଯାହା ବୋଟଲ, କଂଟେନର, କ୍ୟାପ, କ୍ଲୋଜର, ଟ୍ୟୁବ, ଇଞ୍ଜିନିୟରିଂ ପ୍ଲାଷ୍ଟିକ ଉପକରଣର ଡିଜାଇନ ଓ ଡେଲିଭରି ପାଇଁ ବ୍ୟାପକ ସେବା ପ୍ରଦାନ କରୁଛି। ପର୍ସନାଲ କେୟାର, ହୋମ କେୟାର,ଖାଦ୍ୟ ଓ ପାନୀୟ, କଂଜ୍ୟୁମର ଇଲେକ୍ଟ୍ରୋନିକ୍ସ, ଇଜ ଅଏଲ ଓ ଲୁବ୍ରିକ୍ୟାଂଟ ଏବଂ ଫାର୍ମାସ୍ୟୁଟିକାଲ ଭଳି ବିଭିନ୍ନ ଶିଳ୍ପ କ୍ଷେତ୍ରର ଆବଶ୍ୟକତାକୁ ଏହା ପୂରଣ କରୁଛି। ୨୦୨୪ ସେପ୍ଟେମ୍ବର ସୁଦ୍ଧା ଶେଷ ଛଅ ମାସରେ ଏସଏସଏଫ ପ୍ଲାଷ୍ଟିକ୍ସ ୧୫.୧୯ କୋଟି ଟଙ୍କାର ଲାଭ ଏବଂ ପରିଚାଳନାରୁ ୩୯୭.୪୧ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିଛି। ଏହି ଇସ୍ୟୁର ବୁକ ରନିଂ ଲିଡ ମ୍ୟାନେଜର ହେଉଛନ୍ତି ଆଇଆଇଏଫଏଲ କ୍ୟାପିଟାଲ ସର୍ଭିସେସ ଲିମିଟେଡ ଓ ନୁଭାମା ଓ୍ୱେଲଥ ମ୍ୟାନେଜମେଂଟ ଲିମିଟେଡ।

## ଘରୋଇ ଶିଳ୍ପକୁ ସୁଦୃଢ କରିବାକୁ ଶୁଳ୍କ, ଟିକସକୁ ଯୁକ୍ତିସଂଗତ କରିବା ଉଚିତ: ସିଆଇଏବିସି ଡିଜି

ନୂଆଦିଲ୍ଲୀ: ଘରୋଇ ଲିକର ଉତ୍ପାଦନକାରୀମାନେ ପୂର୍ବ ସରକାର ସମୟରେ ବିଦେଶୀ ବ୍ରାଣ୍ଡଗୁଡିକକୁ ଦେଇଥିବା ସ୍ୱତନ୍ତ୍ର ଟିକସ ରିହାତି ସୁବିଧା ପ୍ରତ୍ୟାହାର କରି ଏବଂ ସେମାନଙ୍କୁ ଏକ ସମାନ ପ୍ରତିଯୋଗିତାମୂଳକ କ୍ଷେତ୍ର ଯୋଗାଇ ଦେଇ ଭାରତୀୟ ଆଲକୋହଲିକ ବେଭରେଜ କ୍ଷେତ୍ରରେ କରାଯାଉଥିବା ପାତର ଅନ୍ତରରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ନୂତନ ବିଜେପି ସରକାରଙ୍କୁ ନିବେଦନ କରିଛନ୍ତି। ଭାରତୀୟ ଲିକର ପ୍ରସ୍ତୁତକାରୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର 'ଆତ୍ମନିର୍ଭର ଭାରତ' ଏବଂ 'ମେକ ଇନ ଇଣ୍ଡିଆ' ପ୍ରୟାସଗୁଡିକୁ ଆଲକୋହଲିକ ବେଭରେଜ ଶିଳ୍ପକୁ ମଧ୍ୟ ଆଗେଇ ନେଇ ଘରୋଇ ଲିକର ଶିଳ୍ପକୁ ସମର୍ଥନ ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅନୁରୋଧ କରିଛନ୍ତି। ଘରୋଇ ଲିକର ଉତ୍ପାଦନକାରୀଙ୍କର ଶୀର୍ଷ ପରିଷଦ କନଫେଡେରେସନ ଅଫ ଇଣ୍ଡିଆନ ଆଲକୋହଲିକ ବେଭରେଜ କମ୍ପାନିଜ (ସିଆଇଏବିସି) ଆମଦାନୀ କରାଯାଉଥିବା ଲିକର ଯଥା: ହ୍ୱିସ୍କି, ଜିନ, ବ୍ରାଣ୍ଡି, ଭୋଡକା, ୱାଇନ୍ସ ଆଦି ଉପରେ ପ୍ରିମିୟମ ଭାରତୀୟ ବ୍ରାଣ୍ଡଗୁଡିକ ତୁଳନାରେ କମ ଟିକସ ଲଗାଯାଉଥିବା ଏବଂ ଏହାଦ୍ୱାରା ଆମଦାନୀକୃତ ବ୍ରାଣ୍ଡ ଗୁଡିକ ଅଯାଚିତ ଫାଇଦା ଦିଆଯାଉଥିବା ପ୍ରସଙ୍ଗରେ ଗଭୀର ଅସନ୍ତୋଷ ପ୍ରକାଶ କରିଛି। 'ଓଡ଼ିଶା ସରକାରଙ୍କୁ ଆମେ ଭାରତୀୟ ଉତ୍ପାଦଗୁଡିକ ବିରୋଧରେ, ବିଶେଷକରି ସିଙ୍ଗଲ ମଲ୍ଟ ହ୍ୱିସ୍କି, ବ୍ଲେଣ୍ଡେଡ ଭାରତୀୟ ହ୍ୱିସ୍କି, ଜିନ ଏବଂ ରମ ଭଳି ପ୍ରିମିୟମ ଓ ଲକଜରୀ ଭାରତୀୟ ଉତ୍ପାଦଗୁଡିକ ବିରୋଧରେ ପାତର ଅନ୍ତରରେ ପରିସମାପ୍ତି ଘଟାଇବାକୁ ଆମେ ସୁପାରିଶ କରିଛୁ ବୋଲି ଅନନ୍ତ ଏସ ଆୟର, ଡାଇରେକ୍ଟର ଜେନେରାଲ, ସିଆଇଏବିସି କହିଛନ୍ତି। 'ମେଡ ଇନ ଇଣ୍ଡିଆ ଲିକର (ଆଇଏମଏଫଏଲ)କୁ ସୁରକ୍ଷିତ ଓ ପ୍ରୋତ୍ସାହିତ କରିବାର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ବଟଲଡ ଇନ ଅରିଜିନ (ବିଦେଶୀ ଲିକର) ନିମନ୍ତେ ଲାଗୁ କରାଯାଉଥିବା ରାଜ୍ୟ ଶୁଳ୍କ ସହିତ ସଂହତି ରଖୁଥିବା କମ ହାରରେ ଅବକାରୀ ଶୁଳ୍କ ରାଜ୍ୟ ସରକାର ଲାଗୁ କରିବା ଉଚିତ। ଶ୍ରୀ ଆୟର ପୁନଶ୍ଚ କହିଥିଲେ ଯେ ଭାରତ ସରକାର ସମ୍ପ୍ରତି ବିଭିନ୍ନ ରାଷ୍ଟ୍ର ସହିତ ଏଫଟିଏ ଉପରେ ଆଲୋଚନା କରୁଥିବାବେଳେ ଭାରତ ବାହାରେ ଉତ୍ପାଦିତ ଆମଦାନୀକୃତ ଆଲକୋହଲିକ ବେଭରେଜ ଉତ୍ପାଦ ଉପରେ ପୁନଶ୍ଚ ହ୍ରାସ ପାଇବାକୁ ଯାଉଛି ଏବଂ ତାହାର ପରିଣତିରେ ଆମଦାନୀ କରାଯାଉଥିବା ବଟଲଡ ଇନ ଅରିଜିନ (ବିଆଇଓ) ବିଦେଶୀ ଲିକର ଶସ୍ତା ହୋଇଯିବ। ସିଆଇଏବିସି ଡିଜି ଆଉ ମଧ୍ୟ କହିଥିଲେ, 'କେନ୍ଦ୍ର ସରକାର 'ବିକଶିତ ଭାରତ' ଏବଂ ଏହାର 'ଆତ୍ମନିର୍ଭର' ଆଗ୍ରହ ତଥା ଅନ୍ୟ ବହୁବିଧ ପ୍ରଗତିଶୀଳ ନୀତିସମୂହ ଜରିଆରେ ଭାରତୀୟ ଶିଳ୍ପ ପାଇଁ ବ୍ୟବସାୟକୁ ସହଜ କରିବା ପ୍ରକ୍ରିୟାରେ ଉନ୍ନତି ଆଣିବା ସପକ୍ଷରେ କହିଆସୁଛନ୍ତି। ଆମେ ନିଶ୍ଚିତ ଯେ ରାଜ୍ୟ ସରକାର ମଧ୍ୟ ନିଜର 'ଉତ୍କର୍ଷ ଓଡ଼ିଶା' ନୀତିଗତ ପ୍ରୟାସ ଜରିଆରେ ସେହି ସମାନ ଚିନ୍ତାଧାରା ପୋଷଣ କରୁଛନ୍ତି। ସେଥିପାଇଁ ଭାରତୀୟ ଆଲକୋହଲିକ ବେଭରେଜ ଶିଳ୍ପକୁ ସମର୍ଥନ କରିବା ପାଇଁ ଆମେ ରାଜ୍ୟ ସରକାରଙ୍କୁ ଅନୁରୋଧ କରୁଛୁ।

## ଆଇପିଏଲ୍‌ରେ ଛକା ପାଇଁ ଜୁପିର ସ୍ୱତନ୍ତ୍ର ପୁରସ୍କାର

ନୂଆଦିଲ୍ଲୀ: ଭାରତର ଅଗ୍ରଣୀ ଅନଲାଇନ ଦକ୍ଷତା ଭିତ୍ତିକ ଗେମିଂ ପ୍ଲାଟଫର୍ମ ଜୁପି ଏହାର 'ଏକ୍ସଟ୍ରା ୱିନିଂ' ଅଭିଯାନ ମାଧ୍ୟମରେ ଆଇପିଏଲ ୨୦୨୫ର ଉତ୍ସାହକୁ ବଢାଇଛି। ଯେଉଁଥିରେ ସାରା ଦେଶର କ୍ରୀଡା ପ୍ରଶଂସକଙ୍କ ଲାଗି 'ଲଗା ଛକ୍କା ତୋ ଇନାମ ପକ୍କା' ଅଫର ରହିଛି । ଚଳିତ ଆଇପିଏଲରେ ଜୁପି ଲୁଡୋ ଆପରେ ପ୍ରତ୍ୟେକ ଛକା ଏକ ଲାଭଦାୟକ ସୁଯୋଗ ରେ ପରିଣତ ହୋଇଛି। ଷ୍ଟାର ସ୍ପୋର୍ଟସରେ ଆଇପିଏଲରେ ସହଯୋଗୀ ପ୍ରଯୋଜକ ଭାବରେ, ପ୍ରଶଂସକଙ୍କ ନିୟୋଜନ ପାଇଁ ଏହା ଜୁପିର ଅଭିନବ ଆଭିମୁଖ୍ୟ । ପ୍ରତ୍ୟେକ ଲାଇଭ ଆଇପିଏଲ ମ୍ୟାଚରେ କ୍ରିକେଟ ଗ୍ରାଉଣ୍ଡରେ ପ୍ରତି ଛକା ମାଡରେ ଜୁପି ଆପରେ ଏକ ଭର୍ଚୁଆଲ କ୍ରିକେଟ ବଲ ସୃଷ୍ଟି କରିବ, ଯାହା ବ୍ୟବହାରକାରୀଙ୍କୁ ରିୟଲ ଟାଇମରେ ଆକର୍ଷଣୀୟ ପୁରସ୍କାର, ସ୍ୱତନ୍ତ୍ର ବୋନସ ଏବଂ ସ୍ୱତନ୍ତ୍ର ଲାଭ ପାଇବାକୁ ଅନୁମତି ଦେବ । ହରଭଜନ ସିଂହ, କେ ଶ୍ରୀକାନ୍ତ ଏବଂ ପ୍ରସିଦ୍ଧ କ୍ରୀଡା ଉପସ୍ଥାପକ ଯତୀନ ସପ୍ରୁଙ୍କ ସହ ମିଶି କ୍ରିକେଟର ଭାବନାକୁ ପାଳନ କରୁଥିବା ଅନେକ ଆକର୍ଷଣୀୟ ଏବଂ ହାସ୍ୟାସ୍ପଦ ବିଜ୍ଞାପନ ଚଳଚ୍ଚିତ୍ର ମାଧ୍ୟମରେ ପ୍ରଶଂସକଙ୍କୁ ଆକର୍ଷିତ ଏବଂ ମନୋରଂଜନ କରୁଛି । ଏ ଅଭିଯାନ ସଂପର୍କରେ ଜୁପି ମୁଖପାତ୍ର କହିଛନ୍ତି, ଭାରତର ଅନ୍ୟତମ ପ୍ରସିଦ୍ଧ କ୍ରୀଡା ପ୍ରତିଯୋଗୀତା ଆଇପିଏଲ ୨୦୨୫ରେ ଯୋଗ ଦେଇ ଆମେ ଆନନ୍ଦିତ ।

## ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ପକ୍ଷରୁ ଆକର୍ଷଣୀୟ ସୁଧ ହାର

ନୂଆଦିଲ୍ଲୀ: ମାଇକ୍ରୋଫାଇନାନ୍ସ କ୍ଷେତ୍ରରେ ସବୁଠାରୁ ଆକର୍ଷଣୀୟ ସୁଧ ହାର ପ୍ରଦାନ କରି ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ (ଉଜ୍ଜୀବନ) ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଦିଗରେ ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ଏହି ବ୍ୟାଙ୍କ ରଣନୈତିକ ଭାବେ ନିଜର ସୁଧ ହାର ହ୍ରାସ କରିଛି ଯାହା ଭାରତର ଅଣ ସେବାପ୍ରାପ୍ତ ସମୁଦାୟଗୁଡ଼ିକ ପାଇଁ ଉନ୍ନତ ଆର୍ଥିକ ସଶକ୍ତୀକରଣ ନିଶ୍ଚିତ କରୁଛି। ଭାରତରେ ମାଇକ୍ରୋଫାଇନାନ୍ସ ଶିଳ୍ପ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନର ସମ୍ମୁଖୀନ ହୋଇଥିବା ବେଳେ ସ୍ମଲ ଫାଇନାନ୍ସ ବ୍ୟାଙ୍କଗୁଡ଼ିକ (ଏସଏଫବି) କ୍ଷୁଦ୍ର ଉଦ୍ୟୋଗୀ, କମ ଆୟକାରୀ ପରିବାର ଓ କ୍ଷୁଦ୍ର ବ୍ୟବସାୟଗୁଡ଼ିକ ପାଇଁ ଋଣ ଅନ୍ତରକୁ ଦୂର କରିବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ଜୁଲାଇ ୨୦୨୪ରେ ମାଇକ୍ରୋଫାଇନାନ୍ସ ଇନ୍‌ଷ୍ଟିଚ୍ୟୁଶନ୍ସ ନେଟ୍‌ୱର୍କ (ଏମଏଫଆଇଏନ-ଏକ ସ୍ୱନିୟାମକ ଶାଖା) ଦ୍ୱାରା ଆରମ୍ଭ କରାଯାଇଥିବା ନିୟାମକୀୟ ପରିବର୍ତ୍ତନ, ଏକ ମାଇକ୍ରୋଫାଇନାନ୍ସ ଋଣଗ୍ରହୀତାଙ୍କୁ ସେବା ପ୍ରଦାନ କରୁଥିବା ଋଣଦାତାଙ୍କ ସଂଖ୍ୟାକୁ ୪କୁ ସୀମିତ ରଖିଥିଲା। ଏହି ପଦକ୍ଷେପ ଦାୟିତ୍ୱପୂର୍ଣ୍ଣ ଋଣ ପ୍ରଦାନ ଅଭ୍ୟାସ ପାଇଁ ଆବଶ୍ୟକତା ଉପରେ ଅଧିକ ଗୁରୁତ୍ୱାରୋପ କରିଛି। ଏହି ପରିବର୍ତ୍ତନର ପ୍ରତିକ୍ରିୟାରେ ଏସଏଫବିଗୁଡ଼ିକ ଅଧିକ ଦାୟିତ୍ୱପୂର୍ଣ୍ଣ ଭାବେ ଋଣ ଦେବା ପାଇଁ ନିଜର ଋଣ ଓ ସଂଗ୍ରହ ଅଭ୍ୟାସଗୁଡ଼ିକୁ ପୁନଃବ୍ୟବସ୍ଥିତ କରିଛନ୍ତି। ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ମଧ୍ୟ ଦାୟିତ୍ୱପୂର୍ଣ୍ଣ ଋଣ ପ୍ରଦାନକୁ ସମର୍ଥନ କରିବା କ୍ଷେତ୍ରରେ ଅଗ୍ରଣୀ ରହିଛି ଏବଂ ନିଜର ଗ୍ରାହକଙ୍କୁ କମ ସୁଧ ହାରର ଲାଭ ପ୍ରଦାନ କରିବା ପାଇଁ ସକ୍ରିୟ ପଦକ୍ଷେପ ଗ୍ରହଣ କରିଛି।



ନୂଆଦିଲ୍ଲୀ : କ୍ରିକେଟର ତଥା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ମଡେଲ ନତାଶା ଷ୍ଟାନକୋଭିକ୍ ଗତ ବର୍ଷ ଜୁଲାଇରେ ଛାଡପତ୍ର ନେଇଥିଲେ। ଉଭୟଙ୍କର ଗୋଟିଏ ପୁଅ ମଧ ଅଛି। ଏବେ ଦୁହେଁ ସେମାନଙ୍କର ନୂତନ ଜୀବନ ଆରମ୍ଭ କରୁଛନ୍ତି। ଇତି ମଧ୍ୟରେ, ସେମାନଙ୍କର ନୂତନ ସାଥୀଙ୍କ ବିଷୟରେ ଆଲୋଚନା ହେଉଛି। ହାର୍ଦ୍ଦିକଙ୍କ ନାମ ବ୍ରିଟିଶ ଗାୟିକା ଏବଂ ଟିଭି ଷ୍ଟାର ଜାସ୍ମିନ୍ ୱାଲିଆଙ୍କ ସହ ଯୋଡା ଯାଇଥିବା ବେଳେ, ନତାଶାଙ୍କ ନାମ ଆଲେକଜାଣ୍ଡାର ଇଲିକ୍ ସହିତ ମଧ ଯୋଡା ଯାଇଥିଲା। ଏ ସବୁ ସତ ନା ମିଛ, କେବଳ ସେମାନେ ହିଁ କହିପାରିବେ। କିନ୍ତୁ ନତାଶା ଛାଡପତ୍ର ପରବର୍ତ୍ତୀ ଜୀବନ ବିଷୟରେ କହିଛନ୍ତି। ସେ ଏହା ମଧ କହିଥିଲେ ଯେ ସେ ପୁଣି ଥରେ ପ୍ରେମରେ ପଡ଼ିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଏକ ଗଣମାଧ୍ୟମ ସହ ଏକ ଆଲୋଚନାରେ ନତାଶା ଷ୍ଟାନକୋଭିକ୍ ସ୍ୱୀକାର କରିଛନ୍ତି ଯେ ସେ ପୁଣି ଥରେ ପ୍ରେମରେ ପଡ଼ିବାକୁ ପ୍ରସ୍ତୁତ। ସେ କହିଥିଲେ ଯେ ଗତ ବର୍ଷ ତାଙ୍କ ପାଇଁ ବହୁତ ଚ୍ୟାଲେଞ୍ଜିଂ ଥିଲା। କିନ୍ତୁ ଏବେ ସେ ଏକ ନୂତନ ଜୀବନ ପାଇଁ ପ୍ରସ୍ତୁତ। ନତାଶା ମାର୍ଚ୍ଚ ମାସରେ ହିଁ ତାଙ୍କ ଜନ୍ମଦିନ ପାଳନ କରିଥିଲେ। ଏ ବିଷୟରେ କଥା ହୋଇ ସେ କହିଛନ୍ତି ଯେ ଏହି ବର୍ଷ ତାଙ୍କ ପାଇଁ ସୁନ୍ଦର ଏବଂ ସ୍ୱତନ୍ତ୍ର। ସେ ସାରା ଦିନ ତାଙ୍କ ପୁଅ ଅଗସ୍ତ୍ୟଙ୍କ ସହିତ ରହିଥିଲେ। ରାତିରେ ବନ୍ଧୁମାନଙ୍କୁ ଭେଟିଲି । ଦିନଟି ବହୁ ଖୁସିରେ କଟିଗଲା।

୫ମ ମ୍ୟାଚ୍ | ଗୁଜରାଟ ଟାଇଟାନ୍ସ ବନାମ ପଞ୍ଜାବ କିଙ୍ଗ୍ସ

# ପଞ୍ଜାବ କିଙ୍ଗ୍ସ ୧୧ ରନ୍‌ରେ ବିଜୟୀ



ଅହମ୍ମଦାବାଦ : ଅହମ୍ମଦାବାଦଠାରେ ଖେଳାଯାଉଥିବା ଆଇପିଏଲ ୨୦୨୫ର ୫ମ ମ୍ୟାଚ୍ ଗୁଜରାଟ ଟାଇଟନ୍ସ ବନାମ ପଞ୍ଜାବ କିଙ୍ଗସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିବରେ ପଞ୍ଜାବ ୧୧ ରନ୍‌ରେ ବିଜୟୀ ହୋଇଛି। ଗୁଜରାଟ ଟସ ଜିତି ପଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ଦଳ ଆରମ୍ଭରୁ ପ୍ରଭସମିରନଜିତ ସିଂ (୫ ରନ) ୱିକେଟ ହରାଇଥିଲେ ବି ପ୍ରିୟାଂଶ ଆର୍ଯ୍ୟା ଓ ଶ୍ରେୟସ ଆୟର ଲଢୁଆ ବ୍ୟାଟିଂ କରି ସ୍କୋରକୁ ଦ୍ରୁତ ଗତିରେ ଆଗେଇ ନେଇଥିଲେ। ଅଧିନାୟକ ଶ୍ରେୟସ ୪୨ ବଲରେ ୯୭ ରନ କରିଥିବାବେଳେ ଆର୍ଯ୍ୟା ୪୭ ରନ କରିଥିଲେ। ଶ୍ରେୟସ ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିବାବେଳେ ଆର୍ଯ୍ୟା ଅଳ୍ପକେ ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ । ଶେଷ ବେଳକୁ ମାର୍କସ ଷ୍ଟୋଇନିସ୍ ୨୦ ରନ କରିଥିବାବେଳେ ଶଶାଙ୍କ ସିଂ ୪୪ ରନ କରିଥିଲେ । ଦଳ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୨୪୩ ରନ କରିଥିଲା। ଗୁଜରାଟ ପକ୍ଷରୁ ସାଇ କିଶୋର ୩ଟି ୱିକେଟ ନେଇଥିବାବେଳେ ରବାଡା ଓ ରଶିଦ ଖାଁ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ। ୨୪୪ ରନ୍‌ର ଟାର୍ଗେଟ ନେଇ ଗୁଜରାଟ ଟାଇଟାନ୍ସ ମୈଦାନକୁ ଓହ୍ଲାଇଥିଲା। ଦଳ ଅଳ୍ପକେ ମ୍ୟାଚ୍‌କୁ ହାତଛଡା କରିଥିଲା। ଦଳ ୨୦ଓଭରରେ ୫ୱିକେଟ୍ ବିନିମୟରେ ୨୩୨ରନ୍ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ସାଇ ସୁଦର୍ଶନ ସର୍ବାଧିକ ୭୪ ରନ୍ କରିଥିବା ବେଳେ ଅଧିନାୟକ ୩୩, ଜୋସ୍ ବଟଲର ୫୪, ସାରଫନ୍ ରଦରଫଡ ୪୬, ରାହୁଲ ତାୱ୍ୱତିଆ ୬, ଶାରୁହ ଖାନ୍ ୬ ଓ ଅର୍ସଦ ଖାନ୍ ୧ ରନ୍ କରିଥିଲେ। ପଞ୍ଜାବ ପକ୍ଷରୁ ଅର୍ସଦୀପ ସିଂ ୨ୱିକେଟ, ମାର୍କ ଜନସନ୍ ଓ ଗ୍ଲେନ ମାକ୍ସୱେଲ ୧ଗୋଟିଏ ଲେଖଏଁ ୱିକେଟ ନେଇଥିଲେ।

# ରାହୁଲ୍‌ଙ୍କ ପରେ ରଷଭଙ୍କ ଉପରେ ବର୍ଷିଲେ ଗୋଏଙ୍କା



ନୂଆଦିଲ୍ଲୀ : ଦିଲ୍ଲୀ କ୍ୟାପିଟାଲ୍ସ ସୋମବାର ଆଶୁତୋଷ ଶର୍ମାଙ୍କ ଚମତ୍କାର ଇନିଂସ ବଳରେ ଲକ୍ଷ୍ନୌ ସୁପରଜାଏଣ୍ଟ୍ସକୁ ଗୋଟିଏ ଉଇକେଟରେ ପରାସ୍ତ କରିଥିଲା। ବିଶାଖାପାଟଣାରେ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ଲକ୍ଷ୍ନୌ ସୁପରଜାଏଣ୍ଟସ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ର ଫଳାଫଳ ଶେଷ ଓଭରରେ ନିର୍ଣ୍ଣୟ ହୋଇଥିଲା। ଗୋଟିଏ ସମୟରେ ସହଜ ବିଜୟ ଆଡ଼କୁ ଯାଉଥିବା ଲକ୍ଷ୍ନୌ ଦଳକୁ ଶେଷରେ ୧ ୱିକେଟରେ ପରାଜୟର ସାମ୍ନା କରିବାକୁ ପଡିଲା। ଲକ୍ଷ୍ନୌ ଦିଲ୍ଲୀକୁ ବିଜୟ ପାଇଁ ୨୧୦ ରନର ଟାର୍ଗେଟ ଦେଇଥିଲା। ତେବେ ଡିସି ମାତ୍ର ୬୫ ରନରେ ହରାଇଥିଲା ୫ ୱିକେଟ । କିନ୍ତୁ ପରେ ଓଲଟି ଯାଇଥିଲା ପୂରା ମ୍ୟାଚ୍। ଲକ୍ଷ୍ନୌ ଟାର୍ଗେଟକୁ ଅତି ସହଜରେ ହାସଲ କରିନେଇଥିଲା ଦିଲ୍ଲୀ। ଲକ୍ଷ୍ନୌ ସୁପରଜାଏଣ୍ଟସର ଏହି ପରାଜୟ ପରେ, ଫ୍ରାଞ୍ଚାଇଜ୍ ମାଲିକ ସଞ୍ଜିବ ଗୋଏଙ୍କାଙ୍କୁ ପଡ଼ିଆରେ ଦେଖିବାକୁ ମିଳିଥିଲା । କାରଣ ଗତ ସିଜିନରେ ଏଲ୍‌ଏସ୍‌ଜି ପରାଜୟ ପରେ ସଞ୍ଜିବ ଗୋଏଙ୍କା କେଏଲ ରାହୁଲଙ୍କ ସହ ପ୍ରବଳ ଯୁକ୍ତିତର୍କ ହୋଇଥିବା ନଜର ଆସିଥିଲା। ଏଥର ବି ସେ ପନ୍ତଙ୍କୁ କିଛି ବୁଝାଉଥିବାର ଦେଖାଯାଇଥିଲା। ଏହି ସମୟ ମଧ୍ୟରେ, ଦୁହିଁଙ୍କ ମଧ୍ୟରେ ବହୁତ ସମୟ ଧରି କଥାବାର୍ତ୍ତା ହୋଇଥିଲା। ଦଳର ମୁଖ୍ୟ ପ୍ରଶିକ୍ଷକ ଜଷ୍ଟିନ୍ ଲାଙ୍ଗର ଏହି ଆଲୋଚନାରେ ସାମିଲ ଥିଲେ। ଏହି କଥାବାର୍ତ୍ତାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଯାହା ଲାଗୁଛି ବୋଧିହୁଏ ପୂର୍ବଥର ଭଳି ଏଥର ବି ରାଗିଛନ୍ତି ଗୋଏଙ୍କା। ସୂଚନା ଥାଉକି, ୨୦୨୪ ମସିହାରେ କେଏଲ ରାହୁଲ ଲକ୍ଷ୍ନୌ ସୁପରଜିଆଣ୍ଟସର ଅଧିନାୟକ ଥିଲେ । ତେବେ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ଏକ ବଡ଼ ପରାଜୟ ପରେ ସଞ୍ଜିବ ଗୋଏଙ୍କା ଅଧିନାୟକ କେଏଲ ରାହୁଲଙ୍କ ଉପରେ ବର୍ଷିଥିଲେ । ଏହି ଘଟଣା ସହିତ ଜଡିତ ଅନେକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହା ପରେ ଖବର ଆସିଥିଲା ଯେ ସଞ୍ଜିବ ଗୋଏଙ୍କା ଏବଂ କେଏଲ ରାହୁଲଙ୍କ ମଧ୍ୟରେ କିଛି ଠିକ୍ ଚାଲିନି । ସେହି ସମୟରେ, କେଏଲ ରାହୁଲ ମଧ ଦଳ ଛାଡି ଦେଇଥିଲେ। ହେଲେ ଏସବୁ ବିବାଦରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ଗୋଏଙ୍କା। ସେ ନିଜ ସୋସିଆଲ ମିଡିଆରେ ପନ୍ତଙ୍କ ସହ ଆଲୋଚନା ସମୟର ଫଟୋ ଶେୟାର କରି କ୍ୟାପଶନରେ ଲେଖିଛନ୍ତି, ମଇଦାନରେ ଉତ୍ସାହ, ମଇଦାନ ବାହାରେ ସୌହାର୍ଦ୍ଦ୍ୟ। ପରବର୍ତ୍ତୀ ମ୍ୟାଚ୍ ଅପେକ୍ଷାରେ। ଏବେ ଏହି ପୋଷ୍ଟ ସୋସିଆଲ ମିଡିଆରେ ହେଉଥିବା ପନ୍ତଙ୍କ ସହ ପ୍ରବଳ ଯୁକ୍ତିତର୍କ ଗୁଜବକୁ ଖାରଜ କରିଦେଇଛି।

# ଆର୍‌ଏସ୍‌ପିରେ ସଟଲ୍ କପ୍ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତା ଉଦ୍‌ଘାଟିତ



ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର କ୍ରୀଡା ୟୁନିଟ୍ ଦ୍ୱାରା ଆୟୋଜିତ ଆରଏସପି ସଟଲ୍ କପ୍ - ବ୍ୟାଡମିଣ୍ଟନ୍ ପ୍ରତିଯୋଗିତା ମାର୍ଚ୍ଚ ୨୪ ତାରିଖରେ ସେକ୍ଟର-୨୦ ସ୍ଥିତ ଇସ୍ପାତ ଇଣ୍ଡୋର ଷ୍ଟାଡିୟମ୍‌ରେ ଆରମ୍ଭ ହୋଇଛି। ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ଉତ୍ସବରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି.ଆର. ପଲାଇଙ୍କ ସମେତ କାରଖାନାର ଅନ୍ୟ ବହୁ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ ଯେ, ଏହି ଟୁର୍ଣ୍ଣାମେଣ୍ଟର ମ୍ୟାଚ୍ ଗୁଡ଼ିକ ଉଭୟ ପୁରୁଷ ଏବଂ ମହିଳାଙ୍କ ପାଇଁ ସିଙ୍ଗଲ୍ସ ଏବଂ ଡବଲ୍ସ ବର୍ଗରେ ଖେଳାଯାଉଛି। ଉକ୍ତ ଟୁର୍ଣ୍ଣାମେଣ୍ଟଟି ଆରଏସପିର ସମସ୍ତ କର୍ମଚାରୀଙ୍କ ପାଇଁ ଦୁଇଟି ବର୍ଗରେ ଖେଳି ପାରିବା ପାଇଁ ସୁବିଧା ଅଛି, ଏଥିରେ ଅଂଶଗ୍ରହଣକରି ମାନେ ୪୫ ବର୍ଷରୁ ଅଧିକ କିମ୍ବା ୪୫ ବର୍ଷରୁ କମ୍ ବର୍ଗରେ ନିକର ନାମ ପଞ୍ଜୀକରଣ କରିପାରିବେ। ମାର୍ଚ୍ଚ ୨୭ ତାରିଖରେ ଉଦଯାପିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ପାଇଁ ୧୫୦ ରୁ ଉର୍ଦ୍ଧ୍ୱ ଅଂଶଗ୍ରହଣକାରୀ ନାମ ପଞ୍ଜିକରଣ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଉତ୍ସବ କ୍ରିଡା ବିଭାଗର ଡେପୁଟି ମ୍ୟାନେଜର ରଘୁନନ୍ଦନ ପାଢ଼ୀ ସଂଯୋଜନା କରିଥିଲେ।

# ଜାତୀୟ ତୀରନ୍ଦାଜୀରେ ଓଡ଼ିଆ କ୍ରୀଡ଼ାବିତଙ୍କୁ ସଫଳତା



କୋଇଡ଼ା (ଭାସ୍କର ନ୍ୟୁଜ୍): ପାରିପାର୍ଶ୍ୱିକ ଅଞ୍ଚଳରେ କ୍ରୀଡ଼ା କ୍ଷେତ୍ରକୁ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର (ଜେଏସପି)ର ଅବଦାନ ଯୋଗୁ କ୍ରୀଡ଼ାବିତମାନେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ରାଜ୍ୟ ପାଇଁ ଗୌରବ ଆଣୁଛନ୍ତି। ଜାତୀୟ ତୀରନ୍ଦାଜୀ ଚାମ୍ପିଅନସିପରେ ସୁନ୍ଦରଗଡ଼ ଜିଲ୍ଲା ବଇଦପାଲିରେ ଜେଏସପିର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପ୍ରୋତ୍ସାହନରେ ଚାଲିଥିବା ତୀରନ୍ଦାଜୀ ତାଲିମ କେନ୍ଦ୍ରର କ୍ରୀଡ଼ାବିତ ସଞ୍ଜାଲୀ ଓରାମ ବ୍ରୋଞ୍ଜ ପଦକ ଜିତିଛନ୍ତି। ଆନ୍ଧ୍ରପ୍ରଦେଶ ଗୁଣ୍ଟୁରରେ ଚାଲିଥିବା ଏନଟିପିସି ଜାତୀୟ ତୀରନ୍ଦାଜୀ ଚାମ୍ପିଅନସିପ (୧୩ ବର୍ଷରୁ କମ ବର୍ଗ)ରେ ଯୋଗ ଦେଇଥିବା ୨୦ ଜଣିଆ ଓଡ଼ିଶା ଦଳରେ ବଇଦପାଲି ତାଲିମ କେନ୍ଦ୍ରରୁ ୩ ଜଣ କ୍ରୀଡାବିତ ସାଞ୍ଜାଲୀ ଓରାମ, ବୈଷ୍ଣବୀ ପାତ୍ର ଓ ନିହାରିକା ନାୟକ ଅଂଶଗ୍ରହଣ କରିଥିଲେ। ଗୌରବର ବିଷୟ ୧୩ ବର୍ଷରୁ କମ ବର୍ଗରେ କେବଳ ସଞ୍ଜାଲୀ ହିଁ ପଦକ ଜିତି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ସୂଚନା ଯୋଗ୍ୟ ଯେ ସୁନ୍ଦରଗଡ଼ ଜିଲ୍ଲା ବଣେଇ ବ୍ଲକର ବଇଦପାଲି ଅନୁସୂଚିତ ଜାତି ଓ ଜନଜାତି ହାଇସ୍କୁଲରେ ଓଡ଼ିଶା ତୀରନ୍ଦାଜୀ ସଂଘ ସହଭାଗିତାରେ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଏହି ସ୍ୱତନ୍ତ୍ର ତୀରନ୍ଦାଜୀ ତାଲିମ କେନ୍ଦ୍ର ଖୋଲିଛି। ଏହି ତାଲିମ କେନ୍ଦ୍ରରେ ସାର୍ଟିଫାଏଡ କୋଚ୍ ନିଯୁକ୍ତ ହୋଇଛନ୍ତି। ବୈଜ୍ଞାନିକ ପଦ୍ଧତିରେ ସେମାନଙ୍କୁ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ତାଲିମ ପ୍ରଦାନ କରାଯାଉଛି। ସେମାନଙ୍କ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ, ସୁଷମ ଖାଦ୍ୟ, ଅନ୍ୟାନ୍ୟ ଦାୟିତ୍ୱ ମଧ ଫାଉଣ୍ଡେସନ ତୁଲାଉଛି। କୌଣସି ବି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ସମସ୍ତ ସହାୟତା ଯୋଗାଇ ଦେଉଛି ଜିନ୍ଦଲ ଫାଉଣ୍ଡେସନ। ମାତ୍ରେ ବର୍ଷକର ତାଲିମ ପରେ ମଧ ଏଠାରୁ କ୍ରୀଡ଼ାବିତମାନେ ଜାତୀୟସ୍ତରର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ହୋଇପାରିଛନ୍ତି।

## ଡେବ୍ୟୁ ମ୍ୟାଚ୍‌ରେ କମାଲ କଲେ ଭିଗ୍ନେଶ, ତାରିଫ କଲେ ମାହୀ

ମୁମ୍ବାଇ : ରୋମାଞ୍ଚକର ହେଉଛି ଆଇପିଏଲ ୨୦୨୫। ଆଇପିଏଲର ସବୁଠୁ ସଫଳ ଦଳ ଚେନ୍ନାଇ ସୁପର କିଙ୍ଗସକୁ ପଡିଆ ମଝିରେ ପାଣି ପିଆଇଛନ୍ତି ଜଣେ ଅଟୋ ଡ୍ରାଇଭରଙ୍କ ପୁଅ । ରବିବାର ଆଇପିଏଲରେ ଖେଳାଯାଇଥିଲା ମୁମ୍ବାଇ-ଚେନ୍ନାଇ ହାଇଭୋଲଟେଜ୍ ମ୍ୟାଚ୍ । ଆଉ ଏ ମ୍ୟାଚରେ ସବୁଠୁ ଅଧିକ ଚର୍ଚ୍ଚାକୁ ଆସିଛନ୍ତି ଜଣେ ୨୪ ବର୍ଷୀୟ ଖେଳାଳି ବିଗ୍ନେଶ ପୁଥୁର । ବିଗ୍ନେଶ ପୁଥୁର ମୁମ୍ବାଇ-ଚେନ୍ନାଇ ମ୍ୟାଚରେ, ୩ଟି ୱିକେଟ୍ ନେବା




ସହ କ୍ୟାପଟେନ୍ କୁଲ୍ ଧୋନୀଙ୍କର ମଧ ପ୍ରିୟ ପାଲଟିଯାଇଛନ୍ତି। ଚେପକରେ ଚାଲିଲା ମୁମ୍ବାଇ ଇମ୍ପାକ୍ଟ ପ୍ଲେୟାରଙ୍କ ଯାଦୁ। ୨୪ ବର୍ଷୀୟ ଲେଫ୍ଟି ଟିମ୍ ପାଇଁ ସାଜିଥିଲେ ବରଦାନ। ପ୍ରଥମ ଥର ସିନିୟର କ୍ରିକେଟ୍ ଖେଳୁଥିବା ଏହି ଖେଳାଳି ୩ ଓଭରରେ ନେଇଥିଲେ ୩ ୱିକେଟ୍ ।

# ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠରେ ଅଲିମ୍ପିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ



ଫୁଲନଖରା (ଭାସ୍କର ନ୍ୟୁଜ୍) : କଟକ ଜିଲ୍ଲା ଶିକ୍ଷା ବିଭାଗ ଅଧୀନସ୍ଥ କଟକ ସଦର ୪୨ ମୌଜା ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠର ୨୦୨୪ - ୨୦୨୫ ଅଲମ୍ପିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ସୁଲୋଚନା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ଶିକ୍ଷାବିତ୍ ଡଃ. ଏସ୍.କେ.କଲିମୁଲା ଯୋଗଦେଇ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଦ୍ୟାପୀଠ ପରିଚାଳନା କମିଟିର ସଭାପତି ବିନୟ ମହାପାତ୍ର ଯୋଗଦେଇଥିଲେ । କାର୍ଯ୍ୟକ୍ରମର ସଭାପତି ସୁଲୋଚନା ଦାସ ନିଜ ଅଭିଭାଷଣରେ ଅଲମ୍ପିକ ହିଁ ଖେଳ ଏବଂ ଖେଳ ହେଉଛି ବନ୍ଧୁତ୍ୱର ଏକ ମୂଲ୍ୟବୋଧ ବୋଲି କହିବା ସହ ସମସ୍ତ ଛାତ୍ରଛାତ୍ରୀ ଏହି ବନ୍ଧୁତ୍ୱର ବନ୍ଧନରେ ବାନ୍ଧି ହୋଇ ରହିବାକୁ ଚେଷ୍ଟା ଜାରି ରଖିବାକୁ ଉପଦେଶ ଦେଇଥିଲେ । ଉଦଘାଟକ ତଥା ମୁଖ୍ୟ ଅତିଥି ଡଃ.କଲିମୁଲ୍ଲା ଖେଳ ହିଁ ପରାଜିତକୁ ଅପରାଜିତ କରିବାର ଏକମାତ୍ର ରାସ୍ତା । ଜଣେ ପରାଜିତ ଖେଳାଳୀକୁ ବିଜେତାର ଉତ୍ସାହ ଓ ପ୍ରେରଣା ଯୋଗାଇବା ଦିଗରେ ଖେଳର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଖେଳ ହିଁ ଶିକ୍ଷା ଓ ଶିକ୍ଷା ହିଁ ଖେଳ ବୋଲି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମ ତଥା ଖେଳ ପ୍ରତିଯୋଗିତାରେ ଆଖପାଖ ଅଂଚଳର ପ୍ରାଥମିକ ବିଦ୍ୟାଳୟ ମାନଙ୍କରୁ ପ୍ରାୟତଃ ୨୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେବା ସହ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନଙ୍କ ଦ୍ୱାରା ପ୍ରତିଯୋଗିତାରେ ବିଜେତାଙ୍କୁ ଟ୍ରଫି, ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବିଦ୍ୟାପୀଠର କ୍ରୀଡ଼ା ଶିକ୍ଷୟିତ୍ରୀ ସ୍ୱାଗତିକା ଦଳାଇ ପରିଚାଳନା କରିଥିବା ବେଳେ ଶିକ୍ଷକ ସୁଦର୍ଶନ ବେହେରା, କାର୍ତ୍ତିକ ଚନ୍ଦ୍ର ଦାସ, ଶ୍ରୀମତୀ ମଧୁସ୍ମିତା ବେବର୍ତ୍ତା,ଏମ୍.ଡି.ଜୁବେଦ୍ ଖାନ୍, ଈଶ୍ୱର ଗୁରୁ,ଜଗବନ୍ଧୁ ବେହେରା , ବିଜୟ ପ୍ରଧାନ ଓ ସୁକାନ୍ତି ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ସୁଦର୍ଶନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।


**कार्यपालक अभियंता का कार्यालय,**
**ग्रामीण कार्य विभाग,कार्य प्रमंडल,चाईबासा**
**email- rwdchaibasa64@gmail.com**

**आवश्यक सूचना**

एतद् द्वारा सूचित किया जाता है कि इस कार्यालय के **पत्रांक–35 (अनु0) दिनांक– 04.01.2025** द्वारा आमंत्रित ई0 निविदा सं0– **12/2024-25/RWD/EE/CHAIBASA** दिनांक– 04.01.2025 जिसका **PR No-343593 West Singhbhum (24-25): D** में प्रकाशित ई0 निविदा को अपरिहार्य कारणों से रद्द किया जाता है।

विश्वासभाजन,
ह0/–
कार्यपालक अभियंता
ग्रामीण कार्य विभाग, कार्य प्रमण्डल, चाईबासा

PR 349234 West Singhbhum(24-25).D

**Government of Jharkhand**
**Directorate of Food & Consumer Affairs**
**3rd Floor, JSFC Bhawan, Kadru,**
**Jharkhand Ranchi -834002**

**Reverse e- Auction Notice**

Tender Ref. No.- Kha.Up.Ni.-24(Chi.Vi.Yo)-04/2024/**Re-448**
Dated :- 24-03-2025

**For Supply of Free Flow White Crystal Sugar (Grade-S-30/M-30) (As Per FSSAI Norms) for 4rth Quarter (January 2025 to March 2025) of Financial Year 2024-25 through reverse e-auction platform of NCDEX e Markets Limited**

| Bid Details | |
|---|---|
| Name of the Client | Directorate of Food & Consumer Affairs 3rd Floor, JSFC Bhawan, Kadru, Ranchi -834002 |
| Date of Tender published on website | 25-03-2025 |
| Bidding Document Cost | Rs.10,000/- (Rupees Ten Thousand Only) (Non-Refundable & non-Adjustable) as a Demand Draft in favour of " Director, Directorate of Food and Consumer Affairs, Jharkhand Ranchi " in the office of Directorate of Food and Consumer Affairs, Jharkhand, Ranchi, 3rd Floor, JSFC Bhawan, Kadru, Ranchi – 834002 before last date of submission of bid documents by 05:00 PM. |
| Earnest Money Deposit (EMD) | 2 % (Two percent) of the quoted Bid value/Tender Value. |
| Quantity (In MT) | 2700 MT (Approximately) for three Months |
| NCDEX e Markets Limited (NeML) registration fee | Rs 5000/-only (Non-refundable) +18 % GST i.e. Rs 5900 (as applicable) |
| Availability of tender documents | www.neml.in&http://jharkhand.gov.in/food |
| Last Date of Uploading Document on https://jhtenders.neml.in | 16-04-2025 |
| Date of Reverse e- Auction | Will be published after technical evaluation. |
| Pre-Bid Meeting | 04-04-2025, at 3:00 pm through Google Meet (https://meet.google.com/hok-eorh-goq) |
| Availability of RFP *documents* | The RFP is available and can be downloaded from http://jharkhand.gov.in/food & www.neml.in. All Subsequent changes to the Bidding document shall be published on the above website. |
| Name and concerned person for Correspondence | Ritesh Kumar-9470396902 |

1.All eligible Individuals or partnership firm, Registered Company or Co-operative society or any legal organization should mandatorily register with NCDEX e Markets Ltd for participation in Reverse Auction Registration Fee Rs. 5,000/- (Five Thousand) + 18% GST i.e. Rs 5900.
2.Any changes/modification in the Tender documents will be posted on website http://jharkhand.gov.in/food & https://www.neml.in
3.The schedule of reverse e- auction to be conducted will be posted on website- *http://jharkhand.gov.in/food.*
4.Any changes/ modification in the Tender documents in the tender documents will be posted on website- http://jharkhand.gov.in/food

**Sd/-**
**Director**
**(Directorate of Food & Consumer Affairs)**

PR 349157 (Directorate of Food and Consumer Affairs)24-25*D

**OFFICE OF THE EXECUTIVE ENGINEER**
**PLANNING AND INVESTIGATION DIVISION**
**ROAD CONSTRUCTION DEPARTMENT (RCD),RANCHI**
**NirupanBhawan, 3rdFloor,Room No. 401,56-Set,Doranda,Ranchi-834002**
**e-Procurement ( Short Tender Notice )**
**Letter of Invitation (LOI) No.-21/2024-25**

**1st Call**

**e-Tender Ref No:–RCD/PID/RANCHI/21/2024-25** **Date:-24.03.2025**

| | | |
|---|---|---|
| 1 | **Name Of Work** | **Consultancy Services for Preparation of Traffic Study & Feasibility Study Report for Construction of Ring road at Tatanagar Railway station chowk to Tata Hata main road under East Singhbhum Distict in the State of Jharkhand.** *Only Empanelled consultant with RCD under category vide letter No. 3063(S) WE Dated 22.08.2022are allowed to bid. |
| 2 | **Tentative Length** | To be determined by Consultant |
| 3 | **Period of Completion of Work** | 30 Days |
| 4 | **Cost of Tender documents& Earnest Money Deposit** | Cost of tender documents is Rs. 5000/(Non-Refundable) EMD:- The quotationers have to deposit a fixed amount of Rs 20000.00 (Twenty thousand only) as Earnest Money. **As per the Departmental Letter no. -4652(S) dated 06.10.2023, cost of tender document and Earnest Money Deposit will be received in online mode only through e -procurement portal (http://jharkhandtenders.gov.in) by internet banking/NEFT/RTGS facility as per Standard Operating Procedure (SOP) issued by Information Technology & e -Governance Department, Government of Jharkhand vide letter no- 120 dated 03.10.2023.** |
| 5 | **Mode of Bid Submission** | e-tendering(https://jharkhandtenders.gov.in/) |
| 6 | **Date/Time of Publication of Tender on Website** | 27.03.2025,10:30 AM |
| 7 | **Online Last Date/Time of Bid Submission** | 09.04.2025, 17:00 PM |
| 8 | **Date and Time of Bid opening** | 11.04.2025, 17:30 PM |
| 9 | **Bid validity** | 120 days |
| 10 | **Designation and Contact no. of Tender inviting Officer** | Executive Engineer, Planning and Investigation Division,RCD, Ranchi, Mob No.-9471650883 |

Note:- Only e-Tender shall be accepted. Further details can be seen on e-procurement portal (https://jharkhandtenders.gov.in/).

Executive Engineer,
Planning & Investigation Division,
Road Construction Department, Ranchi.

PR 349169 Road(24-25)D

**DIRECTORATE OF AGRICULTURE,**
**JHARKHAND, RANCHI**
**Krishi Bhawan, Kanke Road, Ranchi-834008**

**Request for Empanelment (RFE)**

**RFE Reference no.-Agri/09/2024-25 Dated: 24.03.2025**

| | | |
|---|---|---|
| 1 | Name of Work | Empanelment of Seed Suppliers for a Period of One Year ( 2025-26) |
| 2 | Time of Completion | One Year |
| 3 | RFE Documents Cost | Nil |
| 4 | EMD Amount | Rs. 10,00,000/- (Rupees Ten Lakh only) |
| 5 | Date of Publication of RFE on website | 25/03/2025 at 06:00 PM |
| 6 | RFE Downloading Start Date | 25/03/2025 at 06:00 PM |
| 7 | Pre-Bid Meeting Date and place | 03/04/2025 at 03:00 PM Directorate of Agriculture, Krishi Bhawan, 1st Floor Kanke Road, Ranchi - 834008. |
| 8 | Online RFE Submission Period | 05/04/2025 at 02:00 PM to 16/04/2025 upto 02:00 PM |
| 9 | RFE Opening Date and place | 17/04/2025 at 03:00 PM Directorate of Agriculture, Krishi Bhawan, 1st Floor Kanke Road, Ranchi - 834008. |
| 10 | Name & Address of the RFE Inviting Authority | Director Agriculture, Directorate of Agriculture, Krishi Bhawan, 1st Floor Kanke Road, Ranchi - 834008. |
| 11 | Contact no. of procurement officer | 9431766424 |
| 12 | Helpline no. of procurement cell | 0651-2233549 |

Further details can be seen on website- http://jharkhandtenders.gov.in

**Sd/-**
**Director Agriculture,**
**Jharkhand, Ranchi.**

PR 349219 Agriculture(24-25).D

**झारखण्ड सरकार, ग्रामीण कार्य विभाग**
**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमंडल, चाईबासा**

**ई० निविदा आमंत्रण सूचना**

ई0–निविदा संख्याः– 12/2024-25/RWD/EE/CHAIBASA दिनांक : 25.03.2025

कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (रू0 में) | | कार्य समाप्ति की अवधि |
|---|---|---|---|---|---|
| 1 | *RWD/ CHAIBASA/ 19/2024-25* | कुसमिता बोतरगुटू स्वास्थ्य केन्द्र से आसनपाठ टोला एदेल साई भाया बड़ा कुसमिता पोखरपी तक पथ निमार्ण कार्य। (लं0– 6.450 कि0मी0) | 67740300 | छः करोड़ सतहत्तर लाख चालीस हजार तीन सौ रू0 मात्र | 15 माह |
| 2 | *RWD/ CHAIBASA/ 20/2024-25* | इचापी से एदेलबेड़ा गाँव तक पथ निमार्ण कार्य। (लं0– 1.250 कि0मी0) | 17796000 | एक करोड़ सतहत्तर लाख छियानवे हजार रू0 मात्र | 12 माह |

1. वेबसाईट में निविदा प्रकाशन की तिथि :– 29.03.2025
2. ई–निविदा प्राप्ति की अंतिम तिथि एवं समय :– 08.04.2025 अपराह्न 05:00 बजे तक।
3. निविदा खोलने की तिथि एवं समंय :– 09.04.2025 अपराह्न 05:00 बजे।
4. निविदा शुल्क एवं अग्रधन की राशि jharkhandtenders.gov.in के माध्यम से On-Line Mode से स्वीकार की जायेगी।
5. निविदा आमंत्रित करने वाले पदाधिकारी का नाम एवं पता – कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा, राजस्थान भवन के समीप, टुंगरी रोड चाईबासा– 833201
6. ई निविदा प्रकोष्ठ का दूरभाष सं0– 06582– 359406

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमंडल, चाईबासा

PR 349220 West Singhbhum (24-25)_D



ପିଲାଙ୍କୁ ଫର୍ମୁଲା ମିଲ୍କ କିମ୍ବା ପାଉଡର କ୍ଷୀର ଖୁଆଉଥିଲେ ହୋଇଯାଆନ୍ତୁ ସାବଧାନ। କାରଣ ଏହା ପିଲାର ସ୍ୱାସ୍ଥ୍ୟ ପାଇଁ ବିପଦପୂର୍ଣ୍ଣ ହୋଇପାରେ । ନିକଟରେ, ଯେତେବେଳେ ଏହି କ୍ଷୀରର ନମୁନା ପରୀକ୍ଷା କରାଯାଇଥିଲା, ସେତେବେଳେ ଏଥିରେ ସୀସା ଏବଂ ଆର୍ସେନିକ୍ ମିଳିଥିଲା, ଯାହା ଛୋଟ ପିଲାମାନଙ୍କ ସ୍ୱାସ୍ଥ୍ୟ ପାଇଁ ଗମ୍ଭୀର କ୍ଷତି କରିପାରେ ବୋଲି କୁହାଯାଇଛି। ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ପାଉଡ଼ର କ୍ଷୀର-ପିଲାମାନଙ୍କୁ ପାଉଡର କ୍ଷୀର ଦିଆଯିବା ଉଚିତ୍ ନୁହେଁ। ଏହା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ । ଆମେରିକୀୟ ଏକାଡେମୀ ଅଫ୍ ପିଡିଆଟ୍ରିକ୍ସ ଅନୁଯାୟୀ, ଏହି କ୍ଷୀର ପିଲାମାନଙ୍କଠାରେ ଅନେକ ଗମ୍ଭୀର ରୋଗ ସୃଷ୍ଟି କରିପାରେ । ପିଲାମାନଙ୍କୁ ୬ ମାସ ବୟସ ପର୍ଯ୍ୟନ୍ତ କେବଳ ମା’ କ୍ଷୀର ଖାଇବାକୁ ଦିଆଯିବା ଉଚିତ । କଞ୍ଜ୍ୟୁମର ରିପୋର୍ଟ ଦ୍ୱାରା ପରୀକ୍ଷିତ ୪୧ଟି ଫର୍ମୁଲା କ୍ଷୀର ନମୁନା ମଧ୍ୟରୁ ୩୪ଟିରେ ସୀସା ଥିଲା, ଯାହା ୧.୨ ରୁ ୪.୨ କ୍ୟୁବ୍ଭ ପର୍ଯ୍ୟନ୍ତ ଥିଲା । ଏହାର ସର୍ବୋଚ୍ଚ ସ୍ତର ଏନଫାମିଲ୍ ନ୍ୟୁଟ୍ରାମିଜେନରେ ମିଳିଥିଲା। ଯଦିଓ ପରୀକ୍ଷିତ କୌଣସି ନମୁନାରେ ସୀସା ସ୍ତର ମାନକଠାରୁ ଅଧିକ ନଥିଲା, ତଥାପି ଅଳ୍ପ ପରିମାଣ ବିପଜ୍ଜନକ । ତେବେ ଏହି କ୍ଷୀର ପିଇବା ଦ୍ୱାରା ମସ୍ତିଷ୍କ ଏବଂ ମାନସିକ ସ୍ୱାସ୍ଥ୍ୟ ବୃଦ୍ଧିରେ ସମସ୍ୟା ହୋଇପାରେ। ଗ୍ୟାସ୍, ଡାଇରିଆ ଏବଂ କୋଷ୍ଠକାଠିନ୍ୟ ଭଳି ପାଚନ ସମସ୍ୟା, ବୃକକ୍ ଏବଂ ଯକୃତ ଉପରେ ପ୍ରତିକୂଳ ପ୍ରଭାବ, ହାଡ଼ ଦୁର୍ବଳତା ଏବଂ ବୃଦ୍ଧି ବନ୍ଦ ହେବା ଭଳି ସମସ୍ୟା ହୋଇପାରେ ।





## ଫୋନ୍‌ର ଥାଏ ଏକ୍ସପାରୀ ଡେଟ୍ !

### ଜାଣନ୍ତୁ ରୋଚକ ତଥ୍ୟ

*ରନ୍ଧନ ତେଲ ହେଉ କିମ୍ବା ଔଷଧ। ଅଧିକାଂଶ ଜିନିଷରେ ଏକ୍ସପାରୀ ଡେଟ୍ ଲେଖାଥାଏ। କିନ୍ତୁ କ’ଣ ଜାଣନ୍ତି କି ଆପଣ ବର୍ଷ ବର୍ଷ ଧରି ବ୍ୟବହାର କରୁଥିବା ଫୋନର ଏକ୍ସପାରୀ ଡେଟ୍ କେତେ ଏହି ପ୍ରଶ୍ନଟି ବହୁତ ଆକର୍ଷଣୀୟ, କାରଣ ସମସ୍ତେ ଏହି ପ୍ରଶ୍ନର ଉତ୍ତର ଜାଣିବାକୁ ଆଗ୍ରହୀ। ଫୋନର ରିଟେଲ୍ ବକ୍ସରେ କେବଳ ମାନ୍ୟୁଫ୍ୟାକଚରିଂ ମନ୍ଥ ଉଲ୍ଲେଖ କରାଯାଏ, ଏକ୍ସପାରୀ ଡେଟ୍ ବିଷୟରେ କୌଣସି ସୂଚନା ନ ଥାଏ। କମ୍ପାନୀ ଏହା ବିଷୟରେ କୌଣସି ଅଧିକାରିକ ସୂଚନା ପ୍ରଦାନ କରୁନଥିବାରୁ ଫୋନର ଅବଧି ଶେଷ ହେବାର ତାରିଖ ଜାଣିବା କଷ୍ଟକର।*

ଆଣ୍ଡ୍ରଏଡ ସ୍ମାର୍ଟଫୋନ ତିଆରି କରୁଥିବା କମ୍ପାନୀଗୁଡ଼ିକ କେବେ ବି ଏପରି କିଛି ଉଲ୍ଲେଖ କରିନାହାଁନ୍ତି, କିନ୍ତୁ କେତେ ବର୍ଷ ପରେ ଫୋନ ବଦଳାଇବା ଉଚିତ ତାହା ଅନେକ କାରଣ ଉପରେ ନିର୍ଭର କରେ। ଯଦି ଆପଣଙ୍କ ଫୋନ ୩-୪ ବର୍ଷ ପୁରୁଣା ଏବଂ ଏବେ ଆପଣ କମ୍ପାନୀରୁ ସୁରକ୍ଷା ଅପଡେଟ ପାଇବା ବନ୍ଦ କରିଦେଇଛନ୍ତି, ତେବେ ଏପରି ଫୋନ ସହଜରେ ହ୍ୟାକ ହୋଇପାରେ କିମ୍ବା ସ୍କାମର କିମ୍ବା ହ୍ୟାକର୍ସଙ୍କ ଦ୍ୱାରା ଟାର୍ଗେଟ କରାଯାଇପାରିବ, ଯାହା ଆର୍ଥିକ କ୍ଷତି ମଧ୍ୟ କରିପାରେ।

କିଛି କମ୍ପାନୀ ୩ ବର୍ଷ ପାଇଁ ଏବଂ କିଛି ୫ ବର୍ଷ ପାଇଁ ଅପଡେଟ ପ୍ରଦାନ କରନ୍ତି, ଯାହା ପରେ ଫୋନ ପୁରୁଣା ହୋଇଯାଏ। ଯଦି ଆପଣଙ୍କର ଫୋନ ପୁରୁଣା ହୋଇଯାଇଛି ଏବଂ ଆପଣଙ୍କୁ କମ୍ପାନୀରୁ ଅପଡେଟ ମିଳିବା ବନ୍ଦ ହୋଇଯାଇଛି, ତେବେ ଏହାର ଅର୍ଥ ହେଉଛି ଫୋନକୁ ବଦଳାଇବାର ସଠିକ ସମୟ ଆସିଯାଇଛି।

ବର୍ତ୍ତମାନ ଏକ୍ସରେ ଲୋକମାନେ କହୁଛନ୍ତି, ଏସ୍‌ବିଆଇ ୟୋନୋ ଆପ ଆଣ୍ଡ୍ରଏଡ୍ ୧୧ ପୁରୁଣା ସଂସ୍କରଣରେ ଚାଲୁଥିବା ଫୋନ୍‌ରେ କାମ କରୁନାହିଁ। ବ୍ୟାଙ୍କର ଅଫିସିଆଲ ହ୍ୟାଣ୍ଡେଲ ସୂଚନା ଦେଇଛି ଯେ, ପୁରୁଣା ଅପରେଟିଂ ସିଷ୍ଟମ୍‌ରେ ଚାଲୁଥିବା ଫୋନ୍‌ଗୁଡ଼ିକୁ ଅପଡେଟ ମିଳୁନାହିଁ, ଯାହା ଫଳରେ ସେଗୁଡ଼ିକ ସହଜରେ ଟାର୍ଗେଟ ହୋଇଯାଆନ୍ତି।

## ୨୦୦ କୋଟିର ଭରଣପୋଷଣକୁ ପ୍ରତ୍ୟାଖ୍ୟାନ କରିଥିଲେ ସାମନ୍ଥା

ମାତ୍ର ୪ ବର୍ଷର ଦାମ୍ପତ୍ୟ ଜୀବନ ପରେ ୨୦୨୧ ମସିହାରେ ବୈବାହିକ ସମ୍ପର୍କ ଛିନ୍ନ କରିଥିଲେ ସମନ୍ଥା ରୁଥ୍ ପ୍ରଭୁ ଓ ନାଗା ଚୈତନ୍ୟ । ଆପସ ସହମତିରେ ଉଭୟଙ୍କର ବିଚ୍ଛେଦ ହୋଇଥିଲା । ନିକଟରେ କ୍ରିକେଟର ଯୁଜବେନ୍ଦ୍ର ଚହଲ ଓ ଧନଶ୍ରୀ ବର୍ମାଙ୍କ ବିବାହ ବିଚ୍ଛେଦ ହୋଇଛି, ଯାହାକୁ ନେଇ ଚର୍ଚ୍ଚା ଥମୁନି । ଛାଡ଼ପତ୍ର ପରେ ଭରଣପୋଷଣ ବାବଦକୁ ଧନଶ୍ରୀ ୪.୭୫ କୋଟି ଟଙ୍କା ପାଇଥିବା ଗଣମାଧ୍ୟମରେ ଚର୍ଚ୍ଚା ହେଲା । ଏ ନେଇ ଧନଶ୍ରୀଙ୍କୁ ଟ୍ରୋଲ୍ ମଧ୍ୟ କରାଗଲା । ଏପରିକି ଅଭିନେତା ହୃତିକ ରୋଶନ ଓ ସୁଜାନ ଖାନ୍‌ଙ୍କ ବିବାହ ବିଚ୍ଛେଦ ପୁଣି ଥରେ ଚର୍ଚ୍ଚାକୁ ଆସିଛି । ରିପୋର୍ଟ ଅନୁସାରେ, ଭରଣପୋଷଣ ବାବଦକୁ ହୃତିକ ସୁଜାନଙ୍କୁ ୩୮୦ କୋଟି ଟଙ୍କା ଦେଇଥିଲେ । ଏହି କ୍ରମରେ ସାଉଥ୍ ସୁପରଷ୍ଟାର ସମନ୍ଥା ରୁଥ୍ ପ୍ରଭୁ ଓ ନାଗା ଚୈତନ୍ୟଙ୍କ ବିବାହ ବିଚ୍ଛେଦ ପୁଣି ଥରେ ଖବରର ଶିରୋନାମା ହୋଇଛି । ରିପୋର୍ଟ ଅନୁସାରେ, ନାଗାଙ୍କ ସହ ବିବାହ ବିଚ୍ଛେଦ ପରେ ସାମନ୍ଥାଙ୍କୁ ୨୦୦ କୋଟି ଭରଣପୋଷଣ ଅଫର ହୋଇଥିଲା । କିନ୍ତୁ ସେ ପ୍ରତ୍ୟାଖ୍ୟାନ କରିଥିଲେ । ଆଉ ଏକ ରିପୋର୍ଟ ଅନୁସାରେ, ସାମନ୍ଥାଙ୍କୁ ପ୍ରଥମେ ୫୦ କୋଟି ଅଫର ହୋଇଥିଲା । କିନ୍ତୁ ସେ ନେବାକୁ ମନା କରିଥିଲେ । ଟଙ୍କା ବିଷୟରେ ଚିନ୍ତା କରି ସେ ଖୁବ୍ ବ୍ୟସ୍ତ ହୋଇପଡ଼ିଥିଲେ ବୋଲି କୁହାଯାଏ । ଏକ ସୂତ୍ର ଅନୁସାରେ ସାମନ୍ଥା ସ୍ପଷ୍ଟ କରିଥିଲେ ଯେ ଉକ୍ତ ବିବାହରୁ ସମନ୍ଥା କେବଳ ପ୍ରେମ ଓ ସାଥୀ ଚାହୁଁଥିଲେ, ଏବେ ସବୁକିଛି ଶେଷ ହୋଇଛି। ତାଙ୍କର ହୃଦୟ ଭାଙ୍ଗିଯାଇଛି। ସମ୍ପର୍କ ଭାଙ୍ଗିବା ପରେ ସେ ଆଉ କିଛି ବି ଚାହାନ୍ତି ନାହିଁ । ନିକଟରେ ଏକ ପଡ୍‌କାଷ୍ଟରେ ଯୋଗ ଦେଇ ସମନ୍ଥାଙ୍କ ସହ ବିଚ୍ଛେଦକୁ ନେଇ ନାଗା କହିଥିଲେ, ଆମେ ଦୁହେଁ ନିଜ ନିଜ ମାର୍ଗରେ ଯିବାକୁ ଚାହୁଁଥିଲୁ । ନିଜସ୍ୱ କାରଣ ପାଇଁ ଆମେ ଏହି ନିଷ୍ପତ୍ତି ନେଲୁ ଏବଂ ଆମେ ପରସ୍ପରକୁ ସମ୍ମାନ ମଧ୍ୟ ଦେଉଛୁ। ଆମେ ଆମ ଜୀବନରେ ନିଜ ନିଜ ମାର୍ଗରେ ଆଗକୁ ବଢୁଛୁ । ଏ ନେଇ ଅଧିକ ବର୍ଣ୍ଣନା ଆବଶ୍ୟକ ନାହିଁ । ଦର୍ଶକ ଓ ଗଣମାଧ୍ୟମ ଆମର ଗୋପନୀୟତାକୁ ସମ୍ମାନ ଦେବେ ବୋଲି ଆଶା ଥିଲା । କିନ୍ତୁ ଏହା ଆଲୋଚନା ଓ ମନୋରଞ୍ଜନର ବିଷୟ ପାଲଟିଗଲା ।



## ଲବଙ୍ଗରେ ଲୁଚିଛି ଔଷଧୀୟ ଗୁଣ



***ଆମ ରୋଷେଇ ଘରେ ସାଧାରଣତଃ ମସଲା ଭାବେ ବ୍ୟବହୃତ ଲବଙ୍ଗ କେବଳ ଖାଦ୍ୟର ସ୍ୱାଦ ବଢ଼ାଇବାରେ ସୀମିତ ହୋଇରହିଛି। ଏହି ମସଲା ଭିତରେ ଯେ ଅନେକ ଲୁକାୟିତ ଔଷଧୀୟ ଗୁଣର ଭଣ୍ଡାର ଅଛି ତାହା କାହାକୁ ଜଣାନାହିଁ। ଅନେକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟାରୁ ଆରମ୍ଭ କରି ଗମ୍ଭୀର ରୋଗ ପର୍ଯ୍ୟନ୍ତ, ଲବଙ୍ଗ ଏକ ସହଜ ଓ ସୁଲଭ ଉପାୟ ହୋଇପାରେ।***

■ ଦାନ୍ତ ବିନ୍ଧା ସମସ୍ୟାରୁ ମୁକ୍ତି ପାଇଁ ଲବଙ୍ଗ ଏକ ପୁରାତନ ଘରୋଇ ଉପଚାର। ଗୋଟିଏ ଲବଙ୍ଗକୁ ଦାନ୍ତ ମୂଳରେ ଚାପି ରଖିଲେ କିମ୍ବା ଲବଙ୍ଗ ତେଲକୁ ଦିନକୁ ୪-୫ ଥର ଲଗାଇଲେ ବିନ୍ଧାରୁ ତୁରନ୍ତ ଆରାମ ମିଳିଥାଏ। କେବଳ ଏତିକି ନୁହେଁ ଏହା ଲବଙ୍ଗ ଗ୍ୟାସ୍ ଓ ଏସିଡିଟି ଭଳି ପେଟ ଜନିତ ସମସ୍ୟାରେ ମଧ୍ୟ କାମ ଦେଇଥାଏ। କିଛି ଲବଙ୍ଗ ଗୁଣ୍ଡକୁ ପାଣିରେ ଫୁଟାଇ ଉଷୁମ ଅବସ୍ଥାରେ ପିଇଲେ ଏହି ସମସ୍ୟାରୁ ଶୀଘ୍ର ମୁକ୍ତି ମିଳିଥାଏ।

■ ଏତିକି ନୁହେଁ, ବାରମ୍ବାର ହେକୁଟି ହେଉଥିଲେ ଦୁଇଟି ଲବଙ୍ଗକୁ ପାଟିରେ ରଖି ତା’ର ରସ ଚୁଶିଲେ ଏହା ତୁରନ୍ତ କମିଯାଏ। ଏହା ପାଟିର ଦୁର୍ଗନ୍ଧ ଦୂର କରିବାରେ ମଧ୍ୟ ସହାୟକ ହୋଇଥାଏ। ତାଛଡ଼ା ଡାଇବେଟିସ୍ ରୋଗୀଙ୍କ ପାଇଁ ମଧ୍ୟ ଲବଙ୍ଗ ଏକ ବରଦାନ ସାବ୍ୟସ୍ତ ହୋଇଥାଏ। ଏହା ରକ୍ତରେ ସୁଗାରର ମାତ୍ରାକୁ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରିଥାଏ ବୋଲି ବିଶେଷଜ୍ଞମାନେ କହିଛନ୍ତି।

■ ଆଣ୍ଠୁଗଣ୍ଠି ବିନ୍ଧା ଭଳି ସମସ୍ୟାରେ ମଧ୍ୟ ଲବଙ୍ଗର ଚମତ୍କାର ଉପକାର ରହିଛି। ପ୍ରତିଦିନ ଗୋଟିଏ ଲବଙ୍ଗ ଖାଇଲେ କିମ୍ବା ଲବଙ୍ଗ ଗୁଣ୍ଡକୁ କପଡ଼ାରେ ଗୁଡ଼ାଇ ବିନ୍ଧୁଥିବା ସ୍ଥାନରେ ରଖିଲେ ଏହାରୁ ଆରାମ ମିଳିଥାଏ। ଏହି ଛୋଟ ଲବଙ୍ଗରେ ଏତେ ଗୁଣ ଲୁଚି ରହିଥିବା ଜାଣି ଅନେକେ ଆଶ୍ଚର୍ଯ୍ୟ ହେଉଛନ୍ତି। ତେବେ ଏହାର ଅତ୍ୟଧିକ ବ୍ୟବହାର ପୂର୍ବରୁ ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ।



## ଧନଶ୍ରୀଙ୍କ ବଦଳରେ ସୁରଭିଙ୍କୁ ଟ୍ରୋଲ୍

ଭାରତୀୟ କ୍ରିକେଟ ଦଳର ସ୍ପିନର ବୋଲର ଯୁଜବେନ୍ଦ୍ର ଚହଲ ଏବଂ ପତ୍ନୀ ଧନଶ୍ରୀଙ୍କ ମଧ୍ୟରେ ଛାଡ଼ପତ୍ର ହୋଇଛି। ଦୁହେଁ ଅଲଗା ହୋଇ ନିଜର ସମସ୍ତ ସମ୍ପର୍କକୁ ଶେଷ କରିଛନ୍ତି। ୪.୭୫ କୋଟି ଟଙ୍କାର ଭରଣପୋଷଣ ଚହଲ ଧନଶ୍ରୀଙ୍କୁ ଦେଇଛନ୍ତି । ତଥାପି ଉଭୟଙ୍କ ବିଷୟରେ ଆଲୋଚନା ଏପର୍ଯ୍ୟନ୍ତ ବନ୍ଦ ହୋଇନାହିଁ । ତେବେ ଏହି ଛାଡ଼ପତ୍ର ପରେ ୟୁଜର୍ସମାନେ ଧନଶ୍ରୀଙ୍କୁ ଟ୍ରୋଲ କରୁଥିବା ଦେଖିବାକୁ ମିଳିଛି । ତେବେ ଏକ ଭୁଲ୍ ବୁଝାମଣା ପାଇଁ ଟ୍ରୋଲର ଶିକାର ହେବା ସହ ଗାଳି ଶୁଣିବାକୁ ପଡ଼ିଛି ଅନ୍ୟଜଣେ ଅଭିନେତ୍ରୀଙ୍କୁ। ଟେଲି ଅଭିନେତ୍ରୀ ସୁରଭି ଚାନ୍ଦନା ଧନଶ୍ରୀଙ୍କ ଭଳି ଦେଖାଯାଆନ୍ତି । ଯେଉଁ କାରଣରୁ ୟୁଜର୍ସମାନେ ତାଙ୍କୁ ଧନଶ୍ରୀ ଭାବି ତାଙ୍କ ପୋଷ୍ଟରେ କମେଣ୍ଟ କରି ଗାଳି କରୁଛନ୍ତି । ନିକଟରେ ସୁରଭି ନିଜ ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ସେୟାର କରିଥିଲେ। କିନ୍ତୁ ଧନଶ୍ରୀ ଏବଂ ୟୁଜି ଛାଡପତ୍ର ପରେ ବର୍ତ୍ତମାନ ସୁରଭିଙ୍କୁ ଟ୍ରୋଲ ଦ୍ୱାରା ଟାର୍ଗେଟ କରାଯାଇଛି। ଜଣେ ୟୁଜର୍ସ ତାଙ୍କ ପୋଷ୍ଟରେ ମନ୍ତବ୍ୟ ଦେଇଛନ୍ତି ତୁମେ ଚହଲ ଭାଇଙ୍କ ହୃଦୟ ଭାଙ୍ଗିଲ । କାହିଁକି ଏମିତି କଲ ? ଏଭଳି ଅନେକ ୟୁଜର୍ସ ଗାଳି କରୁଥିବା ନେଇ ସେ କହିଛନ୍ତି। ତେବେ ଅନେକ ୟୁଜର୍ସଙ୍କ କମେଣ୍ଟରେ ଉତ୍ତର ଦେଇ ସୁରଭି କହିଛନ୍ତି କି, ମୁଁ ଧନଶ୍ରୀ ନୁହେଁ ସୁରଭି। ଏନେଇ କିଛି ୟୁଜର୍ସ କ୍ଷମା ପ୍ରାର୍ଥନା ମଧ୍ୟ କରିଛନ୍ତି । ସେପଟେ ଯଦି ଆମେ ସୁରଭିଙ୍କ କଥା କହିବା ତାହେଲେ ସେ ଗତ ବର୍ଷ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି । କିନ୍ତୁ ଭୁଲ୍ ବୁଝାମଣା ପାଇଁ ତାଙ୍କୁ ୟୁଜର୍ସମାନେ ବିଭିନ୍ନ ଖରାପ କମେଣ୍ଟ ମଧ୍ୟ କରିଥିବା ଦେଖିବାକୁ ମିଳିଛି ।





## ମା’ ହେଲେ ଆଥିଆ

ବଲିଉଡ ଅଭିନେତ୍ରୀ ଆଥିୟା ସେଟ୍ଟୀ ମାଆ ହୋଇଛନ୍ତି। କେ.ଏଲ ରାହୁଲ୍ ଓ ଆଥିଆ କନ୍ୟା ସନ୍ତାନର ପିତାମାତା ହୋଇଛନ୍ତି। ଏନେଇ ଆଥିୟା ଇନଷ୍ଟଗ୍ରାମରେ ଏକ ପୋଷ୍ଟ କରି ସୂଚନା ଦେଇଛନ୍ତି। ବାପା, ମା’ ହେବା ନେଇ ଶୁଭେଚ୍ଛା ଜଣାଇଥିବା ସବୁ ଶୁଭେଚ୍ଛୁଙ୍କୁ ଧନ୍ୟବାଦ ଜଣାଇଛନ୍ତି ଆଥିୟା। କହିବାକୁ ଗଲେ କେଏଲ ରାହୁଲ ଏବଂ ଆଥିୟା ଜାନୁଆରୀ ୨୦୨୩ରେ ବିବାହ କରିଥିଲେ। ସେମାନଙ୍କର ବିବାହ ସୁନୀଲ ଶେଟ୍ଟୀଙ୍କ ଖଣ୍ଡାଲାର ଫାର୍ମହାଉସରେ ହୋଇଥିଲା। ସେମାନଙ୍କ ବିବାହ ଉତ୍ସବରେ କେବଳ ପରିବାର ସଦସ୍ୟ ଏବଂ ନିକଟତମ ବନ୍ଧୁମାନେ ଯୋଗ ଦେଇଥିଲେ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik




ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧୀନ ପାଳିଆବିନ୍ଧା ସ୍ଥିତ ବିରଞ୍ଚ ନାରାୟଣ ମାଧବ ଅର୍ଜ୍ଜୁନ କଲେଜ ପରିସରରେ ଯୁକ୍ତତିନି ପ୍ରଥମବର୍ଷ ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଗତ ୭ ତାରିଖରୁ ଆରମ୍ଭ ହୋଇଥିବା ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରାଧ୍ୟାପକ ଅମୂଲ୍ୟ କୁମାର ପରିଡାଙ୍କ ଅଧ୍ୟକ୍ଷତାରେ ଅଧ୍ୟାପିକା ପ୍ରିୟଙ୍କା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆଜିର ଛାତ୍ରୀମାନେ ସାମ୍ପ୍ରତିକ ପରିସ୍ଥିତି ଅନୁଯାୟୀ ବିଭିନ୍ନ କୌଶଳ ପ୍ରୟୋଗ କରି କିପରି ନିଜର ସୁରକ୍ଷା କରିପାରିବେ, ସେ ସମ୍ପର୍କରେ ପରାମର୍ଶ ପ୍ରଦାନ କରିଥିଲେ। ପ୍ରଶିକ୍ଷିକା ଭାବେ ପୁରାତନ ଛାତ୍ରୀ ଜ୍ୟୋତିପ୍ରଭା ଜେନା, ପ୍ରିୟଦର୍ଶନୀ ନାୟକ, ମଧୁସ୍ମିତା ନାୟକ ଓ ହିମାସ୍ମୀ ସ୍ୱାଇଁ ଶିବିରାର୍ଥିନୀଙ୍କୁ କୌଶଳ ଶିକ୍ଷା ପ୍ରଦାନ କରିଥିଲେ। ଛାତ୍ରୀ ଶାଶ୍ୱତୀ ନାୟକ, ସସ୍ମିତା ନାୟକ, ପୁଷ୍ପାରାଣୀ ସେନାପତି, ଅଭିଲିପ୍ସା ବେହେରା ପ୍ରମୁଖ ପ୍ରଶିକ୍ଷଣ କୌଶଳର ନମୁନା ପ୍ରଦର୍ଶନ କରିଥିଲେ। ପ୍ରଶିକ୍ଷଣରେ କୃତିତ୍ୱ ହାସଲ କରିଥିବା ଶିବିରାର୍ଥିନୀଙ୍କୁ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଡେମୋନଷ୍ଟ୍ରେଟର ସ୍ୱପ୍ନା ରାୟ ଧନ୍ୟବାଦ ଅର୍ପଣ କରିଥିଲେ।



# ୨ଟି ପବନକଳରୁ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ଯୋଜନା

ଅସ୍ତରଙ୍ଗ,(ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ସମୁଦ୍ରକୂଳରେ ରହିଥିଲେ ହେଁ ସମୁଦ୍ର ଜୁଆର କିମ୍ବା ବେଳାଭୂମି ନିକଟରେ ପବନକଳ ପ୍ରତିଷ୍ଠା କରି ବିଦ୍ୟୁତ ଶକ୍ତି ଉତ୍ପାଦନ ନିମନ୍ତେ ଭିତ୍ତିଭୂମି ଉନ୍ନୟନ ପାଇଁ ଉଲ୍ଲେଖନିୟ ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ପୁରୀ ଜିଲ୍ଲାର ଅସ୍ତରଙ୍ଗ ଠାରେ ଓଏନଜିସି ତ୍ରିପୁରା ପାୱାର କମ୍ପାନୀ ଲିମିଟେଡ଼ ମାଧ୍ୟମରେ ୪୯.୫ମେଗାୱାଟ କ୍ଷମତା ବିଶିଷ୍ଟ ପବନଶକ୍ତି ପ୍ରକଳ୍ପ ସ୍ଥାପନ ପ୍ରସ୍ତାବକୁ ଗତବର୍ଷ ଜୁନ ୨୭ରୁ ସିଙ୍ଗିଲ ଉଇଣ୍ଡୋ କମିଟି ଅନୁମୋଦନ ଦେଇଥିଲେ ହେଁ କାମ ଶୂନ। ସେହିପରି ଅସ୍ତରଙ୍ଗ ଠାରେ ୪୮ମେଗାୱାଟ କ୍ଷମତା ସମ୍ପନ୍ନ ଅନ୍ୟ ଏକ ପବନଶକ୍ତି ପ୍ରକଳ୍ପ ସ୍ଥାପନ କରି ବିଦ୍ୟୁତ ଉତ୍ପାଦନ ନିମନ୍ତେ ସରଜାନ ରିଅଲିଟିଜ ପ୍ରାଇଭେଟ ଲିମିଟେଡ଼ ଠାରୁ ମିଳିଥିବା ପ୍ରସ୍ତାବ ବିଚାରାଧିନ ରହିଛି। ତେବେ ଏହା ଆକଳନ କେବେ ସରିବ ଓ ପ୍ରକଳ୍ପ କେବେ ପ୍ରତିଷ୍ଠା ହେବ ତାହା ଅନିଶ୍ଚିତ। ପ୍ରାକୃତିକ ଉତ୍ସ ଥିଲେ ହେଁ ଅକ୍ଷୟ ଶକ୍ତିରୁ ବିଦ୍ୟୁତ ସମୁଦ୍ରରୁ ଶଙ୍ଖେ ଭଳି। କେବେ ପ୍ରଶାସନ ନଜର ପଡୁଛି ତାହା ଅପେକ୍ଷା।

# ପରୀକ୍ଷିତ ଟାଇଗର ଯୁକ୍ତ ଦୁଇ ବିଜ୍ଞାନ କଲେଜର ବାର୍ଷିକ ଉତ୍ସବ ପାଳିତ




ଖଡ଼ିଆଳ, (ଭାସ୍କର ନ୍ୟୁଜ୍): ଖଡ଼ିଆଳ ପରୀକ୍ଷିତ ଟାଇଗର ଯୁକ୍ତ ଦୁଇ ବିଜ୍ଞାନ କଲେଜରେ ୧୨ତମ ବାର୍ଷିକ ଉତ୍ସବ ଅଧ୍ୟକ୍ଷ ଯୋଗେନ୍ଦ୍ର ମହାନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ନୂଆପଡା ଡିଏଫଓ ଆଜିଜ ଖାନ, ମୁଖ୍ୟବକ୍ତା ପୂର୍ବତନ ଅଧ୍ୟକ୍ଷ ତରୁଣ ପ୍ରଧାନ, ସ୍ୱତନ୍ତ୍ର ଅତିଥି ଖଡ଼ିଆଳ ବ୍ଲକ ଅଧ୍ୟକ୍ଷ ପୁଷ୍ପାଞ୍ଜଳି ନନ୍ଦ, ସମ୍ମାନିତ ଅତିଥି ଖଡ଼ିଆଳ ବିଇଓ କାହ୍ନୁଚରଣ ନାଏକ, ସ୍କୁଲ ନିର୍ଦ୍ଦେଶକ ଲଳିତ ମୋହନ ବାଗ, ସ୍କୁଲ ପରିଚାଳନା କମିଟିର ଉପଦେଷ୍ଟା ସମାଜସେବୀ ଫକୀର ମୋହନ ଜଗତ, ଅନ୍ୟତମ ସମ୍ମାନିତ ଅତିଥି ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ପ୍ରମୁଖ ମଞ୍ଚାସିନ ହୋଇଥିଲେ। ଅଧ୍ୟକ୍ଷ ମହାନନ୍ଦ ବାର୍ଷିକ ବିବରଣୀ ପ୍ରଦାନ କରିଥିବା ବେଳେ ଇଂରାଜୀ ଅଧ୍ୟାପିକା ଆର୍ଯ୍ୟା ମିଶ୍ର ଅତିଥି ସ୍ୱାଗତ ଓ ମଞ୍ଚ ପରିଚାଳନ କରିଥିଲେ। ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ ସ୍କୁଲର ଛାତ୍ରଛାତ୍ରୀ। ସଭା ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ।

# ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା




ନବରଙ୍ଗପୁର, (ଭାସ୍କର ନ୍ୟୁଜ): ସ୍ଥାନୀୟ ରାଜା ଚୈତନ୍ୟ ଦେବ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ ଠାରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ନିଯୋଜନ ତଥା ଦକ୍ଷତା ବିକାଶ ବିଭାଗ ତରଫରୁ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ ୯ ଗୋଟି ପ୍ରକଳ୍ପ କାର୍ଯ୍ୟକାରୀଣି ସଂସ୍ଥା ଓ ୨୪ଟି ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଯୋଗଦେଇ ନିଜ ନିଜ ସଂସ୍ଥାରେ ନିଯୁକ୍ତିର ସୁବିଧା ସୁଯୋଗଗୁଡିକୁ ନିଯୁକ୍ତି ଆଶାୟୀ ଥିବା ଯୁବକଯୁବତୀମାନଙ୍କୁ ବୁଝାଇଥିଲେ। ପ୍ରାରମ୍ଭରେ ଜିଲ୍ଲା କର୍ମନିଯୋଜନ ତଥା ଦକ୍ଷତା ବିକାଶ ଅଧିକାରୀ ଆନନ୍ଦ ପଳେଇ ଜିଲ୍ଲା ସ୍ତରୀୟ ମେଳା ଦ୍ୱାରା ଜିଲ୍ଲାର ବେକାର ଯୁବକଯୁବତୀ ପ୍ରକଳ୍ପ କାର୍ଯ୍ୟକାରୀଣି ସଂସ୍ଥା ମାଧ୍ୟମରେ ଜିଲ୍ଲା ଓ ଜିଲ୍ଲା ବାହାରେ ତାଲିମ ନେଇ ନିଶ୍ଚିତ ନିଯୁକ୍ତିର ସୁଯୋଗ ହାସଲ କରିପାରିବେ ବୋଲି କହିଥିଲେ। ନବରଙ୍ଗପୁର ଜିଲ୍ଲାର ଜୀବିକା ସନ୍ଧାନରେ ଥିବା ୫ ମ ଶ୍ରେଣୀ ପାସ ଠାରୁ ଦଶମ ଶ୍ରେଣୀ ଫେଲ ପର୍ଯ୍ୟନ୍ତ ଏବଂ ମାଟ୍ରିକ (୧୦ ମ ଶ୍ରେଣୀ)ପାସ ଠାରୁ ସ୍ନାତକ, ଆଇଟିଆଇ, ଡିପ୍ଲୋମା ପାସ କରିଥିବା ଆଗ୍ରହୀ ଯୁବକଯୁବତୀମାନେ (୧୮ରୁ ୩୫ ବର୍ଷ ମଧ୍ୟରେ) ଏହି ମେଳାରେ ଭାଗନେଇ ଶିକ୍ଷାଗତ ଯୋଗ୍ୟତା, ବାସିନ୍ଦା ପ୍ରମାଣପତ୍ର, ଜାତି ପ୍ରମାଣପତ୍ର, ଆଧାରରେ ନିଯୁକ୍ତି ପାଇପାରିବେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କ ନିଜର ବକ୍ତବ୍ୟରେ ଜିଲ୍ଲାର ନିଯୁକ୍ତି ମେଳାରେ ଭାଗ ନେଇଥିବା ନିଯୁକ୍ତି ଆଶାୟୀ ଯୁବକ ଯୁବତୀମାନେ ଉପସ୍ଥିତ ପ୍ରକଳ୍ପ କାର୍ଯ୍ୟକାରୀଣି ସଂସ୍ଥା ଓ ନିଯୁକ୍ତି ପ୍ରଦାନ କାରି ସଂସ୍ଥାମାନଙ୍କ ଜରିଆରେ ତାଲିମ ନେଇ ନିଶ୍ଚିତ ନିଯୁକ୍ତିର ସୁଯୋଗ ହାସଲ କରିବା ସହିତ ଆର୍ଥିକ ଦିଗରେ ସଶକ୍ତ ହେବା ପାଇଁ ଉପସ୍ଥିତ ଯୁବକଯୁବତୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ମାନଙ୍କ ତରଫରୁ ମନୋନୀତ ମଧୁ ଜାନୀ, ଚୈତନ୍ୟ ଗୌଡ, ପିଣ୍ଟୁ ଜାନୀ ଓ ମାମିନା ମୁଦୁଲିଙ୍କ ସମେତ ୫୨ ଜଣ ଯୁବକଯୁବତୀ ମାନଙ୍କୁ ଜିଲ୍ଲାପାଳ ଡ. ମହାପାତ୍ର ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ଶିବିରରେ ବିଭିନ୍ନ ବ୍ଲକରୁ ଆସିଥିବା ମୋଟ ୫୭୩ ଜଣ ନିଯୁକ୍ତି ଆଶାୟୀ ଯୁବକଯୁବତୀ ନିଜ ନାମ ପଞ୍ଜିକରଣ କରିଥିଲେ। ୫୭୩ ଜଣରୁ ନିଯୁକ୍ତକାରୀ ସଂସ୍ଥା ଓ ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ଦ୍ୱାରା ମୋଟ ୩୧୦ ଜଣଙ୍କୁ ଚିହ୍ନଟ କରାଯାଇ ଆଗକୁ ନିଯୁକ୍ତି ଓ ତାଲିମ ଉପରେ ପଦକ୍ଷେପ ନେବେ। ଆହ୍ୱାନଏଡର ଜିଲ୍ଲା ପରାମର୍ଶଦାତା ଫକିର ଚରଣ ରାଉତଙ୍କ ସଂଯୋଜନାରେ ହୋଇଥିବା ଏହି ସମାବେଶରେ ଅତିରିକ୍ତ ଜିଲ୍ଲାପାଳ ତପନ ଖୁଣ୍ଟିଆ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୁୱାନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦି କହଁର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଏଆରଓ ଗୋପାଳପୁର ଏମ ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସୈନ୍ୟ ବାହିନୀରେ ଯୋଗ ଦେବାକୁ ଚାହୁଁଥିବା ଜିଲ୍ଲାର ଯୁବକଯୁବତୀ ମାନଙ୍କୁ ଉପଯୁକ୍ତ ତାଲିମ ଓ ନିଯୁକ୍ତି ନିମନ୍ତେ ଆଗକୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଶିବିର ସ୍ଥାପନ କରିବାକୁ ଜିଲ୍ଲାପାଳ ଆଗ୍ରହ ପ୍ରକାଶ କରିଥିଲେ। ଶେଷରେ ଅତିରିକ୍ତ ଦକ୍ଷତା ବିକାଶ ଅଧିକାରୀ ଶୁଭମ୍ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# କୁଡୁମୀ ସମ୍ମିଳନୀ ଓ କୁଡୁମୀ ସାଂଗଠନିକ ବୈଠକ



ବେତନଟୀ, (ଭାସ୍କର ନ୍ୟୁଜ): ପଶ୍ଚିମବଙ୍ଗ ରାଜ୍ୟକୁ ଲାଗି ଦୁଇଟି ଦେଶ ବାଂଲାଦେଶ ଓ ଭୁଟାନ ଅଞ୍ଚଳରେ ବସବାସ କରୁଥିବା କୁଡୁମି ଜାତି ଭାଇଙ୍କ ସାଂସ୍କୃତିକ ତଥା ସାମାଜିକ ଅଧିକାର ପାଇଁ କୁଡୁମୀ ସେନା ଓଡ଼ିଶା ପକ୍ଷରୁ ମିଳିତ ଉଦ୍ୟମ କରାଯିବ ବୋଲି କୁଡୁମୀ ସେନା ପ୍ରତିଷ୍ଠାତା ସଭାପତି ଜୈମୁନି କୁମାର ମହାନ୍ତ କହିଛନ୍ତି। ପଶ୍ଚିମବଙ୍ଗ (ଉତ୍ତରବଙ୍ଗ) ଆଲିପୁରଦୁଆର୍ ଜିଲ୍ଲାର ଭାଷା ଡାବରି ଠାରେ ଆଲିପୁରଦୁଆର୍ କୁଡୁମି ଉନ୍ନୟନ ସମିତି ଦ୍ୱାରା ଅନୁଷ୍ଠିତ କୁଡୁମୀ ସମ୍ମିଳନୀ ଓ କୁଡୁମୀ ସାଂଗଠନିକ ବୈଠକରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମହାନ୍ତ କହିଛନ୍ତି। ଆଲିପୁରଦୁଆରରେ ବସବାସ କରୁଥିବା କୁଡୁମୀ ସମ୍ପ୍ରଦାୟର ଲୋକମାନେ ବହୁବର୍ଷ ସମୟ ଧରି ରହିଆସୁଛନ୍ତି। ପଶ୍ଚିମବଙ୍ଗ ରାଜ୍ୟର କୁଡୁମି ସମାଜର ସଭାପତି ରାଜେଶ ମାହାତ, ଝାଡଖଣ୍ଡ ରାଜ୍ୟର ଦୀପକ ମାହାତ ଏବଂ ବିଭିନ୍ନ ରାଜ୍ୟର କୁଡୁମୀ ସଙ୍ଗଠନର ମୁଖ୍ୟ ସବୁ ଯୋଗଦାନ କରିଥିଲେ। ମହାନ୍ତ ଏହି ସଭାରେ ଯୋଗଦେଇ କୁଡୁମୀମାନଙ୍କର ସମସ୍ୟା ବିଷୟରେ ସରକାରଙ୍କ ଧ୍ୟାନ ଆକର୍ଷଣ କରିବା ସହିତ କୁଡୁମୀମାନଙ୍କୁ ଆଦିବାସୀ ମାନ୍ୟତା ଦେବା ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିବାକୁ ଦାବି ଜଣାଇଥିଲେ। ଦ୍ୱିଜେନ ମାହାତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସମ୍ମିଳନୀରେ ହଜାର ହଜାର କୁଡୁମି ପୁରୁଷ ମହିଳା ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବରେ ପଶ୍ଚିମବଙ୍ଗ କୁଡୁମୀ ସମାଜର ସଭାପତି ରାଜେଶ ମାହାତ ଏବଂ କୁଡୁମୀ ସେନାର ବୁଲୁ ମହାନ୍ତ, ମହେଶ୍ୱର ମହାନ୍ତ, ଟିକିନା ମହାନ୍ତ, ଟିକିଲି ମହାନ୍ତ, ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଶାରେ ଚାଲିଥିବା କୁଡୁମୀ ସେନାର କାର୍ଯ୍ୟକ୍ରମରେ ଉତ୍ତରବଙ୍ଗ କୁଡୁମୀ ସମାଜର କର୍ମକର୍ତ୍ତାମାନେ ଉଦ୍‌ବୁଦ୍ଧ ହୋଇ ଓଡ଼ିଶା କୁଡୁମୀ ସେନାର ପରାମର୍ଶ ଓ ସହଯୋଗ ଲୋଡ଼ିଥିଲେ। ଏଣୁ ଓଡ଼ିଶାର କୁଡୁମୀସେନା ପକ୍ଷରୁ ଉତ୍ତରବଙ୍ଗ କୁଡୁମୀ ମାନଙ୍କ ଅଧିକାର ପାଇଁ ମିଳିତ ଉଦ୍ୟମ କରାଯିବ ବୋଲି କୁଡୁମୀ ସେନାର ସଭାପତି ଜୈମୁନି କୁମାର ମହାନ୍ତ କହିଥିଲେ।

## ଅଙ୍ଗନୱାଡ଼ି ଖୋଲୁ ନଥିବା ଅଭିଯୋଗ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ବ୍ଲକ ବୟାବନାପୁର ପଞ୍ଚାୟତ ହଳଦିଗଡିଆ ଅଙ୍ଗନୱାଡ଼ି କେନ୍ଦ୍ର ନିୟମିତ ଭାବେ ଖୋଲା ଯାଉନଥିବା ଅଭିଯୋଗ ହୋଇଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସରକାର ଅଙ୍ଗନୱାଡ଼ି କେନ୍ଦ୍ର ସକାଳ ୬.୩୦ ରୁ ଆରମ୍ଭ ହୋଇ ସକାଳ ୯ଟାରେ ବନ୍ଦ କରାଯିବାକୁ ନିର୍ଦ୍ଦେଶ ପ୍ରକାଶ ପାଇଛି। ମାତ୍ର ସଂପୃକ୍ତ ଅଙ୍ଗନୱାଡ଼ି କେନ୍ଦ୍ର ମଙ୍ଗଳବାର ସକାଳ ୮ଟା ପର୍ଯ୍ୟନ୍ତ ବନ୍ଦ ଥିବା ଦେଖି ଗ୍ରାମବାସୀମାନେ ସରପଞ୍ଚଙ୍କୁ ଜଣାଇଥିଲେ। ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସାହୁ ମହିଳା ଓ ଶିଶୁ ବିକାଶ ଅଧିକାରିଣୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟର ସଂପୃକ୍ତ କେନ୍ଦ୍ର ସୁପରଭାଇଜର କେନ୍ଦ୍ରକୁ ଯାଇ ଖୋଲାଇଥିଲେ। ମାତ୍ର ୮ ଜଣ ପିଲା କେନ୍ଦ୍ରକୁ ଆସିଥିଲେ। ରୋଷେଇ ହୋଇନଥିଲା। ଏହି କେନ୍ଦ୍ରର ଅଙ୍ଗନୱାଡ଼ି କର୍ମୀ ଅଭ୍ୟାସଗତ ଭାବେ ଏଭଳି କାର୍ଯ୍ୟ କରୁଛନ୍ତି ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଥିଲେ। ବୁଧବାର ଏହି ଅଭିଯୋଗ ସମ୍ପର୍କରେ ତଦନ୍ତ ହେବ ବୋଲି ସିଡିପିଓ ରିତାରାଣୀ ମାଝୀ କହିଛନ୍ତି। ଏହି ଅନିୟମିତତା ସମ୍ପର୍କରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ଜଣାଯାଇଛି।

# ଗୋପାଳପୁର ପଞ୍ଚାୟତରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର



ବୋଲଗଡ଼, (ଭାସ୍କର ନ୍ୟୁଜ): ବୋଲଗଡ଼ ବ୍ଲକ ଅନ୍ତର୍ଗତ ଗୋପାଳପୁର ଗ୍ରାମପଞ୍ଚାୟତର ଦେଉଳି ରଘୁନାଥ ମହାବିଦ୍ୟାଳୟ ଠାରେ ସରପଞ୍ଚ ପ୍ରଦୀପ କୁମାର ବାରିକଙ୍କ ଆୟୋଜନ କ୍ରମେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ତରଫରୁ ଏକ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ଜନଶୁଣାଣୀ କାର୍ଯ୍ୟକ୍ରମ ଅବସରରେ ମୋଟ ୧୮୦ଗୋଟି ଅଭିଯୋଗ ଜନଶୁଣାଣୀ ହୋଇଅଛି। ଏହି ଜନଶୁଣାଣୀରେ ବ୍ୟକ୍ତିଗତ ଅଭିଯୋଗ ୧୨୯ ଗୋଟି ଥିବା ବେଳେ ୪୮ଗୋଟି ସାମୂହିକ ଅଭିଯୋଗ ରହିଅଛି। ସେହିପରି ୩ ଗୋଟି ଅଭିଯୋଗକୁ ତ୍ୱରିତ ସମାଧାନ କରାଯାଇଥିଲା। ଏହା ସହ ଜଣେ ପୁରୁଷ ହିତାଧିକାରୀ ନୟାପଲ୍ଲୀର ଘନଶ୍ୟାମ ନାୟକ ଓ ମହିଳା ହିତାଧିକାରୀ ଗୋଡିପଟଣାର ବିନୋଦିନୀ ବେହେରାଙ୍କ ଠାରେ କୃତିମ ଗୋଡ଼ ଲାଗିଥିବାର ଦେଖିବାକୁ ମିଳିଥିଲା। ଏହି ଜନଶୁଣାଣୀ କାର୍ଯ୍ୟକ୍ରମ ଅବସରରେ ସ୍ଥାନୀୟ ବୋଲଗଡ଼ - ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା, ଜିଲ୍ଲା ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେହେରା, ଉପ ଜିଲ୍ଲାପାଳ କିଶୋର କୁମାର ପଣ୍ଡା, ଆରକ୍ଷୀ ଅଧିକାରିଣୀ ସାଗରିକା ନାଥ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ ଚନ୍ଦ୍ର ମଲ୍ଲିକ, ତହସିଲଦାର ବିଜୟ କୁମାର ସେଠୀ, ଏବିଡିଓ ରତିକାନ୍ତ ମିଶ୍ର, ବ୍ଲକ୍ ଅଧ୍ୟକ୍ଷା ହୁଲାଶ ପ୍ରଧାନ, ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁଙ୍କ ସମେତ ବ୍ଲକର ସମସ୍ତ ବିଭାଗର ଅଧିକାରୀ ଓ ଅଧିକାରିଣୀମାନେ ଉପସ୍ଥିତ ଥିଲେ। ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ସାଧାରଣ ଜନତାଙ୍କ ବିଭିନ୍ନ ଅଭିଯୋଗ ମାନ ଗ୍ରହଣ କରିଥିଲେ। ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ଓ ୧୯ ଗୋଟି ଗ୍ରାମ ପଂଚାୟତର ଜନ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଉଭୟ ବୋଲଗଡ଼ ଥାନା ଓ ବେଗୁନିଆ ଥାନା ଅଧିକାରୀଣୀ ଓ ଅଧିକାରୀ ମାନେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ନିମନ୍ତେ ଉପସ୍ଥିତ ରହିଥିବା ବେଳେ ମହାବିଦ୍ୟାଳୟର କର୍ତ୍ତୃପକ୍ଷ ସହଯୋଗ କରିଥିଲେ।

## ତିହିଡ଼ି ଥାନାରେ ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କ ଯୋଗଦାନ

ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ଥାନାର ନୂତନ ଥାନା ଅଧିକାରୀ ଭାବେ ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ସୋମବାର ଯୋଗଦାନ କରିଛନ୍ତି। ସେ ଭୁବନେଶ୍ୱର କ୍ୟାପିଟାଲ ଥାନାରେ ରହି ସୂଚାରୁରୂପେ




ଦକ୍ଷତାର ସହିତ କାର୍ଯ୍ୟ ସମ୍ପାଦନ କରିଥିଲେ। ତିହିଡ଼ି ଥାନାରେ ଯୋଗଦେବା ପରେ ସେ ଜନସାଧାରଣଙ୍କୁ ଉଚିତ ନ୍ୟାୟପ୍ରଦାନ କରିବା ଦିଗରେ ପଦକ୍ଷେପ ନେବା ସଙ୍ଗେ ସଙ୍ଗେ କୋଇଲା ଚୋରୀ ଉପରେ ତୀକ୍ଷ୍ଣ ଦୃଷ୍ଟି ଦେବା ଚୋରି, ରାହାଜାନୀ, ଡକାୟତି ଇତ୍ୟାଦି ଅପରାଧକୁ ରୋକିବା ଦିଗରେ ସେ ଉଦ୍ୟମ କରିବେ ବୋଲି କହିଛନ୍ତି। ନୂତନ ଥାନା ଅଧିକାରୀ ଗ୍ରହାଚାର୍ଯ୍ୟଙ୍କ ଯୋଗଦାନ ପରେ ତିହିଡ଼ି ଯୁବ ମଞ୍ଚ, ଉତ୍କଳମଣି ସେବା ସଂଘ, ବରିଷ୍ଠ ନାଗରିକ ସଂଘ ସମେତ ବିଭିନ୍ନ ସଂଗଠନ ଓ ରାଜନୈତିକ ବ୍ୟକ୍ତିବିଶେଷ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି।

# କୁଆପଥର ମାଡ଼ରେ ବ୍ୟାପକ ମୁଗ ଫସଲ ନଷ୍ଟ



ଡେରାବିଶ,(ଭାସ୍କର ନ୍ୟୁଜ): ଗତକାଲି ଅପରାହ୍ନରେ ଅଦିନିଆ କାଳ ବୈଶାଖୀର ତାଣ୍ଡବ ଡେରାବିଶ ବ୍ଲକ ଅଂଚଳରେ ଦେଖିବାକୁ ମିଳିଛି। ଅପରାହ୍ନ ସାଢ଼େଚାରିଟା ବେଳେ ହଠାତ କଳାହାଣ୍ଡିଆ ମେଘ ଘୋଟିଆସି ଅନ୍ଧାର କରି ଘଡ଼ଘଡ଼ି ସହ ମୁଷଳ ଧାରାରେ ବର୍ଷା ହେବା ସହିତ ଖୁବ୍ ଜୋରରେ ପବନ ବହିବାରେ ଲାଗିଥିଲା। ଦୀର୍ଘ ୧ଘଣ୍ଟା ଧରି ସ୍ଥାନୀୟ ଅଂଚଳରେ ଖୁବ୍ ଜୋରରେ ପବନ ବହିବା ଫଳରେ ବହୁ ଛୋଟଛୋଟ ଗଛ ଭାଙ୍ଗିଯିବା ସହିତ ବଡ଼ବଡ଼ ଗଛର ଡାଳ ଭାଙ୍ଗି ବିଭିନ୍ନ ଲୋକଙ୍କ ଘର ଉପରେ ପଡ଼ିଥିଲା। ଏଥିସହିତ କୁଆପଥର ମାଡ଼ ହେବା ଫଳରେ ଚାଷଜମିରେ ଥିବା ବ୍ୟାପକ ମୁଗ ଓ ବିରି ଫସଲ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। କୁଆପଥର ମାଡ଼ ଯୋଗୁଁ ବହୁ ଚାଷଜମିରେ ମୁଗଫସଲର ଫୁଲ ଝଡ଼ି ଯାଇଥିବା ବେଳେ ବହୁ ସ୍ଥାନରେ ମୁଗ ଛୁଇଁ ମଧ୍ୟ ଝଡ଼ିପଡ଼ିଥିବା ଦେଖିବାକୁ ମିଳିଛି। ଝଡ଼ବାତ୍ୟାରେ ଦାନପୁର ପଂଚାୟତ ଅନ୍ତର୍ଗତ କେଶରପୁର ଗ୍ରାମର ଶ୍ୱେତାଙ୍ଗିନୀ ଯେନାଙ୍କ ଘର ଉପରେ ଏକ ବଡ଼ ଚାଖୁଣ୍ଡା ଗଛର ଡାଳ ପଡ଼ି ଘର ଭାଙ୍ଗିଯାଇଥିଲା। ଖବର ପାଇ ଡେରାବିଶ ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ଜେନାଙ୍କ ଘରଉପରୁ ଏହି ଚାଖୁଣ୍ଡା ଡାଳଟିକୁ କାଟି ବାହାର କରିଥିଲେ। ସେହିପରି ବାଲିଆ ପଂଚାୟତ ଅନ୍ତର୍ଗତ ଅରିଓ ଗ୍ରାମର ବିଦ୍ୟାଳୟ ନିକଟରେ ଏକ ବଡ଼ ଚାକୁଣ୍ଡା ଗଛ ଭାଙ୍ଗି ରାସ୍ତା ଉପରେ ପଡ଼ିଥିଲା। ଦାନପୁର ପଂଚାୟତ ଅନ୍ତର୍ଗତ କେଶରପୁର ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ଟିଣ ଛପର ଉଡ଼ି ନିକଟସ୍ଥ ଚାଖୁଣ୍ଡା ଗଛରେ ଲାଗିଥିବା ଦେଖିବାକୁ ମିଳିଛି ସେହିପରି ଦାନପୁର ବଜାରରେ ଏକ ବଡ଼ ଓସ୍ତ ଗଛର ଡାଳପଡ଼ି ସନ୍ତୋଷ କୁମାର ପଣ୍ଡାଙ୍କ ଦୋକାନ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ଏପରିକି ବହୁ ସ୍ଥାନରେ ଘଡ଼ଘଡ଼ି ପଡ଼ିବା ଓ ଗଛ ପଡ଼ିବା ଯୋଗୁଁ ବିଦ୍ୟୁତ୍ ସରବରାହରେ ବ୍ୟାଘାତ ଘଟିଥିବା ଦେଖିବାକୁ ମିଳିଛି।

# ନିଆଳି ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା ଉଦ୍‌ଘାଟନ କେବେ ?



ନିଆଳି, (ଭାସ୍କର ନ୍ୟୁଜ): ନିଆଳି ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା ନିର୍ମାଣ ନିମନ୍ତେ ୬ କୋଟି ଟଙ୍କା ବ୍ୟୟ ବରାଦରେ ନିର୍ମାଣ ହୋଇଛି କୋଠା। ଏହି କୋଠା ନିର୍ମାଣ ଦାୟିତ୍ୱ ପୂର୍ତ୍ତ ବିଭାଗ କରୁଥିବା ବେଳେ ବହୁ ବଡ଼ ବିବାଦରେ କୋଠା ସମ୍ପୂର୍ଣ୍ଣ ହୋଇଛି। ଗତ ଫେବୃଆରୀ ମାସ ୧୫ ତାରିଖ ପୂର୍ତ୍ତ ବିଭାଗ ସ୍ୱାସ୍ଥ୍ୟ କେନ୍ଦ୍ର କର୍ତ୍ତୃପକ୍ଷଙ୍କୁ ନୂତନ କୋଠା ହସ୍ତାନ୍ତର କରିସାରିଛନ୍ତି। ଜିଲ୍ଲାପାଳ, ଉପଜିଲ୍ଲାପାଳ ବାରମ୍ବାର ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସି କାମ ତଦାରଖ କରିବା ସହ କାର୍ଯ୍ୟଟିକୁ ପୂର୍ତ୍ତ ବିଭାଗ ଜରିଆରେ ସମ୍ପୂର୍ଣ୍ଣ କରାଇଛନ୍ତି। ସ୍ୱାସ୍ଥ୍ୟ ବିଭାଗକୁ ଦେଢ଼ମାସ ହେବ ହସ୍ତାନ୍ତର କରିଥିଲେ ମଧ୍ୟ ଏହାକୁ ଉଦଘାଟନ କରାଯାଇ ନାହିଁ। ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଉଦଘାଟନ କରିବା ପାଇଁ ଦେଢ଼ ମାସ ହେବ ବିଭିନ୍ନ ସମୟରେ ସମୟ ଗଡ଼ାଇ ଚାଲିଛନ୍ତୁ। ଏହି କାମରେ ଅଧିକାଂଶ କାର୍ଯ୍ୟ ନିର୍ବାଚନ ପରେ ହୋଇଥିଲେ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ର କୋଠାଟିର ରଙ୍ଗକୁ ନେଇ ବିବାଦ ଉପୁଜିଛି। ରାଜ୍ୟ ସରକାର ପୂର୍ବତନ ସରକାରଙ୍କ ସମୟରେ ଦିଆଯାଇ ଥିବା ରଙ୍ଗକୁ ପରିବର୍ତ୍ତନ କରୁଥିବା ବେଳେ ଏଠାରେ ସରକାର ପରିବର୍ତ୍ତନ ପରେ ମଧ୍ୟ ପୁରୁଣା ରଙ୍ଗ ମରାଯାଇଥିବାରୁ ଉଦଘାଟନ ପାଇଁ ଶାଶକ ଦଳ ପକ୍ଷରୁ କେହି ଆସୁ ନଥିବା ଆଲୋଚନାର ବିଷୟ ପାଲଟିଛି। ଏମିତିକି ଏହି ରଙ୍ଗକୁ ପରିବର୍ତ୍ତନ ପାଇଁ ମୋଟାଅଙ୍କର ଅର୍ଥ କାରବାର ହୋଇଥିବା ଅଭିଯୋଗ ହେଉଛି। ଠିକାଦାର, ରାଜନେତା ସ୍ୱାସ୍ଥକେନ୍ଦ୍ର କର୍ମଚାରୀ ସମସ୍ତେ ମିଳିମିଶି ମୋଟା ଅଙ୍କର ଅର୍ଥ କାରବାରରେ ସାମିଲ ଅଛନ୍ତି। ଏ ନେଇ ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ପଚାରିବାରୁ ଫେବୃଆରୀ ୧୫ ତାରିଖରୁ ହସ୍ତାନ୍ତର ସ୍ୱାସ୍ଥ୍ୟକେନ୍ଦ୍ରକୁ କରିଦେଇଛୁ। ଉଦଘାଟନ ସହିତ ଆମର କୌଣସି ସମ୍ପର୍କ ନାହିଁ।

## ବଞ୍ଜାରୀ ସରକାରୀ ଆବାସିକ ଉଚ୍ଚ ବିଦ୍ୟାଳୟରେ ନାମଲେଖା ପାଇଁ କାଉନ୍‌ସେଲିଂ

ବେଲପାହାଡ଼, (ଭାସ୍କର ନ୍ୟୁଜ୍ ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ଅନ୍ତର୍ଗତ ବଞ୍ଜାରୀ ସରକାରୀ (ଏସ୍‌ଏସ୍‌ଡି) ଆବାସିକ ଉଚ୍ଚ ବିଦ୍ୟାଳୟରେ ନାମଲେଖା ପାଇଁ କାଉନ୍‌ସିଲିଂ ଓ ଚୟନ ପ୍ରକ୍ରିୟା ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି। ମୋଟ ୧୦୯ ଜଣ ଛାତ୍ର ଛାତ୍ରୀ ଏହି ଚୟନ ପ୍ରକ୍ରିୟାରେ ଉପସ୍ଥିତ ରହି ଭାଗ ନେଇଥିଲେ। ବିଶେଷ କରି ଷଷ୍ଠ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ପାଇଁ ଚୟନ କରାଯାଉଥିବା ବେଳେ ସପ୍ତମ ଓ ଅଷ୍ଟମ ଶ୍ରେଣୀରେ କେବଳ ଖାଲି ଥିବା ସିଟ ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ଚୟନ କରାଯାଉଛି। ଚଳିତ ବର୍ଷ ଦଶମ ଶ୍ରେଣୀରେ ଏହି ବିଦ୍ୟାଳୟରୁ ୮୬ ଜଣ ଛାତ୍ର ଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିବା ଜଣାପଡିଛି। ପ୍ରଧାନଶିକ୍ଷକ କୁମୁଦ ଚନ୍ଦ୍ର ପ୍ରଧାନ, ବରିଷ୍ଠ ଶିକ୍ଷକ ଗୌରିଶଙ୍କର ବିଶିଙ୍କ ତତ୍ତ୍ୱାବଧାନରେ ସୁରୁଖୁରୁରେ ବହୁ ସଂଖ୍ୟକ ଅବିଭାବକଙ୍କ ଉପସ୍ଥିତିରେ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା।

## ଦିନ ଦିପହରେ ଚୋରି ହେଉଛି ମାଟି

କଣ୍ଟାପଡ଼ା, (ଭାସ୍କର ନ୍ୟୁଜ): କଣ୍ଟାପଡ଼ା ତହସିଲି ଅଧିନସ୍ଥ ଡିମିରି ଗ୍ରାମ ପଞ୍ଚାୟତ ଅଲିଙ୍ଗି କୁସୁନୁପୁର ଅଞ୍ଚଳରେ ଦିନ ଦିପହରେ ଖୋଲମଖୋଲା ମାଟି ଚୋରା ଚାଲାଣ ହେଉଛି। ପୋଖୋରି ଖୋଳିବା ଆଳରେ ମାଟି ବେପାର କରାଯାଉ ଥିବା ଜନସାଧାରଣ ଅଭିଯୋଗ କରିଛନ୍ତି। ଜେସିବି ଟ୍ରାକ୍ଟର ମାଲିକମାନେ ତହସିଲିଦାର, ଆରାଇଙ୍କୁ ମୋଟାଅଙ୍କର ଅର୍ଥ ଦେଇ ନିର୍ଭୟରେ ମାଟି ବିକ୍ରି କରୁଛନ୍ତି ବୋଲି। ସ୍ଥାନୀୟ ଲୋକମାନେ ଅଭିଯୋଗ କଲେ ସେମାନଙ୍କୁ ବିଭିନ୍ନ ସମୟରେ ଧମକ ଦେବା ଅଭିଯୋଗ ହୋଇଛି। ଯାହା ଫଳରେ ଏଥିପ୍ରତି ଜିଲ୍ଲା ପ୍ରସାଶନ ଓ ପୋଲିସ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଶିଶୁବାଟିକାରେ ଖଡ଼ି ଛୁଆଁ ଓ ପ୍ରବେଶ ଉତ୍ସବ ଲାଗି ପ୍ରୟାସ



ପରଜଙ୍ଗ, (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଗୋଷ୍ଠୀ ଶିକ୍ଷାଧିନରେ ଥିବା ବିଦ୍ୟାଳୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସାରା ରାଜ୍ୟରେ ନୂତନ ଶିକ୍ଷାନୀତି ସମ୍ପର୍କରେ ୨୦୨୦ ଅନୁଯାୟୀ ପ୍ରାଥମିକ ବିଦ୍ୟାଳୟ ସ୍ତରରେ 'ଶିଶୁ ବାଟିକା' ପ୍ରଣୟନକୁ କାର୍ଯ୍ୟକାରୀ ଓ ତ୍ୱରାନ୍ୱିତ ନିମନ୍ତେ ପ୍ରୟାସ ଜାରି କରାଯାଇଛି। ପିଲାଙ୍କ ଗୁଣାତ୍ମକ ଶିକ୍ଷାଦାନ ଉପରେ ଖଡ଼ି ଛୁଆଁ ଓ ଶ୍ରେଣୀ ପ୍ରବେଶ ଉତ୍ସବ ଦିଗରେ ସରକାର ସଦାସର୍ବଦା ପ୍ରୟାସ ଜାରି ରଖିଥିବା ବେଳେ ଆସନ୍ତା ଏପ୍ରିଲ ମାସ ୨ ତାରିଖରେ ୫ ବର୍ଷରୁ ଉର୍ଦ୍ଧ୍ୱ ପିଲାଙ୍କ ଭବିଷ୍ୟତ, ଉତ୍ତମ ଓ ଅନୁଭୂତି ମୂଳକ ଶିକ୍ଷଣ ଉପରେ ପ୍ରତିଶୃତିବଦ୍ଧ ହୋଇ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ଖଡ଼ି ଛୁଆଁ ଓ ପ୍ରବେଶ ଉତ୍ସବ ପାଇଁ ଲକ୍ଷ୍ୟ ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକରେ ଯୋଗ୍ୟ ପିଲା ଏହି ନାମ ଲେଖାରେ କିପରି ଅନ୍ତର୍ଭୁକ୍ତ ହୋଇପାରିବେ ସେଥି ପାଇଁ ବ୍ଲକ ବିଡ଼ିଓ ସୌଭାଗ୍ୟ କୁମାର ବେହେରା, ବ୍ଲକ ଶିକ୍ଷାଧିକାରିଣୀ ପ୍ରିୟଦର୍ଶିନୀ ନାୟକ, ବିଆରସିସି ସତ୍ୟବ୍ରତ ସାହୁ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ତରଣୀ ସିଂହ, ସିଆରସିସି ଦିଲ୍ଲୀପ ବେହେରା ପ୍ରମୁଖ ବ୍ଲକର ଗାଁକୁ ଗାଁ' ଯାଇ ଯେଉଁ ପରିବାରର ପିଲା ବିଦ୍ୟାଳୟରେ ପ୍ରଥମ କରି ପ୍ରବେଶ କରିବେ ସେମାନଙ୍କୁ ଚିହ୍ନଟ କରାଯାଇ ଘର ଘର ବୁଲି ଅବିଭାବକ ମାନଙ୍କୁ ଶିଶୁ ବାଟିକାରେ ନିଜ ପିଲାଙ୍କ ନାମ ଲେଖା କରାଇବା ଉପରେ ପ୍ରୟାସ ଜାରି ରହିଛି।

# ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ସଚିବଙ୍କ ସମୀକ୍ଷା ବୈଠକ




ମାଲକାନଗିରି, (ଭାସ୍କର ନ୍ୟୁଜ): ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ସଚିବ ଶୁଭା ଶର୍ମା ଦୁଇ ଦିନିଆ ମାଲକାନଗିରି ଜିଲ୍ଲା ଗସ୍ତ କରି ବିଭିନ୍ନ ବିଭାଗର ସମୀକ୍ଷା ବୈଠକ କରିଛନ୍ତି। ଏହି ବୈଠକରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ସ୍ୱାଗତ ଜଣାଇ ସମସ୍ତ ବିଭାଗର କାର୍ଯ୍ୟନ୍ୱୟନ ଉପରେ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗତକାଲି କ୍ଷେତ୍ର ଗସ୍ତ କରି ବିଭିନ୍ନ ପ୍ରକଳ୍ପ କାମ ସବୁ ଭଲରେ ହୋଇଛି ବୋଲି ଶର୍ମା ମତବ୍ୟକ୍ତ କରିଥିଲେ। ଜିଲ୍ଲା ନୋଡାଲ ସଚିବ ଭାବେ ଏହା ପ୍ରଥମ ବୈଠକ ଓ ଯେଉଁ ବିଭାଗରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ରହୁଛି ସେଗୁଡିକୁ ଉପସ୍ଥାପନ କରିବାକୁ ଜିଲ୍ଲାଧିକାରୀମାନଙ୍କୁ ସଚିବ ନିର୍ଦ୍ଦେଶ ଦେଇଥିଲେ। ଜନଜାତି ବିଦ୍ୟାଳୟ ଗୁଡିକର ଭିତ୍ତିଭୂମି ସୁଦୃଢ଼ୀକରଣ ଓ ବାଳିକା ମାନଙ୍କର ସୁରକ୍ଷିତ ଭବିଷ୍ୟତ ନେଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲାର ପ୍ରତ୍ୟେକ ବିଦ୍ୟାଳୟରେ ଆଦ୍ୱିକା କ୍ଲବ ଗଠନ କରିବା ପାଇଁ ଶ୍ରୀମତି ଶର୍ମା ନିର୍ଦ୍ଦେଶ ଦେଇଛନ୍ତି। ଏନଜିଓ ସହଯୋଗରେ ଲେଡି ସୁପର ଭାଇଜର, ବିଦ୍ୟାଳୟ କର୍ମଚାରୀ ଓ ଅଭିଭାବକ ମାନଙ୍କୁ ନେଇ ବାଳିକା ମାନଙ୍କର ସୁରକ୍ଷିତ ଭବିଷ୍ୟତ ନେଇ ସଚେତନତା ସୃଷ୍ଟି କରିବା ପାଇଁ କୁହାଯାଇଛି। ବଣ୍ଡାଘାଟି ସମେତ ଅନେକ ପାହାଡିଆ ଦୁର୍ଗମ ଜନଜାତି ଅଧ୍ୟୁଷିତ ଅଞ୍ଚଳ ମାନଙ୍କରେ ବିଦ୍ୟାଳୟ ଭିତ୍ତିଭୂମି ସହ ଶିକ୍ଷକମାନଙ୍କ ନିମନ୍ତେ କ୍ୱାଟର ବ୍ୟବସ୍ଥା କରିବା ପାଇଁ ଆଲୋଚନା କରାଯାଇଛି। ବାଲ୍ୟ ବିବାହ ମୁକ୍ତ ମାଲକାନଗିରି କରିବା ପାଇଁ ସ୍କୁଲ, କଲେଜ, ହସ୍ପିଟାଲ ଇତ୍ୟାଦି ସ୍ଥାନରେ ପେଣ୍ଟିଂ ମାଧ୍ୟମରେ ସଚେତନତା ସୃଷ୍ଟି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜିଲ୍ଲାରେ ବାହାର ରାଜ୍ୟକୁ କର୍ମ ସନ୍ଧାନରେ ଯାଉଥିବା କର୍ମଜୀବିଙ୍କ ତଥ୍ୟ ଗୁରୁତ୍ୱର ସହ ନିରୀକ୍ଷଣ କରିବା ପାଇଁ ଶ୍ରମ ଅଧିକାରୀଙ୍କୁ କୁହାଯାଇଛି। ମନରେଗା ଓ ଆଇଟିଡିଏ ମାଧ୍ୟମରେ ଜନଜାତି ଅଧ୍ୟୁଷିତ ଅଞ୍ଚଳ ମାନଙ୍କରେ ରୋଜଗାର ପଟ୍ଟା ପ୍ରଦାନ କରିବା ପାଇଁ କୁହାଯାଇଛି। ସେହିପରି ସ୍ୱାସ୍ଥ୍ୟ, କୃଷି, ବିଦ୍ୟୁତ୍, ପାନୀୟ ଜଳ, ଖାଦ୍ୟ ଯୋଗାଣ ଓ ସାମାଜିକ ସୁରକ୍ଷା ବିଭାଗର ସମୀକ୍ଷା କରି ସେମାନଙ୍କର ସମସ୍ୟା ସଂପର୍କରେ ଅବଗତ ହୋଇଛନ୍ତି। ପରିଶେଷରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ, ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଗତକାଲି ଶର୍ମା ନାକାମାମୁଡି ଗ୍ରାମ ପଞ୍ଚାୟତର ନିଲାପାରୀ ଆଦର୍ଶ ଗ୍ରାମ ଗସ୍ତ କରି ଇଣ୍ଟିଗ୍ରେଟେଡ ଫାର୍ମି ସିଷ୍ଟମରେ ଆମ୍ବ ଓ ପରିବାଚାଷ ପ୍ରଣାଳୀ ବୁଲି ଦେଖିଥିଲେ। ତା ସହିତ ପିଏମ ଜନମନ ହିତାଧିକାରୀଙ୍କ ସହ ଆଲୋଚନା କରିବା ସହ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ଦେଖିଥିଲେ। ସେହିପରି ଚିତ୍ରକୋଣ୍ଡା ଗସ୍ତ କରି ଟେମ୍ପରାରି କଲୋନୀ ସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବୁଲି ଦେଖିଥିଲେ। ଚିତ୍ରକୋଣ୍ଡା ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ସ୍ୱାସ୍ଥ୍ୟ ବ୍ୟବସ୍ଥା ପଚାରି ବୁଝିବା ସହ ଭିତ୍ତିଭୂମି ମଧ୍ୟ ଅନୁଧାନ କରିଥିଲେ। କମାରଗୁଡା ମା ଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ସଲାର କଲ୍ଡ ରୁମ୍, ଜାନବାଇ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ବଡପଡ଼ା ମିନି ମେଗା ପାଇପ୍ ୱାଟର ସପ୍ଲାଏ, ଏଜୁକେସନାଲ କମ୍ପ୍ଲେକ୍ସ ପରିଦର୍ଶନ କରିବା ପରେ ସୁଭଦ୍ରା, ମମତା ଓ ଆଇସିଡିଏସ ହିତାଧୀକାରୀଙ୍କ ସହ ବଡପଡ଼ା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ଆଲୋଚନା କରିଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ଧର୍ମଗଡ଼, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା କୋକସରା ଅବକାରୀ ଥାନା ପକ୍ଷରୁ ମାରାଥନ ଚଢ଼ାଉ ଜାରିରହିଛି। ଗତ ଦୁଇଦିନ ତଳେ କାଉଡୋଳା ଗ୍ରାମ ଓ ବୋବାରିଆ ଛକ ଢ଼ାବା ରୁ ବିପୁଳ ପରିମାଣରେ ଦେଶୀ ବିଦେଶୀ ମଦ ଜବତ କରି ୨ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲେ। ପୁଣି ମଙ୍ଗଳବାର ଅବକାରୀ ଆଇଆଇସି ସୁଧାଂଶୁ ମୁଣ୍ଡା ଙ୍କ ନେତୃତ୍ୱରେ କୁଳେରଗୁଡା ଗ୍ରାମ ସାହାଜଖୋଲ ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳ ରେ ଚଢ଼ାଉ କରି ମହୁଲି ମଦ (ଆଇଡି) ପ୍ରସ୍ତୁତ ସମୟରେ କୁଳେରଗୁଡ଼ା ଗ୍ରାମର ସନ୍ତୋଷ ନାଏକ(୫୫)ଓ ଚିତ୍ତରଞ୍ଜନ ନାଏକ (୩୫) ଦୁଇଜଣଙ୍କୁ ଗିରଫ କରିବା ସହ ୩୦ ଲିଟର ହାତରନ୍ଧା ଦେଶୀ ମଦ ଜବତ କରାଯାଇଛି। ମଦ ପ୍ରସ୍ତୁତ ସାମଗ୍ରୀ ନଷ୍ଟ କରିବା ସହ ୨ ଅଭିଯୁକ୍ତଙ୍କୁ କୋକସରା ଅବକାରୀ ଥାନାକୁ ଆଣି ସେମାନଙ୍କୁ କୋର୍ଟଚାଲାଣ କରା ଯାଇଥିବା ନେଇ କୋକସରା ଅବକାରୀ ଓଆଇସି ନରେନ୍ଦ୍ର ମିଞ୍ଜ ସୂଚନା ଦେଇଛନ୍ତି। ଏହି ଚଢ଼ାଉରେ କନେଷ୍ଟବଲ ଖୁଶିରାମ କଟା, ନିରଞ୍ଜନ ବେହେରା, କର୍ଣ୍ଣ ବାଗ ଓ ପ୍ରିୟମ୍ବଦା ଜେନା ପ୍ରମୁଖ ସାମିଲ ଥିଲେ।

# ମଧୁସାଗର ମହୋତ୍ସବ ଉଦ୍‌ଯାପିତ



ଡେରାବିଶ, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ବ୍ଲକ ଭାଗବତପୁର ପଂଚାୟତ ଅନ୍ତର୍ଗତ ବାଲିଆ ହାଟ ସ୍ଥିତ ଶିଶୁମନ୍ଦିର ନିକଟରେ ଗତ ତିନିଦିନ ଧରି ଅନୁଷ୍ଠିତ ହୋଇ ଆସୁଥିବା ମଧୁସାଗର ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ଉତ୍ସବରେ ମହୋତ୍ସବ କମିଟିର ସଭାପତି ଡାକ୍ତର ବିଶ୍ୱପ୍ରକାଶ କାନୁନ୍‌ଗୋ ଅଧ୍ୟକ୍ଷତା କରିଥିଲା ବେଳେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଭାଗବତପୁର ଗ୍ରାମ ପଂଚାୟତର ସରପଂଚ ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ, ସମିତିସଭ୍ୟ ପ୍ରମିଳା ମିଶ୍ର, ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟାପିକା ଅସିମା ବେଉରା, ଜମଧର ସେବା ସମବାୟ ସମିତିର ସଭାପତି ଧରଣୀଧର ଦାସ, ମହୋତ୍ସବ କମିଟିର ପରାମର୍ଶ ଦାତା ତାରା ପ୍ରସନ୍ନ କାନୁନ୍‌ଗୋ, ନିରଞ୍ଜନ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ପ୍ରମୋଦ କୁମାର ସାହୁ ପ୍ରମୁଖ ମଂଚାସୀନ ଥିଲେ। ପ୍ରାରମ୍ଭରେ ସିଦ୍ଧ ବଳଦେବଜୀଉଙ୍କ ଫଟୋଚିତ୍ର ପୁଷ୍ପାର୍ଘ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ଜ୍ୱଳନ ପରେ କମିଟିର ଉପସଭାପତି ଡକ୍ଟର ମୁରଲିଧର ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ନନ୍ଦିତାରାଣୀ ସାହୁଙ୍କ ନିର୍ଦ୍ଦେଶନାରେ ଛାତ୍ରୀ ମାନେ ସ୍ୱାଗତ ସଂଗୀତ ଗାନ ସହ ସମବେତ ନୃତ୍ୟ ମାଧ୍ୟମରେ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ନୃତ୍ୟାଙ୍ଗନା ରାକ୍ଷୀ ପୂର୍ଣ୍ଣିମା ନୃତ୍ୟ ପରିବେଶଣ ସହ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଦିବ୍ୟାଙ୍ଗ ଗୁରୁଛାତ୍ରୀ ସୁମଧୁର ସଙ୍ଗୀତ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। ପର୍ଶୁରାମ ସାହୁଙ୍କ ନିର୍ଦ୍ଦେଶନାରେ ବଡ଼ଗାଁ ରାଧାଗୋବିନ୍ଦଜୀଉ ଉଚ୍ଚବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟନାଟିକା ପ୍ରଦର୍ଶିତ ହୋଇଥିଲା। ଏଥିସହିତ ଏକକ ଅଭିନୟ ଓ ସଙ୍ଗୀତ ପରିବେଶଣ କରାଯାଇଥିଲା। ଏହି ଅବସରରେ ଅଂଚଳର ପ୍ରସିଦ୍ଧ ବାଲିଆ ମେଳଣକୁ ପାରମ୍ପରିକ ବାଜା ଓ ରୋଷଣୀ ଏବଂ ଆଲୋକ ନେଇ ବିମାନ ଗୁଡ଼ିକ ଆଣିଥିବା ଜଷ୍ଟିଲୋ ମଠ, ବଡ଼ଗାଁ ମଠ, କୌଶଲ୍ୟାପଡ଼ିଆ ଯଜ୍ଞ ମଠର ପ୍ରତିନିଧି ମାନଙ୍କୁ ମାନପତ୍ର ଓ ଉପଢ଼ୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ମଂଚ ଚିତ୍ରାଳୟ ନିର୍ମାତା, ଶିକ୍ଷକ ଧ୍ରୁବ ଚରଣ ଦାସ, ବାଲିଆ ମେଳଣ ପ୍ରତିଷ୍ଠାତାଙ୍କ ବଂଶଜ ତାରା ପ୍ରସନ୍ନ କାନୁନ୍‌ଗୋ, ସମାଜସେବୀ ଚିକିତ୍ସକ ଡାକ୍ତର ବିଶ୍ୱପ୍ରକାଶ କାନୁନ୍‌ଗୋ, ଜମଧର ସେବା ସମବାୟ ସମିତିର ସମ୍ପାଦକ ବୈରାଗୀ ଚରଣ ସାହୁଙ୍କୁ ମଧ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ପଟ୍ଟାମୁଣ୍ଡାଇ ବେଲତଳ ଗ୍ରାମର ଆଦର୍ଶ ଚିତ୍ରଶିଳ୍ପୀ ରାଜେନ୍ଦ୍ର କୁମାର ଦାସଙ୍କୁ ମହୋତ୍ସବର ସମ୍ପାଦକ ତଥା ବରିଷ୍ଠ ଚିତ୍ରଶିଳ୍ପୀ ମଦନ ମୋହନ ବେହେରା ସମ୍ବର୍ଦ୍ଧିତ କରିଥିଲେ। କେନ୍ଦ୍ରାପଡ଼ାର ନବ ଉତ୍କଳ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନଙ୍କୁ ସେମାନଙ୍କର ସାମାଜିକ କାର୍ଯ୍ୟପାଇଁ ସମ୍ମାନିତ କରାଯାଇ ଥିଲା। ମଂଚ ପରିଚାଳନାରେ ବସନ୍ତ କୁମାର, ଜିତେନ୍ଦ୍ର କୁମାର, ନଗେନ୍ଦ୍ର, ମହେଶ୍ୱର ମଣ୍ଡଳ, ଅକ୍ଷୟ କୁମାର ମିଶ୍ର, ନାଟ୍ୟଗୁରୁ ଶରତ ଚନ୍ଦ୍ର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କୋଷାଧକ୍ଷ ନାରାୟଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ତିନିଦିନିଆ ଉତ୍ସବର ସଫଳତା ପାଇଁ ଯୁବ ସମାଜସେବୀ ରାଜେଶ ପଣ୍ଡା ଅନୁଷ୍ଠାନ ଓ ସମସ୍ତ ଅତିଥିଗଣଙ୍କୁ କୃତଜ୍ଞତା ଜଣାଇଛନ୍ତି। ପ୍ରକାଶ ଥାଉକି ଏହି ମହୋତ୍ସବର ଉଦ୍‌ଘାଟନ ସଭାରେ କମିଟିର ସଭାପତି ଡାକ୍ତର କାନୁନ୍‌ଗୋ ପୌରହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥିଭାବେ କେନ୍ଦ୍ରାପଡ଼ାର ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗୀତାଞ୍ଜଳୀ ସେଠୀ, ସମ୍ମାନିତ ଅତିଥିଭାବରେ ଜିଲ୍ଲା ବିଜେପି ସମ୍ପାଦିକା ମାନସୀ ପଣ୍ଡା, ଡାଏଟ୍‌ର ପୂର୍ବତନ ଅଧ୍ୟକ୍ଷ ମିନାକ୍ଷୀ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

## ୨୫ ବର୍ଷ ହେଲା ୫୦ ଦଳିତ ପରିବାର ଗାଁ'ରୁ ବିତାଡିତ

# ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ



ଛତ୍ରପୁର, (ଭାସ୍କର ନ୍ୟୁଜ୍): ଗତ ୨୦୦୦ ମସିହାରେ ଜାତିଗତ ଘୃଣା କାରଣରୁ ଆସିକା ବ୍ଲକ୍ ବାଲିଛାଇ ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ଦଳିତ ପରିବାର ଗାଁ'ରୁ ବିତାଡିତ ହୋଇଛନ୍ତି। ଏମାନଙ୍କୁ ଗାଁ'ରେ ପୁନଃ ଥଇଥାନ ସହ ୮ ଦଫା ଦାବୀ ନେଇ ଛତ୍ରପୁର ସ୍ଥିତ ଜିଲ୍ଲାପାଳଙ୍କ ଅଫିସ ଆଗରେ ମଙ୍ଗଳବାର ଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗଣଧାରଣା ଆରମ୍ଭ ହୋଇଥିଲା ପରେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ସହ ଏମାନଙ୍କ ଆଲୋଚନା ବୈଠକ ହୋଇଥିଲା ଘର ନିର୍ମାଣ ପାଇଁ ଜମି ଚିହ୍ନଟ ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ଗାଁ'ରେ ଥଇଥାନ କରିବା ଆଦି ନେଇ ପ୍ରତିଶୃତି ପରେ ଧାରଣା ପ୍ରତ୍ୟାହୃତ ହୋଇଛି ଏହି ବୈଠକ ରେ ଗଞ୍ଜାମ ଏସପି ଶୁଭେନ୍ଦୁ ପାତ୍ର, ଆସିକା ବିଡ଼ିଓ ଓ ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ ଦୀର୍ଘ ୨୫ ବର୍ଷ ଧରି ପ୍ରଶାସନ ଓ ପୋଲିସ ପାଖରେ ବାରମ୍ବାର ଫେରାଦ ହେଲେ ବି ସେମାନଙ୍କୁ ଗାଁକୁ ଫେରାଇ ନେବାରେ ବିଫଳ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ସେହି ପୀଡିତ ଦଳିତ ପରିବାରମାନଙ୍କୁ ନ୍ୟାୟ ତଥା ଗାଁ'କୁ ଫେରାଇବାକୁ ଦାବିରେ ଗଞ୍ଜାମ ଜିଲ୍ଲା ଦଳିତ ମହାସଭା ଉଦ୍ୟମରେ ସମ୍ପୃକ୍ତ ପୀଡ଼ିତ ପରିବାରମାନେ ଅନିର୍ଦ୍ଦିଷ୍ଟ କାଳପାଇଁ ଗଣ ଧାରଣା ଆରମ୍ଭ କରିଛନ୍ତି। ଗତ ୨୦୦୦ରେ ଛୁଆଁ ଅଛୁଆଁ ଜାତିଗତ ଭେଦଭାବକୁ ନେଇ କିଛି ସବର୍ଣ୍ଣ ବ୍ୟକ୍ତିମାନଙ୍କ ଦ୍ୱାରା ସାମାଜିକ ବାସନ୍ଦ କରାଯାଇଥିଲା ତଥା ଗାଁ'ଦାଣ୍ଡରେ ସର୍ବସାଧାରଣ ରାସ୍ତାରେ ଯିବା ଆସିବା ମନା, ମନ୍ଦିର ଓ ହୋଟେଲ ପ୍ରବେଶ କରିବା ମନା, ସ୍କୁଲରେ ପିଲାମାନଙ୍କୁ ପାଠ ପଢିବା ମନା, ପୋଖରୀରେ ଗାଧୋଇବା, ନଳକୂପରୁ ପାଣି ଆଣିବା ମନା, ଦୋକାନରୁ ସଉଦା ଆଣିବା ମନା କରାଯାଇଥିଲା। ପରେ ବାଲିଛାଇ ଗ୍ରାମର କିଛି ଅସାମାଜିକ ସବର୍ଣ୍ଣ ବ୍ୟକ୍ତି ଏକତ୍ରିତ ହୋଇ ସଂଘବଦ୍ଧ ଭାବେ ବିଭିନ୍ନ ମାରଣାସ୍ତ୍ର ସହ ସାହିରେ ପଶି ୫୦ ଗୋଟି ଅନସୂଚିତ ଜାତି ପରିବାରର ଆବାଳବୃଦ୍ଧ ବନିତା ସମସ୍ତଙ୍କୁ ରକ୍ତାକ୍ତ କରି ମାରଣାତ୍ମକ ଆକ୍ରମଣ, ମହିଳା ଓ ଯୁବତୀମାନଙ୍କୁ ଟଣାଓଟରା ଓ ବଳାତ୍କାର ଉଦ୍ୟମ, ଘରର ସମସ୍ତ ମୂଲ୍ୟବାନ ଜିନିଷ ସହିତ ଧାନ, ଚାଉଳ, ମୁଗ, ବିରି, କୋଳଥ, ମାଣ୍ଡିଆ, ଆସବାବ ପତ୍ର ଓ ବିହନ ସବୁ ଲୁଟି ନେଲେ। ବୋମା ପକାଇ ପକ୍କାଘର ସହିତ ସମସ୍ତ ବାସଗୃହ ସମ୍ପୁର୍ଣ୍ଣ ଭାଙ୍ଗିଦେଲେ ଏବଂ ଶେଷରେ ସମସ୍ତ ପରିବାରର ସଦସ୍ୟଙ୍କୁ ଗ୍ରାମରୁ ଜୋରଜବରଦସ୍ତ ବାହାର କରିଦେଲେ ବୋଲି ଅଭିଯୋଗ କରିଛନ୍ତି।

# ମଙ୍ଗରାଜପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଭାଟପଡ଼ା ପଞ୍ଚାୟତ ଅଧୀନ ମଙ୍ଗରାଜପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ଦାସଙ୍କ ସଭାପତିତ୍ୱ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ତିହିଡ଼ି ଗୋଷ୍ଠି ଶିକ୍ଷା ଅଧିକାରିଣୀ ସୂର୍ଯ୍ୟଶିଖା ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଶିକ୍ଷା ଛାତ୍ରଛାତ୍ରୀଙ୍କର ମୌଳିକ ଓ ଗୁଣାତ୍ମକ ପର୍ଯ୍ୟବେକ୍ଷିତ ହେବା ଜରୁରୀ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଦୀନରଞ୍ଜନ ପାଢ଼ୀ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ଦାମୋଦର ଜେନା ଓ ରତ୍ନାକର ସାହୁ, ନିମନ୍ତ୍ରିତ ଅତିଥି ଭାବେ ସାହିତ୍ୟିକ ଅଧ୍ୟାପକ ଶ୍ରୀକାନ୍ତ ପଣ୍ଡା ଓ କବି ଡ଼ଃ ଅମୂଲ୍ୟ ସେନାପତି ସଫଳ ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବ୍ଲକ ଶିକ୍ଷା ଅଧିକାରିଣୀ ମଙ୍ଗରାଜପୁର ଗ୍ରାମରେ ବୁଲି ବୁଲି ବିଭିନ୍ନ ଅଭିଭାବକଙ୍କ ସହ ଆଲୋଚନା କରି ପ୍ରେରଣା ପ୍ରଦାନ କରିଥିଲେ ଓ ଆଗାମୀ ଶିଶୁମାନଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ ପତ୍ର ବାଣ୍ଟିଥିଲେ। ବାର୍ଷିକ ଉତ୍ସବରେ ଶିକ୍ଷୟିତ୍ରୀ ସୁମିତ୍ରା ପାଣିଗ୍ରାହୀ ବିଦ୍ୟାଳୟର ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଉଷାରାଣି ମିଶ୍ର, ଭୂମିକା ମଲ୍ଲିକ, ବାଳାବତୀ ଧଳ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ନୀଳମଣି ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ପରିଚାଳନା ସଭାନେତ୍ରୀ ସୁକାନ୍ତୀ ସାହୁଙ୍କ ସହିତ ଅନ୍ୟାନ୍ୟ ସଭ୍ୟସଭ୍ୟା ପ୍ରମୁଖ ସହଯୋଗ କରିଥିଲେ। ସର୍ବଶେଷରେ ଶିକ୍ଷକ ସଂଜୀବ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଣେ ଏବିଇଓଙ୍କ ଦ୍ୱାରା ପରିଚାଳିତ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ

ଖଇରପୁଟ, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକରେ ଶିକ୍ଷା ବ୍ୟବସ୍ଥା ହୁଗୁଳିବାରେ ଲାଗିଛି। ଗତ ଜୁନ ୨୦୨୪ରେ ବ୍ଲକ ଶିକ୍ଷା ଅଧିକାରୀ ହୃଷିକେଶ ଦଣ୍ଡସେନାଙ୍କ ଅବସର ପରେ ସ୍ଥାୟୀ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ନିଯୁକ୍ତି ନଦେଇ ମାଥିଲି ବ୍ଲକ ଶିକ୍ଷାଧିକାରୀଙ୍କୁ ଖଇରପୁଟର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ବର୍ତ୍ତମାନ କାଲିମେଳା ଓ ପଡିଆ ବ୍ଲକରେ ଅବସର ଯୋଗୁ ଏବିଇଓ ପଦବୀ ଖାଲି ହେବାରୁ ପ୍ରଶାସନ ପଦୋନ୍ନତି କିମ୍ବା ନୂତନ ନିଯୁକ୍ତି ନଦେଇ ଖଇରପୁଟରୁ ଦୁଇଜଣ ଏବିଇଓ ଧନେଶ୍ୱର ନାୟକ ଓ ବୀରେନ୍ଦ୍ର ପ୍ରଧାନଙ୍କୁ ଡେପୁଟିଏସନରେ ଯଥାକ୍ରମେ କାଲିମେଳା ଓ ପଡିଆକୁ ପଠାଇ ଦେଇଛନ୍ତି। ଖଇରପୁଟ ଭଳି ଉପାନ୍ତ ଓ ପାହାଡିଆ ବଣ୍ଡା ଘାଟି ଠାରୁ ମାଡ଼କାପାଦର ଓ ବଡଡୁରାଲ ଭଳି ପଞ୍ଚାୟତ ଗୁଡିକର ଶିକ୍ଷା କାର୍ଯ୍ୟ ତଦାରଖ କରିବା ଓ ବିଦ୍ୟାଳୟର ଏବଂ ଶିକ୍ଷକମାନଙ୍କ ସମସ୍ୟା ଦୂରକରିବା ଜଣେ ଏବିଇଓଙ୍କ ଦ୍ୱାରା ସମ୍ଭବ କି ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। ତେଣୁ ଦୁଇ ଏବିଇଓଙ୍କୁ ଫେରାଇ ଆଣିବା କିମ୍ବା ନୂତନ ନିଯୁକ୍ତି ଦେବା ପାଇଁ ସାଧାରଣରେ ଦାବି ହେଉଛି।

# ଖଡିଛୁଆଁ ଦିବସ ପାଇଁ କଣିହାଁ ବ୍ଲକ ସ୍ତରୀୟ ପ୍ରସ୍ତୁତି ବୈଠକ



କଣିହାଁ, (ଭାସ୍କର ନ୍ୟୁଜ୍): କଣିହାଁ ବ୍ଲକର ସରକାରୀ ବିଦ୍ୟାଳୟମାନଙ୍କରେ ପ୍ରବେଶ ଉତ୍ସବ ଓ ଖଡିଛୁଆଁ ଦିବସ ୨୦୨୫ ପାଇଁ ଏକ ବ୍ଲକ ସ୍ତରୀୟ ପ୍ରସ୍ତୁତି ବୈଠକ ମଙ୍ଗଳବାର ଦିନ କଣିହାଁ ପଞ୍ଚାୟତ ସମିତି ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓଡିଶା ସରକାରଙ୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକରେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ସମ୍ମାନୀତ ଅତିଥି ଭାବେ ପାଲଲହଡା ବିଧାୟକଙ୍କ ପ୍ରତିନିଧି ତଥା ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ତ୍ରିପୁରାରୀ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, କଣିହାଁ ଗୋଷ୍ଠୀ ଅଧିକାରୀ ତ୍ରିବିକ୍ରମ କୁମରା, ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରିୟ ରଞ୍ଜନ ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ବିଆରସିସି ମଙ୍ଗୁଳଚରଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ର ସରକାରଙ୍କ ଜାତୀୟ ଶିକ୍ଷାନୀତି ଅନୁଯାୟୀ ଓଡିଶା ସରକାରଙ୍କ ପକ୍ଷରୁ ଏହି ପ୍ରବେଶ ଉତ୍ସବ ଓ ଖଡିଛୁଆଁ ଦିବସ ଏପ୍ରିଲ ମାସ ୨ ତାରିଖରେ ସମସ୍ତ ବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଯାଉଛି। ଉକ୍ତ କାର୍ଯ୍ୟକ୍ରମକୁ ଶତ ପ୍ରତିଶତ ସଫଳ କରିବାକୁ ଆଜିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେଉଛି ବୋଲି ବିଆରସିସି ପ୍ରଧାନ ସୂଚନା ଦେଇଥିଲେ। ୫ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ପିଲା ଶିଶୁ ବାଟିକା ଓ ୬ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ପିଲା ପ୍ରଥମ ଶ୍ରେଣୀରେ ନାମ ଲେଖାଇବାକୁ ବିଇଓ ଆହ୍ୱାନ ଦେଇଥିଲେ। ସମସ୍ତ ସମ୍ମାନୀତ ଅତିଥି ମାନେ ଏହି କାର୍ଯ୍ୟକ୍ରମକୁ କଣିହାଁ ବ୍ଲକରେ ଶତପ୍ରତିଶତ ରୂପାୟନ କରି ଜିଲ୍ଲାରେ ଏକ ନମ୍ବର ହେବାକୁ ଉପସ୍ଥିତ ସିଆରସିସି, ଶିକ୍ଷକ, ଶିକ୍ଷୟିତ୍ରୀ, ଅଙ୍ଗନୱାଡ଼ି କର୍ମୀ ଓ ଅଭିଭାବକ ମାନଙ୍କୁ ନିବେଦନ କରିଥିଲେ। ପରେ ଗୋଷ୍ଠୀ ଶିକ୍ଷାଧିକାରୀ କଣିହାଁଙ୍କ ପକ୍ଷରୁ ଉପସ୍ଥିତ ଅଭିଭାବକ ଓ ନାମ ଲେଖାଇବାକୁ ଥିବା ଶିଶୁମାନଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରି ସଚେତନତା କରାଇଥିଲେ। ଏହି କାର୍ଯ୍ୟ କ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସନ୍ତୋଷ କୁମାର ପ୍ରଧାନ ଓ ସୁଜନ କୁମାର ସାହୁ, ୧୭ ଜଣ ସିଆରସିସି, ଅଙ୍ଗନୱାଡ଼ି କର୍ମୀ ଓ ସୁପରଭାଇଜର ଉପସ୍ଥିତ ରହି ସହଯୋଗ କରିଥିଲେ।

## ଦୁର୍ଘଟଣାରେ ଏସି କମ୍ ଡିଇଓଙ୍କ ମୃତ୍ୟୁ

କୋଷାଗୁମୁଡା, (ଭାସ୍କର ନ୍ୟୁଜ୍): ମଙ୍ଗଳବାର ସନ୍ଧ୍ୟାରେ ବାଇକ ଦୁର୍ଘଟଣା ଯୋଗୁଁ ବଡ଼ ଆମ୍ବଡ଼ା ପଂଚାୟତରେ କାର୍ଯ୍ୟରତ ଏସି କମ ଡ଼ିଇଓ ଦିଲ୍ଲୀପ ପଟ୍ଟନାୟକଙ୍କ (୪୮) ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଦିଲୀପ ପଟ୍ଟନାୟକ ପାପଡାହାଣ୍ଡି ବ୍ଲକ ଅନ୍ତର୍ଗତ ମଇଦଳପୁର ଗ୍ରାମର ବାସିନ୍ଦା ହୋଇଥିବା ବେଳେ କୋଷାଗୁମୁଡା ବ୍ଲକର ବଡ଼ ଆମ୍ବଡ଼ା ପଂଚାୟତ କାର୍ଯ୍ୟାଳୟରେ ଏସି କମ ଡିଇଓ ଭାବେ



କାର୍ଯ୍ୟରତ ଥିଲେ। ପ୍ରତିଦିନ ଭଳି ଆଜି ମଧ୍ୟ ପଂଚାୟତକୁ ଆସୁଥିବା ସମୟରେ କୋଟପାଡ଼ ବ୍ଲକ ଅନ୍ତର୍ଗତ ସୋଶାହାଣ୍ଡି ନିକଟରେ ଦୁର୍ଘଟଣା ଗ୍ରସ୍ତହୋଇ ମୃତ୍ୟବରଣ କରିଥିବା ସୂଚନା ମିଳିଥିବା ସୂଚନା ମିଳିଛି। ଖବର ଶୁଣି କୋଷାଗୁମୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଶିଷ ତ୍ରିପାଠୀ ଏବଂ ବ୍ଲକ ପ୍ରଶାସନ ଦୁଃଖ ପ୍ରକାଶ କରିଛନ୍ତି। ସେ ଜଣେ ମିଷ୍ଟଭାଷୀ, ମେଳାପୀ, ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ହୋଇଥିବାରୁ ତାଙ୍କ ମୃତ୍ୟ ଖବର ଅଂଚଳବାସୀଙ୍କୁ ମର୍ମାହତ କରିଦେଇଛି। ଖବର ପ୍ରସାରଣ ପରେ ଅଂଚଳରେ ଶୋକର ଛାୟା ଖେଳିଯାଇଛି।

# ଦୁଇ ସ୍କୁଲଛାତ୍ରୀଙ୍କ ମୃତ୍ୟୁ ଘଟଣାରେ ବିଭିନ୍ନ ସଂଗଠନ ବିକ୍ଷୋଭ




ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଏମ୍‌ଭି-୭୨ ନୋଡାଲ ଉଚ୍ଚ ବିଦ୍ୟାଳୟର ଦୁଇ ଷଷ୍ଠ ଓ ସପ୍ତମ ଶ୍ରେଣୀ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ପ୍ରବଳ ଉଦ୍‌ବେଗ ପ୍ରକାଶ କରିଛି ଜିଲ୍ଲା ଆଦିବାସୀ ସମାଜ ଓ ବେଙ୍ଗଲି ସମ୍ପ୍ରଦାୟ। ଏପର୍ଯ୍ୟନ୍ତ ପରିବାରକୁ ନ୍ୟାୟ ମିଳିପାରିଲା ନାହିଁ। ଏହାକୁ ଆତ୍ମହତ୍ୟାର ରୂପ ଦିଆଯାଉଥିବା ଅଭିଯୋଗ କରିଛି। କେବେ ହେବ ଉଚିତ ତଦନ୍ତ। ପରିବାରକୁ ନ୍ୟାୟ ମିଳିବ ତ? ଇତି ମଧ୍ୟରେ ଦେଢ଼ମାସ ବିତିଗଲାଣି। ମୃତ୍ୟୁର ରହସ୍ୟ ଉପରୁ କେବେ ପରଦା ହଟିବ। ଏଭଳି ନାନା ପ୍ରଶ୍ନ ନେଇ ରାଜରାସ୍ତାକୁ ଓହ୍ଲାଇଛି ମିଳିତ ନ୍ୟାୟ ସଂଗଠନ। ରାଜ୍ୟସ୍ତରରୁ ବିଭିନ୍ନ ସଂଗଠନ ମଧ୍ୟ ମଙ୍ଗଳବାର ମାଲକାନଗିରି ପହଞ୍ଚିଛନ୍ତି। ବସଷ୍ଟାଣ୍ଡ ଠାରୁ ଶହଶହ ଆନ୍ଦୋଳନକାରି ବିରାଟ ରାଲି କରି ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଧାରଣା ଦେଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଆଉ ଦୁଇ ମୃତ ଛାତ୍ରିଙ୍କ ପରିବାରକୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ଏପରିକି ନ୍ୟାୟ ସତ୍ୟାଗ୍ରହ ଆରମ୍ଭ କରିଛ ମିଳିତ ସଂଗଠନ। ପିଡ଼ିତାଙ୍କ ପରିବାରକୁ ନ୍ୟାୟ ଦେବା ପାଇଁ, ଆଉ ସତ୍ୟର ଉନ୍ମୋଚନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି ମିଳିତ ସଂଗଠନ। ଜିଲ୍ଲା ସହିତ ରାଜଧାନୀ ଭୁବନେଶ୍ୱର ଏପରିକି ଦିଲ୍ଲୀ ପର୍ଯ୍ୟନ୍ତ ଆନ୍ଦୋଳନ ତେଜିବ ବୋଲି ଚେତାବନୀ ଦେଇଛି ସଂଘ। ଘଟଣାର ଦେଢ଼ ମାସରୁ ଉର୍ଦ୍ଧ୍ୱ ସମୟ ବିତିଗଲା। ପୁଲିସ ଆତ୍ମହତ୍ୟା କହି କାହିଁକି ଚୁପ୍ ବସିଛି। ନାବାଳିକାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରି ଗଛରେ ଟାଙ୍ଗି ଦିଆଯାଇଥିବା ଅଭିଯୋଗ କରିଛି ମିଳିତ ସଂଗଠନ। ଏପଟେ ଗାଁ ମୁଖିଆଙ୍କୁ ଫୋନ୍‌ରେ ବଙ୍ଗଳାଦେଶରୁ ୧୩ଅଙ୍କ ବିଶିଷ୍ଟ ନମ୍ବରରୁ ବାରମ୍ବାର ହତ୍ୟା ଧମକ ଆସୁଥିବା ପରେ ମଧ୍ୟ କାହିଁକି ଏହାକୁ ତଦନ୍ତ କରାଯାଉ ନାହିଁ ବୋଲି ପ୍ରଶ୍ନ କରିଛି ସଂଘ। ଆଜିର ଏହି ନ୍ୟାୟ ସତ୍ୟାଗ୍ରହରେ ଜିଲ୍ଲା ଆଦିବାସି ସମାଜର ସଭାପତି ବନ୍ଧୁ ମୁଦୁଲିଙ୍କ ସମେତ ଭୁବନେଶ୍ୱରରୁ ରାଜ୍ୟ ଦଣ୍ଡକାରଣ୍ୟ ଲିବରାଲ ଅର୍ଗାନାଇଜେସନର ମହିଳା ସଭାନେତ୍ରୀ ମନସ୍ୱିନୀ ଟାକ୍ରି, ରାଜ୍ୟ ଆଦିବାସି ହରିଜନ ସଂସ୍କାର ସଭପତି, ଲଳିତ ନାରାୟଣ ମାଡକାମି, ଜିଲ୍ଲାର ଆଦିବାସି ନେତା ଶରତ ବୁରୁଦା, ବଙ୍ଗାଳୀ ସମ୍ପ୍ରଦାୟର ଉତ୍ତମ ଓଝା, ଜିଲ୍ଲା ମହିଳା ନେତ୍ରୀ ଜୟନ୍ତୀ ବୁରୁଦା, ଆଡମା ରାବା, ମାନସ ମାଡ଼କାମି, ଭିମା ବାର୍ଶେ, ଘେନୁ ମୁଦୁଲିଙ୍କ ସହ ଶତାଧିକ ଆଦିବାସି କର୍ମୀ ଯୋଗ ଦେଇଥିଲେ।

# କୃଷି ଯାନ୍ତ୍ରିକରଣ ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧିନସ୍ଥ କୃଷି ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟଠାରେ କାର୍ଯ୍ୟରତ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ପ୍ରକଳ୍ପ 'ଓଡ଼ିଶାର ଢ଼ିପ ଜମିରେ ପୁଷ୍ଟି ଶଷ୍ୟ ଚାଷର ବିକାଶ' ତରଫରୁ କେନ୍ଦୁଝର ଜିଲ୍ଲାର ତେଲକୋଇ ଠାରେ ପୁଷ୍ଟି ଶଷ୍ୟ ଚାଷରେ କୃଷି ଯାନ୍ତ୍ରିକରଣ ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ପ୍ରତି ଓଡ଼ିଶା ସରକାରଙ୍କର ଆର୍ଥିକ ସହାୟତାରେ ରାଜ୍ୟର ପାଞ୍ଚୋଟି ଜିଲ୍ଲା, ଯଥା କେନ୍ଦୁଝର, ସୁନ୍ଦରଗଡ଼, ନୂଆପଡା, ନବରଙ୍ଗପୁର ଓ କୋରାପୁଟରେ ଓୟୁଏଟି ଏବଂ ଇକ୍ରିସାଟ ଦ୍ୱାରା ମିଳିତ ଭାବରେ ଉକ୍ତ ପ୍ରକଳ୍ପ ତରଫରୁ ପୁଷ୍ଟି ଶଷ୍ୟର ଚାଷ, କିସମ, ଯାନ୍ତ୍ରିକରଣ ଇତ୍ୟାଦି ବିଷୟରେ ଗବେଷଣା ଓ ସମ୍ପ୍ରସାରଣ କାର୍ଯ୍ୟକ୍ରମ ଚାଲୁଅଛି। ପ୍ରକାଶ ଥାଉ କି ଚଳିତ ବର୍ଷ ଉକ୍ତ ପାଞ୍ଚୋଟି ଜିଲ୍ଲାରେ ବିଶ୍ୱବିଦ୍ୟାଳୟ ତରଫରୁ ବିକଶିତ ବିଭିନ୍ନ ପୁଷ୍ଟିଶଷ୍ୟର ଅମଳ ଯନ୍ତ୍ରଗୁଡିକର କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା। ଏହି କ୍ରମରେ କେନ୍ଦୁଝର ଜିଲ୍ଲା ତେଲକୋଇ ଠାରେ ଜିଲ୍ଲାର ଅଗ୍ରଣୀ ଚାଷୀ, କୃଷି ବିଭାଗର କର୍ମଚାରୀ, ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର, ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରଦାନ ଅନୁଷ୍ଠାନ, ବିଭିନ୍ନ ବେସରକାରୀ ସଂସ୍ଥାମାନଙ୍କ ପାଇଁ ଉଦ୍ଦିଷ୍ଟ ପୁଷ୍ଟିଶଷ୍ୟ ଚାଷରେ କୃଷି ଯାନ୍ତ୍ରିକରଣ ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଇକ୍ରିସାଟର କୃଷି ଯାନ୍ତ୍ରିକରଣ ପରାମର୍ଶଦାତା ଡ. ସଂଗ୍ରାମ କେଶରୀ ସ୍ୱାଇଁ ଯୋଗଦେଇ ପୁଷ୍ଟିଶଷ୍ୟ ଚାଷ ନିମନ୍ତେ ବିଶ୍ୱବିଦ୍ୟାଳୟ ତରଫରୁ ବିକଶିତ ବିଭିନ୍ନ ଉନ୍ନତ କୃଷି ଯନ୍ତ୍ରପାତି ସମ୍ବନ୍ଧରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ ଓ ଉପସ୍ଥିତ ଚାଷୀମାନଙ୍କ ସହ ବିଶଦ ଆଲୋଚନା କରିଥିଲେ। ଆଗାମୀ ଦିନରେ ଏହି ଅଞ୍ଚଳରେ କେଉଁ ଯନ୍ତ୍ରପାତିଗୁଡ଼ିକର କ୍ଷେତ୍ର ପ୍ରଦର୍ଶନ କରାଯିବାର ଆବଶ୍ୟକତା ରହିଛି ସେଥିପାଇଁ ଏକ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସହକାରୀ କୃଷି ଯନ୍ତ୍ରୀ ଇଂ କାର୍ତ୍ତିକଚନ୍ଦ୍ର ସେଠୀ ପ୍ରଧାନ, ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତିବିଦ୍ୟା ପ୍ରଦାନ, ଅନୁଷ୍ଠାନର ବୈଜ୍ଞାନିକ ଡ. ପ୍ରଶାନ୍ତ ମାଝୀ, ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ରର କୃଷି ଯନ୍ତ୍ରପାତି ବୈଜ୍ଞାନିକ ଡ. ସୁଚରିତା ପ୍ରଧାନ, ବିଶ୍ୱବିଦ୍ୟାଳୟର ଗବେଷଣା ସାହାଯ୍ୟ ଇଂ ଋଷିକେଶ ସାହୁ ଏବଂ ତେଲକୋଇ ବ୍ଲକ କୃଷି ଅଧିକାରୀ ଯାଜ୍ଞସେନି ନାୟକ ପ୍ରମୁଖ ଯୋଗଦେଇ ପୁଷ୍ଟିଶଷ୍ୟ ଚାଷରେ ଯନ୍ତ୍ରପାତିର ଉପଯୋଗିତା ଉପରେ ଗୁରୁତ୍ୱାରୋପ କରିଥିଲେ।

# ପିରିପୁର ପ୍ରାଥମିକ ବିଦ୍ୟାଳୟ ବାର୍ଷିକୋତ୍ସବ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ପିରିପୁର ପ୍ରାଥମିକ ବିଦ୍ୟାଳୟ ବାର୍ଷିକୋତ୍ସବ ପ୍ରଧାନଶିକ୍ଷୟିତ୍ରି ଗୀତାରାଣୀ ଶଙ୍ଖୁଆଙ୍କ ପୌରହିତ୍ୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ଅଧିର କୁମାର ତରାଇ ମୁଖ୍ୟ ଅତିଥି ଭାବେ ଉତ୍ସବ ଉଦ୍‌ଘାଟନ କରିଥିଲେ। ପୁରୋହିତ ଜଗବନ୍ଧୁ ପଣ୍ଡା ଶ୍ଳୋକ ଆବୃତ୍ତି କରିଥିଲେ। ଅବସରପ୍ରାପ୍ତ ଶିକ୍ଷା ସଂଯୋଜକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ମୁଖ୍ୟବକ୍ତା, ଗୋଷ୍ଠୀ ଶିକ୍ଷା ସଂଯୋଜକ ଅକ୍ଷୟ ଜେନା, ଏବିଇଓ ଉମେଷ ଜେନା, ମଞ୍ଜୁଳା ନାୟକ, ଶିକ୍ଷା ସଂଯୋଜକ ବିଶ୍ୱରଞ୍ଜନ ଶେଣ୍ଠ, ଶିକ୍ଷାବିତ ପ୍ରଫୁଲ୍ଲ କୁମାର ସାହୁ, କାଶୀନାଥ ପତି, କବି ସନ୍ତୋଷ କୁମାର ସାହୁ, ସାହିତ୍ୟିକ ଘନଶ୍ୟାମ ସ୍ୱାଇଁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହୃଷିକେଶ ଦାସ, ମାର୍କଣ୍ଡ ସାହୁ, ଶରତ ଚନ୍ଦ୍ର କୁଣ୍ଡୁ, ସନ୍ତୋଷ ପଣ୍ଡା, ପ୍ରମିଳା ପରିଡା, ନିରଞ୍ଜନ ବଳ, ଲକ୍ଷ୍ମୀଧର ସାହୁ, ଏସ.ଏମ.ସି. ଉପାଧ୍ୟକ୍ଷା ସନ୍ତୋଷୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁ ପ୍ରତିଭାର ଉନ୍ମେଷ ଓ ବିକାଶ ଦିଗରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତରଖିଥିଲେ। ଶିକ୍ଷକ ମାୟାଧର ଦାଶ ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଗଣେଶ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# କେନ୍ଦ୍ରାପଡ଼ା ସହରରେ ଏନ୍‌ଏସ୍‌ଓର ରାଲି




କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ): ଭୁବନେଶ୍ୱର ତରଫରୁ କେନ୍ଦ୍ରାପଡ଼ା ସହରରେ ଏକ ଜନ ସଚେତନତା କାର୍ଯ୍ୟକ୍ରମ ମାର୍ଚ୍ଚ ୨୫ ତାରିଖ ରେ ହୋଇଯାଇଅଛି । ଜାତୀୟ ନମୁନା ସର୍ବେକ୍ଷଣର ୭୫ ବର୍ଷ ପୂର୍ତ୍ତୀ ଉପଲକ୍ଷେ ଉକ୍ତ କାର୍ଯ୍ୟାଳୟର ପ୍ରାୟ ୭୦ ଜଣ କର୍ମଚାରିଙ୍କୁ ନେଇ ଏକ ରାଲି କେନ୍ଦ୍ରାପଡ଼ା କଲେଜ ନିକଟରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଚାଲିଥିଲା । କାର୍ଯ୍ୟକ୍ରମରେ ଓଡିଶା ସରକାରଙ୍କ ଅଧୀନରେ ଥିବା କେନ୍ଦ୍ରାପଡ଼ାର ପରସଂଖ୍ୟାନ କାର୍ଯ୍ୟାଳୟର କର୍ମଚାରୀ ମାନେ ମଧ୍ୟ ଉପସ୍ଥିତ ରହି ରାଲି ଟିକୁ ସଫଳ ରୂପାୟନ ଦେଇଥିଲେ । ଏହି କାର୍ଯ୍ୟକ୍ରମ ମଧ୍ୟରେ ବଜାର କମିଟି ଗୁଡିକର କର୍ମକର୍ତ୍ତାଙ୍କୁ ଖୁଚୁରା ପାଇକାରୀ ମୂଲ୍ୟର ସୂଚକାଙ୍କ ଗଢିବାରେ ସାହାଯ୍ୟ କରିଥିବାରୁ କାର୍ଯ୍ୟାଳୟର ମୁଖ୍ୟ ଅନୁପମ ଲାହିଡି ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ଭବିଷ୍ୟତରେ ତାଙ୍କ ନିକଟକୁ ଆସୁଥିବା ସର୍ଭେ ଏନୁମେରେଟର ମାନଙ୍କୁ ସଠିକ ତଥ୍ୟ ଦେବାକୁ ଅନୁରୋଧ କରିଥିଲେ । ଏନଏସ ଓ ତରଫରୁ ଚାଲୁଥିବା ସମସ୍ତ ସର୍ଭେ ଯଥା ରୋଜଗାର ବେରୋଜଗାର, ସାମାଜିକ ଅର୍ଥନୈତିକ, ଅଣକୃଷିଭିତିକ ଶିଳ୍ପ ବିଷୟରେ ଆଲୋକପାତ କରିବାକୁ ଯାଇ ଲୋକମାନଙ୍କୁ ବିଭିନ୍ନ ସର୍ଭେ ର ଉପାଦେୟତା ଉପରେ ବୁଝାଇବା ସହ ଆଗାମୀ ଦିନ ମାନଙ୍କରେ ଜନସାଧାରଣଙ୍କୁ ସଠିକ ତଥ୍ୟ ପ୍ରଦାନ କରିବାକୁ ଅନୁରୋଧ କରିଥିଲେ । ସର୍ଭେ ରିପୋର୍ଟ ଗୁଡିକର ବୈଶିଷ୍ଟ ତଥା ଯୋଜନା ପ୍ରଣୟନରେ କିପରି ବ୍ୟବହୃତ ହେଉଛି, ସେ ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା । ଏହି ସର୍ଭେ ବୈଜ୍ଞାନିକ ଶୈଳୀ ମାଧ୍ୟମରେ ନମୁନା ନିରୂପଣ ହୋଇ ପ୍ରଶିକ୍ଷିତ ସର୍ଭେ ଏନୁମରେଟରଙ୍କ ଦ୍ୱାରା ଟାବଲେଟ ମାଧ୍ୟମରେ ବିଭିନ୍ନ ଗ୍ରାମାଞ୍ଚଳ ତଥା ସହରାଞ୍ଚଳରେ ଥିବା ପରିବାର ଓ ଉଦ୍ୟୋଗ ମାନଙ୍କ ଠାରୁ ତଥ୍ୟ ଗ୍ରହଣ କରାଯାଇଥାଏ । ଅନ୍ୟ ମାନଙ୍କ ମଧ୍ୟରେ ତପନ କୁମାର ମିଶ୍ର, ବିଶ୍ୱଜିତ ପାଣିଗ୍ରାହୀ, ସୌମେନ୍ଦ୍ର କୁମାର ନାୟକ ଓ ଜିତେନ୍ଦ୍ର ପତ୍ରି ଅଗ୍ରଣୀ ଭୂମିକା ଗ୍ରହଣ କରି କାର୍ଯ୍ୟକ୍ରମ ଟିକୁ ସଫଳ କରିବାରେ ସାହାଯ୍ୟ କରିଥିଲେ । ସମସ୍ତ କାର୍ଯ୍ୟକ୍ରମଟି ଉପ ମହାନିର୍ଦ୍ଦେଶକ ଅନୁପମ ଲାହିଡିଙ୍କ ନିର୍ଦ୍ଦେଶନାରେ ସଞ୍ଜୟ କୁମାର ଦାଶଙ୍କ ଦ୍ୱାରା ପରିଚାଳିତ ହୋଇଥିଲା ।

## ଛାତ୍ରଛାତ୍ରୀମାନେ ବାଣ୍ଟିଲେ ଦହି ପଣା

କାକଟପୁର, (ଭାସ୍କର ନ୍ୟୁଜ୍): ଚୈତ୍ର ମାସର ଦ୍ୱିତୀୟ ମଙ୍ଗଳବାର ମା'ମଙ୍ଗଳାଙ୍କ ଦ୍ୱିତୀୟ ପାଳି ଅବସରରେ କାକଟପୁର ସ୍ଥିତ ପ୍ରାଚୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା (ଜାତୀୟ ସେବା ଯୋଜନା) ଆନୁକୂଲ୍ୟରେ ଜଳଛତ୍ର ତଥା ଦହିପଣା ବଣ୍ଟନ କରାଯାଇଥିଲା। ବିଭିନ୍ନ ଅଞ୍ଚଳରୁ ଆସିଥିବା ଶ୍ରଦ୍ଧାଳୁମାନେ ମା'ଙ୍କ ଦର୍ଶନ କରିବା ପରେ ଦହିପଣା ପିଇ ତୃର୍ଷା ମେଣ୍ଟାଇଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ଦିଲ୍ଲୀପ କୁମାର ସେନାପତି ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଏହି କାର୍ଯ୍ୟରେ ସହଯୋଗ କରିଥିଲେ।

# ମା'ର ଶୁଦ୍ଧିକ୍ରିୟା ପାଇଁ ଧାରଣାରେ ବସିଲେ ଦିବ୍ୟାଙ୍ଗ ଝିଅ

ଆଳି, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ କଳସପୁର ଗାଁ'ରେ। କଳସପୁର ଗାଁ'ର ସ୍ୱର୍ଗତ ରାମଚନ୍ଦ୍ର ଦାସଙ୍କ ଦିବ୍ୟାଙ୍ଗ ଝିଅ ଉର୍ବଶୀ ଓ ତାଙ୍କ ଭାଇ ଜିତେନ୍ଦ୍ର ଦାସଙ୍କ ଭିତରେ ଦୀର୍ଘଦିନ ହେବ ଘରବାଡ଼ି ଜମିଜମାକୁ ନେଇ ତିକ୍ତତା ଲାଗିରହିଥିବା ବେଳେ ଏନେଇ ଆଳି ଥାନାରେ ଉଭୟଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। କଳସପୁର ଗାଁ'ର ସରପଞ୍ଚ ଓ କିଛି ନେତୃତ୍ୱ ସ୍ଥାନୀୟ ବ୍ୟକ୍ତିମାନେ ଉଭୟ ଭାଇ ଭଉଣୀଙ୍କ ସମସ୍ୟାକୁ ସମାଧାନ କରିବାରେ ଅସଫଳ ହୋଇଥିଲେ। ଉର୍ବଶୀଙ୍କ ନିଜ ନାମରେ ଜାଗାବାଡ଼ିର ଗୋଟିଏ ଡିସ୍ମିଲ ଖତିଆନରେ ଉଲ୍ଲେଖ ଥିବା ବେଳେ ଉର୍ବଶୀଙ୍କୁ ତାଙ୍କ ଭାଇ ଜିତେନ୍ଦ୍ର ଘରକୁ ନ ଛାଡି ଜୋର ଜବରଦସ୍ତି ଭାବେ ଘରକୁ ସମ୍ପୂର୍ଣ୍ଣ ତାଲା ପକାଇ ନିଜ ସ୍ତ୍ରୀ, ପିଲାଛୁଆ ଓ ମା'ଙ୍କୁ ଧରି ସୁଦୂର ଦିଲ୍ଲୀରେ ବସବାସ କରୁଛନ୍ତି। ଘରେ ତାଲା ପଡିଥିବାରୁ ଦିବ୍ୟାଙ୍ଗ ଉର୍ବଶୀ ବାରଦୁଆର ହୋଇ ନିଜ ଜୀବନ ଅତିବାହିତ କରି ଆସୁଥିଲେ। ହଠାତ ଗତ ସପ୍ତାହରେ ଦିଲ୍ଲୀରେ ଉର୍ବଷୀଙ୍କ ମା' ପ୍ରାଣତ୍ୟାଗ କରିଥିବା କୌଣସି ସୂତ୍ରରୁ ଖବର ପାଇ ମା'ଙ୍କ ନିଜ ଗାଁ'ଘରେ କ୍ରିୟାକର୍ମ ପାଇଁ ଭାଇଭାଉଜଙ୍କୁ ଫୋନ କରିଥିଲା ବେଳେ କେହି ତାଙ୍କ ଫୋନ ଉଠାଇ ନଥିବା ସେ ଆଳି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଆଳି ଥାନାରୁ ନିରାଶ ହେବା ପରେ ନିଜ ଘର ସାମ୍ନାରେ ଦିବ୍ୟାଙ୍ଗ ଉର୍ବଶୀ ଦାସ କିଛିଦିନ ହେବ ଧାରଣାରେ ଉପବାସ ଅଖିଆ ଅପିଆରେ ପଡି ରହିଥିଲେ। ମଙ୍ଗଳବାର ସକାଳେ ଉର୍ବଶୀ ଓ ତାଙ୍କ ବଡ଼ଭଉଣୀ ପ୍ରଭାବତୀ ଦାସ କଳସପୁର ଗାଁ'ର କିଛି ଭଦ୍ରବ୍ୟକ୍ତିଙ୍କୁ ଡାକି ନିଜ ଘରର ତାଲା ଭାଙ୍ଗି ଘରେ ପଶିବା ସହିତ ମା'ଙ୍କ ଶୁଦ୍ଧି କ୍ରିୟାକର୍ମ କରିବା ପାଇଁ ଗ୍ରାମବାସୀଙ୍କ ସହାୟତା ଲୋଡିଛନ୍ତି।

## କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟ କଲେ ଆୟୁଷ ଚିକିତ୍ସକ

ବୋଲଗଡ଼, (ଭାସ୍କର ନ୍ୟୁଜ୍): ୨୦ ତାରିଖରୁ ରାଜ୍ୟରେ ଆୟୁଷ ଚିକିତ୍ସକଙ୍କୁ ନିୟମିତ କରିବା ଓ ସରକାରୀ ଆୟୁଷ ଚିକିତ୍ସକଙ୍କ ଭଳି ସମାନ ଦରମା ଦାବିରେ କଳା ବ୍ୟାଚ ପିନ୍ଧି କାର୍ଯ୍ୟ କରୁଥିବାର ଦେଖିବାକୁ ମିଳୁଛି। ବୋଲଗଡ଼ ଓ ବେଗୁନିଆ ବ୍ଲକରେ ଆୟୁଷ ଡାକ୍ତର ମାନେ କଳା ବ୍ୟାଚ ପିନ୍ଧି କାର୍ଯ୍ୟ ଆରମ୍ଭ କରୁଥିବା ବେଳେ ୧୭ ବର୍ଷ ଧରି ନିଯୁକ୍ତି ପାଇଥିଲେ ମଧ୍ୟ ସରକାର ସେମାନଙ୍କୁ ନିୟମିତ କରୁନାହାନ୍ତି। ତେବେ ଦାବୀ ପୂରଣ କରା ନଗଲେ ଆସନ୍ତା ୨୭ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ କରିବେ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି।



# ଆମ କଳାହାଣ୍ଡି





## ବେଲଗାମ ବେସରକାରୀ ପାଥୋଲୋଜି, କ୍ଲିନିକ

- ଶୋଷଣର ଶିକାର ହେଉଛନ୍ତି ରୋଗୀ
- ନିରବ ଦ୍ରଷ୍ଟା ସାଜିଛି ସ୍ୱାସ୍ଥ୍ୟବିଭାଗ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ସ୍ୱାସ୍ଥ୍ୟ ଭଳି ଗୁରୁତ୍ୱ ବିଭାଗ ପ୍ରତି ସମ୍ବେଦନଶୀଳ ନ ରହିବା ଏବେ ଚର୍ଚ୍ଚା ହେଉଛି । ବର୍ତ୍ତମାନ ଏହା ଏକ ବ୍ୟବସାୟରେ ପରିଣତ ହୋଇସାରିଛି । ମନ ଇଛା ଯିଏ ଯୋଉଁଠି ସେଇଠି ପାଥୋଲୋଜି ଖୋଲି ଲୋକଙ୍କ ଠାରୁ ଶୋଷଣ କରିଚାଲିଛନ୍ତି । ଏଥିପ୍ରତି ନା ପ୍ରଶାସନର ନିଘା ରହୁଛି ନା ସରକାର ଦୃଷ୍ଟି ଦେଉଛନ୍ତି । ସରକାର ଲୋକଙ୍କୁ ସେବା ବା ସୁଲଭ ସେବା ଯୋଗାଇ ଦେବାକୁ ସରକାରୀ ସ୍ତରରେ କୋଟି କୋଟି ଟଙ୍କାର ଯନ୍ତ୍ରପାତି ଯୋଗାଇ ଦିଆଯାଇଛି । ଏଥିରେ ରୋଗୀର ରକ୍ତ ପରୀକ୍ଷା ଠାରୁ ଆରମ୍ଭ କରି ବିଭିନ୍ନପ୍ରକାର ସ୍ୱାସ୍ଥ୍ୟ ଜନିତ ପରୀକ୍ଷା ହୋଇଥାଏ । ଉକ୍ତ ପରୀକ୍ଷାର ଫଳାଫଳ ଅନୁଯାୟୀ ଡାକ୍ତର ମାନେ ଔଷଧ ଓ ଉଚିତ୍ ପରାମର୍ଶ ରୋଗୀଙ୍କୁ ଦେଇଥାନ୍ତି । ହେଲେ ସରକାରୀ ପରୀକ୍ଷା କେନ୍ଦ୍ର ମାନଙ୍କରେ କମ୍ ସଂଖ୍ୟକ ରୋଗୀ ରକ୍ତ , ପରିଶ୍ରା ମଳ ଇତ୍ୟାଦି ପରୀକ୍ଷା କରୁଥିବା ବେଳେ ବେସରକାରୀ ପାଥୋଲୋଜି ମାନଙ୍କରେ ଅଧିକରୁ ଅଧିକ କରିଥାନ୍ତି । ଯାହା ଅନେକ ପାଥୋଲୋଜି, କ୍ଲିନିକ ମାଲିକ ଏହାର ସୁଯୋଗ ନେଇ ପରୀକ୍ଷା ବାବଦକୁ ଚଢା ଦର ନେଉଥିବା ଅଭିଯୋଗ ହେଉଛି । ଏକ ପ୍ରକାର ଶୋଷଣର ଶିକାର ସାଜୁଛି ରୋଗୀ । ଯେଉଁଠି ସରକାରୀ ପରୀକ୍ଷା କେନ୍ଦ୍ର ମାନଙ୍କରେ ବିନା ପଇସା ଓ କିଛି ପରୀକ୍ଷଣ ବାବଦରେ କମ ଟଙ୍କା ନେଉଥିବା ବେଳେ ଅନ୍ୟପଟେ ବେସରକାରୀ ପାଥୋଲୋଜିରେ ତା ଉପରେ ଲଗାମ ରହୁନି । ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାରେ ସରକାରୀ ପରୀକ୍ଷା କେନ୍ଦ୍ର ରହିଥିଲେ ହେଁ ସେଠାରେ ଅତିକମ୍ ସଂଖ୍ୟକ ରୋଗୀଙ୍କ ପରୀକ୍ଷା ହୋଇଥାଏ । ଅଧିକାଂଶ ରୋଗୀ ନିକଟରେ ଥିବା ପୋଥୋଲୋଜି କ୍ଲିନିକ ମାନଙ୍କରେ କରିଥାନ୍ତି । ଯାହାର ଚଢା ଦର ରୋଗୀଙ୍କୁ ଦେବାକୁ ପଡିଥାଏ । ଧର୍ମଗଡ଼ ଡାକ୍ତରଖାନା ନିକଟରେ ରହିଥିବା ଅନେକ ବେସରକାରୀ ପାଥୋଲୋଜି କ୍ଲିନିକ ମନ ଇଛା ପରୀକ୍ଷା ବାବଦକୁ ଟଙ୍କା ନେଉଥିବା ଅଭିଯୋଗ ହୁଏ । ବିଭିନ୍ନ ପରୀକ୍ଷା ପାଇଁ ମୂଲ୍ୟ ନିର୍ଦ୍ଧାରଣ ବିବରଣୀ ବେସରକାରୀ ପାଥୋଲୋଜି, କ୍ଲିନିକ ମାନଙ୍କରେ ଟଣା ଯିବା ସରକାରଙ୍କ ନିର୍ଦ୍ଦେଶ ରହିଛି । ହେଲେ ସରକାର ନିର୍ଦ୍ଦେଶକୁ ଫୁ ପାଥୋଲୋଜି କ୍ଲିନିକରେ ମନ ଇଛା ଟଙ୍କା ନେଉଥିବା ଜଣାପଡିଛି । ଅନ୍ୟପଟେ ଯୋଗ୍ୟତା ପ୍ରାପ୍ତ ସଂସ୍ଥା ଠାରୁ ପଞ୍ଜିକୃତ ହୋଇ ଜିଲ୍ଲା ଚିକିତ୍ସା ଅଧିକାରୀଙ୍କ ଅନୁମତିରେ ପାଥୋଲୋଜି କ୍ଲିନିକ ଖୋଲିବା ନିୟମ ଥିବାବେଳେ କେତେକ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଅନେକ ପାଥୋଲୋଜି କ୍ଲିନିକରେ ଦେଖାଯାଉଛି । ବିନା ଅଭିଜ୍ଞତାରେ ଲାଭଖୋର ନୀତି ଆପଣେଇ କେତେକ ପାଥୋଲୋଜି କ୍ଲିନିକ ଅନ୍ୟର ଶିକ୍ଷାଗତ ପ୍ରମାଣପତ୍ରରେ ଖୋଲିଥିବା ଆଲୋଚନା ହୁଏ । ଏହାର ତଦନ୍ତ ସହ ଚିହ୍ନଟ ସରକରୀ ସ୍ତରରେ କରିବା ଉଚିତ -ଏହା ଦ୍ୱାରା ସଠିକ ପରୀକ୍ଷଣ ରୋଗୀର ହୋଇ ପାରନ୍ତା ବୋଲି ଅଞ୍ଚଳବାସୀ ମତ ପ୍ରକାଶ କରନ୍ତି । ଇତି ପୂର୍ବରୁ ଅନେକ ପାଥୋଲୋଜି ମନଇଚ୍ଛା ପରୀକ୍ଷା ରିପୋର୍ଟ ଦେଉଥିବା ଓ ବିଭିନ୍ନ ପାଥୋଲୋଜି କ୍ଲିନିକ ପରୀକ୍ଷା ରିପୋର୍ଟ ମଧ୍ୟରୁ ତାରତମ୍ୟ ପ୍ରଭେଦ ରହିଥିବା ନଜର ରହିଛି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ସହ ତଦନ୍ତ ହେବା ଆବଶ୍ୟକ ବୋଲି ସାଧାରଣରେ ଦାବି ହୁଏ ।

## ଶିଶୁ ବାଟିକା ସଚେତନତା କାର୍ଯ୍ୟକ୍ରମ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ରାଜ୍ୟର ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବା ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ନୂତନ ଶିକ୍ଷାନୀତି-୨୦୨୦ ଅନୁଯାୟୀ ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ "ଶିଶୁ ବାଟିକା' ଆରମ୍ଭ କରାଯାଉଛି । ଏଥିରେ ସରକାରଙ୍କ ତରଫରୁ ୫ ବର୍ଷରୁ ଅଧିକ ବୟସର ପିଲାମାନଙ୍କୁ ଏକ ଉତ୍ତମ, ସଂଗଠିତ ଏବଂ ଅନୁଭୂତିମୂଳକ ଶିକ୍ଷଣ ପରିବେଶ ପ୍ରଦାନ କରାଯିବ । ଏହି କ୍ରମରେ ଏଠାରୁ ପ୍ରାୟ ୩୦କି.ମି. ଦୂରବର୍ତ୍ତୀ ନର୍ଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ତପିମଣି ଜାନୀଙ୍କ ନେତୃତ୍ୱରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ମାଝୀ, ସୂର୍ଯ୍ୟଦେବ ବାଗ, ଜାତୀୟ ଶିକ୍ଷକ ପୁରସ୍କାର ପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର କର ବ୍ଲକର ବେହେରାପାଟି, କାନ୍ଥିଡିଗରା ପଡା, ପିପଲପଦର ଆଦି ଗ୍ରାମକୁ ଯାଇ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଆସନ୍ତା ଅପ୍ରେଲ ୨ ତାରିଖରେ କି ଭଳି ଠିକ୍ ରୂପେ "ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ" କାର୍ଯ୍ୟକ୍ରମର ଆୟୋଜନ ହେବ ତାହାର ସୂଚନା ଦେବା ସହ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ପ୍ରଦତ୍ତ ନିମନ୍ତ୍ରଣ ପତ୍ର ଅଭିଭାବକ, ଅଭିଭାବିକା ମାନଙ୍କୁ ପ୍ରଦାନ କରାଯାଇଥିଲା । ସମସ୍ତେ ପିଲାଙ୍କ ନାମଲେଖାକୁ ସ୍ମରଣୀୟ କରିବା ସହ ନାମଲେଖା ପାଇଁ ଯୋଗ୍ୟ ପିଲାଙ୍କ ସହିତ ନିଜେ ଉପସ୍ଥିତ ରହି ସେମାନଙ୍କର ଏହି ନୂତନ ଶିକ୍ଷା ଯାତ୍ରାକୁ ଭବ୍ୟ ଓ ଅବିସ୍ମରଣୀୟ କରିବାକୁ ଅଭିଭାବକ/ଅଭିଭାବିକା ଓ କମିଟି ସଦସ୍ୟ ମାନଙ୍କୁ ଅନୁରୋଧ କରିଥିଲେ । କାର୍ଯ୍ୟକ୍ରମରେ ବେହେରାପାଟି ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଚିତ୍ରଲେଖା ମହାପାତ୍ର, କାନ୍ଥିଡ଼ିଗରା ପଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲଳିତ ମୋହନ ସାହୁ, ପିପଲ ପଦର ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ସେଠୀ ଓ ସିଆରସିସି ହେମନ୍ତ କୁମାର ସାହୁ ଓ ସମ୍ପୃକ୍ତ ଗ୍ରାମମାନଙ୍କରେ ଥିବା ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀମାନେ ଉପସ୍ଥିତ ଥିଲେ ।

## ଆତ୍ମ ସୁରକ୍ଷା ତାଲିମ ଶିବିର




ଜୁନାଗଡ଼, (ଭାସ୍କର ନ୍ୟୁଜ୍) : ପ୍ରିୟଦର୍ଶିନୀ ଇନ୍ଦିରା ଡିଗ୍ରୀ କଲେଜ ପ୍ରଥମ ବର୍ଷ ଯୁକ୍ତ ତିନି କଳା ଓ ବିଜ୍ଞାନର ୮୭ ଜଣ ଛାତ୍ରୀଙ୍କୁ ନେଇ ଆତ୍ମ ସୁରକ୍ଷା ତାଲିମ୍ କର୍ମଶାଳା ଉଦ୍ଘାଟିତ ହୋଇଯାଇଛି । ଏହି ଉଦ୍‌ଘାଟନ ଉତ୍ସବରେ ବିଭୁତି ଭୂଷଣ ମେହେର ଅଧକ୍ଷ ପ୍ରିୟଦର୍ଶିନୀ ଇନ୍ଦିରା ମହାବିଦ୍ୟାଳୟ, ଜୁନାଗଡ଼, ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ହିମାଦ୍ରି ନାଏକ ଅଧକ୍ଷା ଜୁନାଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ, ଜୁନାଗଡ଼, ସମ୍ମାନିତ ଅତିଥି ଭାବେ ଶ୍ରୀମତୀ ସାଗରିକା ଦାସ ପ୍ରାଧାପିକା ଏତିହାସ ବିଭାଗର ମୁଖ୍ୟ, ଅଧାପିକା ପୂର୍ଣ୍ଣିମାସି ମାଝୀ ଆତ୍ମ ସୁରକ୍ଷା ତାମିଲ୍ କାର୍ଯ୍ୟକ୍ରମର ସଂଯୋଜିକା ଓ ସହ ସଂଯୋଜକ ସମୀର କୁମାର ସାହୁ ଯୋଗଦେଇଥିଲେ । ମଞ୍ଚ ପରିଚାଳନା କରିଥିଲେ ଅଧାପକ ବିଶ୍ୱ ରଞ୍ଜନ ବେହେରା ବିଭାଗୀୟ ମୁଖ୍ୟ ଓଡ଼ିଆ ଓ ସାହିତ୍ୟ ବିଭାଗ, ଧନ୍ୟବାଦ ଅର୍ପଣ କରିଥିଲେ ସମୀର କୁମାର ସାହୁ ଖେଳ ଶିକ୍ଷକ, ପ୍ରଶିକ୍ଷିକା ମିସ୍ ଜଳି ପରାଭୋଇ ସମସ୍ତ ଛାତ୍ରୀ ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିକାଶ ବେହେରା, ରାଜକୁମାରୀ ବେମାଲ, ଅକୃର ନାଏକ ବାବୁଲି ଗୋପାଳ ସହଯୋଗ କରିଥିଲେ ।

## ଦରମା ନପାଇ ହନ୍ତସନ୍ତ ସୁରକ୍ଷାକର୍ମୀ

କେସିଙ୍ଗା, (ଭାସ୍କର ନ୍ୟୁଜ୍ ) : ଗତ କିଛି ମାସ ପୂର୍ବେ କଳାହାଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ତରଫରୁ ଜିଲ୍ଲାର ସମସ୍ତ ସରକାରୀ ଚିକିତ୍ସା କେନ୍ଦ୍ରରେ ସୁରକ୍ଷାକର୍ମୀ ଯୋଗାଇବା ପାଇଁ ଟେଣ୍ଡର ହୋଇଥିଲା । ଏହି ଟେଣ୍ଡର ଜରିଆରେ ଭୁବନେଶ୍ୱରର କେଆର ସିକ୍ୟୁରିଟୀ ନାମକ ଏକ ବେସରକାରୀ ଘରୋଇ ସଂସ୍ଥା ଟେଣ୍ଡର ନେଇ ଜିଲ୍ଲାର ବିଭିନ୍ନ ଚିକିତ୍ସାଳୟରେ ସୁରକ୍ଷାକର୍ମୀ ନିୟୋଜିତ କରିଛି । ହେଲେ ମାତ୍ର କିଛି ମାସର କାର୍ଯ୍ୟ ଭିତରେ ଗତ ଚାରି ମାସ ହେଲା ନିଯୁକ୍ତି ପାଇଥିବା ସୁରକ୍ଷାକର୍ମୀ ମାନେ ଦରମା ପାଇନଥିବା ଅଭିଯୋଗ ହେଉଛି । ନିଜ ପରିବାରର ଗୁଜୁରାଣ ମେଣ୍ଟାଇବା ପାଇଁ ସୁରକ୍ଷାକର୍ମୀ ଭାବେ କାର୍ଯ୍ୟ ତୁଲାଇ ଆସୁଥିବା ସୁରକ୍ଷାକର୍ମୀ ଅଭାବ ଅନଟନ ମଧ୍ୟରେ ନିଜ ପରିବାର ପ୍ରତିପୋଷଣ କରୁଥିବା ବେଳେ ଦରମା ଦେବା ପାଇଁ କହିଲେ ଚାକିରିରୁ ବାହାର କରିଦେବାର ଧମକ ମଧ୍ୟ ମିଳୁଥିବା ଅଭିଯୋଗ ହେଉଛି । ନିଯୁକ୍ତି ସମୟରେ ନିଯୁକ୍ତି ଦେବା ପାଇଁ ଦଲାଲ୍ ମାଧ୍ୟମରେ ସମସ୍ତଙ୍କଠୁ ମୋଟାଙ୍କର ଟଙ୍କା ନେଇ ନିଯୁକ୍ତି ଦେଇଥିବା ମଧ୍ୟ ଚର୍ଚ୍ଚା ହେଉଥିବା ବେଳେ, ସୁରକ୍ଷାକର୍ମୀ ମାନଙ୍କୁ ୪ ମାସ ହେଲା ଦରମା ଦେଇ ପାରୁନଥିବା ବେଳେ ଇପିଏଫ୍, ସୁରକ୍ଷା ଉପଯୋଗୀ ସାମଗ୍ରୀ ଯୋଗାଇବାରେ ମଧ୍ୟ ବିଫଳ ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି । ଏ ସଂକ୍ରାନ୍ତରେ ଜିଲ୍ଲା ପ୍ରଶାସନ କାହିଁକି ଚୁପ୍ ବସିଛି ତାହାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି । ଜିଲ୍ଲା ପ୍ରଶାସନ ଏହି ଘଟଣା ଉପରେ ତୁରନ୍ତ ହସ୍ତକ୍ଷେପ କରି ସୁରକ୍ଷାକର୍ମୀ ମାନଙ୍କୁ ନ୍ୟାୟ ପ୍ରଦାନ କରିବାରେ ସଫଳ ହେବେ ବୋଲି ସୁରକ୍ଷାକର୍ମୀ ମାନେ ଆଶା ବାନ୍ଧି ବସିଛନ୍ତି । ତେବେ ଉକ୍ତ ଘରୋଇ ସଂସ୍ଥା କେବେ ଏମାନଙ୍କ ବକେୟା ଟଙ୍କା ପ୍ରଦାନ କରିବ ତାହା ଦେଖିବାକୁ ବାକି ରହିଲା ।

## ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ବକ୍ତୃତାମାଳା

### ସମାଜ ଓ ସଂସ୍କୃତିରେ ନାରୀ ସମ୍ପର୍କରେ ବକ୍ତବ୍ୟ ରଖିଲେ ଡ. ଇତି ସାମନ୍ତ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ଆମ ସମାଜରେ ପୁରୁଷ ଓ ନାରୀଙ୍କ ଏଯାବତ୍ ମିଳିତ ଯାତ୍ରା ଅବ୍ୟାହତ ରହିଛି । ଏହା ଯେଉଁ ଦିନ ଶେଷ ହେଇଯିବ ସେଦିନ ସୃଷ୍ଟି ତାହାର ଅନ୍ତିମ ପର୍ଯ୍ୟାୟରେ ପହଞ୍ଚି ଯାଇଥିବ ବୋଲି ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର 'ମାଣିକେଶ୍ୱରୀ ବକ୍ତୃତା ମାଳା-୨୦୨୪-୨୫'ରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଶାର ବିଶିଷ୍ଟ ସାହିତ୍ୟିକା ତଥା ପାରିବାରିକ ପତ୍ରିକା 'କାଦମ୍ବିନୀ'ର ମୁଖ୍ୟ ସମ୍ପାଦିକା ଡ. ଇତି ସାମନ୍ତ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଛନ୍ତି । ମହାବିଦ୍ୟାଳୟର ଯୁବ ସଂସ୍କାର ହଲ୍ ଠାରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବକ୍ତାମୁଖ୍ୟ ଡକ୍ଟର ସାମନ୍ତଙ୍କ ବ୍ୟତୀତ କୁଳସଚିବ ପୀତାମ୍ବର ଭୋଇ, ଉପ କୁଳସଚିବ ଡ.ଜୟଦେବ ସାହୁ, ଓଡ଼ିଆ ବିଭାଗ ମୁଖ୍ୟ ଡ.ପଲ୍ଲିଶ୍ରୀ ପଟ୍ଟନାୟକ, ଓଡ଼ିଆ ବିଭାଗର ଅଧାପିକା ଡ.ପ୍ରତ୍ୟାଶା ଧଳ ସଭାକାର୍ଯ୍ୟ ପରିଚାଳନା କରିଥିଲେ ଓ ଧନ୍ୟବାଦ ଅର୍ପଣ କରିଥିଲେ ଅଧାପକ ବାଲ୍ମିକୀ କରୁଆଁ । ସମସ୍ତ କାର୍ଯ୍ୟକ୍ରମକୁ ଅଧାପକ ଡ.ଡୋଳାମଣି ଧରୁଆ ସଂଯୋଜନା କରିଥିଲେ ଓ ଅଧାପକ ସୁବ୍ରତ ମାଝୀ ମୁଖ୍ୟବକ୍ତା ଡ. ସାମନ୍ତଙ୍କ ପରିଚୟ ପ୍ରଦାନ କରିଥିଲେ । ଓଡ଼ିଆ ବିଭାଗ ମୁଖ୍ୟ ଡ. ପଲ୍ଲିଶ୍ରୀ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରି ମାଣିକେଶ୍ୱରୀ ବକ୍ତୃତାମାଳାର ତାତ୍ପର୍ଯ୍ୟ ବଖାଣି ଥିଲେ । ଏତେ ଦୂର ବାଟରୁ ଆସି ନାରୀଶକ୍ତି ଅଭ୍ୟୁଦୟରେ ସହଯୋଗ କରିଥିବାରୁ ତାଙ୍କୁ କୃତଜ୍ଞତା ଜଣାଇ ଥିଲେ । ଆଗାମୀ ଦିନରେ ଏହି ବିଶ୍ୱବିଦ୍ୟାଳୟ ପକ୍ଷରୁ ଶହୀଦ ରେଣ୍ଡୋମାଝୀ, ସ୍ୱର୍ଗତ ପ୍ରଫେସର ଭୁବନେଶ୍ୱର ବେହେରା, ସ୍ୱର୍ଗତ ମହାରାଜା ପି. କେ. ଦେଓ ଓ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ସ୍ୱର୍ଗତ ସଞ୍ଜୟ ଶତପଥୀଙ୍କ ନାମରେ ବକ୍ତୃତା ମାଳା ପ୍ରସ୍ତୁତ କରାଯିବ ବୋଲି ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରାଯାଇଥିଲା ଓ ବିଶିଷ୍ଟ କଣ୍ଠଶିଳ୍ପୀ ଲିପ୍ସା ମହାରଣା ନାରୀଶକ୍ତି ସମ୍ପର୍କିତ ଏକ ଚମତ୍କାର ସଙ୍ଗୀତ ଗାନ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ତାଙ୍କ ଅଭିଭାଷଣରେ ମୁଖ୍ୟବକ୍ତା ଡ. ଇତି ସାମନ୍ତଙ୍କ ଉଚ୍ଚକୋଟୀର ବକ୍ତବ୍ୟର ଭୂୟସୀ ପ୍ରଶଂସା କରିବା ସହ

## ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବେ ଆଉଟସୋର୍ସିଂ କର୍ମଚାରୀ

କେସିଙ୍ଗା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ସମେତ ୧୩ଟି ବ୍ଲକର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଦୀର୍ଘ ବର୍ଷ ଧରି ଆଉଟସୋର୍ସିଂ କର୍ମଚାରୀ କାର୍ଯ୍ୟ କରି ଆସୁଛନ୍ତି । ସ୍ୱଳ୍ପ ଦରମା, ଅନିଶ୍ଚିତ ଭବିଷ୍ୟତ ମଧ୍ୟରେ ଗତି କରୁଥିଲେ ମଧ୍ୟ ନୂଆ ସରକାର ଆସିବା ପରେ ସେମାନଙ୍କ କଥା ବିଚାର କରି ନ ଥିବାରୁ ଜିଲ୍ଲାପାଳଙ୍କ ନିକଟରେ ୩ ଦଫା ଦାବିପତ୍ର ପ୍ରଦାନ କରି ୨୬ ତାରିଖରେ ଗଣ ଆନ୍ଦୋଳନ କରିବା ପାଇଁ ସମସ୍ତ ଆଉଟସୋର୍ସିଂ କର୍ମଚାରୀ ସଜବାଜ ହେଉଥିବାର ସଭାପତି ସୁଜିତ କୁମାର ବିଶ୍ୱାଳ ପ୍ରକାଶ କରିଛନ୍ତି । ରାଜ୍ୟ ଆଉଟସୋର୍ସିଂ ନେତୃ ମଣ୍ଡଳୀର ନିର୍ଦ୍ଦେଶ କ୍ରମେ ମାର୍ଚ୍ଚ ୧୭ରୁ ରାଜ୍ୟର ସମସ୍ତ ସରକାରୀ ଆଉଟସୋର୍ସିଂ କର୍ମଚାରୀ କଳା ବ୍ୟାଜ ପିନ୍ଧି ପ୍ରତିବାଦ କରି ଆସୁଛନ୍ତି । ଉକ୍ତ କର୍ମଚାରୀବୃନ୍ଦ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଳାହାଣ୍ଡି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଏଥିରେ ୩ଦଫା ଦାବି ଯଥା ଛଟେଇ ବନ୍ଦ ସହ ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି, ଦୈନିକ ବେତନଧାରିଙ୍କୁ ମାସିକ ଦରମା ସହ ସମସ୍ତ ବର୍ଗର ଆଉଟସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ କରିବା ପାଇଁ ଉଲ୍ଲେଖ କରାଯାଇଛି । ଯଦି ସରକାର ଏହି ସମୟ ମଧ୍ୟରେ ଦାବି ଗୁଡିକ ପୂରଣ ନ କରନ୍ତି, ତାହେଲେ ଆସନ୍ତା ୨୬ରେ ସମସ୍ତ ବର୍ଗର ସରକାରୀ ଆଉଟସୋର୍ସିଂ କର୍ମଚାରୀ ଏକତ୍ରୀତ ହୋଇ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ବିଶାଳ ଆନ୍ଦୋଳନରେ ସାମିଲ ହେବେ ବୋଲି ଜିଲ୍ଲା ସଭାପତି ସୁଜିତ୍ କୁମାର ବିଶ୍ୱାଳ ପ୍ରକାଶ କରିଛନ୍ତି । ଏହିଠାରେ ଉପସ୍ଥିତ ଥିବା ଜିଲ୍ଲା ସମ୍ପାଦକ ବିନୟ ପାତ୍ର, ଉପ ସଭାପତି ଅବକାଶ ଠାକୁର, କୋଷାଧକ୍ଷ କୈଳାସ ଚନ୍ଦ୍ର ବାଣୁଆ, ଜିଲ୍ଲା ମିଡିଆ ସଂଯୋଜକ ଶେଷଦେବ ନାୟକ ସରକାରଙ୍କ ବୈମାତୃକ ମନୋଭାବ ଉପରେ ଆଲୋକପାତ କରିଥିଲେ ଓ ଆନ୍ଦୋଳନକୁ ସଫଳ କରିବା ପାଇଁ କହିଥିଲେ ।

## ଆଶା କର୍ମୀ ସଙ୍ଘର ୯ଦଫା ଦାବିପତ୍ର ପ୍ରଦାନ



କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଆଶା କର୍ମୀ ସଙ୍ଘ ପକ୍ଷରୁ ସୋମବାର ୯ଦଫା ଦାବି ପତ୍ର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଚିକିତ୍ସା ଅଧିକାରୀ କର୍ଲାମୁଣ୍ଡା ଡାକ୍ତର ଆଶିଷ କୁମାର ଧରୁଆଙ୍କୁ ପ୍ରଦାନ କରିଛନ୍ତି । ଦାବି ଗୁଡିକ ମଧ୍ୟରେ ଆଶା କର୍ମୀ ମାନଙ୍କୁ ସ୍ଥାୟୀ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ କରାଯିବା, ଆଶା କର୍ମୀ ମାନଙ୍କୁ ମାସିକ ଭତ୍ତା ୧୮ ହଜାର ଟଙ୍କା ପ୍ରଦାନ କରାଯିବା, ଆଶା କର୍ମୀ ମାନଙ୍କ ଅବସର କାଳୀନ ସହାୟତା ରାଶି ୫ଲକ୍ଷ ଟଙ୍କାକୁ ବୃଦ୍ଧି ଓ ଦୁର୍ଘଟଣା ଜନିତ ମୃତ୍ୟୁର ସହାୟତା ରାଶି ୫ଲକ୍ଷ ଟଙ୍କା କରାଯିବା, ଆଶା କର୍ମୀଙ୍କ ଅଭିଜ୍ଞତାକୁ ବିଚାର କରି ଆଇ.ସି.ଡି.ଏସ କର୍ମୀ ଭାବେ ନିଯୁକ୍ତି ସୁଯୋଗ ପ୍ରଦାନ କରିବା, ଆଶା କର୍ମୀ ମାନଙ୍କୁ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ସାମିଲ କରିବା, ଆଶା କର୍ମୀ ମାନଙ୍କୁ ବିଭିନ୍ନ ଯୋଜନା ଦିଆ ଯାଉଥିବା ପ୍ରୋତ୍ସାହନ ରାଶିକୁ ଦୁଇଗୁଣ କରିବା ଭଳି ପ୍ରମୁଖ ଦାବି ରହିଛି । ଦାବି ପତ୍ର ପ୍ରଦାନ ସମୟରେ ବ୍ଲକ ଆଶା କର୍ମୀ ସଙ୍ଘ ସଭାନେତ୍ରୀ ବବିତା ସାହୁ ଓ ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ।

## ଅବହେଳିତ ଲୋକ ବିଶ୍ୱାସ ଓ ପରମ୍ପରାର ସ୍ଥାନ ବାବୁରାଗୁଡ଼ି



ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍ ) : ଶହଶହ ବର୍ଷ ହେଲା ରାଜା ରାଜୁଡା ଅମଳରୁ ଗାଁ ଲୋକଙ୍କ ପରମ ଆରାଧ ଭାବେ ପୂଜା ପାଇ ଆସୁଛନ୍ତି ବାବୁରା ଦେବ । ଗାଁ ଲୋକଙ୍କ ଦୁଃଖ, ସୁଖ ଓ ରୋଗ-ବୈରାଗରେ ଲୋକେ ଖୋଜିବସନ୍ତି ବାବୁରା ଦେବଙ୍କୁ । ତାଙ୍କ ମନ୍ତୁରା ଚାଉଳ, ଚଳୁଏ ପାଣି ଅନେକ ରୋଗ ଦୂରେଇ ଦେବାର ବିଶ୍ୱାସ ରହିଛି । ବର୍ଷର ବାର ମାସରେ ତେର ପର୍ବ ସାଙ୍ଗକୁ ଚୈତ୍ର ମାସରେ ଚୈତ୍ର ପର୍ବ ପାଳନ ହେବା ସହିତ ବାବୁରା ଦେବଙ୍କ କାଳେସୀ ଲାଗି ଗାଁ ସାରା ଘଣ୍ଟ ବୁଲି ଦର୍ଶନ ଦିଅନ୍ତି । ଗାଁ ଲୋକଙ୍କ ବିଭିନ୍ନ ଦୁଃଖ ବୁଝନ୍ତି ଆଉ ଆଶୀର୍ବାଦ ଦିଅନ୍ତି । ଏଭଳି ପ୍ରତ୍ୟକ୍ଷ ଦେବ ହେଉଛନ୍ତି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଗୋବର୍ଦ୍ଧନପୁର ପଂଚାୟତ ଅନ୍ତର୍ଗତ ଗୋପାଳପୁର ଗାଁର ଆରାଧ ବାବୁରା ଦେବ । ତେବେ ରାଜା ରାଜୁଡା ଅମଳରୁ ପୂଜା ପାଇ ଆସୁଥିବା ତଥା ଗାଁର ଧନୀ, ଗରିବ, ଚାଷୀ, ମୂଲିଆ ନିର୍ବିଶେଷରେ ଲୋକଙ୍କ ହୃଦୟରେ ସ୍ଥାନ ପାଇଥିବା ବାବୁରା ଦେବ କିନ୍ତୁ ଆଜି ଅବହେଳିତ ହୋଇ ପଡିଛନ୍ତି । ପରିତ୍ୟକ୍ତ ହୋଇ ପଡିଛି ତାଙ୍କ ପୂଜାସ୍ଥଳ । ଚୈତ୍ର ପର୍ବରେ କଣ୍ଡାର ଦୋଳିରେ ବସି ହଜାର ହଜାର ଲୋକଙ୍କୁ ଦର୍ଶନ ଦେଉଥିବା, ପଶୁ ଓ ମହାପଶୁ ବଳି ଲାଗି ହେଉଥିବା ତଥା ଗାଁ ଲୋକଙ୍କ ବିଶ୍ୱାସର ପ୍ରାଣକେନ୍ଦ୍ର ସାଜିଥିବା ବାବୁରା ଦେବଙ୍କ ଗୁଡ଼ି ଆଜି ଭାଙ୍ଗିରୁଜି ମାଟିରେ ମିଶିଯାଇଛି । ଗୁଡିଘର ନଥିବାରୁ ବାବୁରାଙ୍କ ପୂଜାପାଠ, ଯାନୀଯାତ୍ରା କିଛି ବି ହୋଇପାରୁନି । ଏହାକୁ ନେଇ ଗାଁ ଲୋକେ ଦୁଃଖ ପ୍ରକାଶ କରିବା ସହିତ ଏବର ରାଜ୍ୟ ସରକାର ବିଭିନ୍ନ ଆଧ୍ୟାତ୍ମିକ ଓ ବିଶ୍ୱାସର ପ୍ରାଣକେନ୍ଦ୍ରକୁ କୋଟି କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଉଛନ୍ତି । ଆଧ୍ୟାତ୍ମିକ ସ୍ଥଳୀ ଓ ଦେବୀ ପୀଠଗୁଡ଼ିକର ଉନ୍ନୟନ ପାଇଁ ପଦକ୍ଷେପ ନେଉଛନ୍ତି କିନ୍ତୁ ଗୋପାଳପୁର ସମେତ ଅଞ୍ଚଳର ୩୦ ଖଣ୍ଡ ଗାଁର ଲୋକଙ୍କ ଆରାଧ ବାବୁରା ଦେବଙ୍କୁ ଭୁଲିଯିବା ଅତ୍ୟନ୍ତ ଦୁଃଖ ଓ କ୍ଷୋଭର ବିଷୟ ବୋଲି କହିଛନ୍ତି । ଏଣୁ ଅଞ୍ଚଳର ଲୋକପ୍ରଥା ଓ ପରମ୍ପରାର ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ ତଥା ଲୋକବିଶ୍ୱାସର ପ୍ରାଣକେନ୍ଦ୍ର ଗୋପାଳପୁର ବାବୁରା ଗୁଡ଼ିର ପୁନରୁଦ୍ଧାର ପାଇଁ ପଦକ୍ଷେପ ନେବା ସହିତ ବିଧାୟକ କିମ୍ବା ସାଂସଦ ପାଣ୍ଠିରୁ ଏଥିପାଇଁ ଆବଶ୍ୟକ ଅର୍ଥ ଯୋଗାଇଦେବାକୁ ଦାବି ହେଉଛି ।

## ରାଶିଫଳ

ବୁଧବାର, ୨୬ ମାର୍ଚ୍ଚ ୨୦୨୫



**ମେଷ:** ଶାନ୍ତ ଓ ସୁଶିଳତାର ଝଲକରେ ଆତ୍ମୀୟସ୍ୱଜନଙ୍କ ମନ କିଣି ନେଇପାରନ୍ତି । କିନ୍ତୁ ପାରିବାରିକ ଭୁଲ୍ ବୁଝାମଣା ହେତୁ ଅଭାବ ନ ଥିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗି ରହିବ । ଯାନବାହନ କିମ୍ବା ଯାନ୍ତ୍ରିକ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି ।



**ବୃଷ:** ଆଜି ଆର୍ଥିକ ସହାୟତା ପ୍ରଦାନ କରିବାର ମାର୍ଗ ଉନ୍ମୁକ୍ତ ହୋଇଜିବ । ଆକସ୍ମିକ ଭାବରେ ନିମନ୍ତ୍ରିତ ହୋଇ ଆଲୋଚନାରେ ନିଜକୁ ସାମିଲ କରିବାକୁ ପଡିପାରେ । ଦୀର୍ଘ ଦିନର ସୁଚିନ୍ତିତ ନୂତନ ଗୃହ ବା ବାଣିଜ୍ୟାରମ୍ଭ କରିପାରନ୍ତି ।



**ମିଥୁନ:** ଆଜି କୌଣସି ବିବାଦୀୟ ଘଟଣାରେ ହସ୍ତକ୍ଷେପ ଆପଣଙ୍କୁ ମହଙ୍ଗା ପଡିପାରେ । ସାଧାରଣ କଥାକୁ କେନ୍ଦ୍ରକରି ପାରିବାରିକ ଅସ୍ଥିରତା ସକାଶେ ମନ ଭଲ ରହିବ ନାହିଁ । ପରିସ୍ଥିତିବିଶତଃ ନୂତନ ବନ୍ଧୁ ସମ୍ପର୍କ ଯୋଡିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ । କଳା, ସାହିତ୍ୟ କ୍ଷେତ୍ରରେ କୌଣସି ପ୍ରକାରର ଅସୁବିଧା ହେବନାହିଁ ।



**କର୍କଟ:** ସାମାଜିକ ସ୍ତରରେ ଯେଉଁ ଆଶା ନେଇ କାହା ପାଇଁ କିଛି କରିବେ, ପ୍ରତିବଦଳରେ କିଛି ପାଇବେ ନାହିଁ । ଯାତ୍ରା ସମୟରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି । ବାଣିଜ୍ୟ, ବ୍ୟବସାୟ, ପରିବହନ, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ ।



**ସିଂହ:** କର୍ମକ୍ଷେତ୍ରର ବିଭିନ୍ନ ସମସ୍ୟା ବିଷୟରେ ସମାଧାନର ଚିନ୍ତା ମନକୁ ସାମୟିକ ବିବ୍ରତ କରିପାରେ । ବନ୍ଧୁଙ୍କ ମାଧ୍ୟମରେ ଅଭିଳଷିତ ଜିନିଷ ପାଇପାରିବେ । ତରବରିଆ ଯାତ୍ରାକରନ୍ତୁ ନାହିଁ, ସତର୍କ ନ ରହିଲେ ସାଧାରଣ ଆଘାତ ଲାଗିପାରେ । ରଚନାତ୍ମକ କାମ, ପରିବହନ, ବ୍ୟବସାୟ ସକାଶେ ଦିନଟି ବହୁତ ଭଲ ।



**କନ୍ୟା:** କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରି ପାରିବେ ନାହିଁ । ସମୟ ସୁବିଧାକୁ ନେଇ ବନ୍ଧୁଙ୍କ ପାଖରେ ଅଭାବ ଅସୁବିଧା ଜଣାନ୍ତୁ, ଅବଶ୍ୟ ଆଶା ପୂରଣ ହୋଇଯିବ । ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡିକର ସମୀକ୍ଷା କରି ବ୍ୟସ୍ତତା ଅନୁଭବ କରିବେ ।



**ତୁଳା:** ଆଜି କର୍ମକ୍ଷେତ୍ରରେ ଅବ୍ୟବସ୍ଥା, ପାରିବାରିକ ଜୀବନକୁ ପ୍ରଭାବିତ କରିବ । ଅବଶ୍ୟ ବହୁଳାଂଶରେ ସୁଫଳ ପାଇପାରିବେ । ମିତ୍ରତା ବନ୍ଧନରେ ଆବଦ୍ଧ ହେବା ସହ ସାମ୍ବାଦିକତା, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ଦ୍ରୁତୋନ୍ନତି ପରିଲକ୍ଷିତ ହୋଇପାରେ । ପାରିବାରିକ କଳହ ଦୂରିଭୁତ ହେବ ।



**ବିଛା:** ଆଜି ପୂର୍ବସ୍ଥିରୀକୃତ ସ୍ଥାନକୁ ଯାତ୍ରା କରିପାରନ୍ତି । ବନ୍ଧୁମିଳନ ସହ ସାମୂହିକ ଆଲୋଚନା ମଧ୍ୟ ଫଳପ୍ରଦ ହୋଇପାରିବ । ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ । କର୍ମକ୍ଷେତ୍ରରେ ପ୍ରତ୍ୟେକଙ୍କର ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବାର ଆଶଙ୍କା ରହିଛି ।



**ଧନୁ:** ଆଜି ସମସ୍ତ ସମସ୍ୟା ଓ ଶତ୍ରୁତାର ପରିସମାପ୍ତି ଘଟାଇପାରନ୍ତି । କିନ୍ତୁ ବାରମ୍ବାର ସ୍ଥାନ ଓ କାମର ପରିବର୍ତ୍ତନ ଚିନ୍ତା ମନରେ ଆଲୋଡନ ସୃଷ୍ଟି କରିବ । କିନ୍ତୁ ମନ ବୁଝିଲା ଭଳି କଥା କିମ୍ବା ଲୋଭନୀୟ ପ୍ରତିଶ୍ରୁତି ଦେଇ ବନ୍ଧୁଙ୍କୁ ଆପଣେଇ ନେଇ ପାରନ୍ତି । ସ୍ୱାସ୍ଥ୍ୟରେ ଉର୍ଣ୍ଣତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିବେ ।



**ମକର:** ଆଜି ମନ ଚାହୁଁଥିବା କାମ କରିବାରେ ପ୍ରତିବନ୍ଧକ ସୃଷ୍ଟିହେବ । ଅବଶ୍ୟ ନିକଟ ସମ୍ପର୍କୀୟପ୍ରିୟଜନଙ୍କ ଆଶ୍ୱାସନା ମନକୁ ଲାଘବ କରିଦେଇପାରେ । ବ୍ୟବସାୟ, ପରିବହନରେ ଉନ୍ନତି ଘଟିବ । ଶ୍ରବଣା ନକ୍ଷତ୍ର ଅନ୍ୟର ବିନା ସାହାଯ୍ୟରେ ବ୍ୟକ୍ତିଗତ ବ୍ୟବସ୍ଥା ଦ୍ୱାରା କେତେକାଂଶରେ ଉପକୃତ ହୋଇପାରନ୍ତି ।



**କୁମ୍ଭ:** ଆଜି ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକ ଲାଗି ରହିବ କିନ୍ତୁ ଆପଣ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ । ମନର ସରସତା ଉଭେଇ ଯାଇପାରେ । ଗୃହ ସମସ୍ୟା, ସମ୍ପର୍କୀୟ ପ୍ରତିବନ୍ଧକ ଲାଗି ରହିବ । ବନ୍ଧୁବାନ୍ଧବ, ଧାରକରଜ ପ୍ରଭୃତିକୁ କେନ୍ଦ୍ରକରି କଳହର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ।



**ମୀନ:** ଆଜି କର୍ଯ୍ୟ ସାମାନ୍ୟ ବିଳମ୍ବିତ ସମୟରେ ସମ୍ପନ୍ନ ହେବ । ପ୍ରତ୍ୟେକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲ ଏବଂ ଆଶାଜନକ ସୁଫଳ ନିଶ୍ଚିତ ପାଇବେ । ଶିଳ୍ପ, ବ୍ୟବସାୟ, ନିର୍ମାଣ ଓ ପରିବହନ କ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ । ଅତି ଭଲ ସମ୍ପର୍କ ରହିଥିବା ନିଜ ଲୋକଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ହେବେ ।



ଶ୍ରୀପତି ଗୁରୁ


ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯